



# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 337 | ଭାଗ ୩୨ | ସଂଖ୍ୟା ୩୩୭ | Bhubaneswar | Sunday 2 March 2025 | Page 8 Rs. 4.00 | ● ଭୁବନେଶ୍ୱର ରବିବାର ୨ ମାର୍ଚ୍ଚ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ

## ୨୭୫ କୋଟିରେ କାର୍ଯ୍ୟକ୍ଷମ ହେବ ୧୦୬ ପ୍ରକଳ୍ପ



**ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ପ୍ରାୟ ୨୫୦ ଦିନ ପରେ ମୋହନ ଚରଣ ମାଝୀ ଆଜି ମୟୂରଭଞ୍ଜ ଗସ୍ତରେ ଯାଇଛନ୍ତି। ସେଠାରେ ମୁଖ୍ୟମନ୍ତ୍ରୀ କପ୍ତିପଦା ଉପଖଣ୍ଡ ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ୫୨ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏଥିସହ ଆଗାମୀ ଦିନରେ ୧୦୬ଟି ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି। ଏଥିସକାଶେ ପ୍ରାୟ ୨୭୫ କୋଟି ଟଙ୍କା ବିନିଯୋଗ ହେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କପ୍ତିପଦା ରାଜ୍ୟ ବିକାଶରେ ଏକ ନୂଆ ଫର୍ଦ୍ଦ ଯୋଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଦଳାର ପାଟପୁର ଅଞ୍ଚଳରେ ଆୟୋଜିତ 'ବିକାଶ ପଥେ ମୟୂରଭଞ୍ଜ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଛନ୍ତି। କପ୍ତିପଦା ଉପଖଣ୍ଡରେ ୩୭୫ କୋଟି ଟଙ୍କାର

- ୧୦୦ କୋଟି ଟଙ୍କାର ୫୨ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ
- ରାଜ୍ୟ ବିକାଶରେ ନୂଆ ଫର୍ଦ୍ଦ ଯୋଡ଼ିବ କପ୍ତିପଦା ଉପଖଣ୍ଡ ପ୍ରକଳ୍ପ
- ଉଦଳା ସହ ସମ୍ପର୍କ ନିବିଡ଼, ମୟୂରଭଞ୍ଜ ଦ୍ୱିତୀୟ ଘର: ମୁଖ୍ୟମନ୍ତ୍ରୀ

ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ସମସ୍ତ ପ୍ରକଳ୍ପ କପ୍ତିପଦା ଉପଖଣ୍ଡ ପାଇଁ ନୂତନ ବିକାଶର ଧାରା ସୃଷ୍ଟି କରିବ।

ଏହି ପ୍ରକଳ୍ପ ମଧ୍ୟରେ ଅଙ୍ଗନବାଡି କେନ୍ଦ୍ର, ଜଳାଶୟ ଉନ୍ନତିକରଣ, ଜନସେବା କେନ୍ଦ୍ର, ଜନ ସ୍ୱାସ୍ଥ୍ୟ କେନ୍ଦ୍ର, ସମବାୟ ସଂସ୍ଥା ଆଦି ରହିଛି। ବିଶେଷକରି ଆଦିବାସୀ ସଂସ୍କୃତିର ସଂରକ୍ଷଣ ପାଇଁ ମନ୍ଦିର ଓ ବାଥୁଡି ସମ୍ପ୍ରଦାୟ ପାଇଁ ଗୋଟିଏ କମ୍ୟୁନିଟି ସେଣ୍ଟର ମଧ ଉଦ୍‌ଘାଟିତ ହୋଇଛି। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ ସହ ତାଙ୍କର ନିବିଡ଼ ସମ୍ପର୍କ ରହିଛି ଓ ଏହା ତାଙ୍କର ଦ୍ୱିତୀୟ ଘର ବୋଲି କହିଛନ୍ତି। ସେ କହିଛନ୍ତି ଯେ ବିଧାୟକ ହେବା ପୂର୍ବରୁ ଏଇ ମାଟି ସହ ତାଙ୍କର ଅତି ଘନିଷ୍ଠ ସମ୍ପର୍କ ରହିଛି। ଏହି ମାଟିର ଭାଷା, ସଂସ୍କୃତି, ପରମ୍ପରା ସହିତ ସେ ଓତଃପ୍ରୋତ ଭାବେ ଜଡ଼ିତ। ଏହି ମାଟିର ମୂଳ ଓ ସ୍ଥାୟୀ ଅଧିବାସୀ ଭାବେ ଗଣ୍ୟ ଆଦିବାସୀ ସଂପ୍ରଦାୟଙ୍କ ➭ପୃଷ୍ଠା-୬

### ଆଇଏମ୍‌ଡିର ପୂର୍ବାନୁମାନ, ମାର୍ଚ୍ଚ-ମେ'ରେ ସ୍ୱାଭାବିକଠାରୁ ଅଧିକ ତାତି

## ୧୨୫ ବର୍ଷରେ ଫେବୃଆରୀ ସବୁଠୁ ଉତ୍ତପ୍ତ

- ମାର୍ଚ୍ଚ ଆରମ୍ଭରୁ ସ୍ଥିତି ଅସମ୍ଭାଳ
- ଟିଟିଲାଗଡ଼ରେ ୩୮.୫ ଡିଗ୍ରୀ
- ଝାରସୁଗୁଡ଼ାରେ ୩୮ ଡିଗ୍ରୀ ଟପିଲା ପାରଦ
- ପ୍ରଭାବିତ ହୋଇପାରେ ଗହମ ଚାଷ

**ନୂଆଦିଲ୍ଲୀ/ଭୁବନେଶ୍ୱର,୧।୩:** ଚଳିତ ବର୍ଷ ଅସମ୍ଭାଳ ତାତି ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି ହେବାର କେଇ ଘଣ୍ଟା ମଧ୍ୟରେ ରାଜ୍ୟବାସୀ ଏହା ଅନୁଭବ କରିଛନ୍ତି। କାରଣ ମାର୍ଚ୍ଚ ପହିଲାରୁ ତାତି ବଢ଼ିବା ଆରମ୍ଭ ହୋଇଛି। ଉପରମୁହାଁ ହୋଇଛି ପାରଦ। ଆଜି ସକାଳୁ ସକାଳୁ ତାତି ବଢ଼ିଥିବା ଲୋକେ ଅନୁଭବ କରିଥିଲେ। ଅପରାହ୍ନ ସାଢ଼େ ୨ଟା ବେଳକୁ ଟିଟିଲାଗଡ଼ରେ ସର୍ବାଧିକ ୩୮.୫ ଡିଗ୍ରୀ ଥିବାବେଳେ ଝାରସୁଗୁଡ଼ାରେ ପାରଦ



୩୮ ଡିଗ୍ରୀ ଛୁଇଁସାରିଥିଲା। ଏହାଛଡ଼ା ସମ୍ବଲପୁର ତାପମାତ୍ରା ମଧ ୩୭.୮ ଡିଗ୍ରୀ ରହିଥିବା ରେକର୍ଡ କରାଯାଇଛି।

ପୂର୍ବରୁ ଫେବୃଆରୀରେ ତାତି ସାରା ଦେଶରେ ରେକର୍ଡ ଭାଙ୍ଗିଛି। ଗତ ୧୯୦୧ରେ ଦେଶରେ ତାପମାତ୍ରା ରେକର୍ଡ ଆରମ୍ଭ ହେବା ପରଠାରୁ ଚଳିତ ବର୍ଷର ଫେବୃଆରୀ ସବୁଠାରୁ ଉତ୍ତପ୍ତ ମାସ ଥିଲା। ଅର୍ଥାତ୍ ଗତ ୧୨୫ ବର୍ଷ ମଧ୍ୟରେ ଗତ ମାସରେ ସବୁଠାରୁ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି। ଗତ ଜାନୁଆରୀରେ ମଧ ସମାନ ସ୍ଥିତି ଥିଲା। କାରଣ ୧୨୫ ବର୍ଷର ତାପମାତ୍ରା ଇତିହାସରେ ଗତ ଜାନୁଆରୀରେ ତୃତୀୟ ସର୍ବାଧିକ ତାତି ଅନୁଭୂତ ହୋଇଛି। ଚଳିତ ବର୍ଷ ମାର୍ଚ୍ଚରୁ ମେ ପର୍ଯ୍ୟନ୍ତ ଭାରତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ପୂର୍ବାନୁମାନ ବି ଜନସାଧାରଣଙ୍କୁ ଭୟଭୀତ କରିଛି।

ଚଳିତ ବର୍ଷ ଫେବୃଆରୀରେ ଦେଶରେ ହାରାହାରି ତାପମାତ୍ରା ୨୨.୦୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା, ଯାହା ସ୍ୱାଭାବିକଠାରୁ ୧.୩୪ ଡିଗ୍ରୀ ଅଧିକ। ସେହିପରି ଭାରତୀୟ ଜଳବାୟୁକୁ ୪ଟି ଜୋନରେ ବିଭକ୍ତ କରାଯାଇଥିବା ବେଳେ ଚଳିତ ବର୍ଷର ଫେବୃଆରୀ ମଧ ଭାରତରେ ସବୁଠାରୁ ଉତ୍ତପ୍ତ ରହିଛି। ସେହିପରି ଏହି ମାସ ଦକ୍ଷିଣ ଭାରତରେ ତୃତୀୟ ଉତ୍ତପ୍ତ, ଉତ୍ତର-ପଶ୍ଚିମରେ ପଞ୍ଚମ ଓ ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତରେ ନବମ ସର୍ବାଧିକ ଉତ୍ତପ୍ତ ଥିଲା। ଗତ ଫେବୃଆରୀରେ ମଧ ଭାରତରେ ହାରାହାରି ତାପମାତ୍ରା ୨୪.୬ ଡିଗ୍ରୀ, ଦକ୍ଷିଣ ଭାରତରେ ୨୬.୭୫ ଡିଗ୍ରୀ, ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତରେ ୨୦.୧୪ ଡିଗ୍ରୀ ଏବଂ ଉତ୍ତର-ପଶ୍ଚିମ ଭାରତରେ ୧୬.୧୧ ଡିଗ୍ରୀ ସେଲସିୟସ ଥିବା ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମାର୍ଚ୍ଚରୁ ମେ ମାସ ପର୍ଯ୍ୟନ୍ତ ଏହାର ପାଣିପାଗ ପୂର୍ବାନୁମାନରେ କହିଛି ଯେ ଦକ୍ଷିଣ ଭାରତୀୟ ରାଜ୍ୟ ଓ କେତେକ ଉତ୍ତର-ପୂର୍ବ ରାଜ୍ୟର କିଛିତ୍ ଅଞ୍ଚଳକୁ ବାଦ୍ ଦେଲେ ମଧ ଓ ଉତ୍ତର ଭାରତରେ ଚଳିତ ବର୍ଷ ପାରଦ ସବୁ ରେକର୍ଡ ଅତିକ୍ରମ କରିବ। ଏହି ଅଞ୍ଚଳଗୁଡ଼ିକରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ➭ପୃଷ୍ଠା-୬

## ମୁରବୀଶୂନ୍ୟ ବିଜେବି କଲେଜ




**ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ):** ରାଜ୍ୟର ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନ ବିଜେବି କଲେଜ ମାସେରୁ ଅଧିକ ସମୟ ଧରି ଏକପ୍ରକାର ମୁରବୀଶୂନ୍ୟ। ଅଧକ୍ଷା ଇତିଶ୍ରୀ ପାଢ଼ୀଙ୍କ ଅବସର ପରେ ସରକାର ଏଠାରେ ଅଧକ୍ଷ ଭାବେ କାହାରି ନାମରେ ମୋହର ମାରୁନାହାନ୍ତି। ଅଧିକନ୍ତୁ ବର୍ତ୍ତମାନ ଯିଏ ଅଧକ୍ଷ ଦାୟିତ୍ୱରେ ରହିଛନ୍ତି ତାଙ୍କ ହାତରେ କିଛି ବି କ୍ଷମତା ନାହିଁ।

- ଦରମା ନ ପାଇ କର୍ମଚାରୀ ହଟହଟା
- ଅଧକ୍ଷ ପଦ ପାଇଁ ୩ ଜଣଙ୍କ ନାଁ ସୁପାରିସ୍

ବିଜେବି କଲେଜର ଅଧକ୍ଷା ପଦବୀରୁ ଗତ ଜାନୁଆରୀ ୩୧ ତାରିଖରେ ଅବସର ଗ୍ରହଣ କରିଥିଲେ ଇତିଶ୍ରୀ ପାଢ଼ୀ। ସରକାରୀ ବ୍ୟବସ୍ଥା ଅନୁଯାୟୀ, ସେ ବରିଷ୍ଠ ଅଧାପିକା ଝୁମ୍‌କୀ ରଥଙ୍କୁ ଦାୟିତ୍ୱ ଦେଇଥିଲେ। ଏହାପରେ ବିଜେବି କଲେଜ ଅଧକ୍ଷ ପଦବୀ ପାଇଁ ତିନି ଜଣଙ୍କ ନାଁ ସରକାରଙ୍କୁ ସୁପାରିସ୍ ➭ପୃଷ୍ଠା-୬

## ବଦଳି ବାତିଲ ପାଇଁ ଟଙ୍କା ଧରି ବୁଲିଛନ୍ତି ବାବୁ

କମିଶନରେଟ୍ ପୁଲିସ୍‌ରେ ଅଜବ ଘଟଣା ଦେଖିବାକୁ ମିଳିଛି। କମିଶନରେଟ୍ ପୁଲିସ୍ କିଛି ଦିନ ତଳେ ଏକାଧିକ ଥାନା ବାବୁଙ୍କ ବଦଳି ଭଦ୍ରକକୁ ହୋଇଛି। ଅର୍ଡର ମାନି ଜଣେ ଯିବାକୁ ସଜବାଜ ହେଲେଣି। ହେଲେ ଆଉ ଜଣେ ଏବେ ୨୫ ଲକ୍ଷ ଟଙ୍କା ଧରି କେତେବେଳେ ନେତାଙ୍କ ଘରକୁ ତ ପୁଣି କେତେବେଳେ ଆଇପିଏସ୍ ଅଫିସରଙ୍କ ଘରକୁ ଯାଉଛନ୍ତି। ଯାହା ଏବେ କମିଶନରେଟ୍ ପୁଲିସ୍‌ରେ ଚର୍ଚ୍ଚାର ବିଷୟ ପାଲଟିଛି। ବାବୁ ଜଣଙ୍କୁ ନିଜର ପରିଚୟ ଅତି ଶାନ୍ତ ବୋଲି ବରିଷ୍ଠ ଅଧିକାରୀଙ୍କୁ ଜଣାଇଛନ୍ତି। ଏମିତିକି ଧଉଳି ଶାନ୍ତିସ୍ତୂପ ଭଳି ଶାନ୍ତ ଓ ସରଳ ବୋଲି ସେ ନିଜକୁ ଦର୍ଶାଇଛନ୍ତି। ହେଲେ ଏତେ ଅଶାନ୍ତ କାମ କରି ଟଙ୍କା କମାଇଛନ୍ତି ଆଉ ଉକ୍ତ ଟଙ୍କା ବଦଳି ବାତିଲ ପାଇଁ ଉପଯୋଗ କରିବାକୁ ଆଗେଇ ଆସିଛନ୍ତି। କଟକରେ ୩ ମହଲା ଘର କରୁଥିବାରୁ କମିଶନରେଟ୍ ପୁଲିସ୍ ଛାଡ଼ିବାକୁ ତାଙ୍କର ଜମା ବି ଇଚ୍ଛା ନାହିଁ। ସବୁଠାରୁ ବଡ଼ କଥା ହେଲା, କମିଶନରେଟ୍ ପୁଲିସ୍‌ର ଜଣେ ଏଡିସିପି ପାହ୍ୟା ଅଧିକାରୀ ତାଙ୍କୁ କହିଛନ୍ତି ଟଙ୍କା ଦେଲେ କାମ ହେଇଯିବ। ତେଣୁ ବଦଳିକୁ ମାସେ ହୋଇସାରିଥିଲେ ମଧ ସେ ଆଜି ପର୍ଯ୍ୟନ୍ତ ବଦଳି ସ୍ଥାନକୁ ଯାଉନାହାନ୍ତି।

ସେପଟେ କଟକ ୟୁପିଡିରେ ଥିବା ଜଣେ ଗାଡିମଡ଼ା ଅଫିସର ଜଣେ ଏସିପି ଭୁବନେଶ୍ୱର ୟୁପିଡି ଜୋନ୍-୧ ଏସିପି ହେବାକୁ ମଧ ଟଙ୍କା ଧରି ବୁଲୁଛନ୍ତି। ଏମିତିକି ସେ ୧୨ ଜଣ ଆଇପିଏସ୍, ୬ ଜଣ ଆଇଏଏସ୍, ୧୭ ଜଣ ନେତାଙ୍କ ଘରକୁ ଯାଇସାରିଲେଣି। କାହା ଘରକୁ ବେଙ୍ଗଲୀ ମାଛ ତ ପୁଣି କାହା ପାଖକୁ ବେଙ୍ଗଲୀ ରସଗୋଲା ନେଇ ଯାଉଛନ୍ତି। ବାବୁ ଏତେ ଘର ଚକ୍କର କାଟିସାରିଲେଣି ଯେ ଲାଗୁଛି ଜୋନ୍-୧ ଏସିପି ହେବଟା ଥୟ। ସବୁଠାରୁ ବଡ଼ କଥା ହେଲା, ଆଉ ଜଣେ ବାବୁ ଏସ୍‌ଆଇରୁ ଏସିପି ପର୍ଯ୍ୟନ୍ତ କଟକ ଭୁବନେଶ୍ୱରରେ ବୁଲୁଛନ୍ତି। ତାଙ୍କର ପଶ୍ଚିମ ଓଡ଼ିଶାକୁ ବଦଳି ହୋଇଛି। ସେ ମଧ ସବୁ କଥା କହି ଟଙ୍କା ଧରି ବାରଦୁଆର ବୁଲୁଛନ୍ତି ବଦଳି ବାତିଲ ପାଇଁ। ଏବେ ଦେଖିବାକୁ ବାକି ରହିଲା, ଏମାନେ କେତେ ଟଙ୍କା ଖର୍ଚ୍ଚ କରି ନିଜ ମିଶନ୍‌ରେ ସଫଳ ହେଉଛନ୍ତି।



## ମାର୍ଚ୍ଚ ୬ରେ ପ୍ରଥମ ପର୍ଯ୍ୟାୟର ପଞ୍ଚମ କିସ୍ତି

**ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ):** ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିଛନ୍ତି ରାଜ୍ୟ ସରକାର। ମହିଳାଙ୍କ ସୁବିଧା ପାଇଁ ପଞ୍ଚମ ପର୍ଯ୍ୟାୟ ସୁଭଦ୍ରା ଯୋଜନା ସହାୟତା ମିଳିବ। ଚଳିତ ମାର୍ଚ୍ଚ ୬ ତାରିଖରେ ପ୍ରଥମ କିସ୍ତି ଏବଂ ଅନ୍ତର୍ଜାତୀୟ ମହିଳା ଦିବସ



ମାର୍ଚ୍ଚ ୮ ତାରିଖରେ ଦ୍ୱିତୀୟ କିସ୍ତି ପ୍ରଦାନ କରାଯିବ। ଏହାଦ୍ୱାରା ୧ କୋଟିରୁ ଅଧିକ ହିତାଧିକାରୀ ଉପକୃତ ହେବେ। ବାକି ପଡ଼ିଥିବା ରାଜ୍ୟର ପ୍ରାୟ ୧ଲକ୍ଷ ୭୦ହଜାର ମହିଳା ପ୍ରଥମ ପର୍ଯ୍ୟାୟର ପଞ୍ଚମ କିସ୍ତି ପାଇବେ। ଅନ୍ତର୍ଜାତୀୟ ମହିଳା ଦିବସରେ ଏକକାଳିନ ୧କୋଟି ମହିଳାଙ୍କୁ ଦ୍ୱିତୀୟ କିସ୍ତି ସହାୟତା ପ୍ରଦାନ କରାଯିବ। ସୁଭଦ୍ରା ଯୋଜନାରେ ରାଜ୍ୟ ସରକାର ୫ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରିବେ। ଗ୍ରାମାଞ୍ଚଳ ମହିଳାଙ୍କ ଅର୍ଥନୈତିକ ବିକାଶ ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସୁଭଦ୍ରା ଯୋଜନାରେ ଏହି ସହାୟତା ପ୍ରଦାନ କରାଯାଉଛି। ରାଜ୍ୟର ଏହି ସର୍ବବୃହତ ଯୋଜନାରେ ଏକ କୋଟି ମହିଳା ସାମିଲ ହେବା ଏକ ମାଇଲଖୁଣ୍ଟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶିଳ୍ପନଗରୀ-ମାୟାନଗରୀ ବିମାନସେବା ଆରମ୍ଭ

**ଝାରସୁଗୁଡ଼ା,୧।୩(ସଂଚାର ବ୍ୟୁରୋ):** ଝାରସୁଗୁଡ଼ାବାସୀଙ୍କ ପାଇଁ ଆଜି ଇଣ୍ଡିଗୋ ବିମାନ ପକ୍ଷରୁ ଏକ ଖୁସି ଖବର ଦିଆଯାଇଛି। ଏଠାରୁ ସିଧାସଳଖ ମାୟାନଗରୀ ମୁମ୍ବାଇକୁ ଯିବାକୁ ଚାହୁଁଥିବା ବିମାନଯାତ୍ରୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହୋଇଛି। କାରଣ ଆଜିଠାରୁ ବହୁ ପ୍ରତୀକ୍ଷିତ ଝାରସୁଗୁଡ଼ା-ମୁମ୍ବାଇ ବିମାନ ସେବା ଆରମ୍ଭ ହୋଇଛି। ଶିଳ୍ପନଗରୀ ଝାରସୁଗୁଡ଼ା ସହ ମାୟାନଗରୀ ମୁମ୍ବାଇ ସିଧାସଳଖ ଆକାଶପଥରେ ଯୋଡ଼ି ହୋଇଛି। ଯାତ୍ରୀମାନଙ୍କୁ ସପ୍ତାହର ୭ ଦିନ ଏହି ସୁବିଧା ଉପଲବ୍ଧ ହେବ ବୋଲି ଜଣାପଡ଼ିଛି। ଆଜି ମୁମ୍ବାଇ ବିମାନବନ୍ଦରରୁ ପୂର୍ବାହ୍ନ ୧୦ଟା ୫୫ ମିନିଟ୍ ସମୟରେ ଇଣ୍ଡିଗୋ ବିମାନ ଉଡ଼ାଣ ଭରି ଏଠାକାର ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନବନ୍ଦରରେ ଅପରାହ୍ନ ପ୍ରାୟ ୧ଟା ସମୟରେ ପହଞ୍ଚିଥିଲା। ସେହିପରି ଏଠାରୁ ଅପରାହ୍ନ ୨ଟା ସମୟରେ ଉକ୍ତ ବିମାନ ପ୍ରତ୍ୟାବର୍ତ୍ତନ କରି ଅପରାହ୍ନ ୪ଟା ୧୫ରେ ମୁମ୍ବାଇରେ ପହଞ୍ଚିଥିଲା। ଇଣ୍ଡିଗୋର ଏୟାର ବସ୍-୩୨୦ ବିମାନ ଏହି ରୁଟ୍‌ରେ ଚଳାଚଳ କରିବ। ଥରକେ ୨୩୨ ଜଣ ଯାତ୍ରୀ ଏହି ସୁବିଧା ପାଇପାରିବେ। ତେବେ ବିମାନସେବାକୁ ନେଇ ସମଗ୍ର ସିଡ୍ୟୁଲ୍ ପ୍ରକାଶ ପାଇ ନ ଥିବା ବେଳେ ଆଗକୁ ସମୟ ସାରଣୀରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି।

### ସପ୍ତାହ ବ୍ୟାପୀ ଯାତ୍ରା ସୁବିଧା




ମୁମ୍ବାଇ-ଝାରସୁଗୁଡା ବିମାନ ଚଳାଚଳ ଆରମ୍ଭ ହେବା ନେଇ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ ଝାରସୁଗୁଡ଼ାବାସୀଙ୍କ ପାଇଁ ଆଜି ଏକ ଖୁସିର ଦିନ। ଏହି ବିମାନବନ୍ଦର ଆଜି ଅର୍ଥନୈତିକ ମହାନଗରୀ ମୁମ୍ବାଇ ସହ ଯୋଡ଼ି ହୋଇଛି। ଏହି ସେବା ପ୍ରାରମ୍ଭ ଦିଗରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଝାରସୁଗୁଡ଼ା ବିମାନବନ୍ଦରର ଏହା ହେଉଛି ସବୁଠୁ ବଡ଼ ବିମାନ। ଝାରସୁଗୁଡାକୁ ସମୃଦ୍ଧ କରିବା ସହ ବିକାଶ ଦିଗରେ ଏହା ସହାୟକ ହେବ ବୋଲି ➭ପୃଷ୍ଠା-୬

## ବାରମ୍ବାର ବଦଳି ଭାଙ୍ଗୁଛି ପୁଲିସ୍ ମନୋବଳ

- ଅଞ୍ଚଳ ବୁଝିବା ପୂର୍ବରୁ ବଦଳି
- ଅପାରଗତାର ଅପବାଦ ମୁଣ୍ଡାଉଛନ୍ତି



**ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ):** ପୁଲିସ୍ ପ୍ରଶାସନରେ ବଡ଼ ଧରଣର ଅଦଳବଦଳ ପରେ ଏବେ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୀର୍ଘଦିନ ଧରି ଗାଦିମାଡ଼ି ବସିଥିବା କିଛି ପୁଲିସ୍ ଅଫିସରଙ୍କୁ ସରକାର ବଦଳାଇ ଦେଇଥିବା ବେଳେ ଆଉ କିଛି ଏଭଳି ଅଧିକାରୀଙ୍କର ବଦଳି ହୋଇଛି ଯେଉଁମାନେ ଅଳ୍ପ କେଇମାସ ପୂର୍ବେ ଦାୟିତ୍ୱ ସମ୍ଭାଳିଥିଲେ। ବଦଳି ସୁପାରିସ ପାଇଁ ଥିବା ବୋର୍ଡ କିଭଳି ଏହି ବଦଳିକୁ ସବୁଜ ସଙ୍କେତ ଦେଲା, ତାହା ପୁଲିସ୍ ମହଲରେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ବ୍ୟବସ୍ଥା ଅନୁଯାୟୀ, ଜଣେ ଆଇପିଏସ୍ ଅଧିକାରୀ ଗୋଟିଏ ସ୍ଥାନରେ ଅତି କମ୍‌ରେ ୨ ବର୍ଷ କାର୍ଯ୍ୟ କରିବେ। କାରଣ ଏହି ସମୟ ମଧ୍ୟରେ ସିଏ ନିଜର ଅଧସ୍ତନ କର୍ମଚାରୀଙ୍କ ସହିତ ସମ୍ପୃକ୍ତ ଅଞ୍ଚଳକୁ ଚିହ୍ନି ପଦକ୍ଷେପ ଗ୍ରହଣ କରିପାରିବେ। କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟର ମଧ ଏନେଇ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି। ହେଲେ ସରକାର ଜାରି କରିଥିବା ୨୬ଜଣିଆ ବଦଳି ➭ପୃଷ୍ଠା-୬


SIKSHA 'O' ANUSANDHAN

SAAT-2025

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


## ଗ୍ୟାଙ୍ଗଷ୍ଟର୍‌ଙ୍କ କବଜାରେ ସରକାରୀ ଜମି

**ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସହରର କିଛି ପ୍ରମୁଖ ସ୍ଥାନରେ ଥିବା ମୂଲ୍ୟବାନ ସରକାରୀ ଜମି ଗ୍ୟାଙ୍ଗଷ୍ଟରଙ୍କ କବଜାରେ। ଜମି ଜବରଦଖଲ ସହିତ ଏଠାରେ କୋଠାବାଡ଼ି ନିର୍ମାଣ କରି ଭଡ଼ାରେ ଲଗାଇଛନ୍ତି। ସ୍ଥାନୀୟ ଲୋକେ

- ସହଯୋଗୀ ସାଜିଛନ୍ତି ବିଜେଡି ନେତା
- ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ

ଅଭିଯୋଗ କଲେ ସେମାନଙ୍କୁ ନାଲିଆଖି ଦେଖାଉଛନ୍ତି। ଜନୈକ ବିଜେଡି ନେତାଙ୍କ ଛତ୍ରଛାୟା ତଳେ ରହି ଗ୍ୟାଙ୍ଗଷ୍ଟର ଓ ତାହାର ଭାଇ ବିରାଦରୀମାନେ କରୁଥିବା ଏଭଳି କାଣ୍ଡର ଅଭିଯୋଗ ଆସି ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚିଛି।

ଅଭିଯୋଗରୁ ଜଣାଯାଇଛି ଯେ




ଗ୍ୟାଙ୍ଗଷ୍ଟର ଓ ତାହାର ଭାଇମାନେ ବଡ଼ହାଟ ମୌଜାର ମୂଲ୍ୟବାନ ଜମିକୁ ଜବରଦଖଲ କରି ତା' ଉପରେ କୋଠା ନିର୍ମାଣ କରିଛନ୍ତି। ଏହି ଜମିର କିସମ ହେଉଛି ଗୋଚର ଯାହାକି କେନ୍ଦ୍ରାପଡ଼ା ତହସିଲର ବଡ଼ହାଟ ମୌଜାର ଖତିୟାନରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏନେଇ ବାରମ୍ବାର ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ ହେଲେ ମଧ କୌଣସି ସୁଫଳ ମିଳୁନାହିଁ। ସ୍ଥାନୀୟ ବିଜେଡି ନେତାଙ୍କ ସହିତ ଗ୍ୟାଙ୍ଗଷ୍ଟାର ଓ ତାହାର ଭାଇମାନଙ୍କ ନିବିଡ଼ ସମ୍ପର୍କ ଯୋଗୁଁ ସରକାରୀ କଳ ଏଥିପ୍ରତି ଆଖିବୁଜି ଦେଇଛି।

ସହରରେ ହେଉଥିବା ଆଲୋଚନା ଅନୁଯାୟୀ, ସରକାରୀ ଜମି ଦଖଲକାରୀ ଗ୍ୟାଙ୍ଗଷ୍ଟରଙ୍କ ମୁଣ୍ଡ ଉପରେ ରହିଛି ବିଧାୟକଙ୍କ ହାତ। ସେଥିପାଇଁ ପ୍ରଶାସନ ଆଖିବୁଜି ଦେଇଛି। ନିର୍ବାଚନ ସମୟରେ ଏହି ଜବରଦଖଲକାରୀମାନେ କୁଆଡ଼େ ବିଧାୟକଙ୍କ ସହିତ ଛାଇ ଭଳି ରହିଥିଲେ ବୋଲି କହି ବୁଲୁଛନ୍ତି। ହେଲେ ଅସଲ ଭୋଟର୍‌ଙ୍କ ଦାବିକୁ ଭୁଲି ନିଜର ସ୍ୱାର୍ଥ ସାଧନ ପାଇଁ ବିଧାୟକ ଏବେ ଗ୍ୟାଙ୍ଗଷ୍ଟର୍‌ଙ୍କ ସହିତ ଲସରପସର ହେଉଛନ୍ତି। ଖୁବଶୀଘ୍ର ବିଧାୟକ-ଗ୍ୟାଙ୍ଗଷ୍ଟର ଯୁଗଳବନ୍ଦୀର ପର୍ଦ୍ଦାଫାସ ପାଇଁ ଗୋଟିଏ ଗୋଷ୍ଠୀ ସକ୍ରିୟ ଥିବାର ବି ସୂଚନା ମିଳିଛି।

ସବୁଠାରୁ ଆଶ୍ଚର୍ଯ୍ୟର ➭ପୃଷ୍ଠା-୬




## ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ କମିଟିର ଦ୍ୱିତୀୟ ବୈଠକ

**କେନ୍ଦ୍ରାପଡ଼ା,୧।୩ (ସଂଚାର ବ୍ୟୁରୋ):** ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ କମିଟି(ଦିଶା)ର ଦ୍ୱିତୀୟ ବୈଠକ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ଜୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶନିବାର ପୂର୍ବାହ୍ନ ସମୟରେ ଜିଲ୍ଲା ପରିଷଦ ସଭାଗୃହଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବ ବୈଠକରେ ଆଲୋଚିତ ହୋଇଥିବା ବିଷୟବସ୍ତୁ ଯଥା ଜଳ ଜୀବନ ମିଶନ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ଉପରେ ଆଲୋଚନା କରାଯାଇଥିଲା । ପରେ ଏହି ବୈଠକରେ ବିଷୟବସ୍ତୁ ଯଥା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଓ ସମଗ୍ର ଶିକ୍ଷା ଅଭିଯାନର ଅଗ୍ରଗତିର ସମୀକ୍ଷା କରାଯାଇଥିଲା। ସମସ୍ତ ଯୋଜନାଗୁଡ଼ିକର ସଫଳ ରୂପାୟନ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟଗୁଡ଼ିକର ସମାପନ ତଥା ବିନିଯୋଗ ପତ୍ର ଦାଖଲ ଉପରେ ମାନ୍ୟବର ସାଂସଦ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ବିଧାୟକଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲଳିତା ଦାସ, ପଂଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷ ଓ ପୌରପରିଷଦ ଅଧ୍ୟକ୍ଷଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସ୍ୱାଗତ ସମ୍ଭାଷଣ କରିଥିବା ସ୍ଥଳେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୦ ଦିନ ହେଲା ପଞ୍ଚାୟତରେ ପାଣି ନାହିଁ

**ଜଳ ଯୋଗାଣ ବିଭାଗ ଓ ଯନ୍ତ୍ରୀଙ୍କର ଅଭିଯୋଗକୁ ଖାତିର ନାହିଁ | ଚାଷ ଜମିକୁ ଯାଉଛି ପିଇବା ପାଣି**

**ଡେରାବିଶ,୧।୩ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତରେ ଜଳ ଯୋଗାଣ ଏବଂ ପରିମଳ ବିଭାଗର ବ୍ୟାପକ ଅନିୟମିତତା ଦୃଷ୍ଟି ଗୋଚର ହେବା ପରେ ଏନେଇ ସଂଚାରରେ ଖବର ପ୍ରକାଶ ପାଇଥିଲା । ଏହି ସମସ୍ୟାକୁ ବିଭିନ୍ନ ସାମାଜିକ ଗଣମାଧ୍ୟମ ପ୍ଲାଟ ଫର୍ମ ସହିତ "ଏକ୍ସ"ରେ ମଧ୍ୟ ଜିଲ୍ଲାପାଳ ଏବଂ ଜଳ ଯୋଗାଣ ବିଭାଗକୁ ସୂଚିତ କରିବା ପରେ ମଧ୍ୟ ୨ ଦିନ ବିତି ଯାଇଥିଲେ ସୁଦ୍ଧା ଅଭିଯୋଗକୁ ଭ୍ରୁକ୍ଷେପ କରି ନାହାନ୍ତି ଉଭୟ ବ୍ଲକ୍‌ର ଯନ୍ତ୍ରୀ ଏବଂ ବିଭାଗର ଉପରିସ୍ଥ ଅଧିକାରୀ । ଫଳରେ ପଞ୍ଚାୟତବାସୀ ଆଜି ସୁଦ୍ଧା ପାନୀୟ ଜଳରୁ ବଞ୍ଚିତ ଥିବା ଖବର ମିଳିଛି ।

ଏ ନେଇ ବିଭାଗର ଡେରାବିଶ ବ୍ଲକର ଯନ୍ତ୍ରୀଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ ଆମେ ଜାଣିବାକୁ ପାଇଛୁ ଯେ ଯନ୍ତ୍ରୀଜଣକ ପଞ୍ଚାୟତରେ ସୁଚାରୁ ରୂପେ ଜଳ ଯୋଗାଣକୁ ନେଇ ତତ୍ପର ନାହାନ୍ତି । ଅର୍ଥାତ୍, ସିଧା ସିଧା କହିବାକୁ ଗଲେ ଯେଉଁ ଗଣମାଧ୍ୟମ ଯେତେ ଚିତ୍କାର କଲେ ବି ବାବୁଙ୍କ କିଛି ଫରକ୍ ପଡେନି । ବିସ୍ତୃତ ଆଲୋଚନାରେ ଏମିତି ବି ଜାଣିବାକୁ ମିଳିଛି ଯେ ଡେରାବିଶ ବ୍ଲକ୍‌ର ଯନ୍ତ୍ରୀ ଜଣକ କୌଣସି ପରିସ୍ଥିତିରେ ମଧ୍ୟ ଘଟଣାସ୍ଥଳକୁ ନ ଆସି କିଛି ଲୋକଙ୍କୁ ପଠାଇ "ର" "ଠ"ରେ କାର୍ଯ୍ୟ ସାରିଦେବାକୁ ତତ୍ପର ଅଛନ୍ତି ଯେତେବେଳେ କି ସେ ନିଜେ ଜାଣିଛନ୍ତି କରିଥିବା କାର୍ଯ୍ୟ କିଛି ଦିନ ପରେ ପୁଣି ପଞ୍ଚାୟତବାସୀଙ୍କ ସମସ୍ୟା ପାଲଟିବ। ଏମିତିକି ଡେରାବିଶ ବ୍ଲକ୍‌ର ଜଳ ଯୋଗାଣ ଏବଂ ପରିମଳ ବିଭାଗର ଯନ୍ତ୍ରୀଙ୍କୁ ଆଗରୁ ବିଲ ବାଡ଼ିକୁ ଯାଉଥିବା ଅବୈଧ କନେକ୍ସନ ବିଷୟରେ ସୂଚନା ଥିଲେ ବି ନା ସେ କେବେ ଏହାକୁ ଅନୁଧ୍ୟାନ କରିଛନ୍ତି ନା କେବେ ଏହାର ସମାଧାନ କରିବାକୁ ଚେଷ୍ଟା କରିଛନ୍ତି । ଯେଉଁଥିପାଇଁ ପଂଚାୟତର ୫ ଗୋଟି ଓ୍ୱାର୍ଡ଼ ଯଥା ଆରିପଦା, ହାଟବାଶପୁର-୧, ହାଟବାଶପୁର-୨, ଅଟଡ଼ୁହା, ଭାଣ୍ଡିଲୋ ର ୪ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବୁନ୍ଦେ ପାନୀୟ ଜଳ ପାଇଁ ତହଳ ବିକଳ ହେଉଛନ୍ତି । ଖବର ନେବାରୁ ଜଣା ପଡ଼ିଛି କି, ଆରିପଦା ଠାରେ ନିର୍ମିତ ପାଣି ଟାଙ୍କି ଠାରୁ ଯାଉଥିବା ପାଇପ୍ ଲାଇନରୁ ଅନେକ ଲୋକ ନିଜ ଚାଷ ଜମିକୁ ପାଣି ନେଉଛନ୍ତି ଏବଂ ରୋଚକର ବିଷୟ ଯେ ଏହି କନେକ୍ସନ ସବୁ ୧୦୦-୨୦୦ ଟଙ୍କାରେ ନିଜେ ବିଭାଗର ପାଣି ସପ୍ଲାଏ ଦାୟିତ୍ୱରେ ଥିବା କର୍ମଚାରୀ ହିଁ ଯୋଗାଇ ଦେଉଛନ୍ତି । ଯାହା ଡେରାବିଶ ବ୍ଲକ୍‌ର ଯନ୍ତ୍ରୀଙ୍କ ଇଙ୍ଗିତରେ ହୋଇଥାଇ ପାରେ ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି ।



ଏ ନେଇ କାର୍ଯ୍ୟରତ ଜଣେ ପମ୍ପ ଡ୍ରାଇଭରଙ୍କୁ ପଚାରିବାରୁ ଜଣାପଡ଼ିଛି ଯେ ଗତ ୨ ବର୍ଷରୁ ତାଙ୍କୁ ଦରମା ମିଳିନାହିଁ । ଏସବୁକୁ ଅନୁଧ୍ୟାନ କରିବା ପରେ ଯାହା ଜଣା ପଡୁଛି, କେନ୍ଦ୍ରାପଡ଼ା ଜଳଯୋଗାଣ ବିଭାଗ ନିଜ କର୍ତ୍ତବ୍ୟ ନିର୍ବାହ କରିବାରେ ସମ୍ପୂର୍ଣ୍ଣ ବିଫଳ । ଯାହାଫଳରେ ସାଧାରଣ ଲୋକଙ୍କ ସରକାରଙ୍କ ତରଫରୁ ମିଳିଥିବା ପାନୀୟଜଳ ସୁବିଧାରୁ ଅନବରତ ଭାବେ ବସୁପୁର ପଞ୍ଚାୟତବାସୀ ବଞ୍ଚିତ ଅଛନ୍ତି । ଏଥିପ୍ରତି କେନ୍ଦ୍ରାପଡ଼ା ଜିଲ୍ଲାପାଳ ନିଜେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର

**ମହାକାଳପଡ଼ା,୧।୩ (ସଂଚାର ବ୍ୟୁରୋ):** ବିଦ୍ୟାଳୟ ପାଖରେ ରହିଛି ବିପଦ ସଙ୍କୁଳ ବିଦ୍ୟୁତ ଟ୍ରାନ୍ସଫର୍ମର। ଜନଗହଳିପୂର୍ଣ୍ଣ ରାସ୍ତା କଡ଼ରେ ଫୁଙ୍ଗୁଳା ଟ୍ରାନ୍ସଫର୍ମର ଏବେ ଜନସାଧାରଣଙ୍କ ପାଇଁ ଭୟର ବାତାବରଣ ପାଲଟିଛି। ଏହି ବାଟ ଦେଇ ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ଜନସାଧାରଣ ଯାତାୟାତ କରୁଛନ୍ତି।

**ବିଦ୍ୟାଳୟକୁ ଲାଗିକି ରହିଛି, ନାହିଁ ସୁରକ୍ଷା ବାଡ଼**

**ନିରବଦ୍ରଷ୍ଟା ବିଦ୍ୟୁତ ବିଭାଗ**

ହେଲେ ଭୂମିଠାରୁ ୩-୪ ଫୁଟ ଉଚ୍ଚତାରେ ରହିଥିବା ଏହି ମୁକୁଳା ଟ୍ରାନ୍ସଫର୍ମର ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ବିଦ୍ୟୁତ ବିଭାଗ ଏଥିପାଇଁ ନିରବଦ୍ରଷ୍ଟା ସାଜିଥିବା ଅଞ୍ଚଳବାସୀ କହିଛନ୍ତି।

ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦୁଃଶାସନ ରାମପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ, ଜମ୍ବୁ ନିକଟରେ। ବିଦ୍ୟାଳୟର ମୁଖ୍ୟ ଦ୍ୱାରର ଏକ ପାର୍ଶ୍ୱରେ ୧୧୦୦୦ ଭୋଲ୍ଟର ବିପଦ ସଙ୍କୁଳ ଟ୍ରାନ୍ସଫର୍ମର ରହିଛି। ନା ଏଥିରେ କୌଣସି ସୁରକ୍ଷା ବାଡ଼ ରହିଛି ନା ଅନ୍ୟ କୌଣସି ସୁରକ୍ଷା ବ୍ୟବସ୍ଥା। ଭୂମିପତନ ଠାରୁ ୩-୪ ଫୁଟ ଉଚ୍ଚତାରେ ରହିଥିବା ଏହି ମୁକୁଳା ଟ୍ରାନ୍ସଫର୍ମରରେ କେତେବେଳେ ବୁଲା ଗାଈଗୋରୁ ହେଉ ଅବା ମଣିଷ ଦୁର୍ଘଟଣାର ଶିକାର ହେବେ ସେଥିପାଇଁ



ବିଭିନ୍ନ ସମୟରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହେଉଛି। ବର୍ତ୍ତମାନ ଏହି ବିଦ୍ୟାଳୟରେ ଦଶମ ପରୀକ୍ଷା ଚାଲିଥିବାରୁ ବହୁତ ଜନସମାଗମ ଦେଖିବାକୁ ମିଳିଛି। ହେଲେ ବିପଦ ସଙ୍କୁଳ ବିଦ୍ୟୁତ ଟ୍ରାନ୍ସଫର୍ମର ଦେଖି ଲୋକେ ଏହାର ସୁରକ୍ଷା ପାଇଁ ବିଦ୍ୟୁତ ବିଭାଗକୁ ନିବେଦନ କରିଛନ୍ତି। ବିଦ୍ୟାଳୟ ପାଖରୁ ଟ୍ରାନ୍ସଫର୍ମର ସ୍ଥାନାନ୍ତରଣ ସହିତ ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ଅଭିଭାବକ ଓ ସାଧାରଣ ଲୋକେ ଦାବି କରିଛନ୍ତି।

# ତୁଳସୀ ଆଇଡିଆଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ରାଜନଗର,୧।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଅନ୍ତର୍ଗତ ସାନ ବଡ ଗୋପାଳପୁର ସ୍ଥିତ ତୁଳସୀ ଆଇଡିଆଲ ପବ୍ଲିକ ସ୍କୁଲର ୭ମ ବାର୍ଷିକ ଉତ୍ସବ ଶୁକ୍ରବାର ଦିନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଦିବ୍ୟସିଂହ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଗଜରାଜପୁର ସ୍ଥିତ ନିଳାଦ୍ରିନାଥ ଇସ୍କନ ଆଉଟପୋଷ୍ଟର ଜେନେରାଲ ମ୍ୟାନେଜର ଭକ୍ତି ନୀଳାଚଳ ସ୍ୱାମୀ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଆଦର୍ଶ ଜୀବନ ଗଠନ ଉପରେ ଆଲୋକପାତ କରିଥିବା ବେଳେ ସହ ପରିଚାଳକ ଶ୍ରୀପାଦ୍ ବ୍ରଜବନ୍ଧୁ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ



ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଓ ଆଧ୍ୟାତ୍ମିକ ଦିଗରେ ବିକାଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ରାଜନଗର ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ବିଜୟ କୁମାର ନାୟକ, ସା.ବ.ଗୋପାଳପୁର ଗ୍ରା.ପ.ର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଭାସ୍କର ଚନ୍ଦ୍ର ରାଉତରାୟ, ସମାଜସେବୀ କୃପାସିନ୍ଧୁ ସାମଲ ପ୍ରମୁଖ ଯୋଗ ଦେଇଥିଲେ। କୁଶାଇଲୋ ପ୍ରାଥମିକ ବିଦ୍ୟାଳୟର ପ୍ରଧାଶିକ୍ଷକ ପ୍ରଭାକର ରାଉତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁମା ଅନିତା ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ

ଉକ୍ତ ବିଦ୍ୟାଳୟର ୨୦୨୩-୨୪ ଶିକ୍ଷା ବର୍ଷରେ ବୃତ୍ତି, ନବୋଦୟ, ଓଡିଶା ଆଦର୍ଶ ଓ ରତପଲ୍ଲି ପ୍ରବେଶିକା ପରୀକ୍ଷା ରେ ସଫଳତା ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନୀତ କରାଯାଇଥିଲା। ଶିକ୍ଷକ ପ୍ରଦୀପ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିବା ବେଳେ ପବ୍ଲିକ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।




## ବିଜ୍ଞାନ ଦିବସ ପାଳିତ

**ସାଲେପୁର,୧।୩ (ସଂଚାର ବ୍ୟୁରୋ):** ବିଜ୍ଞାନ ପ୍ରଚାର ସମିତି ସାଲେପୁର ଶାଖା ତରଫରୁ ସାବିତ୍ରୀ ଦେବୀ ଆବାସିକ ବିଜ୍ଞାନ ବିଦ୍ୟାଳୟରେ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାନେତ୍ରୀ ମେଜର ମଞ୍ଜୁଶ୍ରୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାବିତ୍ରୀ ଦେବୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ପତି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ବୈଜ୍ଞାନିକ ସି.ଭି. ରମଣଙ୍କ ଭଳି ନିଜକୁ ଗଢ଼ି ତୋଳିବାକୁ ଆହ୍ୱାନଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡଃ ପ୍ରଭାତ କିଶୋର ନାୟକ ଯୋଗଦେଇ ବିକଶିତ ଭାରତ ଗଠନରେ ଛାତ୍ରଛାତ୍ରୀମାନେ ବିଜ୍ଞାନର ଗବେଷଣାତ୍ମକ ପ୍ରୟୋଗ କରିପାରିଲେ ଭାରତ ବିଶ୍ୱଗୁରୁ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତିର ପ୍ରତିଷ୍ଠାତା ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁକାନ୍ତ କିଶୋର ମହାନ୍ତି, ଉପଦେଷ୍ଟା ଡଃ ପୂର୍ଣ୍ଣଚନ୍ଦ୍ର ଓଝା, ଉପସଭାପତି ଶିକ୍ଷାବିତ୍ ବିପିନ ବିହାରୀ କର, ଯୁଗ୍ମ ସମ୍ପାଦକ ଦିବାକର ପ୍ରଧାନ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମିତିର ଉପଦେଷ୍ଟା ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଉମେଶ ଚନ୍ଦ୍ର ପତି ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ




**ମହାକାଳପଡ଼ା,୧।୩ (ସଂଚାର ବ୍ୟୁରୋ):** ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟ ଠାରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଓ ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୁଲ୍ୟରେ ଯୁକ୍ତ୩ ବାଳିକା ଆତ୍ମରକ୍ଷା କୌଶଳ ଉଦଘାଟିତ ହୋଇଯାଇଛି। ଉକ୍ତ ସଭାରରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ସୁଲୋଚନା ଦାଶ ସଭାପତିତ୍ୱ କରିବା ସହିତ ସାମ୍ପ୍ରତିକ ସମାଜରେ ବାଳିକା ଆତ୍ମରକ୍ଷା କୌଶଳର ଗୁରୁତ୍ୱରୋପ ବିଷୟରେ ଆଲୋଚନା କରିଥିଲେ। ବାଳିକା ଆତ୍ମରକ୍ଷା କୌଶଳର ସଂଯୋଜିକା ପ୍ରଫେସର୍ ଇତିଶ୍ରୀ ସେଠୀ ଆତ୍ମରକ୍ଷା କୌଶଳ ପଛରେ ସରକାରଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମାଷ୍ଟର ଟ୍ରେନର ସସ୍ମିତା ସାହୁ ବିଭିନ୍ନ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଉକ୍ତ ସଭାକୁ ସୁପରିଚାଳନା ନିମନ୍ତେ ପ୍ରଫେସର୍ ଶ୍ରୀକାନ୍ତ କୁମାର ନନ୍ଦ ଗୁରୁଦାୟିତ୍ୱ ବହନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଜୁହି ପଣ୍ଡା, ପ୍ରଫେସର ଅନିଗ୍ରେସ ଓ୍ୱାଡେକୋ ଏବଂ ବହୁ ଛାତ୍ରୀ ମାନେ ଭାଗ ନେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲାବେଳେ ପ୍ରଫେସର ଜୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଳିରେ ସିରିଜି ଚୋରି, ପୁଲିସ କୋମାରେ



**ଆଳି,୧।୩ (ସଂଚାର ବ୍ୟୁରୋ):** ଗୋଟିଏ ରାତିରେ ସିରିଜି ଚୋରି। କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଦୁର୍ବୃତ୍ତଙ୍କ ଆତଙ୍କରେ ଅତିଷ୍ଠ ହୋଇ ଗଲେଣି ଆଳିବାସୀ। ମୁଖିଆ ବିହୀନ ଥାନାକୁ ଟାର୍ଗେଟ କରୁଛନ୍ତି କି ଚୋର ? ଗତ ଶୁକ୍ରବାର ବିଳମ୍ବିତ ରାତିରେ ଆଳି ଥାନା ଅନ୍ତର୍ଗତ ବଡାମ୍ବିଳା ପଞ୍ଚାୟତ ବେତା ଗ୍ରାମର ସାତ ସାତଟି ଘରୁ ଚୋରମାନେ ପ୍ରୟାସ କରିଥିବା ବେଳେ ବିଶେଷ କରି ଉକ୍ତ ଗ୍ରାମର ଇଂ ନୀଳାଦ୍ରି ଭୂଷଣ ମହାପାତ୍ରଙ୍କ କବାଟ ତାଡି ଘର ଭିତରକୁକୁ ପଶିଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ମୋଟ ୫ଟି ଗଡ଼ରେଜକୁ ଭାଙ୍ଗି ସେଥିରେ ଥିବା ଟଙ୍କା ସୁନା, ଅଳଙ୍କାର ଓ ମୂଲ୍ୟବାନ ଜିନିଷକୁ ଲୁଟି ନେଇଥିବା ବେଳେ ସେହି ଗ୍ରାମର ଶୋଭାରାଣୀ ନାୟକ, ପରମାନନ୍ଦ ନାୟକଙ୍କ ଘର ମଧ୍ୟ ଚୋର କଳକାନ ବୁଲାଇଛନ୍ତି । ସେହିପରି ମାନଗୋବିନ୍ଦ ଦାସ ଓ ପୁରିଗୋବିନ୍ଦ ଦାସ ଅନ୍ୟ ମାନଙ୍କ ଘରେ ମଧ୍ୟ ଚୋରମାନେ ପଶିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ପାରିନଥିଲେ। ଗ୍ରାମବାସୀମାନଙ୍କର ଅଭିଯୋଗ କି ପୁଲିସ ପ୍ରଶାସନର ପାଟ୍ରୋଲିଙ୍ଗର ଅଭାବ ଯୋଗୁଁ ଆଳି ଅଞ୍ଚଳରେ ବାରମ୍ବାର ଚୋରି ଭଳି ଅପରାଧ ବଢ଼ି ବଢ଼ି ଚାଲିଛି ।

ସୂଚନାରୁ ପ୍ରକାଶ ଯେ ବିଗତ କିଛି ଦିନ ହେବ ଆଳି ଥାନାରେ କୌଣସି ସ୍ଥାୟୀ ଭାରପ୍ରାପ୍ତ ଅଧିକାରୀ ନ ଥିବା ବେଳେ ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ସବ୍ୟସାଚୀ ଶତପଥୀ ଆଜିକୁ ପ୍ରାୟ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ବଦଳି ହୋଇ ଯିବା ପରେ ମଧ୍ୟ ନୂଆ ଅଧିକାରୀ ଏଯାଏଁ ଯୋଗ ଦେଇ ନାହାନ୍ତି। ଯେଉଁଥିପାଇଁକି ଆଳିରେ ବର୍ତ୍ତମାନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି ବୋଲି ସାଧାରଣରେ ଅଭିଯୋଗ ହେଉଥିବା ବେଳେ ଚୋରି ହେଇଥିବା ବେତା ଗ୍ରାମରେ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି।

## ନିମ୍ନମାନର ରାସ୍ତା କାମ ନେଇ ପଚାରିବାରୁ ମାଡ଼

**ମହାକାଳପଡ଼ା,୧।୩ (ସଂଚାର ବ୍ୟୁରୋ):** ନିମ୍ନମାନର ରାସ୍ତା କାମ ସମ୍ପର୍କରେ ଜେଇଙ୍କୁ ପଚାରିବାରୁ ଜଣେ ବ୍ୟକ୍ତି ଓ ତାଙ୍କ ପତ୍ନୀଙ୍କୁ ଜଣେ ଯୁବକ ନିସ୍ତୁକ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି । ଏ ସମ୍ପର୍କରେ ନ୍ୟାୟ ପାଇଁ ମହିଳା ଜଣଙ୍କ ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ ରାମନଗର ପଞ୍ଚାୟତ

**ମହିଳାଙ୍କୁ ବି ଛାଡ଼ିଲେନି**

**ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ମହିଳା**



ରାମନଗର ଗ୍ରାମରେ ଏକ ଢଳେଇ ରାସ୍ତା କାର୍ଯ୍ୟ ପଞ୍ଚାୟତ ତରଫରୁ କରାଯାଉଛି। ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗରେ ସାମ୍ବାଦିକମାନେ ଗ୍ରାମବାସୀଙ୍କ ପାଖରୁ ପଚାରି ବୁଝୁଥିଲେ। ସେହି ସମୟରେ ଜେଇ କାମ ଦେଖୁଥିବା ସମୟରେ ସେହି ଗ୍ରାମର ନିରାପଦ ଗାଇନି ଓ ଅନ୍ୟ ଦୁଇଜଣ ବ୍ୟକ୍ତି ଜେଇଙ୍କୁ କାମ ଖରାପ ହେଉଥିବା ବିଷୟରେ ପଚାରିବାରୁ ରାମନଗର ଗ୍ରାମର କିରଣ କାନ୍ତି କାଞ୍ଜି ଲାଲ୍ ଙ୍କ ପୁତ୍ର ତରୁଣକାନ୍ତି କାଞ୍ଜି ଲାଲ୍ ନିରାପଦ ଗାଇନିଙ୍କୁ କିଛି କାରଣ ନଥାଇ କାମ ଖରାପ ବିଷୟରେ ପଚାରି ଥିବାରୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ବେକରେ ଗାମୁଛା ପକାଇ ଘୋଷାଡି,ପେଟରେ ଛାତିରେ ଗୋଇଠା ମାରିଥିଲେ। ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଯିବାରୁ ନିରୁପମାଙ୍କୁ ଧକ୍କା ମାରିଥିଲେ ତରୁଣକାନ୍ତି। ତାଙ୍କ ଧକ୍କା ନିରୁପମାଙ୍କ ଛାତିର ସମ୍ବେଦନଶୀଳ ଜାଗାରେ ବାଜିବାରୁ ସେ ତଳେ ପଡିଗଲେ। ମହିଳାଙ୍କ ଶାଢ଼ି କାନିକୁ ଟାଣି ଅଶାଳୀନ ଭାଷାରେ ଗାଳିଗୁଲଜ କରି ଏବିଷୟରେ କାହାକୁ କହିଲେ ମାରିଦେବାକୁ ଧମକ ଦେଇଥିବା ମହିଳା ଅଭିଯୋଗ କରିଛନ୍ତି। ଏନେଇ ସେ ଜମ୍ବୁ ସାମୁଦ୍ରିକ ଥାନାରେ ନ୍ୟାୟ ପାଇଁ ଲିଖିତ ଏତଲା ଦେଇଛନ୍ତି। ଏତଲା ଆଧାରରେ ପୋଲିସ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

## ନାବାର୍ଡ ପକ୍ଷରୁ କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମ ଏବଂ ଆର୍ଥିକ ସ୍ୱାକ୍ଷରତା ମେଗା ଶିବିର

**କେନ୍ଦ୍ରାପଡା,୧।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ନାବାର୍ଡ ପକ୍ଷରୁ ସଂସ୍କୃତି ଭବନ, କେନ୍ଦ୍ରାପଡ଼ାଠାରେ କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମ ଏବଂ ଆର୍ଥିକ ସାକ୍ଷରତା ମେଗା ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ କେନ୍ଦ୍ରପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଛନ୍ତି। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ସିଜିଏମ୍, ନାବାର୍ଡ, ସଞ୍ଜୟ କେ ତାଲୁକଦାର,ଅଧ୍ୟକ୍ଷ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ରିଷି ସିଂହ ଏହି ଅବସରରେ ବିଶେଷ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ କଟକ ସିସିବି ଲିମିଟେଡ୍, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଏବଂ ନବକିଷାନ ଦ୍ୱାରା କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ମୋଟ ୨୮.୮୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। କେସିସି ସାଚୁରେସନ୍ ଅଭିଯାନ ଅଧୀନରେ ଜିଲ୍ଲାର ୬୪୭ ଜଣ ଋଣଗ୍ରହୀତାଙ୍କୁ ଅନ୍ତର୍ଭୁକ୍ତ କରି ୩.୮୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ବ୍ୟତୀତବ୍ୟାଙ୍କଗୁଡ଼ିକ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ର ଅଧୀନରେ ୧.୮୫ କୋଟି ଟଙ୍କାର ଏଟିଏଲ(କୃଷି ମିଆଦୀ ଋଣ) ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ, କେନ୍ଦ୍ରାପଡା ତରଫରୁ ଜଣେ ହିତାଧିକାରୀଙ୍କୁ ୨.୩ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଛି ଓ ମାନ୍ୟବର ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ କେନ୍ଦ୍ରାପଡ଼ା ଜିଲ୍ଲାରେ ଇ-କେସିସି ଆରମ୍ଭ କରିଥିଲେ। ଏହି ଅବସରରେ, ନାବାର୍ଡ ଆଞ୍ଚଳିକ କାର୍ଯ୍ୟଳୟ, କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଓଡ଼ିଶା ସରକାରଙ୍କୁ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ଅଧୀନରେ ବନ୍ୟା ସୁରକ୍ଷା, ଗ୍ରାମୀଣ ସଂଯୋଗୀକରଣ ଏବଂ ଜଳସେଚନ ପାଇଁ ୧୧୩.୪୭କୋଟି ଟଙ୍କା ମଞ୍ଜୁର ଘୋଷଣା କରିଛି। ଏହା ବ୍ୟତୀତ, ନାବାର୍ଡ ଓଡ଼ିଶା ଜୀବିକା ମିଶନ (ଓଏଲଏମ୍), କେନ୍ଦ୍ରାପଡ଼ାକୁ ନାବାର୍ଡର ମାଇକ୍ରୋ ଏଣ୍ଟରପ୍ରିନିୟରସିପ୍ ଡେଭଲପମେଣ୍ଟ ପ୍ରୋଗ୍ରାମ ଅଧୀନରେ ୭.୫ ଲକ୍ଷ ଟଙ୍କା ମଞ୍ଜୁର କରିଛି।

# କମ୍ପାନୀ ଗାଡ଼ିର ଗତି ଉପରେ ଲାଗିଲା ଅଙ୍କୁଶ

**ଯାଜପୁର ରୋଡ଼,୧।୩ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରବାସୀଙ୍କ ଦୁଃଖରେ ସାତ ଦେଲା ଜିଲ୍ଲାର ପ୍ରଶାସନ। ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଛି। କଳିଙ୍ଗନଗର ଶିଳ୍ପାଂଚଳର କମ୍ପାନୀ ବସ ଚଳାଚଳକୁ ନେଇ

**ବ୍ୟାସନଗରବାସୀଙ୍କ ଦୀର୍ଘ ଦିନର ଦୁଃଖ ଦୂର ହେବ**

ଉପୁଜୁଥିବା ଦ୍ୱନ୍ଦ୍ୱର ଏବେ ଅବସାନ ଘଟିବାକୁ ଯାଉଛି। କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ ପ୍ରଚେଷ୍ଟାରେ ଗତ କିଛିଦିନ ତଳେ କେଏନଡିଏ ସମ୍ମିଳନୀ ଗୃହରେ ପ୍ରଶାସନ ଓ କମ୍ପାନୀ କର୍ମଚାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହାକୁ କାର୍ଯ୍ୟକାରୀ କରିବାକୁ ଯାଇ ଆଜି ପ୍ରଶାସନ ତରଫରୁ ସହରର ଷ୍ଟାଡ଼ିଅମ ନିକଟ, ପାଛ ଶାଳା ଓ ଥାନା ପଛପଟ ଏହି ତିନୋଟି ଜାଗାକୁ କମ୍ପାନୀ ବସ ଗାଡି



ପାର୍କିଙ୍ଗ ପାଇଁ ଜାଗା ଚିହ୍ନଟ କରାଯାଇଅଛି । ସକାଳ ୬ ଘଟିକାଠାରୁ ରାତି ୮ ମଧ୍ୟରେ କୌଣସି କମ୍ପାନୀ ବସ ଯାଜପୁର ରୋଡ଼ ସହରର ମଧ୍ୟକୁ ପ୍ରବେଶ କରିପାରିବ ନାହିଁ। ଏଥିସହିତ ମହିଳା ମାନଙ୍କ ପାଇଁ ଯେଉଁ ସ୍ୱଳ୍ପ ବସ ଗୁଡିକ ଅନୁମତି ଦିଆଯିବ ସେଇ ବସ ଗାଡି ଗୁଡିକର ଗତି ସହର ମଧ୍ୟରେ ୩୦ କିମି ବେଗ ରହିବା ପାଇଁ ସ୍ଥିର କରାଯାଇଥିଲା। ଏଥି ସହିତ ଦଳା ପଟୁ ଆସୁଥିବା ବସ ଗୁଡିକ ରୟାଲ କଳିଙ୍ଗ ହୋଟେଲ ପାଖରୁ କର୍ମଚାରୀଙ୍କୁ ନେଇ ପୁନଶ୍ଚ ଫେରି ବାଇପାସ ଦେଇ କମ୍ପାନୀକୁ ଯିବା ପାଇଁ ଅନୁମତି ଦିଆଯାଇଛି ।

ଏହି ନିୟମ ମାର୍ଚ୍ଚ ୩ତାରିଖ ଠାରୁ କାର୍ଯ୍ୟକାରି କରାଯିବା ନେଇ ଆଜି କଳିଙ୍ଗ ନଗର ଏଡିଏମ ସପନ କୁମାର ନନ୍ଦ ଓ ଯାଜପୁର ରୋଡ଼ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି । ଯଦି କୌଣସି କମ୍ପାନୀ ବସ ଏହି ନିୟମକୁ ଅବମାନନା କରନ୍ତି ତେବେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ଏଡିଏମ ଶ୍ରୀ ନନ୍ଦ କହିଛନ୍ତି।

# ଯନ୍ତ୍ରୀଙ୍କ ଅଗୋଚରରେ ଚାଲିଛି କଂକ୍ରିଟ ରାସ୍ତା କାର୍ଯ୍ୟ

**ନାଉଗାଁ,୧।୩ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱରେ ଏକ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ

**କାର୍ଯ୍ୟସ୍ଥଳରେ ନାହିଁ ସୂଚନା ଫଳକ**

ରାସ୍ତା ବିଷୟରେ ସମ୍ପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ଜାଣି ନଥିବା କହିଛନ୍ତି। ଯନ୍ତ୍ରୀଙ୍କ ଅଗୋଚରରେ ରାସ୍ତା କାର୍ଯ୍ୟ କିପରି କରାଗଲା ତାହା ସାଧାରଣରେ ପ୍ରଶ୍ନବାଚୀ



ସୃଷ୍ଟି କରିଛି। ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନିମ୍ନମାନର କରାଯାଇଥିବା ଅଭିଯୋଗ ହେଉଛି। ରାସ୍ତା କାର୍ଯ୍ୟ ଆରମ୍ଭରୁ କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଯିବାର ନିୟମ ରହିଥିବା ବେଳେ ଏପର୍ଯ୍ୟନ୍ତ କାର୍ଯ୍ୟ ସରିଥିଲେ ମଧ୍ୟ ସୂଚନା ଫଳକ ଲାଗାଯାଇନାହିଁ। ଯାହାଫଳରେ ରାସ୍ତାଟିର ଦୈର୍ଘ୍ୟ, ଉଚ୍ଚତା, ଚଉଡା ଏବଂ ଏହି କାର୍ଯ୍ୟ ପାଇଁ କେତେ ଅର୍ଥ ବ୍ୟୟ କରାଯାଇଛି ତାହାର ସଠିକ ତଥ୍ୟ ମିଳିପାରୁନାହିଁ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ରାସ୍ତା ତଦାରଖ ଦାୟିତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀଙ୍କ ଅଗୋଚରରେ କାର୍ଯ୍ୟ ହୋଇଥିବାରୁ ଠିକ୍ ଭାଗ ମାପରେ କାର୍ଯ୍ୟ ହୋଇ ନଥିବା ଜଣାଯାଇଛି। ଏବିଷୟରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମନସ୍ମିତା ମିଶ୍ରଙ୍କୁ ପଚାରିବାରେ ସେ ପଞ୍ଚାୟତ ଦାୟିତ୍ୱ ନେବା ପରେ କୌଣସି କାର୍ଯ୍ୟ କରାଯାଇନାହିଁ ବୋଲି ମତବ୍ୟକ୍ତ କରିଛନ୍ତି।

## ପୂର୍ବତନ ଅଧ୍ୟକ୍ଷ ବିଜୟ ରାଉତରାୟଙ୍କ ସ୍ମୃତିସଭା

**ରାଜନଗର,୧।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ସର୍ବପୁରାତନ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବିଜୟ ରାଉତରାୟଙ୍କ ବିୟୋଗରେ ତାଙ୍କ ଜନ୍ମମାଟି ବାଲିକଣା ଗ୍ରାମ ରାଧାକୃଷ୍ଣ ମେଳଣ ପଡ଼ିଆରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟଙ୍କ ସଂଯୋଜନାରେ ଆୟୋଜିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ରାଜନଗର ବ୍ରହ୍ମ କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ସଂଚାଳିକା ନିର୍ମଳା ଭଉଣୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗଦେଇ ଦିବ୍ୟଗତ ଶ୍ରୀ ରାଉତରାୟଙ୍କ ସ୍ମୃତି ଚାରଣ କରିଥିଲେ।

## ଧରାପଡ଼ିଲା ସହଦେବ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ

● ୮ରେ ପହଞ୍ଚିଲା ମୋଟ ଗିରଫଦାରୀ ସଂଖ୍ୟା



ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ): ରାଜଧାନୀର ବିଡ୍ ରାସ୍ତାରେ ପୁଲିସ୍ ମିତ୍ର ସହଦେବ ନାୟକଙ୍କୁ ହତ୍ୟା କରାଯାଇଥିବା ବେଳେ ଆଜି ପୁଲିସ୍ ହାତରେ ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ନାୟକ ଓରଫ ସୁଶାନ୍ତ ଧରାପଡ଼ିଛି। କଟକ କାନପୁରରୁ ସୁଶାନ୍ତକୁ ମଞ୍ଚେଶ୍ୱର ପୁଲିସ୍ ଗିରଫ କରିଛି। ହତ୍ୟାକାଣ୍ଡ ଘଟାଇବା ପରେ ସୁଶାନ୍ତ ନିଜ ବାଇକ୍ ଛାଡ଼ି ଫେରାର ହୋଇଯାଇଥିଲା। କିନ୍ତୁ ହତ୍ୟାକାଣ୍ଡର ପାଖାପାଖି ୨ ମାସ ପରେ ତାକୁ ପୁଲିସ୍ ଗିରଫ କରିଛି। ଏଥିସହ ଏହି ମାମଲାରେ ମୋଟ ଗିରଫଦାରୀ ସଂଖ୍ୟା ୮ରେ ପହଞ୍ଚିଛି, କାରଣ ପୂର୍ବରୁ ଏହି ମାମଲାରେ ପୁଲିସ୍ ୭ ଜଣଙ୍କୁ ଗିରଫ କରିସାରିଛି କିଛି ଦିନ ତଳେ ଏହି ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ରମା ନାୟକ ମଞ୍ଚେଶ୍ୱର ଥାନାରେ ଆତ୍ମସମର୍ପଣ କରିଥିଲା। ସହଦେବ ହତ୍ୟାକାଣ୍ଡର ଲେଡି ମାଷ୍ଟରମାଇଣ୍ଡ ଥିଲା ରମା। ସ୍ଥାନୀୟ କେତାପଙ୍ଗରୁ ବସ୍ତିର ରମାକୁ କିଏ କହୁଥିଲା ଲେଡି ଡନ୍ ତ ଆଉ କିଏ ଡାକୁଥିଲା ନିଶାରାଣୀ। ସେ ଦୀର୍ଘଦିନ ହେଲା ପଶ୍ଚିମବଙ୍ଗର ନିଶା ମାଫିଆଙ୍କଠାରୁ ବ୍ରାଉନସୁଗର ଆଣି ରାଜଧାନୀରେ ବ୍ୟବସାୟ କରୁଥିଲା। ଉକ୍ତ ବ୍ରାଉନସୁଗର ବ୍ୟବସାୟ ନେଇ ପୁଲିସ୍ ମିତ୍ର ଭାବେ କାର୍ଯ୍ୟ କରୁଥିବା ସହଦେବ ବିଭିନ୍ନ ସମୟରେ ପୁଲିସ୍‌କୁ ସୂଚନା ଦେଉଥିବାରୁ ଏହାକୁ ନେଇ ଉପୁଜିଥିବା ଶତ୍ରୁତା ଶେଷରେ ତାଙ୍କର ଜୀବନ ନେଇଥିଲା। ସୂଚନାଯୋଗ୍ୟ ଯେ ଗତ ଜାନୁଆରୀ ୮ ତାରିଖରେ ରସୁଲଗଡ଼-ବାଣୀବିହାର ଓଭରବ୍ରିଜରେ ପ୍ରାତଃ ସମୟରେ ଘଟିଥିଲା ସହଦେବ ହତ୍ୟାକାଣ୍ଡ। ଜନଗହଳି ସତ୍ତ୍ୱେ ହତ୍ୟାକାରୀମାନେ ଅତି ବୀଭତ୍ସ ଭାବେ ସହଦେବଙ୍କୁ ହତ୍ୟା କରିଥିଲେ। ହତ୍ୟାକାଣ୍ଡର ଗୁମର ସମ୍ପର୍କରେ ପୁଲିସ ଆଗରେ ସବୁ ବଖାଣିସାରିଛି ଅନ୍ୟତମ ଡ୍ରଗ୍ସ କୁଇନ୍ ଲିପିକା ନାଏକ। ନିଜକୁ ପୁରୁଷ ବେଶରେ ସଜାଇଥିଲା, ଆଉ ସହଯୋଗୀଙ୍କ ସହ ମିଶି ସହଦେବଙ୍କୁ ଖଣ୍ଡାରେ ଛାଣି ମୁଣ୍ଡରୁ ଗଣ୍ଡି ଅଲଗା କରିବା ପରେ ହତ୍ୟାକାଣ୍ଡରେ ବ୍ୟବହୃତ ସରଞ୍ଜାମ ଧରି ବାଇକରେ ଖସି ପଳାଇଥିଲା। ଏହି ହତ୍ୟାକାଣ୍ଡ ମାମଲାରେ ସହଦେବଙ୍କ ପତ୍ନୀ ଡ୍ରଗ୍ସ କାରବାରକୁ ବିରୋଧ କରିବାରୁ ପୂର୍ବରୁ ଅନେକ ଥର ଧମକଚମକ ଦେବା ସହ ଜାନୁଆରୀ ୧୦ରେ ମୁଣ୍ଡ କାଟି ଥାନାରେ ହ୍ୟାଣ୍ଡଓଭର୍ କରିବ ବୋଲି ଲିପିକା ଚେତାବନୀ ଦେଇଥିବା ଅଭିଯୋଗ କରିଥିଲେ। ଏହି ହତ୍ୟାକାଣ୍ଡର ବ୍ଲୁପ୍ରିଣ୍ଟ ତିଆରି କରିଥିବା ଲିପିକା ଜେଲରୁ ଫେରିବା ପରେ ଧାର୍ଯ୍ୟ ତାରିଖର ୪୮ ଘଣ୍ଟା ଭିତରେ ସହଦେବଙ୍କୁ ହତ୍ୟା କରିଥିଲା ତା'ର ସହଯୋଗୀଙ୍କ ସହାୟତାରେ।

## ବ୍ରିଜ୍ ଉପରୁ ଖସିଲା କାର୍: ଜଣେ ମୃତ



ପାଟଣା,୧।୩ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ରାଜନଗର କେନ୍ଦେଇପଶି ରାସ୍ତାର ଡେଣୁଆଁ ଜନ୍ମେଇ ନାଳ ପୋଲରେ ଶନିବାର ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ବ୍ରିଜ୍ ଉପରୁ ୨୦ ଫୁଟ ତଳକୁ ଏକ କାର୍ ଖସିପଡ଼ିଛି। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇ କେନ୍ଦୁଝର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ମୃତକ ପାଟଣା ମୁଖ୍ୟାଳୟ ଟାଇଁସିରା ଗ୍ରାମର ଦେବାନନ୍ଦ ପୃଷ୍ଟି (୬୯) ଏବଂ ଗୁରୁତର ଜଣଙ୍କ ଟାଙ୍ଗରପଡ଼ାର ଶଙ୍କର୍ଷଣ ସାହୁ ବୋଲି ଜଣାପଡ଼ିଛି। ଉଭୟ କାର ଯୋଗେ ତୁରୁମୁଙ୍ଗାରୁ ପାଟଣାକୁ ଫେରୁଥିବା ସମୟରେ ଏପରି ଅଘଟଣର ଶିକାର ହୋଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଗାଡ଼ି ଭିତରୁ ବାହାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ତେବେ ସେଠାରେ ଡାକ୍ତର ଦେବାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ।

## ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା,ମିଳିଲା ହାତଲେଖା ଡାଏରୀ



ବାରଙ୍ଗ,୧।୩(ସଂଚାର ବ୍ୟୁରୋ): ଟ୍ରେନ ଆଗକୁ ଡେଇଁ ଜନୈକ ଯୁବକ ଆତ୍ମହତ୍ୟା କରିଛନ୍ତି। ବାରଙ୍ଗ ଚଣ୍ଡୀପ୍ରସାଦ ନିକଟ ରେଳ ଧାରଣାରେ ଯୁବକଙ୍କ ମୃତଦେହ ମିଳିଛି। ଟ୍ରେନ ଲାଇନ କଡ଼ରେ ରହିଛି ଯୁବକଙ୍କ ସ୍କୁଟର। ସ୍କୁଟରରେ ଯୁବକଙ୍କ ଡାଏରୀରେ ଜୀବନ ହାରିବା ସମ୍ପର୍କିତ ହାତଲେଖା ନୋଟ ରହିଛି। ଯୁବକଙ୍କ ନାମ ଆଶିଷ କୁମାର ଜେନା। ଗତକାଲି ସନ୍ଧ୍ୟା ସମୟରେ ଆଶିଷ ସ୍କୁଟର ଯୋଗେ ରେଳଲାଇନ କଡ଼କୁ ଆସିଥିଲେ। ସ୍କୁଟର ଉପରେ ଗାଡ଼ିର ଚାବି ରଖି ସେ ଟ୍ରେନ ଆଗକୁ ଡେଇଁ ଜୀବନ ହାରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଏକ ପାସେଞ୍ଜର ଟ୍ରେନ ଅଟକି ରହିଥିଲା। ତେବେ ଆଶିଷ କେଉଁ ଅଞ୍ଚଳର ବାସିନ୍ଦା, ସେନେଇ କିଛି ବି ଜଣାପଡ଼ିନାହିଁ। ଜୀବନ ହାରିବା ସମ୍ପର୍କରେ ନିଜର ହାତଲେଖା ନୋଟ ମଧ୍ୟ ରହିଛି। ଖବର ପାଇ ବାରଙ୍ଗ ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପୁଲିସ୍ ଉକ୍ତ ଯୁବକଙ୍କ ମୋବାଇଲ ଫୋନ, ସ୍କୁଟର ସହ ଡାଏରୀ ମଧ୍ୟ ଜବତ କରିଛି। କଟକ ଜିଆରପି ଥାନାରେ ଏକ ମାମଲା ରୁଜୁ ହେବା ସହ ତଦନ୍ତ ଜାରି ରହିଛି।

## ସୁରେଶ ପନ୍ତ ନୂଆ ପିସିସିଏଫ୍



ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ): ସୁରେଶ ପନ୍ତ ନୂଆ ପିସିସିଏଫ ନିଯୁକ୍ତ ହୋଇଛନ୍ତି। ୧୯୯୦ ବ୍ୟାଚର ଆଇଏଫ୍ଏସ୍ ସୁରେଶ ପନ୍ତ। ଭାରତୀୟ ବନ ସେବା (ଆଇଏଫଏସ) ଅଧିକାରୀ ସୁରେଶ ପନ୍ତ ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ) ଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ହୋଲି ଭେଟି, ପାଚିକାଙ୍କୁ ମିଳିବ ଲକ୍ଷେ ଟଙ୍କା



ଭୁବନେଶ୍ୱର,୧।୩ (ସଂଚାର ବ୍ୟୁରୋ): ହୋଲି ପୂର୍ବରୁ ରାଜ୍ୟ ସରକାରଙ୍କ ବଡ଼ ଘୋଷଣା । ରାଜ୍ୟର ପାଚିକା ତଥା ସହାୟିକାଙ୍କ ମାସିକ ପାରିତୋଷିକକୁ ନେଇ ଏକ ବଡ଼ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ଅଧୀନସ୍ଥ କାର୍ଯ୍ୟରତ ପାଚିକା ତଥା ସହାୟିକାଙ୍କ ମାସିକ ପାରିତୋଷିକ ୨ ହଜାର ଟଙ୍କାରୁ ୩ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଆସନ୍ତା ଏପ୍ରିଲ ୧ ତାରିଖରୁ ଏହି ବର୍ଦ୍ଧିତ ପାରିତୋଷିକ ଲାଗୁ ହେବ। ଉକ୍ତ ଅନୁଦାନ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ପାଇଁ ଉଦ୍ଦିଷ୍ଟ ବଜେଟର ରାଜ୍ୟ ସମର୍ଥନରୁ ବହନ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ସଂଗ୍ରାମ ମହାପାତ୍ର ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣର ରାଜ୍ୟ ଭାରପ୍ରାପ୍ତ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ଏହା ଦ୍ୱାରା ରାଜ୍ୟରେ କାର୍ଯ୍ୟରତ ଥିବା ୧,୧୨,୦୯୦ ଜଣ ପାଚକ, ପାଚିକା ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୧୨ କୋଟି ୯ ଲକ୍ଷ ଟଙ୍କା ବ୍ୟୟ କରିବେ। ଏହି ପାଚକ, ପାଚିକାମାନେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ୫୦ ହଜାର ୬୧୮ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୨.୪୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ରନ୍ଧା ଖାଦ୍ୟ ପରିବେଷଣ କରୁଥିବା ନେଇ ସୂଚନା ରହିଛି। କାର୍ଯ୍ୟକାଳ ସମୟରେ ମୃତ୍ୟୁ ହେଲେ ପାଚିକାଙ୍କ ନିକଟ ସମ୍ପର୍କୀୟଙ୍କୁ ୧ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ମଧ୍ୟ ପ୍ରଦାନ କରାଯିବ।

## ରାସନ୍ କାର୍ଡ ପୋର୍ଟାଲ୍ ନେଇ ତୁତୁ ମେଁମେଁ

ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ): ଆଜିଠାରୁ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ରାସନ୍ କାର୍ଡ ପୋର୍ଟାଲ୍ ଖୋଲିଥିବା ବେଳେ ଏହା ମାଧ୍ୟମରେ ନୂଆ ଆବେଦନକାରୀମାନେ ଆବେଦନ କରିପାରିବେ ବୋଲି ବିଭାଗୀୟ ମନ୍ତ୍ରୀ କହିଥିଲେ। ତେବେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି ଓ ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ତୁତୁ ମେଁମେଁ ହୋଇଛି। ଏନେଇ ଶାସକ ଦଳ ପକ୍ଷରୁ ବିଧାୟକ ପୂର୍ଣ୍ଣ ସେଠୀ କହିଛନ୍ତି ଯେପୂର୍ବରୁ ରାସନ କାର୍ଡରେ ଅନେକ ଭୂତ ହିତାଧିକାରୀ ଥିଲେ ଅର୍ଥାତ୍ ଭୂତ ଖାଉଥିଲେ ରାସନ। କିନ୍ତୁ ବିଜେପି ସରକାର ଇ-କେୱାଇସି ପ୍ରକ୍ରିୟାରେ ସେମାନଙ୍କୁ ବାଦ୍ ଦେଇଛନ୍ତି ଏବଂ ଏଣିକି କେବଳ ଯୋଗ୍ୟ ହିତାଧିକାରୀଙ୍କୁ ରାସନ୍ କାର୍ଡର ସୁବିଧା ଯୋଗାଇଦିଆଯିବ। ତେବେ ଏନେଇ ବିଜେଡି ବିଧାୟକ ଧ୍ରୁବ ସାହୁ କହିଛନ୍ତି ଯେ ସମୟ କହିବ ଯୋଗ୍ୟ ହିତାଧିକାରୀ ନୂଆ କାର୍ଡ ପାଉଛନ୍ତି କି ନାହିଁ। ଏବେ କିନ୍ତୁ ସରକାରଙ୍କ ଇ-କେୱାଇସି ଅପଡେଟ୍‌ରେ ଯୋଗ୍ୟ ହିତାଧିକାରୀ ବି ବାଦ୍ ପଡିଛନ୍ତି। ସେମାନଙ୍କ ସମସ୍ୟାର ସମାଧାନ କରି ସରକାର ଯୋଗ୍ୟ ହିତାଧିକାରୀମାନଙ୍କୁ ସାମିଲ ଦିଗରେ ପଦକ୍ଷେପ ନେବା ଦରକାର। ରାଜ୍ୟ ସରକାର ନୂତନ ହିତାଧିକାରୀଙ୍କୁ ସାମିଲ୍ କରିବା ପରେ ତାଙ୍କ ଦାବି କେତେଦୂର ଯୁକ୍ତିଯୁକ୍ତ ତା' ଜଣାପଡ଼ିବ ବୋଲି ଶ୍ରୀ ସାହୁ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ ଯୋଗ୍ୟ ହିତାଧିକାରୀଙ୍କୁ ରାସନ୍ କାର୍ଡ ମିଳିବା ତାଙ୍କ ଦଳର ପ୍ରମୁଖ ଦାବି। କିନ୍ତୁ ଭୂତ ନାଁରେ ସରକାର ଅନେକ ଯୋଗ୍ୟ ଲୋକଙ୍କ କାର୍ଡ ବି କାଟିଦେଇଛନ୍ତି। ତେଣୁ ସରକାର ଭୂତ ହିତାଧିକାରୀଙ୍କ ତାଲିକା ପ୍ରକାଶ କରିବାର ଦରକାର। ଏହି ତାଲିକା ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଯିବା ଦ୍ୱାରା ସରକାରଙ୍କ ଦାବିର ଦମ୍ ଜଣାପଡ଼ିବ। ତା'ଛଡ଼ା ଯେଉଁମାନେ ବାଦ୍ ପଡ଼ିଛନ୍ତି, ସେମାନେ ବି କାରଣ ନେଇ ସ୍ପଷ୍ଟ ହେବା ଦରକାର ବୋଲି ଶ୍ରୀ ଦାସ କହିଛନ୍ତି।

## ଦୀପାଳି ଓ ବିଶାଳଙ୍କୁ କ୍ରାଇମବ୍ରାଞ୍ଚ ନୋଟିସ



ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ): ପୁଣି ଖୋଲିଲା ପୂର୍ବତନ ମନ୍ତ୍ରୀ ତଥା ପଶ୍ଚିମ ଓଡ଼ିଶାର ଜଣାଶୁଣା ରାଜନେତା ନବ କିଶୋର ଦାସଙ୍କ ହତ୍ୟା ମାମଲା ଡାଏରୀ । ନବ ଦାସଙ୍କ ଝିଅ ଦୀପାଳି ଦାସ୍ ଓ ପୁଅ ବିଶାଳ ଦାସଙ୍କୁ ନୋଟିସ୍

**ନବ ଦାସ ହତ୍ୟା ମାମଲା**

ଜାରି କରିଛି କ୍ରାଇମବ୍ରାଞ୍ଚ। ଚଳିତ ସପ୍ତାହରେ କୌଣସି ଦିନ ହାଜର ହେବାକୁ ନୋଟିସ୍ କରାଯାଇଛି। କ୍ରାଇମବ୍ରାଞ୍ଚ ତଦନ୍ତକୁ ନେଇ କିଛି ଆପତ୍ତି ଥିଲେ ଉଭୟ ଜଣାଇପାରିବେ। ଉଭୟଙ୍କ ବୟାନ ମାମଲାକୁ ଦେଇପାରେ ନୂଆମୋଡ଼। ଏବେ ବି ନବ ଦାସ ହତ୍ୟା ମାମଲାର ତଦନ୍ତ ଓପନ୍ ଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର । ପୂର୍ବରୁ ସିବିଆଇ ତଦନ୍ତ ପାଇଁ ରାଜ୍ୟ ସରକାରଙ୍କୁ କହିଥିଲେ ଦୀପାଳି । ପରିବାର ସହ ଆଲୋଚନା କରି ଏଥିପାଇଁ ଲିଖିତ ଭାବେ ଦେବାକୁ ବି ଦୀପାଳି କହିଥିଲେ ।

# ମଶା ତେଲ ପାଇଁ ବିଏମସିର ଖର୍ଚ୍ଚ କୋଟିଏରୁ ଅଧିକ

ଭୁବନେଶ୍ୱର,୧।୩: ରାଜଧାନୀରେ ମଶା ନିପାତ ପାଇଁ ଗୋଟିଏ ବର୍ଷରେ ୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ମଶାତେଲ ପକାଯାଇ ସାରିଲାଣି । ଏହା ପରେ ବି ମଶା କାମୁଡାରେ ଲୋକେ କଳବଳ ହେବାରେ ଲାଗିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ କେବଳ ମଶାତେଲ ବାବଦରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ୨୦୨୪ ବର୍ଷରେ ୧.୧୬,୮୮,୧୨୬ ଟଙ୍କା ଖର୍ଚ୍ଚ କରିଛି । ଏହା ସମଗ୍ର ରାଜ୍ୟରେ ଥିବା ପୌରାଞ୍ଚଳ ମଧ୍ୟରେ ସର୍ବାଧିକ। ମଶା ନିୟନ୍ତ୍ରଣ ପାଇଁ ବିଏମ୍‌ସି କୋଟିଏ ରୁ ଅଧିକ ଟଙ୍କାର ମଶାତେଲ ସିଞ୍ଚନ ଓ ବିଶୋଧନ ପାଇଁ ବ୍ୟବହାର କରିଥିବାବେଳେ ରାଜଧାନୀବାସୀ କିନ୍ତୁ ମଶା କାମୁଡାରେ କଳବଳ ହେଉଛନ୍ତି।

ସହରରେ ଏବେ ବିଭିନ୍ନ ସ୍ଥାନରେ ମଶାଙ୍କ ସାନ୍ଦ୍ରତା ଢେର ଅଧିକ ରହୁଛି । ଗ୍ରୀଷ୍ମ ଲହରୀ ଆରମ୍ଭ ହୋଇଥିଲେ ମଧ୍ୟ ସଂଧ୍ୟା ସମୟରେ ଖୋଲା ସ୍ଥାନରେ ଛିଡାହେବା କଷ୍ଟକର ହୋଇପଡୁଛି । ସେହିଭଳି ଛାତ୍ରଛାତ୍ରୀମାନେ ବିନା ମଶାବତୀ କିମ୍ବା ମଶା ମରା ର୍‌ୟାକେଟ ନଧରିଲେ ପାଠପଢ଼ିପାରୁ ନାହାନ୍ତି । ଏଥିଯୋଗୁଁ ରାଜଧାନୀରେ ଏବେ ମଶା ନିୟନ୍ତ୍ରଣ ସାମଗ୍ରୀର ବିକ୍ରି ବଢ଼ି ଯାଉଛି।

ତେବେ ବିଏମ୍‌ସିର ୬୭ଟି ୱାର୍ଡରେ ମଶାତେଲ ସିଞ୍ଚନ ପାଇଁ ପର୍ଯ୍ୟାପ୍ତ ମାନବ ସମ୍ବଳ ନଥିବା ଓ ମଶାଧୁଆଁ ଛାଡିବାପାଇଁ ଆବଶ୍ୟକ ଯନ୍ତ୍ରପାତି ନଥିବାବେଳେ କୋଟିଏ ଟଙ୍କାରୁ ଅଧିକ ମୂଲ୍ୟର ମଶାତେଲ ବର୍ଷକ ମଧ୍ୟରେ କିଭଳି କେଉଁଠାରେ ବ୍ୟବହାର ହେଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବାରେ ଲାଗିଛି । କାରଣ ସହରରେ କାଁ ଭାଁ ମଶାତେଲ ସିଞ୍ଚନକାରୀଙ୍କୁ ଦେଖିବାକୁ ମିଳୁଥିବାବେଳେ କେବଳ ଭିଆଇପି ଓ ଭିଭିଆଇପି ଅଞ୍ଚଳରେ ମଶାଧୁଆଁ ଗାଡି ବାରମ୍ବାର ପଇଁତରା ମାରୁଥିବା ଦେଖାଯାଏ । ଅନ୍ୟ ସ୍ଥାନରେ ଯଦି ଲୋକେ ଅଭିଯୋଗ କଲେ କିମ୍ବା ଗଣମାଧ୍ୟମରେ ଖବର ପ୍ରକାଶ ପାଏ ତେବେ ମଶାତେଲ ସିଞ୍ଚନକାରୀମାନେ ସେଠାରେ ଯାଇ ମଶା ଲାର୍ଭାମରା ତେଲ ପକାଇଥାନ୍ତି।

ତେବେ ବିଏମ୍‌ସି ଗୋଟିଏ ବର୍ଷରେ କୋଟିଏରୁ ଅଧିକ ଟଙ୍କାର ମଶାତେଲ ଖର୍ଚ୍ଚ କରିଥିବାବେଳେ କଟକ ମହାନଗର ନିଗମରେ ଏହି ପରିମାଣ ୨୭ ଲକ୍ଷ ୮୪ ହଜାର ଟଙ୍କା ରହିଛି । ବଡବିଲ ମ୍ୟୁନିସିପାଲିଟିରେ ମଶାତେଲ ବାବଦରେ ୪୭ଲକ୍ଷ ୪୩ ହଜାର ଟଙ୍କା ବ୍ୟୟ ହୋଇଥିବା ଯୋଡା ମ୍ୟୁନିସିପାଲଟିରେ ୨୫ ଲକ୍ଷ ୪୩ ହଜାର, ଜଟଣୀ ମ୍ୟୁନିସିପାଲଟିରେ ୨୪ ଲକ୍ଷ ୭୦ହଜାର, ଜୟପୁର ମ୍ୟୁନିସିପାଲିଟିରେ ୧୨ଲକ୍ଷ ୪୦ହଜାର, ରାୟଗଡା ମ୍ୟୁନିସିପାଲିଟିରେ ୬୭ଲକ୍ଷ ୪୪ହଜାର, ପୁରୀ ମ୍ୟୁନିସିପାଲିଟିରେ ୩୧ଲକ୍ଷ ୫୬ହଜାର, ଭଦ୍ରକ ମ୍ୟୁନିସିପାଲଟିରେ ୨୨ଲକ୍ଷ ୯୮ହଜାର ଟଙ୍କା ମଶାତେଲ ବାବଦରେ ବ୍ୟୟ ହୋଇଛି। ମଶା ବଂଶ ନିପାତ ପାଇଁ ସରକାର ମଶାତେଲ ବାବଦରେ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଭୁବନେଶ୍ୱର ଭଳି ବହୁ ସ୍ଥାନରୁ ଲୋକେ ମଶା କାମୁଡାରେ କଳବଳ ହେଉଥିବାର ଖବର ବାରମ୍ବାର ପ୍ରକାଶିତ ହେଉଛି । ତେବେ ମଶାତେଲ କିଣାରେ ହେରଫେର ଯୋଗୁଁ ନିକଟରେ ଝାରସୁଗୁଡା ମ୍ୟୁନିସିପାଲିଟିରେ କେତେ ଅଧିକାରୀ ଜେଲ୍ ଯାଇଥିଲେ । ସେଠାରେ ମଶାତେଲ ବାବଦରେ ୧୪ଲକ୍ଷ ୭୨ହଜାର ଟଙ୍କା ବ୍ୟୟ ହୋଇଥିବାବେଳେ ଅଧିକାରୀମାନେ ମଶାତେଲ ଦରକୁ ବହୁଗୁଣିତ କରି ବ୍ୟାପକ ହେରଫେର କରିଥିବା ସରକାରଙ୍କ ନଜରକୁ ଆସିଥିଲା। (ତଥ୍ୟ)

## ପୁରୀରେ ଧାରା-୩୦

## ବିନା ଅନୁମତିରେ ମାଇକ ବଜାଇବା ମନା

ପୁରୀ,୧।୩ (ସଂଚାର ବ୍ୟୁରୋ): ପୋଲିସ ଆଇନର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି। ପୁରୀରେ ପୋଲିସ ଆଇନ ୩୦ ଧାରା ୯୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହା ଫେବୃଆରୀ ୨୬ ତାରିଖରୁ ମେ ମାସ ୨୬ ତାରିଖ ୯୦ ଦିନ ପର୍ଯ୍ୟନ୍ତ ଲାଗୁ କରାଯାଇଛି। ଏହି ସମୟରେ ପୁରୀରେ ସଭା, ଶୋଭାଯାତ୍ରା, ମାଇକ ବଜାଇବା ଉପରେ କଟକଣା ଲଗାଯାଇଛି। ପୋଲିସ ଆଇନର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି ।ଜିଲ୍ଲାର ସମସ୍ତ ପୋଲିସ ଷ୍ଟେସନ ଅଞ୍ଚଳ, ପୁରୀ ମ୍ୟୁନିସିପାଲିଟି, ପିପିଲି, କୋଣାର୍କ ଓ ନିମାପଡା ଏନଏସି ଅଞ୍ଚଳରେ ଏହି ଧାରା ୯୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା ବାହାରି ପାରିବନି। ସେହିପରି ମାଇକ ବ୍ୟବହାରକୁ ମଧ୍ୟ ବେଆଇନ ଘୋଷଣା କରାଯାଇଛି ବୋଲି ପୁରୀ ଏସପି ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ଦୁଇ ଆଇଏଏସ୍‌ଙ୍କୁ ନୂଆ ଦାୟିତ୍ୱ



ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ): ଦୁଇ ଜଣ ଆଇଏଏସ୍ ଅଧିକାରୀଙ୍କୁ ନୂଆ ଦାୟିତ୍ୱ ମିଳିଛି। ସେମାନେ ହେଲେ ମାନସୀ ନିମ୍ଭାଲ ଓ ସମର୍ଥ ବର୍ମା। ଗୋଟିଏ ପଟେ ମାନସୀଙ୍କୁ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶିକା ଦାୟିତ୍ୱ ମିଳିଥିବା ବେଳେ ସମର୍ଥଙ୍କୁ ବୈଷୟିକ ଶିକ୍ଷା ଓ ତାଲିମ୍ ବିଭାଗର ନିର୍ଦ୍ଦେଶକ ଦାୟିତ୍ୱ ପ୍ରଦାନ କରାଯାଇଛି। ଷ୍ଟଡି ଲିଭରୁ ଫେରିବା ପରେ ମାନସୀଙ୍କୁ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶିକା ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ଏଥିସହ ସେ ଓଡ଼ିଶା ପର୍ଯ୍ୟଟନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି। ଅନ୍ୟ ପକ୍ଷରେ ପୂର୍ବରୁ ପର୍ଯ୍ୟଟନ ବିଭାଗ ଓଟିଡିସି ଦାୟିତ୍ୱରେ ଥିବା ସମର୍ଥଙ୍କୁ ଏଥିରୁ ଅବ୍ୟାହତି ଦିଆଯାଇଛି। ଏବେ ସେ ବୈଷୟିକ ଶିକ୍ଷା ଓ ତାଲିମ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ତା'ଛଡ଼ା ତାଙ୍କୁ ଅତିରିକ୍ତ ଭାବେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସରକାରୀ ଭାବେ କୁହାଯାଇଛି।

## ବିଶ୍ୱର ସବୁଠାରୁ ବଡ଼ ଦହିବରା, ଓଜନ ଅଧକ୍ୱିଣ୍ଟାଲ୍



ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ତିଆରି ହେଲା ବିଶ୍ୱର ସବୁଠାରୁ ବଡ଼ ଦହିବରା। ଦହିବରା ଏକ୍ସପ୍ରେସ ପକ୍ଷରୁ ଏହାକୁ ତିଆରି କରାଯାଇଛି। ୪୦ ଲିଟର ତେଲରେ ଏହି ବରାକୁ ଛଣାଯାଇଛି। ଉକ୍ତ ବରାର ଓଜନ ଅଧକ୍ୱିଣ୍ଟାଲ୍ ଅର୍ଥାତ୍ ୫୦ କିଲୋଗ୍ରାମ ରହିଛି। ସ୍ଥାନୀୟ ଭିଏସ୍‌ଏସ୍ ନଗରସ୍ଥିତ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ ଗ୍ରାଣ୍ଡ କିଚେନରେ ଏହାକୁ ତିଆରି କରାଯାଇଛି। ଜଣେ ମୁଖ୍ୟ ସେଫ୍‌ଙ୍କ ସହ ୧୦ ଜଣ ମିଶି ଏହାକୁ ତିଆରି କରିଛନ୍ତି। ଦହିବରା ଏକ୍ସପ୍ରେସ୍‌ର ପ୍ରତିଷ୍ଠାତା ତଥା ସିଇଓ ସୌରଭ ଖାଣ୍ଡେଲୱାଲ ୫୦ କିଲୋ ଓଜନର ବରା ବନାଇଛନ୍ତି। ଏହି ବରାକୁ ଇଣ୍ଟରନ୍ୟାସନାଲ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ଦିଆଯିବ ବୋଲି ସେ କହିଛନ୍ତି। ପାରମ୍ପରିକ ରୋଷେଇ କଳାକୁ ବଞ୍ଚେଇ ରଖିବା ପାଇଁ ଏଭଳି ବରା ପ୍ରସ୍ତୁତ କରାଯାଇଛି ବୋଲି ସିଇଓ କହିଛନ୍ତି। ବରା ପାଇଁ କେବଳ ବିରି ଓ ଚାଉଳ ବ୍ୟବହାର କରାଯାଇଥିବା ଜଣାପଡ଼ିଛି।

**ଅଗ୍ନିକାଣ୍ଡ ସମ୍ପର୍କରେ ତ୍ୱରିତ ସୂଚନା ଦେବ ଏଆଇ କ୍ୟାମେରା**

# ନିମିଷକେ ଲିଭିବ ଶିମିଳିପାଳ ନିଆଁ



ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ): ଶିକାରୀମାନେ ସାବଧାନ ହୋଇଯାଆନ୍ତୁ। କାରଣ ଏଣିକି ଜଙ୍ଗଲରେ ନିଆଁ ଲଗାଇ ଶିକାର କରିବାକୁ ଚାହୁଁଥିଲେ, ସେମାନଙ୍କୁ ତୁରନ୍ତ ମାଡ଼ିବସିବ ବନ ବିଭାଗ। ରାଜ୍ୟରେ ଜଙ୍ଗଲ ନିଆଁ ଉପରେ ନଜର ରଖିଛି ଅତ୍ୟାଧୁନିକ ଏଆଇ କ୍ୟାମେରା। ନିଆଁ ଲାଗିବା ମାତ୍ରେ ୩ରୁ ୫ ମିନିଟ ମଧ୍ୟରେ ଖବର ବନ ବିଭାଗ ନିକଟରେ ଖବର ପହଞ୍ଚିଯିବ। ଖବର ପାଇବା ମାତ୍ରେ ତତ୍କାଳ ଜଙ୍ଗଲ ନିଆଁକୁ ଆୟତ୍ତ କରାଯାଇପାରିବ। ଅତ୍ୟାଧୁନିକ ଏଆଇ କ୍ୟାମେରା ୨୦ କିଲୋମିଟର ଜଙ୍ଗଲ ନିଆଁ ସମ୍ପର୍କରେ ସଠିକ ତଥ୍ୟ ଦେଇପାରିବ। ଶିମିଳିପାଳ ଜଙ୍ଗଲରେ ୫ଟି ଅତ୍ୟାଧୁନିକ ଏଆଇ କ୍ୟାମେରା ଖଞ୍ଜାଯାଇଥିବା ବେଳେ ସାତକୋଶିଆ, ଅନୁଗୁଳ, ଢେଙ୍କାନାଳ ଜଙ୍ଗଲରେ ଆଉ ୬ଟି କ୍ୟାମେରା ଲଗାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।

ପୂର୍ବରୁ ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ (ଏଫ୍‌ଏସ୍‌ଆଇ) ଏସ୍‌ଏନ୍‌ପିସି ଓ ମୁଡିସ ଭଳି ଦୁଇଟି ସାଟେଲାଇଟ୍ ମାଧ୍ୟମରେ ଦିନକୁ ୪ ଥର ଜଙ୍ଗଲ ନିଆଁ ସମ୍ପର୍କରେ ଖବର ପଠାଉଥିଲା। ନିଆଁ ଲାଗିବାର ୩ରୁ ୬ ଘଣ୍ଟା ମଧ୍ୟରେ ଖବର ମିଳୁଥିଲା। କିନ୍ତୁ ଅତ୍ୟାଧୁନିକ ଏଆଇ କ୍ୟାମେରାକୁ ଏହା ଠାବ କରିବା ସହ ସୂଚନା ହସ୍ତାନ୍ତର କରିବା ସକାଶେ ମାତ୍ର ୫ ମିନିଟ ସମୟ ଲାଗିବ। ଏଆଇ କ୍ୟାମେରା ପ୍ରାକୃତିକ ନିଆଁ ଓ କୃତ୍ରିମ ଲାଇଟ ମଧ୍ୟରେ ଥିବା ପ୍ରଭେଦକୁ ଜାଣିପାରୁଥିବାରୁ ନିଆଁ ସମ୍ପର୍କିତ ବାସ୍ତବ ତଥ୍ୟ ବନ ବିଭାଗ ପାଇପାରିବ। ପର୍ଯ୍ୟାୟ କ୍ରମେ ରାଜ୍ୟର ଅନ୍ୟ ଜଙ୍ଗଲରେ ମଧ୍ୟ ଏହିଭଳି କ୍ୟାମେରା ଲଗାଯିବାର ଯୋଜନା ରହିଛି। ଏବେ ରାଜ୍ୟର ଜଙ୍ଗଲରେ ନିଆଁ ଅଳ୍ପ ଲାଗିବା ଆରମ୍ଭ ହୋଇଛି। ମାର୍ଚ୍ଚ ଓ ଏପ୍ରିଲରେ ଏହା ଅଧିକ ତ୍ୱରାନ୍ୱିତ ହେବାର ଆଶଙ୍କା ରହିଛି। ମାର୍ଚ୍ଚ ଆରମ୍ଭ ହେଲାଣି। ଏପଟେ ଜଙ୍ଗଲରେ ନିଆଁ ଲାଗିବା ମଧ୍ୟ ଆରମ୍ଭ ହୋଇଗଲାଣି। ଜଙ୍ଗଲ ନିଆଁ ଘଟଣାରେ ଭାରତ ବର୍ଷରେ ସବୁଠୁ ଉପରେ ରହିଥିଲା ଓଡ଼ିଶା। ହେଲେ ଜଙ୍ଗଲ ନିଆଁକୁ କିଭଳି ଆୟତ୍ତ କରାଯିବ, ସେନେଇ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଛି। ବିଶେଷ ଭାବେ ଜଙ୍ଗଲ ମଧ୍ୟରେ ଲାଗୁଥିବା ନିଆଁକୁ କିଭଳି ଶୀଘ୍ର ଠାବ କରାଯିବ, ସେଥିସକାଶେ ଏଆଇ କ୍ୟାମେରାର ଉପଯୋଗ କରାଯାଉଛି।

ଗତ ୨୦୨୨ରେ ଜଙ୍ଗଲ ମଧ୍ୟରେ ୨୧ ହଜାର ୯୯୬ ସ୍ଥାନରେ ନିଆଁ ଲାଗିଥିବା ବେଳେ ଜଙ୍ଗଲ ବାହାରେ ୬,୪୫୯ ସ୍ଥାନରେ ନିଆଁ ଲାଗିଥିବା ତଥ୍ୟ ମିଳିଛି। ଏଥିସହ ୨୮ ହଜାର ୭୫୫ଟି ସ୍ଥାନରେ ନିଆଁ ଲାଗିଥିବା ଚିହ୍ନଟ କରାଯାଇଥିବା ବେଳେ ୨୬ ହଜାର ୩୪୮

**ନଜର ରଖିଛି ୫ ଏଆଇ କ୍ୟାମେରା**

ସ୍ଥାନରେ ନିଆଁକୁ ଆୟତ୍ତ କରାଯାଇଥିଲା ବୋଲି ଏଫ୍‌ଏସ୍‌ଆଇ ପକ୍ଷରୁ ଦିଆଯାଇଥିବା ସୂଚନାରୁ ଜଣାପଡ଼ିଛି। ଏହି ସୂଚନା ଅନୁସାରେ, ନିଆଁ ଲାଗିବା ଯୋଗୁଁ ୮୪୧୪.୫୫ ହେକ୍ଟର ଅଞ୍ଚଳ ପ୍ରଭାବିତ ହୋଇଛି। ସେହିପରି ୨୦୨୩ ମସିହାରେ ଜଙ୍ଗଲ ମଧ୍ୟରେ ୨୯,୨୦୫ ସ୍ଥାନରେ ନିଆଁ ଲାଗିଥିବା ବେଳେ ଜଙ୍ଗଲ ବାହାରେ ୭,୫୦୮ ସ୍ଥାନରେ ନିଆଁ ଲାଗିଥିଲା ତଥ୍ୟ ଦିଆଯାଇଛି । ଏହା ସହ ୩୬,୭୧୩ ଟି ସ୍ଥାନରେ ନିଆଁ ଲାଗିଥିବା ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ୩୬,୩୨୧ ସ୍ଥାନରେ ନିଆଁକୁ ଆୟତ୍ତ କରାଯାଇଥିଲା । ୨୦୨୩ରେ ନିଆଁକୁ ଆୟତ୍ତ କରିବା ୯୮.୯୩ ପ୍ରତିଶତ ରହିଥିବାବେଳେ ୯୫୫୦.୮୬ ହେକ୍ଟର ଅଞ୍ଚଳ ପ୍ରଭାବିତ ହୋଇଛି । ୨୦୨୪ ମସିହାରେ ଜଙ୍ଗଲ ମଧ୍ୟରେ ୧୭,୦୧୪ ସ୍ଥାନରେ ନିଆଁ ଲାଗିଥିବା ବେଳେ ଜଙ୍ଗଲ ବାହାରେ ୫୮୫୪ ସ୍ଥାନରେ ନିଆଁ ଲାଗିଥିବା ତଥ୍ୟ ଦିଆଯାଇଛି । ୨୨,୮୬୮ ସ୍ଥାନରେ ନିଆଁ ଲାଗିଥିବା ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୨୨,୮୩୭ ସ୍ଥାନରେ ନିଆଁକୁ ଆୟତ୍ତ କରାଯାଇଥିଲା । ନିଆଁକୁ ଆୟତ୍ତ କରିବା ୯୯. ୮୬ ପ୍ରତିଶତ ରହିଥିବାବେଳେ ୪୦୬୭.୦୫ ହେକ୍ଟର ଅଞ୍ଚଳ ପ୍ରଭାବିତ ହୋଇଛି। ଚଳିତ ବର୍ଷ ଗତ ୨୬ ତାରିଖ ସୁଦ୍ଧା ଜଙ୍ଗଲ ମଧ୍ୟରେ ୧୪୩୬ ସ୍ଥାନରେ ନିଆଁ ଲାଗିଥିବା ବେଳେ ଜଙ୍ଗଲ ବାହାରେ ୧୩୭୭ ସ୍ଥାନରେ ନିଆଁ ଲାଗିଛି। ୨୮୧୩ ସ୍ଥାନରେ ନିଆଁର ସନ୍ଧାନ ମିଳିଥିବାବେଳେ ୨୮୦୨ ସ୍ଥାନରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏଥିଯୋଗୁଁ ୯୦୮.୬୬ ହେକ୍ଟର ଅଞ୍ଚଳ ପ୍ରଭାବିତ ହୋଇଛି । ଫେବୃଆରୀ ୨୮ ତାରିଖରେ ସାରା ଓଡ଼ିଶା ଜଙ୍ଗଲରେ ୧୭୪ ପଏଣ୍ଟରେ ନିଆଁ ଲାଗିଥିବା ବେଳେ ୧୨୭ ପଏଣ୍ଟରେ ଏହାକୁ ଆୟତ୍ତ କରାଯାଇଛି। ଏହାଛଡ଼ା ୪୭ଟି ପଏଣ୍ଟରେ ନିଆଁକୁ ଆୟତ୍ତ କରାଯାଇପାରିନାହିଁ ବୋଲି ଏଫ୍‌ଏସ୍‌ଆଇ ତଥ୍ୟରୁ ଜଣାପଡ଼ିଛି।

## ଦୁର୍ବଳ ହେଉଛି ଲାଲ୍ ସଙ୍ଗଠନ

## ୨ ନକ୍ସଲ ନିହତ, ବନ୍ଧୁକ ଛାଡ଼ିଲେ ୭

ଛତିଶଗଡ଼,୧।୩: କେନ୍ଦ୍ର ସରକାରଙ୍କ ଠୋସ୍ ପଦକ୍ଷେପ ଓ ସୁରକ୍ଷାକର୍ମୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ କ୍ରମାଗତ ଭାବେ ନକ୍ସଲ ସଙ୍ଗଠନ ଦୁର୍ବଳ ହେଉଛି। ଆସନ୍ତା ବର୍ଷ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରିବା ସକାଶେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ ଟାର୍ଗେଟ୍ ଦେଇଛନ୍ତି। ଏହାଛଡ଼ା ବିଭିନ୍ନ ସ୍ଥାନରେ ନକ୍ସଲମାନେ ସେମାନଙ୍କ ଜୀବନ ପ୍ରତି ରହିଥିବା ବିପଦକୁ ଏଡ଼ାଇବା ସକାଶେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେଉଛନ୍ତି। ଏହି କ୍ରମରେ ଓଡ଼ିଶା ଓ ଛତିଶଗଡ଼ ସୀମାରେ ଗତ ମାସକ ମଧ୍ୟରେ ବ୍ୟାପକ ମାତ୍ରାରେ ନକ୍ସଲଙ୍କ ଏନ୍‌କାଉଣ୍ଟର୍ କରାଯାଇଛି। ଏହି କ୍ରମରେ ଆଜି ଛତିଶଗଡ଼ ସୁକମାରେ ଏକ ଏନକାଉଣ୍ଟର ହୋଇଛି, ଯେଉଁଥିରେ ୨ ଜଣ ନକ୍ସଲ ନିହତ ହୋଇଛନ୍ତି। ସୁରକ୍ଷା ବାହିନୀ ଓ ନକ୍ସଲଙ୍କ ମଧ୍ୟରେ ଗୁଳି ବିନିମୟ। ଗୁଳି ବିନିମୟରେ ୨ ନକ୍ସଲ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ଜବତ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି। ଘଟଣାସ୍ଥଳରେ ଆହୁରି ନକ୍ସଲ୍ ଥିବା ସନ୍ଦେହରେ ତଲାସୀ ଅଭିଯାନକୁ ବ୍ୟାପକ କରାଯାଇଛି। ମିଳିଥିବା ସୂଚନାନୁସାରେ, ସୁକମା ଜିଲ୍ଲା କିସ୍ତାରାମ ଜଙ୍ଗଲରେ ନକ୍ସଲମାନେ ସକ୍ରିୟ ଥିବା ନେଇ ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା। ଏହାପରେ ଡିଆରଜି ଓ କୋବ୍ରାର ଏକ ମିଳିତ ଟିମ୍ ପକ୍ଷରୁ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ସମୟରେ ନକ୍ସଲମାନେ ସୁରକ୍ଷା ବାହିନୀ ଉପରକୁ ଗୁଳି ଚଳାଇଥିଲେ। ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ଏଥିରେ ୨ ଜଣ ନକ୍ସଲ ନିହତ ହୋଇଥିଲେ। ସେମାନଙ୍କର ଶବ ଜବତ ହୋଇଥିବା ବେଳେ ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଅନ୍ୟପକ୍ଷରେ ଆଜି ଛତିଶଗଡ଼ର ସୁକୁମା ଜିଲ୍ଲା ଏସପି କିରଣ ଚୌହାନ ଓ ସିଆରପିଏଫ କମାଣ୍ଡାଣ୍ଟଙ୍କ ନିକଟରେ ୭ ଜଣ ହାର୍ଡକୋର୍ ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ଏମାନେ ହିଂସାର ରାସ୍ତା ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ଧରାଇଦେବା ସକାଶେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ୩୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଏମାନେ ପୁଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ସୁକ୍‌ମା ଏସପି ସେମାନଙ୍କୁ ୨୫ ହଜାର ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଏଥିସହ ଏମାନଙ୍କ ନାମରେ ପୂର୍ବରୁ ରହିଥିବା ସମସ୍ତ ମାମଲା ପ୍ରତ୍ୟାହାର କରିଛନ୍ତି। ସରକାରୀ ନିୟମାନୁଯାୟୀ ସେମାନଙ୍କୁ ଥଇଥାନ କରାଯିବ ବୋଲି ସୁକ୍‌ମା ଏସପି କହିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପୂର୍ଣ୍ଣଭକ୍ତି-ନିଜକୁ ଶୂନ୍ୟ କରିଦେଇ ମୋତେ ଏପରି ଭକ୍ତି କର ଯେ ଦେଖିବ ଦିନେ ମୁଁ ମୋର ସର୍ବସ୍ୱ ତୁମକୁ ସମର୍ପି ଦେଇ ମୁଁ ନିଜକୁ ଶୂନ୍ୟ ହୋଇ ତୁମର ଦାସ ବନି ଭିକ୍ଷାପାତ୍ର ଧରି ଠିଆ ହୋଇଛି ତୁମ ଦାଣ୍ଡଦୁଆରେ, ତୁମ ଦରଶନ କରି ନିଜକୁ ଧନ୍ୟ ମଣି ପୁଣ୍ୟ ସଂଚିବା ପାଇଁ।

SANCHAR
ସଂଚାର

୪ ରବିବାର ୨ ମାର୍ଚ୍ଚ ୨୦୨୫, ଭୁବନେଶ୍ୱର
Sunday 2 March 2025 Bhubaneswar

# ବେଙ୍ଗଲ-ବିହାର ଦଖଲ ଯୋଜନା

ଦିଲ୍ଲୀ ପରେ ଏବେ ସମସ୍ତଙ୍କ ନ୍‌ଜର ବିହାର ଉପରେ। ଆସନ୍ତା ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଅଛି। ଏହାର ଯଥେଷ୍ଟ ପୂର୍ବରୁ ମଧ ନିର୍ବାଚନ ହୋଇପାରେ। ଏବେ ବିହାରରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ସବୁ ରାଜନୈତିକ ଦଳ ବା ମେଣ୍ଟ ପକ୍ଷରୁ ପ୍ରସ୍ତୁତି ଏବଂ ରଣନୀତି ନିର୍ଦ୍ଧାରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ କିଷାନ ଯୋଜନାର ୧୯ତମ କିସ୍ତି ବଣ୍ଟନର ଶୁଭାରମ୍ଭ ପାଇଁ ବିହାରର ଭାଗଲପୁର ଯାଇ ସେଠାରେ ଆୟୋଜିତ ଏକ ଜନସଭାରେ ଉଦବୋଧନ ଦେଇ ନିର୍ବାଚନ ପ୍ରଚାର ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଜନସଭାରେ ମୋଦିଜୀ ରାଜ୍ୟରେ ମୁଖ୍ୟ ବିରୋଧୀ ଆରଜେଡିକୁ ଟାର୍ଗେଟ କରିଛନ୍ତି। ମୋଦିଜୀ କହିଛନ୍ତି ଯେ, ଯେଉଁମାନେ ଜଙ୍ଗଲ ରାଜ ଉପରେ ବିଶ୍ୱାସ କରନ୍ତି ସେମାନେ ଦେଶର ଧାର୍ମିକ ପରମ୍ପରା, ସଂସ୍କୃତି ଏବଂ ଐତିହ୍ୟ ଉପରେ ବିଶ୍ୱାସ କରନ୍ତି ନାହିଁ। ପ୍ରୟାଗରାଜ ମହାକୁମ୍ଭକୁ ଲାଲୁ ଯାଦବଙ୍କ ସମାଲୋଚନା ପରିପ୍ରେକ୍ଷୀରେ ସେ ଏହା କହିଛନ୍ତି। ସେହିପରି ମୋଦିଜୀ କହିଛନ୍ତି ଯେ, ଯେଉଁମାନେ ଗୋ ଖାଦ୍ୟ ଚୋରୀ କରି ଖାଇ ଯାଉଛନ୍ତି, ସେମାନେ କୃଷକଙ୍କ କଲ୍ୟାଣ କଥା ଚିନ୍ତା କରିବା ଅସମ୍ଭବ। ମୋଦିଙ୍କ ଉଭୟ ମନ୍ତବ୍ୟ ଲାଲୁଙ୍କ ପାଇଁ ଉଦ୍ଦିଷ୍ଟ। କହିବା ବାହୁଲ୍ୟ ଯେ, ବିହାରରେ ଏନଡିଏର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ହେଲା ଲାଲୁ ପ୍ରସାଦ ଯାଦବଙ୍କ ନେତୃତ୍ୱାଧିନ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)। ଆରଜେଡି ସହ କଂଗ୍ରେସ ଏବଂ ବାମପନ୍ଥୀ ଦଳମାନେ ହାତ ମିଳାଇ ଇଣ୍ଡିଆ ବ୍ଲକ ଗଠନ କରିଛନ୍ତି। ଆଗାମୀ ନିର୍ବାଚନରେ ବିହାରରେ ଏନଡିଏ ବନାମ ଇଣଡ଼ିଆ ବ୍ଲକ ମଧରେ ଯୋରଦାର ମୁକାବିଲା ହେବ। ଗତ ବର୍ଷ ଲୋକସଭା ନିର୍ବାଚନରେ ଦିଲ୍ଲୀ ସମେତ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇଛି। ସେଥିରୁ ୩ଟି ରାଜ୍ୟରେ ବିଜେପି ବା ଏନଡିଏ ବିଜୟୀ ହୋଇଛି। ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ଜେଏମଏମ ବିଜୟୀ ହୋଇଥିବା ବେଳେ ଜାମ୍ମୁ-କାଶ୍ମୀରରେ ନ୍ୟାସନାଲ କନଫରେନ୍ସ ବିଜୟୀ ହୋଇଛି। ଜାମ୍ମୁ-କାଶ୍ମୀରରେ ବିଜେପିର ଶକ୍ତି କେବଳ ଜାମ୍ମୁ ଅଞ୍ଚଳରେ ସୀମିତ। କାଶ୍ମୀର ଉପତ୍ୟକାରେ ଏହାର ସ୍ଥିତି ଦୁର୍ବଳ। ତେଣୁ ସେଠାରେ ନ୍ୟାସନାଲ କନଫରେନ୍ସ ବିଜୟୀ ହେବାରେ କିଛି ବିଚିତ୍ରତା ନାହିଁ। ଝାଡ଼ଖଣ୍ଡରେ ଜେଏମଏମ ବିଜୟୀ ହୋବର ଅନେକ କାରଣ ରହିଛି। ରାଜ୍ୟରେ ବିଜେପିର ଭୁଲ ରଣନୀତି ଏବଂ ଦୁର୍ବଳ ନେତୃତ୍ୱ ଯୋଗୁ ଜେଏମଏମ ଜିତିଲା। ଯାହା ବି ହେଉ ଉଭୟ ଜାମ୍ମୁ-କାଶ୍ମୀର ଏବଂ ଝାଡ଼ଖଣ୍ଡରେ କଂଗ୍ରେସ ନୁହେଁ, ଆଞ୍ଚଳିକ ଦଳ ଜିତିଛନ୍ତି। ବିହାରରେ ମଧ ଏନଡିଏ ସହ ଆରଜେଡି ସହ ମୁକାବିଲା ହେବ। ତେଣୁ ବିହାରରେ ବିଜେପିର ସଫଳତା ହାସଲ ଏତେ ସହଜ ହେବନି। କାରଣ ନୀତିଶ କୁମାର ବହୁ ବର୍ଷ ହେବ ରାଜ୍ୟ ମୁଖ୍ୟମନ୍ତ୍ରୀ ଅଛନ୍ତି। ତେଣୁ ରାଜ୍ୟରେ ଏବେ ପରିବର୍ତ୍ତନ ସପକ୍ଷରେ ଜନମତ ଯାଇପାରେ। ଆରଜେଡି ନେତା ତେଜସ୍ୱୀ ଯାଦବ ଅନେକ ବର୍ଷ ହେବ ରାଜ୍ୟରେ ସଂଘର୍ଷ କଲେଣି। ତାଙ୍କ ପ୍ରତି ଲୋକଙ୍କ ସହାନୁଭୂତି ରହିଛି। ଜାତିଗତ ରାଜନୀତି ପାଇଁ କୁଖ୍ୟାତ ବିହାରରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଆରଜେଡି ସପକ୍ଷରେ ରହିଛନ୍ତି। ଆଉ ଦଳିତ ଭୋଟ ବିଭାଜିତ ହେବ। କିନ୍ତୁ ବିଜେପି ଏବେ ମହିଳା ଏବଂ ଯୁବ ଭୋଟରଙ୍କ ଉପରେ ନିର୍ଭର କରି ନିର୍ବାଚନ ମଇଦାନକୁ ଓହ୍ଲାଇବ। ମହାରାଷ୍ଟ୍ର,ହରିୟାନା ଓ ଦିଲ୍ଲୀରେ ବିଜେପି ଏହାକୁ ଆଧାର କରି ବିଜୟୀ ।ହୋଇଛି। ଏହି ତିନିଟି ରାଜ୍ୟରେ ବିଜେପିର ସଫଳତା ପଛରେ ଏକ ବଡ଼ କାରଣ ହେଲା ଦଳର ସାଙ୍ଗଠନିକ ଶକ୍ତି। ଏଥିରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ)ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ବିହାର ନିର୍ବାଚନରେ ମଧ ସଂଘ ପରିବାର ପୁରା ଦମ ଲଗାଇବ। କିନ୍ତୁ ସମସ୍ୟା ହେଉଛି ବିହାରରେ ନୀତିଶ କୁମାର ହେଉଛନ୍ତି ଏନଡିଏର ନେତା ଏବଂ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ। ନୀତିଶଙ୍କ ପାଇଁ ସଂଘ ପରିବାର କେତେ ଆନ୍ତରିକତା ଦେଖାଇବ ତାହା ବଡ଼ ପ୍ରଶ୍ନ। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ମ୍ୟାଜିକ ନମ୍ବର ହେଲା ୧୨୨। ବିଜେପି ଚାହିଁବ ଏଥର ନିର୍ବାଚନରେ ବିଜେପି ୧୨୦ ଆସନ ଲଢ଼ି ୧୦୦ଆସନ କିପରି ଜିତିବ। ଗତ ଥର ବିଜେପି ୭୦ରୁ ଅଧିକ ଆସନ ପାଇଥିଲା। ଏଥର ବିଜେପି ୧୦୦ ଆସନ ଜିତି ମୁଖ୍ୟମନ୍ତ୍ରୀ ପଦ ଅକ୍ତିଆର କରିବା ଲକ୍ଷ୍ୟ ରଖିଛି। ଯଦି ବା ନୀତିଶ ମୁଖ୍ୟମନ୍ତ୍ରୀ ହେବେ ତେବେ କ୍ଷମତାର ଚାବିକାଠି ବିଜେପି ହାତରେ ରହିବ ଏବଂ ବିଜେପି ନିୟନ୍ତ୍ରଣରେ ସରକାର ରହିବ। ଆବଶ୍ୟକ ପଡ଼ିଲେ ଚିରାଗ ପାଶ୍ୱାନଙ୍କ ଏଲଜେପି ଏବଂ ଅନ୍ୟାନ୍ୟ ଛୋଟ ଦଳର ସମର୍ଥନରେ ବିଜେପି ସରକାର ଗଢ଼ିିବାକୁ ସକ୍ଷମ ହେବ। କିନ୍ତୁ ମହାରାଷ୍ଟ୍ର ଓ ବିହାର ମଧରେ ଅନେକ ତଫାତ ରହିଛି। ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡ଼ନାବିସଙ୍କ ଭଳି ଜଣେ ଦମଦାର ଏବଂ ଲୋକପ୍ରିୟ ନେତା ବିଜେପିର ନେତୃତ୍ୱ ନେଉଥିଲେ। ତାଙ୍କ ସମକକ୍ଷ କେହି ବିରୋଧୀ ଦଳରେ ନାହାଁନ୍ତି। କିନ୍ତୁ ବିହାରରେ ବିଜେପିର କେହି ସେଭଳି ଚମତ୍କାର ନେତା ନାହାଁନ୍ତି। ବିହାରରେ ଏବେ ବି ନୀତିଶ କୁମାର ହେଉଛନ୍ତି ଏନଡିଏର ନେତା। ବିଜେପି ସମ୍ପୂର୍ଣ୍ଣ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ନିର୍ଭରଶୀଳ। କିନ୍ତୁ ମୋଦିଜୀ ବିହାର ମୁଖ୍ୟମନ୍ତ୍ରୀ ହେବେ ନି। ବିଧାନସଭା ନିର୍ବାଚନରେ ଏହା ଏକ ବଡ଼ ପ୍ରଶ୍ନ। କିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବ ତାହାକୁ ବିଚାର କରି ମତଦାତାମାନେ ନିଜର ମତାଧିକାର ସାବ୍ୟସ୍ତ କରନ୍ତି। ତେଣୁ ବିଧାନସଭା ନିର୍ବାଚନରେ ନୀତିଶ ବନାମ ତେଜସ୍ୱୀ ମୁକାବିଲା ଦେଖିବାକୁ ମିଳିବ। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଉଭୟରାଜ୍ୟ ଏବଂ କେନ୍ଦ୍ର ସରକାର ବିହାର ମତଦାତାଙ୍କୁ ପ୍ରଲୋଭିତ ଏବଂ ପ୍ରଭାବିତ କରିବାକୁ କିଛି ନୂଆ ଯୋଜନା ସମ୍ପର୍କରେ ଘୋଷଣା କରିପାରନ୍ତି। ନଚେତ ବିହାରରେ କ୍ଷମତା ବଜାୟ ରଖିବା ଏନଡିଏ ପାଇଁ କଷ୍ଟକର ହୋଇପାରେ। ଏହା ବ୍ୟତିତ ଗତ ଥର ଭଳି ଯଦି ଏଥର ଏନଡିଏର ବିଭିନ୍ନ ଅଂଶୀଦାର ଦଳ ମଧରେ ଉତ୍ତମ ବୁଝାମଣା ନରହେ ତେବେ ଏହା ଏନଡିଏ ପାଇଁ ମହଙ୍ଗା ପଡ଼ିବ। ଗତ ଥର ଏହି କାରଣରୁ ଏନଡିଏ ହାରାହାରି ୩୦ଟି ଆସନ ହରାଇଥିଲା।

ବିହାର ପରେ ଆସନ୍ତା ବର୍ଷ ବେଙ୍ଗଲ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଜାତୀୟ ରାଜନୈତିକ ଦୃଷ୍ଟିକୋଣରୁ ପଶ୍ଚିମବଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ। ଲୋକସଭା ଆସନ ଦୃଷ୍ଟିରୁ ପଶ୍ଚିମବଙ୍ଗ ହେଉଛି ଦେଶର ତୃତୀୟ ବୃହତ୍ତମ ରାଜ୍ୟ। ପୂର୍ବରୁ ରାଜ୍ୟରେ କଂଗ୍ରେସ ଏବଂ ବାମପନ୍ଥୀ ସାମ୍ମୁଖ୍ୟ ମଧରେ ମୁକାବିଲା ହେଉଥିଲା। ଏବେ ସ୍ଥିତି ବଦଳିଯାଇଛି। ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି) ଏବଂ ବିଜେପି ମଧରେ ମୁକାବିଲା ହେଉଛି। ଗତ ଥର ବିଜେପିର ସ୍ଥିତିରେ ଆଖି ଦୃଷ୍ଟିଆ ଉନ୍ନତି ପରିଲକ୍ଷିତ ହୋଇଥିଲେ ମଧ ମମତାଙ୍କୁ କ୍ଷମତାଚ୍ୟୁତ କରିବା ସମ୍ଭବ ହୋଇନଥିଲା। ବରଂ ଟିଏମସିର ସ୍ଥିତି ଆହୁରି ସୁଦୃଢ଼ ହୋଇଥିଲା। କଂଗ୍ରେସ ଓ ବାମପନ୍ଥୀ ସମ୍ପୂର୍ଣ୍ଣ ମୂଳପୋଛ ହୋଇଗଲେ। ଆଗାମୀ ନିର୍ବାଚନରେ ମଧ ରାଜ୍ୟରେ ବିଜେପି ଓ ଟିଏମସି ମଧରେ ଦ୍ୱିମୁଖୀ ମୁକାବିଲା ହେବ। ଟିଏମସି ନେତା ଅଭିଷେକ ବାନାର୍ଜୀ ସ୍ପଷ୍ଟ କରିଛନ୍ତି ଯେ, ବିହାର ବିଧାନସଭା ନିର୍ବାଚନରେ ଅନ୍ୟ କୋ÷ଣସି ଦଳ ସହ ଟିଏମସି ଆସନ ବୁଝାମଣା ବା ମେଣ୍ଟ କରିବ ନାହିଁ। ଗତ ଲୋକସଭା ନିର୍ବାଚନରେ ମଧ ଟିଏମସି ରାଜ୍ୟରେ ଏକାକି ଲଢ଼ି ସଫଳତା ହାସଲ କରିଥିଲା। ତେଣୁ ଟିଏମସି ଏକାକି ଲଢ଼ିବ ବୋଲି କହିବାର କିଛି ଆବଶ୍ୟକତା ନାହିଁ। ଟିଏମସିର ଭୋଟ ବ୍ୟାଙ୍କ ହେଲେ ସଂଖ୍ୟାଲଘୁ ସମ୍ପ୍ରଦାୟ। ସେମାନେ ବିଜେପିକୁ ହରାଇବା ଲାଗି ମିଳିତ ଭାବେ ଟିଏମସିକୁ ଭୋଟ ଦେଉଛନ୍ତି। କଂଗ୍ରେସ ବା ବାମପନ୍ଥୀଙ୍କ ସପକ୍ଷରେ ଖୁବ କମ ଭୋଟ ଯାଉଛି। ତେଣୁ ରାଜ୍ୟରେ ଟିଏମସିକୁ ହରାଇବା ବିଜେପି ପାଇଁ ସହଜ ନୁହେଁ। ବିହାର ଭଳି ବେଙ୍ଗଲରେ ମଧ ବିଜେପିର କେହି ସେପରି ବଡ଼ ନେତ୍ା ନାହାଁନ୍ତି। ଗତ ଥର ପଶ୍ଚିମବଙ୍ଗରେ ବିଜେପି ପାଇଁ ପରିସ୍ଥିତି ଯଥେଷ୍ଟ ଭଲ ଥିଲା। ଏହା ସତ୍ତ୍ୱେ ବିଜେପି ସଂଖ୍ୟାଗରିଷ୍ଠତାଠାରୁ ବହୁ ପଛରେ ପଡ଼ିଗଲା। ଏଥର ଆସନ ସଂଖ୍ୟା ବଢ଼ିବ ବୋଲି ବିଶ୍ୱାସ କରାଯାଇପାରୁନି। ବିହାର ଭଳି ପଶ୍ଚିମବଙ୍ଗରେ ମଧ ବିଜେପି ସମ୍ପୂର୍ଣ୍ଣ ଭାବେ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଏବଂ ପ୍ରଚାର ଉପରେ ନିର୍ଭରଶୀଳ। ତେଣୁ ଆଗାକୁ ବିଜେପିର ଜାତୀୟ ସ୍ତରର ନେତାମାନେ ଘନ ଘନ ପଶ୍ଚିମବଙ୍ଗ ଗସ୍ତ କରିବା ଆଶା କରାଯାଉଛି। ଆଉ କିଛି ମାସ ପରେ ପଶ୍ଚିମବଙ୍ଗର ରାଜନୈତିକ ସ୍ଥିତି ସ୍ପଷ୍ଟ ହୋଇଯିବ। ଆଗାମୀ ଦେଢ଼ ବର୍ଷ ମଧରେ ବେଙ୍ଗଲ, ବିହାର ଏବଂ ଆସାମ ନିଧାନସଭା ନିର୍ବାଚନରେ ଏନଡିଏକୁ ସଫଳତା ହାସଲ କରିବାକୁ ପଡ଼ିବ, ନିଜର ଶକ୍ତି ପ୍ରଦର୍ଶନ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଯଦି ଏନଡିଏ ଏକତାବଦ୍ଧ ଭାବେ ଲଢ଼ିବ ତେବେ ସାରା ଦେଶରେ ଏହା ରାଜ କରିବ।

# ଓଲିଉଡର ଧ୍ରୁବତାରା: ସର୍ବୋତ୍ତମ ଉତ୍ତମ



ବାଦଲ ଭୂୟାଁ

ଓଡ଼ିଆ ସିନେମା ଜଗତରେ ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ନାୟକ। ଓଡ଼ିଆ ସିନେ ଜଗତର ସେ ଥିଲେ ଧ୍ରୁବତାରା। ଜୀବନ ରଙ୍ଗମଞ୍ଚରେ ଅଭିନୟ ସାରି ବାହୁଡ଼ି ଯାଇଛନ୍ତି ଉତ୍ତମ ମହାନ୍ତି। କହିବାକୁଗଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ଉଜ୍ଜ୍ୱଳ ତାରକା ଅନ୍ତର୍ନିହିତ ହୋଇଗଲେ। ଅନେକ ସୁପରହିଟ ଚଳଚ୍ଚିତ୍ରରେ ଭିନ୍ନ ଭିନ୍ନ ଭୂମିକାରେ ତାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନରୋଞ୍ଜନ କରୁଥିଲା। ୨୩ ଡିସେମ୍ବର ୧୯୫୮ରେ ବାରିପଦାରେ ଜନ୍ମ ଗ୍ରହଣ କରିଥିବା ଉତ୍ତମ ମହାନ୍ତି ବାସ୍ତବରେ ଥିଲେ ସର୍ବୋତ୍ତମ। ବାରିପଦା ଏମକେସି ଉଚ୍ଚ ବିଦ୍ୟାଳୟରୁ ବିଦ୍ୟାଳୟ ପାଠପଢ଼ା ପରେ ମହାରାଜ ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ବିଜ୍ଞାନ ପଢ଼ିଥିଲେ ସେହିଠାରେ ହିଁ ମଞ୍ଚ ନାଟକରେ ତାଙ୍କ ନିଖୁଣ ଅଭିନୟ ଦକ୍ଷତା ତାଙ୍କ କଳା ଦୁନିଆ ପାଇଁ ବାଟ ଦେଖାଇଥିଲା। ଟେବୁଲ ଟେନିସ ଓ ବ୍ୟାଡ଼ମିଣ୍ଟନ ଖେଳିବାରେ ତାଙ୍କର ବଡ଼ ରୁଚି ରହିଥିଲା। ସ୍ନାତକ ପାଠ୍ୟକ୍ରମ ପରେ ଚାଟାର୍ଡ ଆକାଉଣ୍ଟାନ୍ସି ପଢ଼ିବା ପାଇଁ ଲୁଧିଆନା ଯାଇଥିଲେ। ତେବେ ୧୯୭୬ ମସିହାରେ ଖ୍ୟାତନାମା ନିର୍ଦ୍ଦେଶକ ସାଧୁ ମେହେରଙ୍କ "ଅଭିମାନ' ସିନେମା ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା। ଏହି ସିନେମାର କାହାଣୀ ଲେଖକ ଆନନ୍ଦ ଶଙ୍କର ଦାସ ତାଙ୍କ ପରିଚିତ ଥିବାରୁ ସେ ଏହି ସିନେମା ପାଇଁ ତାଙ୍କୁ ରାଜି କରାଇଥିଲେ। ୧୯୭୭ରେ ରିଲିଜ ହୋଇଥିବା "ଅଭିମାନ' ସେ ସମୟର ସୁପର ଡୁପର ହିଟର ମାନ୍ୟତା ପାଇଥିଲା। ତେବେ ଅନେକ ଗଣମାଧମକୁ ମଧ ଉତ୍ତମ କହିଥିଲେ ଯେ ସିନେମାକୁ ଆସିବା ପାଇଁ ତାଙ୍କର କୌଣସି ଇଚ୍ଛା ହିଁ ନଥିଲା। ତାଙ୍କ ନିଜ ଭାଷାରେ "ଯଦି ପ୍ରଥମର ଏ ଲାଇନକୁ ଆସିବା ପାଇଁ ପ୍ରସ୍ତୁତ ଥାଆନ୍ତି ତେବେ ଦ୍ୱିତୀୟ ଫିଲ୍ମ ଦୁଇ ବର୍ଷ ପରେ କରିନଥାନ୍ତି'। ଓଡ଼ିଆ ଚଳଚ୍ଚିତ୍ରରେ ନାୟକର ନୂଆ ପରିଭାଷା ତିଆରି କରିବା ସହ ତାଙ୍କ ଭିନ୍ନ ଭିନ୍ନ ଭୂମିକାର ସାବଲୀଳ ଅଭିନୟ ତାଙ୍କୁ ହିଁ ଅବିଳମ୍ବେ ଓଡ଼ିଆ ଫିଲ୍ମ ଜଗତର ସବୁଠାରୁ ବଡ଼ ତାରକାର ମାନ୍ୟତା ଦେଇଥିଲା।

୧୯୭୭ରେ ତାଙ୍କ "ଅଭିମାନ' ଚଳଚ୍ଚିତ୍ରରୁ ଯେଉଁ ସୁନେଲି ଜଗତକୁ ସେ ପାଦ ପକାଇଥିଲେ ପରେ ପରେ ତାଙ୍କର ୧୯୭୮ରେ "ପତି ପତ୍ନୀ' ଠାରୁ ୧୯୮୨ରେ "ଫୁଲ ଚନ୍ଦନ', ୧୯୮୪ରେ "ଦଣ୍ଡା ବାଳୁଙ୍ଗା', ୧୯୮୫ରେ "ସହରୀ ବାଘ', ୧୯୮୬ରେ "ଜୋରଯାର ମୂଳକ ତାର', ୧୯୮୯ରେ "ଦଇବ ଦଉଡ଼ି' ଏହିପରି ତମାମ ସିନେମାକୁ ମିଶାଇଲେ ୧୩୫ଟି ଓଡ଼ିଆ ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି। ୮୦ ଓ ୯୦ ଦଶକରେ ସେ ଥିଲେ ଓଡ଼ିଆ ସିନେ ଜଗତର ସବୁଠାରୁ ସଫଳ ଓ ବ୍ୟସ୍ତତମ ତାରକା। ତାଙ୍କ ଅଭିନୀତ ଚଳଚ୍ଚିତ୍ର ଗୁଡ଼ିକ ଓଡ଼ିଆଙ୍କ ଘରେ ଘରେ ବେଶ ପ୍ରିୟପାତ୍ର ହୋଇପାରିଛି। ଏହା ବ୍ୟତୀତ ୧୯୯୧ରେ ହିନ୍ଦୀ ଚଳଚ୍ଚିତ୍ର "ନୟାଜହର'ରେ ସେ ଅଭିନୟ



କରିଥିଲେ। ତାଙ୍କର ଅନେକ ସିନେମା ସଫଳ କୃତୀତ୍ୱ ପାଇବା ସହ ସୁପରଡୁପର ହିଟ ମାନ୍ୟତା ପାଇଥିଲା। ୨୦୦୯ ମସିହାରେ ତାଙ୍କର ସେ ସିନେମା ଥିଲା "ପାଗଳ କରିଛି ପାଉଁଜି ତୋର' ଏହା ବ୍ୟତୀତ "ସାରା ଆକାଶ', "ପଣତ କାନି', "ଉତ୍ତରଦାୟୀ', "କଥା କହୁଥିଲେ ସରିବନି' ପ୍ରମୁଖ କିଛି ଅଳ୍ପ ଧାରାବାହିକରେ ଅଭିନୟର ଯାଦୁ ଦେଖାଇଛନ୍ତି। ସେ ଥିଲେ ଏପରି ଜଣେ ଓଡ଼ିଆ ଅଭିନେତା ଯେ କି ୧୩୫ଟି ଓଡ଼ିଆ ସିନେମା ସହିତ ୩୦ଟି ବଙ୍ଗଳା ସିନେମା ଓ ଗୋଟିଏ ହିନ୍ଦୀ ସିନେମାରେ ତାଙ୍କ ଦକ୍ଷତା ଦେଖାଇଛନ୍ତି। ତେବେ ୧୯୯୧ ମସିହାରୁ କୁଙ୍କୁମ ମୁଭିଜ ବ୍ୟାନରରେ ତିଆରି ହୋଇଥିବା "ମମତାର ମନ୍ଦିର'ର ଚଳଚ୍ଚିତ୍ରରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ମଧ ଏହାର ସୁଟିଂ ସରିଯାଇଥିଲା କିନ୍ତୁ ଏହାର ପୋଷ୍ଟ ପ୍ରଡକ୍ସନ କାର୍ଯ୍ୟ ଏଯାବତ୍ ବାକି ରହିଗଲା। ଶ୍ରେଷ୍ଠ ଅଭିନେତା ଭାବେ ସେ ଚାରିଥର ପୁରସ୍କୃତ ହୋଇଛନ୍ତି। ସେ ସିନେମା ଗୁଡ଼ିକ ହେଉଛି "ସୁନା ଚଢ଼େଇ', "ଦଣ୍ଡା ବାଳୁଙ୍ଗା', "ଫୁଲ ଚନ୍ଦନ' ଓ "ଝିଅଟିଏ ସୀତା ପରି'। ୨୦୧୨ ମସିହାରେ ଓଡ଼ିଶା ଲିଭିଂ ଏଜେଣ୍ଡ ଆୱାଡର୍, ୧୯୯୯ ମସିହାରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବଶ୍ରେଷ୍ଠ ସମ୍ମାନ ଜୟଦେବ ସମ୍ମାନ ସେ ପାଇଥିଲେ। ତାଙ୍କର ସୁପରହିଟ ଚଳଚ୍ଚିତ୍ର ଗୁଡ଼ିକ ପରବର୍ତ୍ତୀ ପିଢ଼ୀ ପାଇଁ ଅଭିନୟର ଯାଦୁ ଶିଖାଇଛି।

ଏମିତିରେ କହିବାକୁଗଲେ କେଉଁ ଓଡ଼ିଆ ଜଣେ ନଥିବେ ଯିଏ ଉତ୍ତମ ମହାନ୍ତିଙ୍କ ଅଭିନୀତ ସିନେମା ପ୍ରେମରେ ପଡ଼ିନଥିବେ। ତାଙ୍କର ରୋମାଣ୍ଟିକ ଅଭିନୟ ଠାରୁ ଆକ୍ସନ, ନୃତ୍ୟ ଠାରୁ ସାଧାରଣ ଚେହେରା ସବୁଥିରେ ସେ ଥିଲେ ଅନନ୍ୟ ଓ ସ୍ୱତନ୍ତ୍ର। ଓଲିଉଡରେ ସୁପରଷ୍ଟାର ବୋଲି ଯଦି କାହାରିକୁ ପ୍ରଥମ ଥର ଆଖ୍ୟା ଦିଆଯାଇଥିଲା ତେବେ ଯେ କେହି ବି ଆଖି ବୁଜି ସ୍ୱୀକାର କରିବ ସେ ଥିଲେ ହିଁ ଉତ୍ତମ। ବ୍ୟକ୍ତିଗତ ଜୀବନରେ ସେ ଜଣେ ଅତ୍ୟନ୍ତ ବନ୍ଧୁବତ୍ସଳ, ଭଦ୍ର, ଅମାୟିକ ଓ ଖୁବ କମ କଥା କହୁଥିବା ବ୍ୟକ୍ତିତ୍ୱ। ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଆ ସିନେମା ତାଙ୍କୁ ନେଇ ହିଁ ଘୁରି ବୁଲୁଥିଲା। ଏପରି ଏକ ସମୟ ଥିଲା ତାଙ୍କୁ ଛାଡ଼ି କୌଣସି ସିନେମା କଥା ନିର୍ଦ୍ଦେଶକ ବା ପ୍ରଯୋଜକମାନେ ଚିନ୍ତା ବି କରିପାରୁ ନଥିଲେ। ତାଙ୍କ ପରିବାରଟି ସମ୍ପୂର୍ଣ୍ଣ ରୂପେ ଚଳଚ୍ଚିତ୍ର ଜଗତ ପ୍ରତି ସମର୍ପିତ। ତାଙ୍କ ପତ୍ନୀ ଅଭିନେତ୍ରୀ ଅପରାଜିତା ଓ ପୁଅ ବାବୁଶାନ ଅଭିନୟ ଜଗତରେ ଅନେକ ସଫଳତା ପାଇଛନ୍ତି। ଉତ୍ତମ-ଅପରାଜିତା ଯୋଡ଼ି ଓଲିଉଡର ସର୍ବକାଳୀନ ହିଟ ଯୋଡ଼ି ଭାବେ ଦର୍ଶକଙ୍କ ଭରପୁର ମନୋରଞ୍ଜନ କରିବା ସହ ପ୍ରଯୋଜକଙ୍କୁ ସଫଳତା ଦେଇଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ଜଗତର ସେ ଥିଲେ ଚିରସବୁଜ ନାୟକ। ଲମ୍ବା ସମୟ ଧରି ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପରିପୁଷ୍ଟ କରିବାରେ ତାଙ୍କ ଯୋଗଦାନ ଅତୁଳନୀୟ। ନିଖୁଣ ଓ ଜୀବନ୍ତ ଅଭିନୟ ତାଙ୍କୁ ଘରେ ଘରେ ଲୋକପ୍ରିୟ କରାଇଥିଲା। ଓଡ଼ିଶା ସିନେ ଜଗତର ଜଣେ ଯୋଗଜନ୍ମାଙ୍କ ଆଜି ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ବାସ୍ତବରେ ଅପୂରଣୀୟ ରହିବ। ଦୀର୍ଘ ସମୟ ପାଇଁ ପ୍ରତିଟି ଓଡ଼ିଆଙ୍କ ମନରେ ହିଁ ସେ ରହିବେ। ତାଙ୍କର ଅମର ଆତ୍ମାର ସଦଗତି କାମନା କରୁଛି।

**୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ମୋବାଇଲ୍: ୯୨୦୪୬୫୨୦୬୫**

# ବ୍ୟାଙ୍କିଙ୍ଗ ସେବା: ବ୍ୟକ୍ତିଗତ ଋଣ ନେଇ ଅଜଣା ତଥ୍ୟ

ଦୁର୍ଗା ପ୍ରସାଦ ସ୍ୱାଇଁ

ଆପଣ ଆର୍ଥିକ ସୁବିଧା ପାଇଁ ବ୍ୟାଙ୍କ ସହ ସୁସମ୍ପର୍କ ଭିତରେ ଋଣ ନେଉଛନ୍ତି କି? ଆମେ ସମସ୍ତେ ଏହା ଜାଣୁ କେବଳ ଭାରତୀୟ ଅର୍ଥନୀତି ନୁହେଁ ପ୍ରତିଟି ବ୍ୟକ୍ତିର ଅର୍ଥନୀତି ଓ ଦେଣନେଣ କାରବାରର ମୁଖ୍ୟ ବନ୍ଧୁ ହେଉଛି ବ୍ୟାଙ୍କ। ତେବେ ବ୍ୟାଙ୍କରେ ଋଣ କଥା ଉଠିଲେ ଅନେକ ଲୋକଙ୍କ ଭିତରେ ଅନେକ ଧାରଣା ସବୁ ଆଲୋଚିତ ହୁଏ। ତେବେ ଆଜି ବିଶେଷକରି ବ୍ୟାଙ୍କରୁ ପର୍ସନାଲ ଲୋନ ବା ବ୍ୟକ୍ତିଗତ ଋଣ ଯାହାକୁ କୁହାଯାଏ ସେ ସମ୍ପର୍କରେ ଏକ ଛୋଟିଆ ତଥ୍ୟଭିତ୍ତିକ ସୂଚନା ଆପଣଙ୍କ ପାଖରେ ରଖୁଛି। ଏହାକୁ କହିବାକୁଗଲେ ବ୍ୟାଙ୍କିଙ୍ଗ ଋଣ କ୍ଷେତ୍ରରେ ପାଞ୍ଚଟି ଭୁଲ ଧାରଣା ବା ଆପଣଙ୍କ ପାଇଁ ଅଜଣା ତଥ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ଜଣେ ନିଜର ଜରୁରୀ ଆବଶ୍ୟକତା ପୂରଣ ହେଉ କିମ୍ବା ଭ୍ରମଣ ନିମିତ୍ତ ସପରିବାର ବାହାରକୁ ଯାତ୍ରା। ଏ କ୍ଷେତ୍ରରେ ବ୍ୟାଙ୍କରୁ ଆପଣ ପର୍ସନାଲ ଲୋନ ନେଇପାରିବାର ବ୍ୟବସ୍ଥା ରହିଛି। ଏହି ଋଣ ଆବେଦନ କଲାବେଳେ ବ୍ୟାଙ୍କକୁ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଜଣାଇବାର ବ୍ୟବସ୍ଥା ରହିଛି। ବ୍ୟାଙ୍କିଙ୍ଗ ଋଣ କ୍ଷେତ୍ରରେ ବ୍ୟକ୍ତିଗତ ଋଣ ଏକ ସୁବିଧାଜନକ ବ୍ୟବସ୍ଥା। କେହି କେହି କୁହନ୍ତି ଯେ ବ୍ୟକ୍ତିଗତ ଋଣ କେବଳ ଜଣଙ୍କର ଦେହ ପା'ର ଉନ୍ନତ ଚିକିତ୍ସା ବା ଚିକିତ୍ସା ସମ୍ବନ୍ଧୀୟ ପାଇଁ। ବ୍ୟକ୍ତିଗତ ଋଣକୁ ଆପଣ ଆପଣଙ୍କର ଅତ୍ୟନ୍ତ ଜରୁରୀ କାଳୀନ ଖର୍ଚ୍ଚ ତଥା ଅତ୍ୟାବଶ୍ୟକ ସମୟରେ ଲୋଡ଼ା ପଡୁଥିବା ଚିକିତ୍ସା ସମ୍ବନ୍ଧୀୟ ପାଇଁ ବ୍ୟବହାର କରିପାରନ୍ତି ତେବେ ଏହା ବ୍ୟତୀତ ଆପଣଙ୍କର ପାରିବାରିକ ଶୁଭମାଙ୍ଗଳିକ କାର୍ଯ୍ୟକ୍ରମ ବିବାହ କୁହନ୍ତୁ କିମ୍ବା ପାରିବାରିକ ଆନୁଷ୍ଠାନିକ କାର୍ଯ୍ୟକ୍ରମ। ପୁରୁଣା ଘରକୁ ନବୀକରଣ କରନ୍ତୁ ବା ଶିକ୍ଷା ଖର୍ଚ୍ଚ ଏପରିକି ପାରିବାରିକ ଭ୍ରମଣ, ସେକେଣ୍ଡ ହ୍ୟାଣ୍ଡ ଗାଡ଼ି କିଣିବା ଠାରୁ ନୂଆ ବ୍ୟବସାୟଟି ଆରମ୍ଭ କରିବା ହେଉ। ଏସବୁଥିରେ ମଧ ବ୍ୟକ୍ତିଗତ ଋଣ ବ୍ୟବହାର କରାଯାଇପାରିବ।

ଆମେ ଏହି ପର୍ସନାଲ ଲୋନ ବା ବ୍ୟକ୍ତିଗତ ଋଣ ପ୍ରସଙ୍ଗ ଭିତରେ ଅନେକଙ୍କ ଠାରେ ରହିଥିବା ଏକ ଭୁଲ ଧାରଣା ସମ୍ପର୍କରେ ଉଲ୍ଲେଖ କରୁଛୁ। ଏହା ବ୍ୟାଙ୍କିଙ୍ଗର ବ୍ୟବସ୍ଥା ଯେ ବ୍ୟକ୍ତିଗତ ଋଣ ପାଇଁ ୭୫୦ରୁ ଅଧିକ କ୍ରେଡିଟ ସ୍କୋର ଅତ୍ୟନ୍ତ ଆବଶ୍ୟକ ବା ଅନିର୍ବାର୍ଯ୍ୟ। ଋଣ ଲାଗି ଏକ ଉଚ୍ଚ କ୍ରେଡିଟ ସ୍କୋର ଉପକାରୀ ହେଉଥିବାବେଳେ ଏହା କିନ୍ତୁ ଅନିର୍ବାର୍ଯ୍ୟ ନୁହେଁ। ଅନେକ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ଏମିତି ଲୋକମାନଙ୍କୁ ବି ବ୍ୟକ୍ତିଗତ ଋଣ ପ୍ରଦାନ କରନ୍ତି ଯାହାର କ୍ରେଡ଼ିଟ ସ୍କୋର ୭୦୦ - ୭୫୦ ଭିତରେ ରହିଥାଏ। କେତେକ ଅବସ୍ଥାରେ ୭୦୦ରୁ କମ ସ୍କୋର ଥିଲେ ମଧ ଋଣ ମିଳିପାରିବ। ଏ ନେଇ ଆପଣ ଋଣ ଆବେଦନ କରିବା ସମୟରେ ସବିଶେଷ ଭାବେ ବ୍ୟାଙ୍କ ଠାରୁ ବୁଝିପାରିବେ।

ବ୍ୟକ୍ତିଗତ ଋଣ ସମ୍ବନ୍ଧରେ ଆଲୋଚନା କଲାବେଳେ ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଆମେ ଏଠାରେ ଆଲୋଚନାଟି ରଖୁଛୁ। ଅନେକଙ୍କ ଭିତରେ ଏକ ଧାରଣା ରହିଛି ଯେ ଜଣେ ସରକାରୀ କର୍ମଚାରୀ ଅର୍ଥ ତାଙ୍କ ପାଇଁ ବ୍ୟକ୍ତିଗତ ଋଣ ପାଇବା ନିଶ୍ଚିନ୍ତ ଓ ସହଜ ସାଧ୍ୟ। ତେବେ ଏ କ୍ଷେତ୍ରରେ ଏକ ଭୁଲ ଧାରଣା



ସମ୍ପର୍କରେ ଆମେ ଉଲ୍ଲେଖ କରୁଛୁ ଯେ କେବଳ ସରକାରୀ ଚାକିରିଆମାନେ ନୁହଁନ୍ତି ଏହା ବ୍ୟତୀତ ଆତ୍ମନିଯୁକ୍ତ ବ୍ୟକ୍ତିବିଶେଷ ତଥା ସଫଳ ଉଦ୍ୟୋଗୀ ଏବଂ ସମାଜରେ ଆର୍ଥିକ ବା ସାମାଜିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ତଥା ସଫଳବୃତ୍ତିରେ ଥିବା ବ୍ୟକ୍ତିବିଶେଷମାନେ ମଧ ବ୍ୟକ୍ତିଗତ ଋଣ ନେଇପାରିବେ। ତେବେ କେହି କେହି ଋଣ ପ୍ରସଙ୍ଗରେ ଏକ ଅନାଲୋଚିତ ଦିଗ ସମ୍ପର୍କରେ ମତାମତ ରଖନ୍ତି ଯେ ଋଣ କରିବା ଆଦୌ ଠିକ ନୁହଁ କିନ୍ତୁ ଏଠାରେ ଆମେ ସ୍ପଷ୍ଟ କରୁଛୁ ଯେ ଜଣଙ୍କର ଆର୍ଥିକ ଦିଗକୁ ସ୍ୱଚ୍ଛଳ ନିମିତ୍ତ ଏବଂ ସ୍ୱାବଲମ୍ବୀ ଭାବେ ନିଜେ ସମାଜରେ ସ୍ୱାଭିମାନର ସହ ଜୀବନ ତିଆରି କରିବା କ୍ଷେତ୍ରରେ ବ୍ୟକ୍ତିଗତ ଋଣ ଦାୟିତ୍ୱପୂର୍ଣ୍ଣ ଓ ବ୍ୟବସ୍ଥିତ ଭାବେ ବ୍ୟବହାର ହେଲେ ଏହାର ଅନେକ ଉପକାରୀ ଆର୍ଥିକ ସାଧନ ହୋଇପାରିବ। ଭାରତ ସରକାରଙ୍କ ଅର୍ଥ ବିଭାଗ ସମାଜର ଅଭାବୀ, କମ ଗୁଜୁରାଣ ସମ୍ପନ୍ନ ଲୋକମାନଙ୍କ ଅର୍ଥନୀତିକୁ ସୁଦୃଢ଼ କରିବା ସହ ସେମାନଙ୍କର ଜୀବନର ଆନନ୍ଦମୟ ଅଗ୍ରଗତି ପାଇଁ ଅନେକ ଯୋଜନା, ସହାୟତା ଓ ପୃଷ୍ଠପୋଷକତା ଦେଉଛନ୍ତି। ଆପଣ ବ୍ୟକ୍ତିଗତ ଋଣଟି ଯେଉଁ ମହତ୍ ଭାବନା ରଖି ଆପଣଙ୍କ ଅର୍ଥପୂର୍ଣ୍ଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ କିମ୍ବା ଦାୟିତ୍ୱ ନିର୍ବାହ ପାଇଁ ନେଇଛନ୍ତି ଏହାକୁ ହିଁ ଭଲ ଭାବେ ପାଳନ କରନ୍ତୁ। ସେହିପରି ଆପଣ ଋଣ ଆବେଦନ ପୂର୍ବରୁ ଆପଣଙ୍କ ନିକଟସ୍ଥ ଯେଉଁ ବ୍ୟାଙ୍କରୁ ଆପଣ ପର୍ସନାଲ ଲୋନ ନେବା ପାଇଁ ଇଚ୍ଛୁକ ଭଲ ଭାବେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ ଏବଂ ଆପଣ ଋଣ ଆବେଦନ ସମୟରେ ବ୍ୟାଙ୍କକୁ ସମସ୍ତ ତଥ୍ୟ ସଠିକ ଭାବେ ପ୍ରଦାନ କରନ୍ତୁ। କୌଣସି ତଥ୍ୟ ଗୋପନୀୟ ରଖନ୍ତୁ ନାହିଁ କିମ୍ବା ବ୍ୟାଙ୍କକୁ ଜଟିଳ କିମ୍ବା ଭୁଲ ତଥ୍ୟ ପ୍ରଦାନ କରନ୍ତୁନାହିଁ। ଏହା କେବଳ ବ୍ୟାଙ୍କ ପାଇଁ ଅସୁବିଧାଜନକ ନୁହଁ ବରଂ ପରବର୍ତ୍ତୀ ସମୟରେ ଆପଣଙ୍କ ପାଇଁ ସୂଚନା କ୍ଷେତ୍ରରେ ଅସୁବିଧା ଜନକ ସାବ୍ୟସ୍ତ ହେବ। ଆମେ ଭାରତର ପ୍ରତିଟି ନାଗରିକ ଆମ ଦେଶ ପାଇଁ ଯେଉଁ ସୁକର୍ତ୍ତବ୍ୟନିଷ୍ଠା ଓ ଦେଶ ପ୍ରତି ଭଲ ପାଇବା ଓ ସମ୍ମାନ ରହିଛି ସେଥି ଭିତରୁ ଗୋଟିଏ ଭଲ ଦିଗ ହେଉଛି ବ୍ୟାଙ୍କ ସହ ସମ୍ପର୍କ ରକ୍ଷା ବେଳେ ଏହାକୁ ଆମେ ପରମ ମିତ୍ର ଭାବେ ଗ୍ରହଣ କରି କୌଣସି ଭୁଲ ତଥ୍ୟ ଦେବାନାହିଁ କିମ୍ବା ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ସମୟ ଆମ ଭୁଲ ତଥ୍ୟ ପାଇଁ ଯେପରି ନଷ୍ଟ ନହୁଏ ସେ ଦିଗକୁ ମଧ ଟିକେ ଦେଖିବା। ଅନେକ କ୍ଷେତ୍ରରେ ଦେଖାଯାଏ ଜଣଙ୍କର ଭୁଲ ତଥ୍ୟ, ଭ୍ରାନ୍ତଧାରଣା ଓ କିଛି ଗୋପନୀୟତା ବ୍ୟାଙ୍କ ଓ ସମ୍ପୃକ୍ତ ଆକାଉଣ୍ଟ ହୋଲଡରଙ୍କ ଭିତରେ ଏକ ଭୁଲ ବୁଝାମଣା ସୃଷ୍ଟି କରିବାକୁ ସମର୍ଥ ହୋଇଥାଏ। ଆପଣଙ୍କର ଗୋଟିଏ ଛୋଟିଆ ଭୁଲ କିମ୍ବା ଭୁଲ ତଥ୍ୟ କେବଳ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ନୁହେଁ ଭାରତୀୟ ଅର୍ଥନୀତିର ମୂଲ୍ୟବାନ ସମୟକୁ ନଷ୍ଟ କରିଥାଏ। ତେଣୁ ଜଣେ ଜାଗ୍ରତ ନାଗରିକ ଭାବେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଆପଣ ବ୍ୟକ୍ତିଗତ ଋଣ ନେଇ ଆପଣଙ୍କର ମହତ୍ କାର୍ଯ୍ୟ ସାଧନ କରନ୍ତୁ ଏବଂ ଆପଣଙ୍କର ଏହି ଆର୍ଥିକ ସାଧନ ମଙ୍ଗଳମୟ ତଥା ଶୁଭଙ୍କର ହେଉ ଏହି କାମନା ଆମ ତରଫରୁ ରଖୁଛୁ।

**ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ, ଲିଙ୍କରୋଡ, କଟକ, ମୋବାଇଲ୍: ୯୮୫୩୦୭୭୭୫୮୫**

# ଓଡ଼ିଆର ଅସ୍ମିତା-୧



ପଙ୍କଜ କୁମାର ପାଣିଗ୍ରାହୀ

ଅଳଙ୍କୃତ ଶବ୍ଦଗୁଛର ସମାହାର ମାଳିନୀ ଦ୍ୱାରା ପ୍ରସ୍ତୁତ ଏକ ଅନୁଚ୍ଛେଦକୁ କବିତା କୁହାଯାଇ ପାରିବ ନାହିଁ। ଇତିହାସର ଫର୍ଦ ଓଲଟାଇ ନିଜସ୍ୱ ଭାବୁକତାର ଅନୁଭୂତ ସଂଯୋଜିତ ଆଲେଖ୍ୟକୁ ପ୍ରବନ୍ଧ କୁହାଯାଇ ପାରିବ ନାହିଁ, ଯେତେବେଳ ପର୍ଯ୍ୟନ୍ତ ତାହା କୌଣସି ସାମାଜିକ କାର୍ଯ୍ୟରେ ନୂତନତ୍ୱ ସୃଷ୍ଟି କରି ନାହିଁ। ସମୟର ଧାରାରେ କେତେକ ଶବ୍ଦକୁ ଯୋଡି ଲେଖା ଯାଉଥିବା ଆଜିର ମାଳ ମାଳ କବିତା, ପ୍ରବନ୍ଧ ଯେ ସମାଜରେ ନୂତନତ୍ୱ କିମ୍ବା ଜାଗୃକତା ସୃଷ୍ଟି କରିବା ତ ବହୁତ ଦୂର ବରଂ ସେଗୁଡିକ ବ୍ୟାପକ ଅଜ୍ଞାନତା ପରିବେଷଣ କରୁଥିବା ଜାଣିହେବ ସଠିକ ଅନୁଧାନ କଲେ। ଆଜି ସମୟରେ କବି, ଲେଖକଙ୍କ ସୀମା ନାହିଁ କି ଲେଖାର ଅନ୍ତ ନାହିଁ ଯାହାର ମୂଲ୍ୟ ମଧ କିଛି ନାହିଁ। କେବଳ କେତେକ ଶବ୍ଦକୁ ଗୁନ୍ଥି ପ୍ରସ୍ତୁତ କରାଯାଇଥିବା ଅନୁଚ୍ଛେଦଟି ଜନାଦୃତ ହୋଇଥିବା ଆବଶ୍ୟକ ଯାହା କିଛି ଜ୍ଞାନ ମିଳୁ କି ନମିଳୁ ସମସ୍ତଙ୍କୁ ଅତ୍ୟନ୍ତ ସରଳ ସହଜରେ ବୁଝା ପଡିଯାଉଥିବ। ଏହା ହେଉଛି ଆଜି ସମୟର ଭାବଧାରା। ତଥାପି ସେଗୁଡିକ ଆଦୃତ ହୋଇ ପାରୁଛି ପାଠକ, ସମ୍ପାଦକ ଓ ମୁଦ୍ରକଙ୍କ ପାଖରେ। ତାତ୍ତ୍ୱିକ ଆଲେଖ୍ୟର ମୂଲ୍ୟ ରହୁ ନାହିଁ କ'ଣ ବରଂ ସେଗୁଡିକୁ ଏତେ ହତାଦର କରାଯାଉ ଅଛି ଯେ ଶୁଦ୍ଧି ଲେଖକଙ୍କ ମନୋବଳ ଦୁର୍ବଳ ହେବାକୁ ଲାଗିଛି ଦିନକୁ ଦିନ। ଗ୍ରାମ, ସହରର କବି, ଲେଖକଙ୍କ ଆସର, ସଭା କ୍ଷେତ୍ର ଠାରୁ ରାଜ୍ୟ ସାହିତ୍ୟ ଏକାଡେମୀ ଓ ଜାତୀୟ ସ୍ତର ପର୍ଯ୍ୟନ୍ତ ପୁରସ୍କୃତ କରାଯାଉଥିବା କବି, ଲେଖକଙ୍କ ବିଷୟରେ ଜନସାଧାରଣ ଜାଣି ପାରୁନଥିଲେ ମଧ ସେହି ସମ୍ବନ୍ଧିତ ସମସ୍ତ ମଣିଷ ପ୍ରାୟତଃ ଜାଣନ୍ତି ତାହାର ଗୂଢ଼ ରହସ୍ୟ କ'ଣ ?! ଆଉ କହିବାକୁ ଗଲେ ପ୍ରାୟତଃ ସମସ୍ତ ପୁରସ୍କାର କେବଳ ସେମାନଙ୍କୁ ଦିଆଯାଇ ଥାଏ ଯେଉଁମାନେ ତାହା ପାଇବା ପାଇଁ ଅନେକ ସର୍ତ୍ତ ପୁରଣ କରିଥା'ନ୍ତି ଉପୁରି ଏବଂ ଭିତିରି କରି। ପ୍ରକୃତ ସାଧକଙ୍କୁ ଅବା ସାମାଜିକ ସଚେତନତା ସୃଷ୍ଟିକାରି ଲେଖା ଓ ଲେଖକଙ୍କୁ ଆଜି ସମୟରେ ପୁରସ୍କାର ତ ବହୁତ ଦୂର କିଏ ପରିଚୟ ମଧ ଜାଣନ୍ତି ନାହିଁ ସେମାନଙ୍କର। ଅସ୍ମିତା ବୋଲି ଏକ ଶବ୍ଦକୁ ଭାଷା ଓ ଜାତି ସହିତ ଯୋଡ଼ିଦେଇ କହି ବୁଲୁଛନ୍ତି ସମସ୍ତେ ଯେଉଁଥିରେ ବାସ୍ତବତା ବୋଲି କିଛି ନାହିଁ। କାହାକୁ କୁହାଯାଉ ଅଛି ଏବଂ ସେଗୁଡିକୁ କିଏ ଶୁଣୁଛି, ଗ୍ରହଣ କରୁଛି ଜାଣନ୍ତି କେବଳ




ସେଇମାନେ ଯେଉଁମାନେ ତାହା କୁହନ୍ତି। ପ୍ରତ୍ୟେକ ବ୍ୟକ୍ତିବିଶେଷ କେବଳ ନିଜସ୍ୱ ସ୍ୱାର୍ଥକୁ ନଜରରେ ରଖି କରି ଚାଲିଥିବା ସମସ୍ତ କାର୍ଯ୍ୟରୁ ଆଜି ବାଦ୍ ପଡ଼ି ନାହିଁ ସାହିତ୍ୟ ଏବଂ ଦର୍ଶନ ମଧ। ଯିଏ ଯେମିତି ପାରିଲା କ'ଣ ଗୋଟେ କରି ସମାଜରେ ନିଜର ନାଁ ଅର୍ଜିବା ପାଇଁ ରଖିଛନ୍ତି ଉଦ୍ଦେଶ୍ୟ କେବଳ। ସେମାନଙ୍କ ଉଦ୍ଦେଶ୍ୟ ଯେ, ସାମୁହିକ କ୍ଷତି କରି ସମାଜକୁ ଏତେ ତଳକୁ ନେଇ ଗଲାଣି ସେ କଥା ଉପରେ ବିଚାର ନାହିଁ କାହାର, କାରଣ ସମସ୍ତେ ସେହି ଏକ ଦିଗଗାମୀ ! ଆଜିର ମଣିଷ ହୁଅନ୍ତୁ କିମ୍ବା ପୂର୍ବର, ସେ ସମସ୍ତେ ଆଜି ଏକ ଦିଗଗାମୀ ହେବାର କାରଣ ଅତ୍ୟନ୍ତ ରହସ୍ୟ ପୂର୍ଣ୍ଣ। ସୂକ୍ଷ୍ମ ଅନୁଧାନ ପୂର୍ବକ ବିଚାର କରାଗଲେ ଜାଣିହେବ, ଯେ ସାଧାରଣ ମଣିଷଙ୍କ ଦୁର୍ବଳ ସ୍ମରଣିକା ଏବଂ ଅଲୌକିକତା ମନୋଭାବ କାରଣରୁ ମଣିଷ ଯେ କୌଣସି କଥା, ବିଷୟ ହେଉ କି ବସ୍ତୁକୁ ସହଜରେ ଭୁଲିଯାଇ ଉପସ୍ଥିତ ସମୟର ଧାରାରେ ପ୍ରବାହିତ ହୋଇଥା'ନ୍ତି। ମଣିଷର ଏହି ବିଚାର କାରଣରୁ ସମୟର ସୁଯୋଗ ନେଇ ଚତୁର ସେମାନଙ୍କୁ ପ୍ରତାରିତ କରି ରଖି ନିଜର ପତିଆରା ବିସ୍ତାର କରିବା ପାଇଁ ଉଦ୍ୟମ ଜାରି ରଖିଥା'ନ୍ତି, ଯାହା ବର୍ତ୍ତମାନର ପରିବେଶ ପରିସ୍ଥିତି ଦେଖିବାକୁ ମିଳୁଛି ଆମ ସମାଜରେ। ପ୍ରାକ୍ ସମୟର ସମସ୍ତ ବିଷୟକୁ ଭୁଲି ଯାଇ ଉପସ୍ଥିତ ବିଷୟର ସଜ୍ଞାକୁ ନବୁଝି ନିର୍ଦ୍ୱନ୍ଦ ସମର୍ଥନ କାରଣରୁ ଆଜି ଆମ ସମାଜ ଅଧୋଗତି କ୍ଷେତ୍ରରେ ପ୍ରଧାବିତ ଯାହା ହୁଏତ ବୁଝିଛନ୍ତି ହାତଗଣତି କେତେକ ଜ୍ଞାନୀ ଗୁଣି ମଣିଷ। ତା ଛଡା ସର୍ବସାଧାରଣ ଏହି ସବୁ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ।

ଉପସ୍ଥିତ ସମୟର ଧାରାରେ ଯେତେ ସବୁ ମିଥ୍ୟା କୁହେଳିକା ସୃଷ୍ଟି କରାଯାଉ ଅଛି ସେଗୁଡ଼ିକୁ ସାଧାରଣ ନିର୍ବୋଧ ଏକ ଅଲୌକିକ ରାଜ୍ୟର ଅକ୍ଷୟ ଗୁଣଧର୍ମୀ ପ୍ରବଚନ ଭଳି ଗ୍ରହଣ କରି ଚାଲିଛନ୍ତି। ଏହି କ୍ରମରେ ଦେଖିବାକୁ ଗଲେ ହୁଏତ ପ୍ରତ୍ୟେକ ଦିନ ସହ ସହ କବିତା ପ୍ରବନ୍ଧ, ଗଳ୍ପ, ଉପନ୍ୟାସ ଠାରୁ ଆରମ୍ଭ କରି ନାଟକ ଇତିହାସ ପର୍ଯ୍ୟନ୍ତ ଯେତିକି ପୁସ୍ତକ ମୁଦ୍ରିତ ହୋଇ ବଜାରକୁ ଆସୁଛି ସେଗୁଡ଼ିକରେ କୌଣସି ଜ୍ଞାନ ବର୍ଦ୍ଧିଷ୍ଣୁ ବିଷୟ ତ ବହୁତ ଦୂର ବରଂ ତାହା ଜନମାନସକୁ ବିକ୍ଷିପ୍ତ କରି ଅଜ୍ଞାନ କରୁଥିବା ଏକ ସାଧାରଣ ବିଷୟ ନୁହେଁ ଯାହାର ସମୀକ୍ଷା କେଉଁଠି ହେଲେ ହେଉନାହିଁ। ବରଂ ବଡ଼ ସମାରୋହରେ ପୁସ୍ତକ ଉନ୍ମୋଚନ ଶିବିର ମଞ୍ଚସ୍ଥ ହେଉଛି ଯାହା ପାଇଁ ହଜାର ହଜାର କରତାଳି, ପୁଷ୍ପଗୁଚ୍ଛ ସହିତ ସମ୍ମାନର ଅସାର କହିଲେ ନସରେ ! (କ୍ରମଶଃ)

**ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ-୭୬୧୦୨୦. ମୋବାଇଲ୍:୯୪୩୭୩୨୪୯୧୭**

# ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଖୁବଶୀଘ୍ର ମୁକ୍ତ ବାଣିଜ୍ୟ ବୁଝାମଣା



**ଛତିଶଗଡ଼ର,୧।୩:** ଛତିଶଗଡ଼ର ସୁକୁମାରେ ହୋଇଛି ଏନକାଉଣ୍ଟର । ନକ୍ସଲ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଆଜି ସକାଳଠାରୁ ସୁକମା ଜିଲ୍ଲାରେ ଏନକାଉଣ୍ଟର ଚାଲିଛି। ଏନକାଉଣ୍ଟରରେ ଦୁଇ ଜଣ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମୃତଦେହ ଜବତ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ ଜାରି ରହିଛି। ଜିଲ୍ଲାର କିଷ୍ଟାରାମ ଥାନା ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ଡିଆରଜି ଏବଂ କୋବ୍ରା ବାଟାଲିୟନର ଏକ ମିଳିତ ଦଳ ସନ୍ଧାନ ପାଇଁ ବାହାରିଥିଲେ । ସକାଳ ଠାରୁ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ମଝିରେ ମଝିରେ ଏନକାଉଣ୍ଟର ଚାଲିଛି। ସୁରକ୍ଷା ବାହିନୀ ମଧ ଘଟଣାସ୍ଥଳରେ ଘନିଷ୍ଠ ତଲାସ ଚଳାଇଛନ୍ତି । ବିଜାପୁରରେ ନକ୍ସଲମାନେ ସୁରକ୍ଷା କର୍ମୀଙ୍କ ଉପରେ ଆକ୍ରମଣ କରିଥିଲେ ଯେଉଁଥିରେ ୮ ଜଣ ସୈନିକ ସହିଦ ହୋଇଥିଲେ। ଜଣେ ଡ୍ରାଇଭରଙ୍କର ମଧ ମୃତ୍ୟୁ ଘଟିଛି । ଏହା ପରେ ତୀବ୍ର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ଫେବୃଆରୀ ମାସରେ ବିଜାପୁର ଜିଲ୍ଲାରେ ନକ୍ସଲବାଦୀଙ୍କ ବିରୁଦ୍ଧରେ ଏକ ଅଭିଯାନ ଆରମ୍ଭ ହୋଇଥିଲା ଯେଉଁଥିରେ ଅନେକ ନକ୍ସଲବାଦୀ ନିହତ ହୋଇଥିଲେ ଏବଂ ଅନେକ ଆତ୍ମସମର୍ପଣ କରିଥିଲେ । ସେମାନଙ୍କ ମଧରେ ପୁରସ୍କୃତ ନକ୍ସଲ ମଧ ସାମିଲ ଥିଲେ। ବିଜାପୁରର ଏବଂ ଫାର୍ସେଗଡ଼ ଥାନା ଅଞ୍ଚଳର ସୀମାରେ କରାଯାଇଥିବା ଏହି ଅପରେସନରେ ୧୧ ଜଣ ମହିଳା ସମେତ ୩୧ ଜଣ ନକ୍ସଲ ନିହତ ହୋଇଥିଲେ । ଏହି ଏନକାଉଣ୍ଟରରେ ଦୁଇ ଜଣ ସୁରକ୍ଷା କର୍ମୀ ମଧ ସହିଦ ହୋଇଛନ୍ତି । ଏହି ନକ୍ସଲମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଜବତ କରାଯାଇଥିଲା। ଏହି ସାକ୍ଷାତ ୧୨ ଘଣ୍ଟା ଧରି ଚାଲିଥିଲା । ଘଟଣା ସ୍ଥଳରେ ୫୦ ଜଣ ନକ୍ସଲ ଉପସ୍ଥିତ ଥିଲେ ।

## ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ପୁଟିନ୍‌ଙ୍କ ତାଚ୍ଛଲ୍ୟ

# ଟ୍ରମ୍ପ-ଜେଲେନସ୍କି ଲଢ଼େଇର ମଜା ନେଉଛି ରୁଷ





**ନୂଆଦିଲ୍ଲୀ,୧।୩:** ଶୁକ୍ରବାର ହ୍ୱାଇଟ୍ ହାଉସରେ ହୋଇଥିବା ହାଇଡ୍ରାମାକୁ ନେଇ ଚର୍ଚ୍ଚା ଲାଗି ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ଘଟଣା ସାରା ବିଶ୍ୱରେ ଚହଳ ସୃଷ୍ଟି କରିଛି । ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତିଙ୍କୁ ସବୁଆଡ଼ୁ ଘେରିବାକୁ ଚେଷ୍ଟା କରିଥିଲେ । ଜେଲେନସ୍କି ମଧ ଟ୍ରମ୍ପଙ୍କୁ ଜବାବ ଦେବାକୁ ପଛାଇ ଦେଇନଥିଲେ । ସେପଟେ ହ୍ୱାଇଟ୍ ହାଉସରେ ଘଟିଥିବା ଘଟଣା ଲାଗି ଜେଲେନସ୍କିଙ୍କୁ ତାଚ୍ଛଲ୍ୟ କରିଛି ରୁଷ । ହ୍ୱାଇଟ୍ ହାଉସରେ ଟ୍ରମ୍ପ ଏବଂ ଜେଲେନସ୍କିଙ୍କ ମଧରେ ହୋଇଥିବା କଡ଼ା ବିତର୍କ ଉପରେ ରୁଷ ଖୁସି ପ୍ରକାଶ କରିଛି ଏବଂ କହିଛି ସେ ଏଥିପାଇର୍ ଯୋଗ୍ୟ । ରୁଷ କହିଛି ଯେ, ଏହି ଲଢ଼େଇ ମସ୍କୋ ପାଇଁ ଏକ ଉପହାର, ଯାହା ଟ୍ରମ୍ପଙ୍କ ନୂତନ ପ୍ରଶାସନ ସହିତ ଉତ୍ତମ ସମ୍ପର୍କ ଗଠନ ପାଇଁ କାର୍ଯ୍ୟ କରୁଛି । ରୁଷ ସୁରକ୍ଷା ପରିଷଦର ଉପାଧ୍ୟକ୍ଷ ମେଦଭେଦେବ ମଧ ଏ ବିଷୟରେ ଏକ ବିବୃତ୍ତି ଦେଇଛନ୍ତି । ଟେଲିଗ୍ରାମରେ ପୋଷ୍ଟ କରି ସେ ଲେଖିଛନ୍ତି, 'ଓଭାଲ ଅଫିସରେ ଜେଲେନସ୍କିଙ୍କ ଉପରେ ନିର୍ମମ ଆକ୍ରମଣ ହୋଇଛି।' ରୁଷିଆ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି, ୟୁକ୍ରେନୀୟ ରାଷ୍ଟ୍ରପତି ରକ୍ଷା ପାଇଗଲେ କାରଣ ଟ୍ରମ୍ପ ଏବଂ ଭାନ୍ସ ବିତର୍କ ସମୟରେ ଜେଲେନସ୍କିଙ୍କୁ ଆକ୍ରମଣ କରିନଥିଲେ। ଚ୍ୟାନେଲଗୁଡ଼ିକରେ ସବୁକିଛି ସମସ୍ତେ ଦେଖିଲେ । କିଭଳି ଜେଲେନ୍ସ୍କି ତାଙ୍କୁ ଖାଇବାକୁ ଦେଉଥିବା ହାତକୁ କାଟୁଥିଲେ । ପୂର୍ବତନ ରୁଷ ରାଷ୍ଟ୍ରପତି ଦିମିତ୍ରୀ ମେଦଭେଦେବ ଟ୍ରମ୍ପଙ୍କ ପ୍ରତିକ୍ରିୟାକୁ ଜେଲେନସ୍କିଙ୍କ ପ୍ରତି "ଗାଲରେ ଏକ ଚାପୁଡ଼ା" ବୋଲି କହିଛନ୍ତି । ସେ କହିଛନ୍ତି ଯେ, ଜେଲେନସ୍କି ବଡ଼ ବଡ଼ କଥା କହୁଛନ୍ତି, କିନ୍ତୁ ଟ୍ରମ୍ପ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସ ତାଙ୍କୁ ଆମେରିକାର ଅସମ୍ମାନ କରୁଥିବାର ଅଭିଯୋଗ କରିଛନ୍ତି । ହ୍ୱାଇଟ୍ ହାଉସରେ ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ ଏବଂ ଜେଲେନ୍ସ୍କିଙ୍କ ମଧ୍ୟରେ ରୁଷ ସହିତ ଯୁଦ୍ଧକୁ ନେଇ ପ୍ରବଳ ବିତର୍କ ହୋଇଥିଲା । ଟ୍ରମ୍ପ କହିଥିଲେ ଯେ, ଜେଲେନସ୍କି ଯୁଦ୍ଧବିରତି ସ୍ୱାକ୍ଷର ନକରି ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ସହିତ ଖେଳୁଛନ୍ତି । ଟ୍ରମ୍ପ ଏହା ମଧ କହିଥିଲେ ଯେ ଜେଲେନସ୍କି ତୃତୀୟ ବିଶ୍ୱଯୁଦ୍ଧ ପାଇଁ ଜୁଆ ଖେଳୁଛନ୍ତି ଏବଂ ଶେଷରେ ତାଙ୍କୁ ରୁଷ ସହିତ ବୁଝାମଣା କରିବାକୁ ପଡିବ। ଏହାର ଜବାବରେ ଜେଲେନ୍ସ୍କି କହିଥିଲେ ଯେ, ଆମକୁ ଯୁଦ୍ଧବିରତିର ଆବଶ୍ୟକତା ନାହିଁ। ସେପଟେ ଜେଲେନସ୍କି ୱାଶିଂଟନରେ ଆମେରିକାକୁ ଅସମ୍ମାନ କରିଛନ୍ତି । ଏବେ ସେ ଶାନ୍ତି ପାଇଁ ପ୍ରସ୍ତୁତ ହେଲେ ହିଁ ଏଠାକୁ ଫେରିପାରିବେ ବୋଲି ଟ୍ରମ୍ପ କହିଥିଲେ ।

# ମଣିପୁର ସ୍ଥିତିକୁ ନେଇ ଶାହାଙ୍କ ଉଚ୍ଚସ୍ତରୀୟ ବୈଠକ




ନୂଆଦିଲ୍ଲୀ,୧।୩: କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶନିବାର ମଣିପୁରର ପରିସ୍ଥିତି ଉପରେ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, ଯେଉଁଥିରେ ସେ ରାଜ୍ୟର ସମସ୍ତ ରାସ୍ତାରେ ଟ୍ରାଫିକ ଚଳାଚଳ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ମଣିପୁର ରାଜ୍ୟପାଳ, କେନ୍ଦ୍ର ଗୃହ ସଚିବ, ଉପ-ସେନା ମୁଖ୍ୟ, ପୂର୍ବ ସେନା କମାଣ୍ଡର, ଗୁଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ, ସୀମା ସୁରକ୍ଷା ବଳ, କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ଏବଂ ଆସାମ ରାଇଫଲ୍ସର ମହାନିର୍ଦ୍ଦେଶକ, ମଣିପୁରର ସୁରକ୍ଷା ପରାମର୍ଶଦାତା ଏବଂ ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ), ସେନା ଏବଂ ମଣିପୁର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ସମୟରେ ଶାହା ମଣିପୁରର ସୁରକ୍ଷା ପରିସ୍ଥିତି ସମୀକ୍ଷା କରିଥିଲେ ଏବଂ ସେଠାକାର ପରିସ୍ଥିତି ବିଷୟରେ ସୁରକ୍ଷା ବାହିନୀଙ୍କଠାରୁ ଅପଡେଟ ମଧ ନେଇଥିଲେ। ବୈଠକ ସମୟରେ ଅମିତ ଶାହା କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ମଣିପୁରରେ ସ୍ଥାୟୀ ଶାନ୍ତି ଫେରାଇ ଆଣିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଭାରତ ସରକାର ଏ ଦିଗରେ ସମସ୍ତ ପ୍ରକାରର ପ୍ରୟାସ କରୁଛନ୍ତି ଏବଂ ସମସ୍ତ ପ୍ରକାରର ସାହାଯ୍ୟ ମଧ ଯୋଗାଇ ଦେଉଛନ୍ତି। ସୂଚନାଯୋଗ୍ୟ, ଫେବୃଆରୀ ୧୩ ତାରିଖରେ ରାଜ୍ୟ ରାଜ୍ୟପାଳଙ୍କ ଠାରୁ ରିପୋର୍ଟ ପାଇବା ପରେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି।

## ପାସ୍‌ପୋର୍ଟର ନିୟମ ବଦଳାଇଲେ ସରକାର

# ପରିଚୟ ପାଇଁ କେବଳ ଦରକାର ଏହି ଡକ୍ୟୁମେଣ୍ଟ




ନୂଆଦିଲ୍ଲୀ,୧।୩: ପାସ୍‌ପୋର୍ଟ ହେଉଛି ଏକ ଡକ୍ୟୁମେଣ୍ଟ ଯାହା ଜଣେ ବ୍ୟକ୍ତିଙ୍କ ପରିଚୟ ଏବଂ ଜାତୀୟତାକୁ ପ୍ରମାଣିତ କରେ। ବିଦେଶ ଯାତ୍ରା ପାଇଁ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ। ଏହା ସାହାଯ୍ୟରେ, ଆପଣ ପର୍ଯ୍ୟଟନ ପାଇଁ, ପାଠପଢ଼ା ପାଇଁ, ବ୍ୟବସାୟ କରିବା ପାଇଁ କିମ୍ବା ଅନ୍ୟାନ୍ୟ କାରଣ ପାଇଁ ଅନ୍ୟ ଦେଶଗୁଡ଼ିକୁ ଯାତ୍ରା କରିପାରିବେ। ଏବେ ଭାରତ ସରକାରଙ୍କ ଦ୍ୱାରା ପାସ୍‌ପୋର୍ଟ ନିୟମରେ କିଛି ପରିବର୍ତ୍ତନ କରାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପାସ୍‌ପୋର୍ଟ ନିୟମ ସଂଶୋଧନ କରାଯାଇଛି। ଏହା ଅନୁଯାୟୀ, ୧ ଅକ୍ଟୋବର ୨୦୨୩ କିମ୍ବା ତା'ପରେ ଜନ୍ମିତ ପାସ୍‌ପୋର୍ଟ ଆବେଦନକାରୀଙ୍କ ପାଇଁ, ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ର ହିଁ ଜନ୍ମ ତାରିଖର ଏକମାତ୍ର ପ୍ରମାଣପତ୍ର ହେବ। ଏହି ସପ୍ତାହରେ ପାସ୍‌ପୋର୍ଟ ନିୟମ, ୧୯୮୦ରେ ସଂଶୋଧନ କାର୍ଯ୍ୟକାରୀ କରିବା ପାଇଁ ଏକ ସରକାରୀ ନୋଟ ଜାରି କରାଯାଇଛି। ସରକାରୀ ଗେଜେଟରେ ସଂଶୋଧନ ପ୍ରକାଶିତ ହେବା ପରେ ନୂତନ ପାସ୍‌ପୋର୍ଟ ନିୟମ କାର୍ଯ୍ୟକାରୀ ହେବ।

# କେମିକାଲ ଫ୍ୟାକ୍ଟ୍ରିରେ ବଡ଼ ଧରଣର ଅଗ୍ନିକାଣ୍ଡ



ଭୋପାଳ,୧।୩: ମଧ୍ୟପ୍ରଦେଶର ରାଜଧାନୀ ଭୋପାଳର ଗୋବିନ୍ଦପୁରୀ ଅଞ୍ଚଳର ଜେ.କେ ରୋଡ୍‌ରେ ଥିବା ଏକ କେମିକାଲ ଫ୍ୟାକ୍ଟ୍ରିରେ ଶନିବାର ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ନିଆଁ ଏତେ ଜୋର ଥିଲା ଯେ, ଝାସ ୨୦ ଫୁଟ ଉଚ୍ଚ ପର୍ଯ୍ୟନ୍ତ ଉପରକୁ ଉଠୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀର ୧୦ରୁ ୧୨ଟି ଗାଡ଼ି ଏବଂ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ନିଆଁକୁ ଆୟତ୍ତ କରାଯାଇ ପାରିନାହିଁ। ସତର୍କତାମୂଳକ ପଦକ୍ଷେପ ଭାବେ କେମିକାଲ ଫ୍ୟାକ୍ଟ୍ରିର ନିକଟସ୍ଥ ଦୋକାନଗୁଡ଼ିକୁ ପୋଲିସ ବନ୍ଦ କରିଦେଇଛି। ଶଟସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ନେଇ ଅନୁମାନ କରାଯାଉଛି। ହେଲେ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଆଶଙ୍କା କରାଯାଉଛି।

# ଚମୋଲି ଦୁର୍ଘଟଣାରେ ୪ ଶ୍ରମିକଙ୍କ ମୃତ୍ୟୁ

ଡେରାଡୁନ,୧।୩: ଉତ୍ତରାଖଣ୍ଡର ଚାମୋଲି ହିମସ୍ଖଳନ ଦୁର୍ଘଟଣାରେ ୫୦ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏହି ୫୦ ଜଣ ଶ୍ରମିକଙ୍କ ମଧ୍ୟରୁ ୪ଜଣଙ୍କର ମୃତ୍ୟୁ ହୋଇଛି। ବାକି ସମସ୍ତ ଶ୍ରମିକଙ୍କ ଚିକିତ୍ସା ଜାରି ରହିଛି। ଅନ୍ୟ ୫ଜଣଙ୍କୁ ଖୋଜା ଚାଲିଛି। ଶୁକ୍ରବାର ଉତ୍ତରାଖଣ୍ଡର ମାନାରେ ହିମବାହ ଭାଙ୍ଗିବା ଯୋଗୁଁ ଏକ ବଡ଼ ହିମସ୍ଖଳନ ଘଟିଥିଲା। ଯାହା ଯୋଗୁଁ ବିଆରଓ କ୍ୟାମ୍ପ କ୍ଷତିଗ୍ରସ୍ତ ହୋଇଛି। ଏହି ସମୟରେ, ୫୫ଜଣ ଶ୍ରମିକ ବରଫ ତଳେ ପୋତି ହୋଇଯାଇଥିଲେ, ଯେଉଁଥିରୁ ୫୦ଜଣଙ୍କୁ ଉଦ୍ଧାର କରାଯାଇଛି। ନିଖୋଜ ୫ ଜଣଙ୍କ ସନ୍ଧାନ ଜାରି ରହିଛି। ଏଥିମଧ୍ୟରୁ ଚାରି ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି ମୁଖ୍ୟମନ୍ତ୍ରୀ ଧାମିଙ୍କ ସହ କଥା ହୋଇ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ବିଷୟରେ ପଚାରି ବୁଝିଥିଲେ। ସୁରକ୍ଷିତ ଭାବରେ ସ୍ଥାନାନ୍ତରିତ ଶ୍ରମିକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ଧାମି ଚାରି ଜଣ ଶ୍ରମିକଙ୍କ ମୃତ୍ୟୁ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ପିଆରଓ ପ୍ରତିରକ୍ଷା ଡେରାଡୁନ ଲେଫ୍ଟନାଣ୍ଟ କର୍ଣ୍ଣେଲ ମନୀଷ ଶ୍ରୀବାସ୍ତବ କହିଛନ୍ତି ଯେ ବରଫ ତଳେ ଚାପି ହୋଇ ରହିଥିବା ଚାରି ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ପାଞ୍ଚ ଜଣଙ୍କୁ ଖୋଜିବା ଜାରି ରହିଛି। ଯେତେବେଳେ ୪୬ ଜଣ ଶ୍ରମିକ ସୁରକ୍ଷିତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଧାମି ମଧ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।




## ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ : ୩ ମୃତ



**ତେଲେଙ୍ଗାନା,୧।୩:** ରଙ୍ଗାରେଡି ପୁପ୍ପାଲାଗୁଡ଼ାରେ ଥିବା ଉସମାନ ତେଜରାତି ଦୋକାନରେ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ହୋଇଛି। ଏହି ଘଟଣାରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି । ପିଏସ୍ ନରସିଙ୍ଗିର ଏସ୍‌ଏଚ୍‌ଓ ହରି କ୍ରିଷ୍ଣା ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ପୁଲିସର ସୂଚନା ଅନୁଯାୟୀ ଘଟଣାଟି ଗତକାଲି ଅର୍ଥାତ୍ ଫେବୃଆରୀ ମାସ ୨୮ ତାରିଖ ସନ୍ଧ୍ୟା ପ୍ରାୟ ୫:୩୦ ସମୟରେ ହୋଇଥିଲା । ଯେତେବେଳେ ତେଜରାତି ଦୋକାନ ଭିତରେ ଥିବା ଏକ ରେଫ୍ରିଜରେଟର ସର୍ଟ ସର୍କିଟ ଯୋଗୁଁ ବିସ୍ଫୋରଣ ହୋଇଥିଲା । ଯାହା ଫଳରେ ନିଆଁ ଲାଗିଯାଇଥିଲା। ଯାହା ଫଳରେ ନିଆଁ ତିନି ମହଲା କୋଠାର ଉପର ମହଲାକୁ ଖୁବ୍ ଶିଘ୍ର ବ୍ୟାପି ଯାଇଥିଲା। ପୋଲିସ କହିଛି ଯେ ସେମାନେ ଗାନ୍ଧୀପେଟ୍ ମଣ୍ଡଳର ବାସିନ୍ଦା ତମିଜ ଖାନଙ୍କଠାରୁ ଏକ ଅଭିଯୋଗ ପାଇଥିଲେ । ଯେଉଁଥିରେ କୁହାଯାଇଛି ଯେ ତାଙ୍କ ସମ୍ପର୍କୀୟ ଭାଇ ଉସମାନ ଖାନଙ୍କ ଦୋକାନ ପୁପ୍ପାଲାଗୁଡ଼ାର ପାଶା କଲୋନୀରେ ଥିବା ଏକ ଜି+୨ କୋଠାର ତଳ ମହଲାରେ ରହିଛି । ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇ ଅଭିଯୋଗକାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ । ନିଆଁ ପ୍ରଥମ ମହଲାକୁ ବ୍ୟାପିଯାଇଛି, ଯେଉଁଠାରେ ଉସମାନ ଖାନଙ୍କ ପରିବାର ସଦସ୍ୟମାନେ ଥିଲେ ।

## ପୁରୁଣା ଗାଡିକୁ ତେଲ ମନା

**ଦିଲ୍ଲୀ,୧।୩:** ଦିଲ୍ଲୀ ସରକାରଙ୍କ ଏକ ବଡ଼ ଘୋଷଣା । ପୁରୁଣା ଗାଡ଼ିକୁ ମିଳିବନି ତେଲ। ସରକାର କହିଛନ୍ତି ଯେ ପେଟ୍ରୋଲ ପମ୍ପରେ ଏପରି ଯାନଗୁଡ଼ିକୁ ଆଉ ଇନ୍ଧନ ଦିଆଯିବ ନାହିଁ । ଦିଲ୍ଲୀ ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିର୍ସା କହିଛନ୍ତି । ମାର୍ଚ୍ଚ ୩୧ ପରେ ଦିଲ୍ଲୀର ପେଟ୍ରୋଲ ପମ୍ପଗୁଡ଼ିକରେ ୧୫ ବର୍ଷରୁ ପୁରୁଣା ଯାନଗୁଡ଼ିକୁ ଇନ୍ଧନ ଦିଆଯିବ ନାହିଁ । ଦିଲ୍ଲୀରେ ପ୍ରଦୂଷଣକୁ ରୋକିବା ପାଇଁ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଯାନ ଉପରେ ନିଷେଧାଦେଶ ଜାରି କରାଯାଇଛି । ଦିଲ୍ଲୀରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ, ପୂର୍ବରୁ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଯାନ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଏବେ ସରକାର ଆଣ୍ଟି-ସ୍ମଗ୍ ଗନ୍ ଏବଂ କ୍ଲାଉଡ୍ ସିଡିଂ ସ୍ଥାପନ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ।

## ଯାଦବପୁର ୟୁନିଭର୍ସିଟିରେ ହଙ୍ଗାମା

# ଛାତ୍ରଙ୍କ ମାଡ଼ରେ ଶିକ୍ଷାମନ୍ତ୍ରୀଙ୍କ ସମେତ ଶିକ୍ଷକ ଆହତ

**ଯାଦବପୁର।୧।୩:** ପଶ୍ଚିମବଙ୍ଗ ଯାଦବପୁର ୟୁନିଭର୍ସିଟିରି ଶନିବାର ଛାତ୍ର ହଙ୍ଗାମା କରିଛନ୍ତି। ଛାତ୍ରମାନଙ୍କ ବିରୋଧ ପ୍ରଦର୍ଶନ ହିଂସ୍ର ରୂପ ଧାରଣ କରିବାରୁ ଶିକ୍ଷାମନ୍ତ୍ରୀ ବ୍ରାତ୍ୟ ବସୁ ଓ ଅନେକ ଅଧ୍ୟାପକ ଆହତ ହୋଇଛନ୍ତି। ଛାତ୍ରମାନେ ଶିକ୍ଷାମନ୍ତ୍ରୀଙ୍କ ସରକାରୀ ଗାଡ଼ି ଭଙ୍ଗାରୁଜା କରିବା ସହ ତାଙ୍କୁ ବନ୍ଧକ ରଖି ମାରପିଟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବାମପନ୍ଥୀ ଛାତ୍ର ସଙ୍ଗଠନ ଯାଦବପୁର ୟୁନିଭର୍ସିଟି ଛାତ୍ରସଂସଦ ନିର୍ବାଚନ ଦାବି କରି ଆନ୍ଦୋଳନ କରୁଥିଲା। ଶିକ୍ଷାମନ୍ତ୍ରୀ ଶନିବାର ବିଶ୍ୱବିଦ୍ୟାଳୟକୁ ପଶ୍ଚିମବଙ୍ଗ କଲେଜ ଆଣ୍ଡ ୟୁନିଭର୍ସିଟି ପ୍ରଫେସର ଆସୋସିଏସନ ବୈଠକରେ ଯୋଗ ଦେବାକୁ ଆସିଥିଲେ। ବୈଠକରେ ଯୋଗ ଦେଇ ଶିକ୍ଷାମନ୍ତ୍ରୀ ଫେରିବା ବେଳେ ଛାତ୍ରଙ୍କ ଆକ୍ରୋଶର ସମ୍ମୁଖୀନ ହୋଇଛନ୍ତି। ଉତ୍ତେଜିତ ଛାତ୍ରମାନେ ତାଙ୍କ ଗାଡ଼ି ଚକ ପଙ୍କଚର କରିଦେଇଥିଲେ। ଏହାପରେ ମନ୍ତ୍ରୀଙ୍କ କାର ଓ ସାଙ୍ଗରେ ଥିବା ପାଇଲଟ କାରକୁ ଭଙ୍ଗାରୁଜା କରିଥିଲେ। ଛାତ୍ରମାନେ ଶିକ୍ଷାମନ୍ତ୍ରୀଙ୍କୁ ପାଖାପାଖି ଦୁଇ ଘଣ୍ଟା ଅଟକ କରି ରଖିଥିଲେ। ପଶ୍ଚିମବଙ୍ଗ ଶିକ୍ଷାମନ୍ତ୍ରୀ କହିଛନ୍ତି ଯେ ତାଙ୍କ କାର ଉପରକୁ ଇଟା ଫିଙ୍ଗାଯାଇଥିଲା ଓ ତାଙ୍କ ଉପରେ ଆକ୍ରମଣ କରାଯାଇଛି। ପରେ ପୋଲିସ ପହଞ୍ଚି ଶିକ୍ଷାମନ୍ତ୍ରୀଙ୍କୁ ଛାତ୍ରଙ୍କ କବଳରୁ ଉଦ୍ଧାର କରିବା ସହିତ ତାଙ୍କୁ ତୁରନ୍ତ ଏସଏସକେଏମ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଟ୍ରମା କେୟାର ସେଣ୍ଟରରେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ବିଶ୍ୱବିଦ୍ୟାଳୟ ଛାତ୍ରସଂଘ ନିର୍ବାଚନ ପାଇଁ ବାମପନ୍ଥୀ ଛାତ୍ର ସଙ୍ଗଠନ ପୂର୍ବରୁ କ୍ୟାମ୍ପସରେ ଧାରଣା ଦେଇ ବସିଥିଲା।



## ନୂଆଦିଲ୍ଲୀ ରେଳଷ୍ଟେସନରେ ରାହୁଲ, କୁଲିଙ୍କ ସହ କଲେ ଆଲୋଚନା

ନୂଆଦିଲ୍ଲୀ ୧।୩: କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଶନିବାର ଦିଲ୍ଲୀ ରେଳ ଷ୍ଟେସନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଷ୍ଟେସନ କୁଲିମାନଙ୍କୁ ଭେଟିଥିବା ବେଳେ ସେମାନଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ ରାହୁଲ ଗାନ୍ଧି ସେମାନଙ୍କ ସମସ୍ୟା ଶୁଣିବା ସହ ସମାଧାନ ନିମନ୍ତେ ପ୍ରତିଶ୍ରୁତି ମଧ ଦେଇଛନ୍ତି। ଏହି ଅବସରରେ ରାହୁଲ କିଛି ରେଳ ଯାତ୍ରୀଙ୍କୁ ମଧ ଭେଟିଥିଲେ ଓ ସେମାନଙ୍କ ସହ କଥା ବି ହୋଇଥିଲେ। ଗତ ୧୫ ତାରିଖ ଦିନ ନୂଆ ଦିଲ୍ଲୀ ରେଳ ଷ୍ଟେସନରେ ଯାତ୍ରୀ ଗହଳି ଯୋଗୁ ଦଳାଚକଟା ହୋଇଥିଲା। ଏଥିରେ ୧୮ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ଏହି ଅଘଟଣ କାଳରେ ଷ୍ଟେସନ କୁଲି ସାହାସିକତା ଦେଖାଇ ଅନେକ ଯାତ୍ରୀଙ୍କ ଜୀବନ ରକ୍ଷା କରିଥିଲେ। ଏହି ଘଟଣା ପରେ ରାହୁଲ ଗାନ୍ଧି ପ୍ରଥମ ଥର ଶନିବାର ଦିଲ୍ଲୀ ଷ୍ଟେସନ ପରିଦର୍ଶନ କରିଥିବା ବେଳେ କୁଲିଙ୍କ ସହ କଥାବାର୍ତ୍ତା ହୋଇଛନ୍ତି। ଏହି ଅବସରରେ ରାହୁଲ ଗାନ୍ଧି ଷ୍ଟେସନରେ ଯେପରି ଦଳାଚକଟା ଭଳି ଘଟଣାର ପୁନରାବୃତ୍ତି ନ ହୁଏ ସେଥି ପାଇଁ ସରକାରଙ୍କୁ ଜରୁରି ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି। ରାହୁଲ ତାଙ୍କ ଷ୍ଟେସନ ପରିଦର୍ଶନର ଫଟୋ ଏକ୍ସ ରେ ସେୟାର କରିଛନ୍ତି। ଏଥିରେ ଲେଖିଛନ୍ତି 'ପ୍ରାୟତଃ ଅନ୍ଧାର ସମୟରେ ମାନବିକତାର ଆଲୋକ ସବୁଠୁ ଉଜ୍ଜ୍ୱଳ ପ୍ରତିଭାତ ହୋଇଥାଏ'। ସେ ଲେଖିଛନ୍ତି ଯେ ରେଳ ଷ୍ଟେସନରେ ଦଳାଚକଟା କାଳରେ କୁଲି ଭାଇମାନେ ମାନବିକତାର ଉଦାହରଣ ଦେଇ ଅନେକ ଯାତ୍ରୀଙ୍କ ପ୍ରାଣ ରକ୍ଷା କରିଛନ୍ତି।

# ୪ ମାସ ଭଡ଼ା ବାକି, ଆପ୍ ଅଫିସ୍‌ରେ ତାଲା




**ଭୋପାଳ,୧।୩:** ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟିକୁ ଏକ ବଡ଼ ପରାଜୟର ସାମ୍ନା କରିବାକୁ ପଡିଛି। ଏବେ ଏହି ପରାଜୟର ପ୍ରଭାବ ଅନ୍ୟ ରାଜ୍ୟରେ ମଧ୍ୟ ଦେଖିବାକୁ ମିଳୁଛି। ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଥିବା ଆପ ପାର୍ଟି କାର୍ଯ୍ୟାଳୟରେ ତାଲା ପକାଇ ଦିଆଯାଇଛି। ଆମ ଆଦମୀ ପାର୍ଟିର ରାଜ୍ୟ କାର୍ଯ୍ୟାଳୟ ମଧ୍ୟପ୍ରଦେଶର ରାଜଧାନୀ ଭୋପାଳର ସୁଭାଷ ନଗରରେ ଅବସ୍ଥିତ। ଏଠାରେ ବହୁତ ଦିନ ଧରି ଆପର ରାଜନୀତି ଚାଲିଥିଲା। ଏବେ ଘରମାଲିକ ଭଡା ନ ଦେବାରୁ ଅଫିସ ଗେଟରେ ତାଲା ପକାଇ ଦେଇଛନ୍ତି। କୁହାଯାଉଛି ଯେ ଆପ ପାର୍ଟି ଗତ ୪ ମାସ ଧରି ଅଫିସ ଭଡା ଦେଇନାହିଁ। ଜମିଦାର ବିବେକ ଗଙ୍ଗଲାନି କହିଛନ୍ତି, ଦଳୀୟ କାର୍ଯ୍ୟାଳୟରେ ଚାଲିଥିବା କାର୍ଯ୍ୟକଳାପ ଉପରେ ଆପତ୍ତି ରହିଛି। ଦଳୀୟ କାର୍ଯ୍ୟାଳୟରେ ମଦ ପ୍ୟାକେଟ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଉପରେ ଘରମାଲିକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘର ଖାଲି କରିବା ପାଇଁ ଆମ ଆଦମୀ ପାର୍ଟିର ଲୋକମାନେ ଗଙ୍ଗଲାନିଙ୍କୁ ଧମକ ମଧ୍ୟ ଦେଇଛନ୍ତି। ମାଲିକ କହିଛନ୍ତି, ଅଫିସ ଭଡା ଏବଂ ବିଦ୍ୟୁତ ବିଲ ପୈଠ କରାଯାଇ ନାହିଁ। ଏବେ ମୁଁ ପୋଲିସ ଷ୍ଟେଶନରେ ଅଭିଯୋଗ କରିବି। ଆଇନର ଆଶ୍ରୟ ନେବି ମଧ୍ୟପ୍ରଦେଶର ସିଙ୍ଗରୌଲିର ମେୟର ରାଣୀ ଅଗ୍ରୱାଲ ଆମ ଆଦମୀ ପାର୍ଟିର ରାଜ୍ୟ ଅଧ୍ୟକ୍ଷ। ସେ ନିର୍ବାଚନରେ ଏଏପି ଟିକେଟରେ ମେୟର ନିର୍ବାଚନରେ ବିଜୟୀ ହୋଇ ମଧ୍ୟପ୍ରଦେଶରେ ଏଏପିର ମୂଳଦୁଆ ପକାଇଥିଲେ। ସେ କହିଛନ୍ତି, କିଛି ଭୁଲ ବୁଝାମଣା ଯୋଗୁ ଏହା ଘଟୁଛି। ମୁଁ ୫ ତାରିଖରେ ସେଠାରେ ଏକ ବୈଠକ କରିବି ଏବଂ ଗଣମାଧ୍ୟମ ସହ ମଧ୍ୟ କଥା ହେବି।

## ଆମେରିକାର ସରକାରୀ ଭାଷା ହେବ ଇଂଲିଶ

**ୱାଶିଂଟନ,୧।୩:** ଆମେରିକାରେ ସଂଘୀୟ ସ୍ତରରେ କୌଣସି ଭାଷାକୁ ସରକାରୀ ମାନ୍ୟତା ଦିଆଯାଇ ନାହିଁ। ଇଂଲିଶକୁ ବହୁଳ ଭାବେ ବ୍ୟବହାର କରାଯାଉଥିବାବେଳେ ଏହାକୁ ସରକାରୀ ଭାଷା ମାନ୍ୟତା ଦେବା ପାଇଁ ଅନେକ ରାଜ୍ୟରେ ଦାବି ଉଠୁଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତ ଏକ ଅର୍ଡରରେ ସ୍ୱାକ୍ଷର କରିବାକୁ ଯାଉଛନ୍ତି ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଇଂଲିଶ ଆମେରିକାର ସରକାରୀ ଭାଷା ମାନ୍ୟତା ପାଇବା ପରେ ସଂଘୀୟ ପାଣ୍ଠିରେ ଚାଲିଥିବା ସରକାରୀ ଅଫିସ୍ ଓ ସଂସ୍ଥାଗୁଡ଼ିକରେ ଇଂଲିଶ ଭାଷା ବ୍ୟବହାର ହେବ। ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଅମଳରେ ଅଣଇଂଲିଶଭାଷୀଙ୍କୁ ଭାଷାଗତ ସହାୟତା ନିମନ୍ତେ ଦିଆଯାଉଥିବା ସଂଘୀୟ ପାଣ୍ଠି ଉଚ୍ଛେଦ ହେବ। ଇଂଲିଶ ଜାତୀୟ ଭାଷା ରୂପେ ବିବେଚିତ ହେବା ପରେ ଏକତାକୁ ପ୍ରୋତ୍ସାହନ ମିଳିବା ସହ ସରକାରୀ କାର୍ଯ୍ୟରେ ଦକ୍ଷତା ବୃଦ୍ଧି ଏବଂ ନାଗରିକଙ୍କ ଯୋଗାଯୋଗ ନିମନ୍ତେ ପଥ ଖୋଲିଯିବ ବୋଲି ହ୍ୱାଇଟ୍ ହାଉସ୍ କହିଛି।

# ନମାଜ ପଢ଼ିବାରୁ ଗିରଫ ହେଲେ ୨୩ ଅହମଦିଆ ମୁସଲିମ

ଇସଲାମାବାଦ,୧।୩: ପାକିସ୍ତାନର ପଞ୍ଜାବ ପ୍ରଦେଶରେ ସଂଖ୍ୟାଲଘୁ ଅହମଦିଆ ସମ୍ପ୍ରଦାୟର ୨୩ ଜଣଙ୍କୁ ଗିରଫ କରାଯାଇଥିଲା। ଏହି ଲୋକମାନଙ୍କୁ 'ଶୁକ୍ରବାର ନମାଜ' ପାଠ କରିବାରୁ ଗିରଫ କରାଯାଇଛି, ଯାହା ପାକିସ୍ତାନରେ ସେମାନଙ୍କ ପାଇଁ ଆଇନଗତ ଭାବରେ ନିଷିଦ୍ଧ। ସୂଚନାଯୋଗ୍ୟ, ପୋଲିସକୁ ସୂଚନା ମିଳିଥିଲା ଯେ ଅହମଦିଆ ସମ୍ପ୍ରଦାୟର ୨୭ ଜଣ ସଦସ୍ୟ ଲାହୋରରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଥିବା ସିଆଲକୋଟର ଦାସକାରେ ଥିବା ପ୍ରାର୍ଥନା ସ୍ଥାନରେ ଜୁମ୍ମା (ଶୁକ୍ରବାର) ନମାଜ ପାଠ କରୁଛନ୍ତି। ପୋଲିସ ଅଧିକାରୀ ମହମ୍ମଦ ତାନଜିଲ ନ୍ୟୁଜ ଏଜେନ୍ସି ପିଟିଆଇକୁ କହିଛନ୍ତି ଯେ, ଅହମଦୀଆ ସମ୍ପ୍ରଦାୟର ପ୍ରାର୍ଥନା ନେତା ଅରଶଦ ସାହି ଶୁକ୍ରବାର (୨୮ ଫେବୃଆରୀ) ଏକ ଧର୍ମୋପଦେଶ ଦେଉଥିଲେ ଏବଂ ଇସଲାମ ସମ୍ବନ୍ଧୀୟ ପଦ ପାଠ କରୁଥିଲେ ଏବଂ ଘଟଣାସ୍ଥଳରେ ଉପସ୍ଥିତ ଅହମଦୀ ସମ୍ପ୍ରଦାୟର ସଦସ୍ୟମାନେ ତାଙ୍କୁ ଶୁଣୁଥିଲେ। ପୋଲିସ ଅଧିକାରୀ କହିଛନ୍ତି, ଏହା ସ୍ଥାନୀୟ ମୁସଲମାନମାନଙ୍କ ଭାବନାକୁ ଆଘାତ ଦେଇଥିବାରୁ, ପୋଲିସ ପାକିସ୍ତାନ ଦଣ୍ଡ ସଂହିତାର ଧାରା ୨୯୮ ସି ଅନୁଯାୟୀ ୨୭ଜଣ ଅହମଦୀଙ୍କ ବିରୁଦ୍ଧରେ ଏକ ଏଫଆଇଆର ରୁଜୁ କରିଛି ଏବଂ ସେମାନଙ୍କ ମଧ୍ୟରୁ ୨୩ ଜଣଙ୍କୁ ଗିରଫ କରାଯାଇଛି।

### ଚାମ୍ପିଅନ୍ସ ଟ୍ରଫି: ଇଂଲଣ୍ଡ ବିଜୟଶୂନ୍ୟ, ଆଫଗାନିସ୍ତାନ ନିରାଶ

# ସେମିରେ ଦକ୍ଷିଣ ଆଫ୍ରିକା, ଭାରତକୁ ଭେଟିବ




**ଲାହୋର,୧।୩:** ଚଳିତ ଚାମ୍ପିଅନ୍ସ ଟ୍ରଫିର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଆଜି ଶେଷ ହୋଇଛି। ଅନ୍ତିମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଇଂଲଣ୍ଡକୁ ୭ ଓ୍ୱିକେଟ୍‌ରେ ହରାଇ ଚତୁର୍ଥ ଦଳ ଭାବେ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଦଳ ଆସନ୍ତା ୫ ତାରିଖରେ ଦ୍ୱିତୀୟ ସେମିରେ ଏଠାରେ ଭାରତକୁ ଭେଟିବ। ଅନ୍ୟପକ୍ଷରେ ଅନ୍ତିମ ମ୍ୟାଚ୍ ଉପରେ ସେମିଫାଇନାଲ୍ ସ୍ୱପ୍ନ ଦେଖୁଥିବା ଆଫଗାନିସ୍ତାନକୁ ନିରାଶ ହେବାକୁ ପଡ଼ିଛି। ଆଜିର ଅନ୍ତିମ ମ୍ୟାଚ୍‌ରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ହେଁ ୩୮.୨ ଓଭର୍‌ରେ ୧୭୯ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଜୋ ରୁଟ୍ ୩୭, ଓପନର ବେନ୍ ଡକେଟ୍ ୨୪, ଅଧିନାୟକ ଜୋସ୍ ବଟଲର୍ ୨୧ ଓ ଜୋଫ୍ରା ଆର୍ଚର୍ ୨୫ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ଜାନ୍‌ସନ୍ ଓ ଓ୍ୱିଆନ୍ ମୁଲ୍‌ଡର ୩ଟି ଲେଖାଏଁ ଓ କେଶବ ମହାରାଜ ଗୋଟିଏ ଓ୍ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ୨୯.୧ ଓଭର୍‌ରେ ମାତ୍ର ୩ଟି ଓ୍ୱିକେଟ୍ ବିନିମୟରେ ୧୮୧ ରନ୍ କରି ସହଜ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ରାସି ଭାନ୍ ଡର୍ ଡୁସେନ୍ ୬ଟି ଚୌକା ଓ ୩ଟି ଛକା ସହ ୭୨ ରନ୍ କରିଥିଲେ। ଏହାଛଡ଼ା ଓ୍ୱିକେଟ୍‌କିପର୍-ବ୍ୟାଟ୍ସମ୍ୟାନ୍ ହେନ୍‌ରିକ୍ କ୍ଲାସେନ୍ ୬୪ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଆର୍ଚର୍ ୨ଟି ଓ୍ୱିକେଟ୍ ନେଇଥିଲେ। ଜାନ୍‌ସନ୍‌ଙ୍କ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ୍ ଦୁବାଇଠାରେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ।



## ଭାରତକୁ ପ୍ରଶଂସା କଲେ ପୂର୍ବତନ ଅଷ୍ଟ୍ରେଲୀୟ ଖେଳାଳି ମାଇକେଲ କ୍ଲାର୍କ

**ମୁମ୍ବାଇ, ୧।୩:** ଚାମ୍ପିଅନ୍ସ ଟ୍ରଫି ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏପର୍ଯ୍ୟନ୍ତ ତିନୋଟି ଦଳ ସେମିଫାଇନାଲରେ ପହଞ୍ଚିସାରିଛନ୍ତି। ଭାରତ, ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ଦଳ ସେମିଫାଇନାଲରେ ପହଞ୍ଚିବାରେ ସଫଳ ହୋଇଛନ୍ତି। ଆଜି ଚତୁର୍ଥ ଦଳ କିଏ ହେବ, ତାହା ଜଣାପଡ଼ିବ। ତେବେ ଦକ୍ଷିଣ ଆଫ୍ରିକା ଦଳ ସେମିଫାଇନାଲରେ ପହଞ୍ଚିବା ପାଇଁ ଚତୁର୍ଥ ଦଳ ହେବ ବୋଲି ଆଶା କରାଯାଉଛି। ଏମଧ୍ୟରେ ପୁଣିଥରେ ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ମାଇକେଲ କ୍ଲାର୍କ ୨୦୨୫ ଚାମ୍ପିଅନ୍ସ ଟ୍ରଫିର ବିଜେତା ବିଷୟରେ ଭବିଷ୍ୟବାଣୀ କରିଛନ୍ତି। ମାଇକେଲ କ୍ଲାର୍କ ବିୟଣ୍ଡ୨୩ କ୍ରିକେଟ୍ ପୋଡକାଷ୍ଟରେ ସାକ୍ଷାତକାର ଦେବା ସମୟରେ ଏହି ଭବିଷ୍ୟବାଣୀ କରିଥିଲେ। ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ନିଶ୍ଚିତ ଯେ ଏଥର ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିବ।

ସାକ୍ଷାତକାରରେ ସେ କହିଥିଲେ ଯେ, "ମୁଁ ଭାବୁଛି ଅଷ୍ଟ୍ରେଲିଆ ଫାଇନାଲରେ (ଚାମ୍ପିଅନ୍ସ ଟ୍ରଫି) ରହିବ ଏବଂ ଭାରତ ବିପକ୍ଷରେ ଖେଳିବ। ମୁଁ ଚାହୁଁଛି ଅଷ୍ଟ୍ରେଲିଆ ଜିତୁ। କିନ୍ତୁ ମୁଁ ପ୍ରକୃତରେ ଭାବୁଛି ଭାରତ ଚାମ୍ପିଅନ୍ସ ଟ୍ରଫି ଜିତିବ। ସେମାନେ ବର୍ତ୍ତମାନ ବିଶ୍ୱର ସର୍ବୋତ୍ତମ ଏବଂ ନମ୍ବର ୧ ଦିନିକିଆ ଦଳ। ମୁଁ ଭାବୁଛି ଫାଇନାଲରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ, ଏବଂ ଭାରତ ଗୋଟିଏ ରନରେ ଜିତିବ।"

### ପେଶାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ; କ୍ରିକେଟ ଲାଗି ଅଛି ପ୍ରେମ

## ଜସକିରନଙ୍କୁ ଜୋତା ଗିଫ୍ଟ କଲେ ଶ୍ରେୟସ ଆୟାର

**ମୁମ୍ବାଇ,୧।୩:** ଚାମ୍ପିୟନ୍ସ ଟ୍ରଫି ୨୦୨୫ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଟିମ୍ ଏବେ ଦୁବାଇରେ ଅଛନ୍ତି। ଏହା ମଧ୍ୟରେ ଆଇସିସି ଦ୍ୱାରା ଚାମ୍ପିୟନ୍ସ ଟ୍ରଫି ଲାଗି ଚୟନ କରାଯାଇଥିବା ଜନୈକ ନେଟ ବୋଲରଙ୍କ ଶ୍ରେୟସ ଆୟାର ଦିନଟିକୁ ସୁନ୍ଦର କରିଥିଲେ। ଆୟାର ଏବେ ଟିମ୍ ଇଣ୍ଡିଆ ଲାଗି ୪ର୍ଥ କ୍ରମରେ ବହୁତ ବଢ଼ିଆ ବ୍ୟାଟିଂ କରୁଛନ୍ତି। ସେ ଆଇସିସି କ୍ରିକେଟ ଏକାଡେମୀରେ ଅଭ୍ୟାସ ସମୟରେ ନେଟ ବୋଲର ଜସକିରନ ସିଂହଙ୍କୁ ଜୋତା ଗିଫ୍ଟ କରିଛନ୍ତି। ଜସକିରଣ ସିଂହ ପେଶାରେ ଚାର୍ଟାଡ ଆକାଉଣ୍ଟାଣ୍ଟ ଅଟନ୍ତି ଏବଂ କ୍ରିକେଟ ସହ ବହୁତ ଭଲପାଇବା ଅଛି। ନ୍ୟୁଜ୍ ଏଜେନ୍ସି ପିଟିଆଇ ଅନୁସାରେ ଜସକୀରଣ ଲଗଅନ୍ ପଜିଶନରେ ଫିଲ୍ଡିଂ କରୁଥିଲେ। ସେତେବେଳେ ଶ୍ରେୟସ ଆୟାର ତାଙ୍କ ପାଖକୁ ଯାଇଥିଲେ ଏବଂ ପଚାରିଥିଲେ ପାଜୀ କେମିତି ଅଛନ୍ତି ? ସବୁ ଭଲ।' ଜସକୀରଣ କହିଛନ୍ତି ଶ୍ରେୟସ ଭାଇ ମୋ ପାଖକୁ ଆସିଥିଲେ ଏବଂ ପଚାରିଥିଲେ କି ମୋ ଜୋତାର ସାଇଜ କେତେ? ମୁଁ କହିଥିଲି ୧୦। ଶ୍ରେୟସ କହିଥିଲେ କି ତାଙ୍କ ପାଖରେ ମୋ ପାଇଁ କିଛି ଅଛି, ସେତେବେଳେ ସେ ମୋତେ ଜୋତା ଗିଫ୍ଟ କରିଥିଲେ। ଏହି ମୂହୁର୍ତ୍ତ ମୋ ଲାଗି ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ। ପ୍ରକାଶ ଯେ, ଚାମ୍ପିୟନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟ ସମୟରେ ଜସକୀରଣ ସିଂହ ପାକିସ୍ତାନ ଏବଂ ବାଂଲାଦେଶ ଖେଳାଳୀଙ୍କୁ ବି ନେଟ୍ସରେ ବୋଲିଂ କରି ସାରିଛନ୍ତି। ସେ ଅଫ ସ୍ପିନ ବୋଲର ଅଟନ୍ତି। ଜସକୀରଣ ସେତେବେଳେ ବହୁତ ନିରାଶ ହୋଇଥିଲେ ଯେତେବେଳେ ତାଙ୍କୁ ଭାରତୀୟ ଟିମକୁ ନେଟ୍ସରେ ବୋଲିଂ କରିବାର ସୁଯୋଗ ମିଳିନଥିଲା।

### ଦୁବାଇ ଓପନ ଟେନିସ୍ ଟୁର୍ଣ୍ଣାମେଣ୍ଟ

## ଫାଇନାଲ୍‌ରେ ଭାମ୍ବ୍ରି-ପପିରିନ୍ ଯୋଡ଼ି



ଦୁବାଇ, ୧/୦୩: ଚଳିତ ଦୁବାଇ ଓପନ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ଭାରତର ୟୁକି ଭାମ୍ବ୍ରି ଓ ଅଷ୍ଟ୍ରେଲିଆର ଆଲେକ୍ସି ପପିରିନ୍ ଯୋଡ଼ିଙ୍କ ସ୍ୱପ୍ନର ଯାତ୍ରା ଜାରି ରହିଛି। ଉଭୟ ଚମତ୍କାର ଖେଳ ଜାରି ରଖି ପୁରୁଷ ଡବଲ୍ସ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସେମି ମୁକାବିଲାରେ ଏହି ଇଣ୍ଡୋ-ଅଷ୍ଟ୍ରେଲୀୟ ଯୋଡ଼ି ୬-୨, ୪-୬, ୧୦-୭ ସେଟ୍‌ରେ ବ୍ରିଟେନର ଜାମି ମରେ ଓ ଅଷ୍ଟ୍ରେଲିଆର ଜନ୍ ପିୟର୍ସ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବା ପାଇଁ ଉଭୟଙ୍କୁ ପାଖାପାଖି ଦେଢ଼ ଘଣ୍ଟା ଲାଗିଥିଲା। ଏହି ବିଜୟ ସହ ଭାମ୍ବ୍ରି କ୍ୟାରିୟରରେ ପ୍ରଥମ ଏଟିପି ୫୦୦ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ଭାମ୍ବ୍ରି-ପପିରିନ୍ ଯୋଡ଼ି ଟାଇଟଲ୍ ଲଢ଼େଇରେ ଦ୍ୱିତୀୟ ସିଡ୍ ଫିନ୍‌ଲାଣ୍ଡର ହ୍ୟାରୀ ହେଲିଓଭାରା ଓ ବ୍ରିଟେନର ହେନରୀ ପ୍ୟାଟର୍ଣ୍ଣ ଯୋଡ଼ିଙ୍କୁ ସାମ୍ନା କରିବେ। ଉଭୟ ପୂର୍ବରୁ ଟପ୍ ସିଡ୍ ଯୋଡ଼ିଙ୍କୁ ହରାଇ ସାରିଥିବାରୁ ଶନିବାର ମଧ୍ୟ ଆଉ ଏକ ବିପର୍ଯ୍ୟୟ ଘଟାଇବା ସହ ଟାଇଟଲ୍ ଜିତିବା ନେଇ ଦୃଢ଼ ମନୋବଳରେ ରହିଛନ୍ତି।




## ନ୍ୟୁଜିଲାଣ୍ଡ ବିପକ୍ଷରେ ଗିଲ୍ ନେଇପାରନ୍ତି ନେତୃତ୍ୱ

**ଦୁବାଇ, ୧।୩:** ଆସନ୍ତା ରବିବାର ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିଅନ୍ସ ଟ୍ରଫିର ଶେଷ ଲିଗ୍ ମ୍ୟାଚ୍‌ରେ ଉପଅଧିନାୟକ ଶୁବମନ ଗିଲ୍ ଭାରତୀୟ କ୍ରିକେଟ୍ ଦଳର ନେତୃତ୍ୱ ନେଇପାରନ୍ତି। ନିୟମିତ ଅଧିନାୟକ ରୋହିତ ଶର୍ମା ଆହତ ହୋଇଥିବାରୁ ଗିଲ୍‌ଙ୍କୁ ଏଭଳି ପ୍ରତୀକ୍ଷିତ ସୁଯୋଗ ମିଳିବାର ସମ୍ଭାବନା ରହିଛି। ତେବେ ଏଥିନେଇ ବିସିସିଆଇ କିମ୍ବା ଭାରତୀୟ ଦଳ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସୀମାରେଖା ଆଡ଼କୁ ଦ୍ରୁତ ଗତିରେ ଯାଉଥିବା ଏକ ବଲ୍‌କୁ ପିଛା କରୁଥିଲା ବେଳେ ରୋହିତଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ରୋହିତ ପଡ଼ିଆରେ ଅନୁପସ୍ଥିତ ଥିଲା ବେଳେ ଗିଲ୍ ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ସେମିଫାଇନାଲ୍ ପ୍ରବେଶ ଦୃଷ୍ଟିରୁ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ର କୌଣସି ପ୍ରଭାବ ନଥିବାରୁ ଏବଂ ରୋହିତ ଶତ ପ୍ରତିଶତ ଫିଟ୍ ହୋଇ ନଥିବାରୁ ଗିଲ୍‌ଙ୍କୁ ଏହି ମ୍ୟାଚ୍‌ର ପୂରା ଦାୟିତ୍ୱ ଦେବାକୁ ଦଳୀୟ ମ୍ୟାନେଜମେଣ୍ଟ୍ ଚିନ୍ତା କରୁଛି।

### କଳିଙ୍ଗ ଷ୍ଟାଡିୟମରେ କ୍ରୀଡାବିତଙ୍କୁ କୋଚ୍‌ଙ୍କ ନିର୍ଯାତନା ଅଭିଯୋଗ

## ତଦନ୍ତ ନିର୍ଦ୍ଦେଶ ଦେଲା କ୍ରୀଡ଼ା ବିଭାଗ



**ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ):** କଳିଙ୍ଗ ଷ୍ଟାଡିୟମ ହାଇପରଫର୍ମାନ୍ସ ସେଣ୍ଟରରେ ସନ୍ତରଣ କୋଚ୍‌ଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ଜିଲ୍ଲା ସ୍ତରରୁ ଆସିଥିବା କ୍ରୀଡାବିତ। କ୍ରୀଡା ଛାତ୍ରାବାସରେ ରହୁଥିବା କ୍ରୀଡାବିତ ମାନେ ଅଭିଯୋଗ କରିଛନ୍ତି ଯେ, କୋଚ ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରୁଛନ୍ତି। ଏମିତିକି ତାଙ୍କ ବାପା, ମାଙ୍କ ନାଁ ନେଇ ଗାଳି କରୁଥିବା ଅଭିଯୋଗ ଆଣିଛନ୍ତି କ୍ରୀଡାବିତ। ରାଜ୍ୟ ସରକାର ଖେଳାଳିଙ୍କ ପାଇଁ ହାଇପରଫର୍ମାନ୍ସ ସେଣ୍ଟର୍ ତିଆରି କରିଛନ୍ତି ହେଲେ ସେଇଠି ଅଭ୍ୟାସ କରୁଥିବା କ୍ରୀଡା ଛାତ୍ରାବାସର ଖେଳାଳିଙ୍କୁ ଭଲ ଭାବରେ ଅଭ୍ୟାସ କରିବାକୁ ସୁଯୋଗ ମିଳୁନାହିଁ। ପିଲାମାନଙ୍କୁ ଭଲ ଭାବରେ ଖାଇବାକୁ ଦିଆଯାଉନଥିବା ଅଭିଯୋଗ ମଧ୍ୟ ହୋଇଛି। କିଛି ଦିନ ପୂର୍ବରୁ ଏହାକୁ ବିରୋଧ କରି କେହି ସନ୍ତରଣ ପାଇଁ ଆସିନଥିଲେ। ଏନେଇ ବିଭାଗର ନିର୍ଦ୍ଦେଶକଙ୍କୁ ଲିଖିତ ଭାବରେ ଅଭିଯୋଗ କରିଥିଲେ ହେଲେ କିଛି ଫଳପ୍ରଦ ହେଉନଥିବା ଅଭିଯୋଗ କରିଛନ୍ତି। ଯଦି ବିଭାଗ ପାଖରେ ଆଉ କେବେ ଅଭିଯୋଗ ହୁଏ ତେବେ ଛାତ୍ରାବାସରୁ ବାହାର କରିଦେବେ ବୋଲି ଧମକ ଦେଇଛନ୍ତି କୋଚ। ଆଜି ସନ୍ଧ୍ୟାରେ ଗଣମାଧ୍ୟମରେ ଏ ସମ୍ପର୍କରେ ଖବର ପ୍ରସାରିତ ହେବା ପରେ ପୂର୍ବରୁ ନିଦାବିଷ୍ଟ ସାଜିଥିବା କ୍ରୀଡା ବିଭାଗ ହଠାତ ତତ୍ପର ହୋଇଉଠିଛି। ଜିନ୍ଦଲ ଷ୍ଟିଲ ଦ୍ୱାରା ପରିଚାଳିତ ଏହି ହାଇପରଫର୍ମାନ୍ସ ସେଣ୍ଟରରେ ଛାତ୍ରଛାତ୍ରୀଙ୍କ ଖାଇବା ସହ କୋଚିଂ ବ୍ୟବସ୍ଥା କରାଯାଉଛି। ତେଣୁ ଅଭିଯୋଗ ମିଳିବା ପରେ ଏବେ କ୍ରୀଡାବିତଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଏବଂ କୋଚଙ୍କ ବ୍ୟବହାର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କୋଚ ସନ୍ଦୀପ ସେଜଓ୍ୱାଲ ଓ ଅନ୍ୟ ସହକର୍ମୀଙ୍କ ବ୍ୟବହାର ସମ୍ପର୍କରେ ମଧ୍ୟ ତଦନ୍ତ କରାଯିବ। ତଦନ୍ତ ସରିବା ପର୍ଯ୍ୟନ୍ତ କୋଚଙ୍କୁ ଅବ୍ୟାହତି ଦିଆଯାଇଛି ବୋଲି ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୭୫ କୋଟିରେ...

ଲୋକ କଳା, ଚଳଣି ଓ ପରମ୍ପରା ଅତି ସମୃଦ୍ଧ। ଓଡ଼ିଶାର କଳା ଓ ସଂସ୍କୃତିକୁ ଆଦିବାସୀ ସଂସ୍କୃତି ହିଁ ଉଜ୍ଜ୍ୱଳ କରିଛି। ରାଜର କଳା ଜଗତକୁ ମୟୂରଭଞ୍ଜ ଜିଲ୍ଲାର ଅବଦାନ ଅତୁଳନୀୟ। ମୟୂରଭଞ୍ଜର ଛଉନୃତ୍ୟ ବିଶ୍ୱପ୍ରସିଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର ବିକାଶ ସମ୍ପର୍କରେ ମତ ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ନୂତନ ବିକାଶ ପଥର ଯାତ୍ରୀ ହୋଇଛି। ଗତ ପ୍ରାୟ ଅଢ଼େଇ ଦଶନ୍ଧି ଧରି ବିକାଶ ନାଁରେ ଭଣ୍ଡାମି ଚାଲିଥିଲା। କେବଳ ଇଭେଣ୍ଟ ମ୍ୟାନେଜମେଣ୍ଟ ମାଧ୍ୟମରେ ବିକାଶର ଡିଣ୍ଡିମ ପିଟୁଥିଲେ ପୂର୍ବତନ ସରକାର। କିନ୍ତୁ ଆଜି ଲୋକଙ୍କ ସରକାର ଜନସାଧାରଣଙ୍କ ଉନ୍ନତି ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ଏଥିରେ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ମାଧୋ ସିଂ ଛାତ୍ରବୃତ୍ତି ଯୋଜନା, ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ନୂତନ ଶିକ୍ଷାନୀତି ଆଦି ଯୋଜନା ସାମିଲ୍। ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଜଗନ୍ନାଥ ଦର୍ଶନ ସେବା, ମଡେଲ ମଣ୍ଡି ପରି ନୂତନ ଯୋଜନାର ମଧ୍ୟ ପରିକଳ୍ପନା କରାଯାଇଛି। କ୍ଷମତାକୁ ଆସିବାର ପାଖାପାଖି ଅଢ଼େଇ ଶହ ଦିନରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ ଓ ନିର୍ବାଚିତ ଲୋକପ୍ରତିନିଧି ସିଧାସଳଖ ଲୋକଙ୍କ ଅଭିଯୋଗ ଶୁଣିବା ସହ ତ୍ୱରିତ ସମାଧାନ ପ୍ରୟାସ କରୁଛନ୍ତି। ଏବେ ଭୁବନେଶ୍ୱରରେ ଏହି ଶୁଣାଣି ଚାଲିଥିବା ବେଳେ ଆଗାମୀ ଦିନରେ ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ଏହା ସମ୍ପ୍ରସାରିତ ହେବ। ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଦେଶ ଓ ରାଜ୍ୟର ଏହି ମହାନ୍ ଲକ୍ଷ୍ୟ ପୂରଣରେ ମୟୂରଭଞ୍ଜର ବି ବିଶେଷ ଭୂମିକା ରହିବ। ଏହି ସ୍ୱପ୍ନ ସାକାର କରିବା ସକାଶେ 'ସବ କା ସାଥ, ସବ କା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ' ଧାରାରେ ସାମିଲ୍ ହୋଇ ବିଶ୍ୱାସର ସେତୁ ବନ୍ଧ ବାନ୍ଧିବା ସକାଶେ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ଶ୍ରୀ ନାଏକ ଓ ଉପସ୍ଥିତ ସାଂସଦ, ବିଧାୟକ, ଅଧିକାରୀ ଓ ଜନସାଧାରଣ ମୟୂରଭଞ୍ଜ ମାଟିର ସନ୍ତାନ ତଥା କିମ୍ବଦନ୍ତୀ ଓଡ଼ିଆ ସିନେ ଅଭିନେତା ଉତ୍ତମ ମହାନ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ଉଦଳା ଅଞ୍ଚଳର ହୀରା ସିଂ ଓ ଗଣେଶ୍ୱର ସିଂଙ୍କୁ ସରକାରଙ୍କର ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପକ୍ଷରୁ ଲକ୍ଷେ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ ସରକାରଙ୍କ ଉଦ୍ଦେଶ୍ୟ ବିକାଶ ପ୍ରତ୍ୟେକ ଗାଁରେ ପହଞ୍ଚୁ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପ୍ରତି ଘରକୁ ପକ୍କା କରାଯିବା ସହ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯିବ। ଅଳ୍ପ ଦିନର ଶାସନ ମଧ୍ୟରେ ସରକାର ଗରିବ ମୁହଁରେ ହସ ଫୁଟାଇପାରିଛନ୍ତି ଓ ଆଗାମୀ ଦିନରେ ଏହି ଧାରା ଜାରି ରହିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବିଧାୟକ ବାରିପଦା ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦା, ବାଙ୍ଗିରିପୋଷି ବିଧାୟକ କୁମାରୀ ସଞ୍ଜଳୀ ମୁର୍ମୁ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଓ ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାଏକ ମଧ୍ୟ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଉଦଳା ବିଧାୟକ ଭାସ୍କର ମଢ଼େଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଧନ୍ୟବାଦ ଦେଇଥିଲେ।

### ୧୨୫ ବର୍ଷରେ...

ଅଧିକ ରହିବ। ଉକ୍ତ ସମୟରେ ଉତ୍ତର, ଦକ୍ଷିଣ ଏବଂ ପୂର୍ବ ରାଜ୍ୟଗୁଡ଼ିକୁ ଛାଡ଼ି ସମଗ୍ର ଭାରତରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ବିଭାଗର ଜନୈକ ବରିଷ୍ଠ ଅଧିକାରୀ ଏକ ବିଦେଶୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଦିନ ବେଳା ସହ ରାତିର ତାପମାତ୍ରା ମଧ୍ୟ ଜନସାଧାରଣଙ୍କ ପାଇଁ ପୀଡ଼ାଦାୟକ ହେବ। ଚଳିତ ମାସ ଦ୍ୱିତୀୟ ସପ୍ତାହରୁ ତାତି ବଢ଼ିବା ସହ ମାସ ଶେଷ ସୁଦ୍ଧା ୪୦ ଡିଗ୍ରୀ ଉପରେ ପହଞ୍ଚିବାର ସମ୍ଭାବନା ରହିଛି। ଏହାର ପ୍ରଭାବ ଦେଶର ଗହମ ଚାଷ ଉପରେ ପଡ଼ିବ। ଏପରି ସ୍ଥଳେ ଗତ ୩ ବର୍ଷ ହେଲା ଦେଶରେ ଆଶାନୁପାତ ଗହମ ଉତ୍ପାଦନ ହେଇପାରି ନଥିବାରୁ ଚଳିତ ବର୍ଷ ଅଧିକ ଉତ୍ପାଦନ ଆଶା ରଖିଥିବା ଚାଷୀମାନଙ୍କୁ ଏଥର ବି ନିରାଶ ହେବାକୁ ପଡ଼ିପାରେ।

### ମୁରବୀଶୂନ୍ୟ ...

କରାଯାଇଛି। ଏହି ତାଲିକାରେ ଝୁମ୍‌କୀ ରଥଙ୍କ ସହ ରୀତା ଦାସ ଓ ଜୟନ୍ତୀ ବେହେରାଙ୍କ ନାମ ରହିଛି। ଇତି ମଧ୍ୟରେ ମାସେରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି। ହେଲେ ସରକାର ଏହି ତିନି ଜଣଙ୍କ ମଧ୍ୟରୁ କାହାରି ନାଁରେ ମୋହର ମାରୁନାହାନ୍ତି। ଏଣେ ଦାୟିତ୍ୱରେ ଥିବା ଅଧ୍ୟକ୍ଷାଙ୍କୁ ବି ଡିଡିଓ କ୍ଷମତା ଦେଉନାହାନ୍ତି। ଫଳରେ କଲେଜରେ ଆର୍ଥିକ ବ୍ୟବସ୍ଥା ଠପ୍ ହୋଇଯାଇଛି। କର୍ମଚାରୀମାନେ ଏ ମାସରେ ଦରମା ପାଇନାହାନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଦରମା ମିଳିବ କି ନାହିଁ ସେଇ ଚିନ୍ତାରେ ଅଛନ୍ତି। ତେଣୁ ଉଚ୍ଚଶିକ୍ଷା ବିଭାଗ ଏ ଦିଗ ପ୍ରତି ଦୃଷ୍ଟି ଦେଇ ଖୋଦ୍ ରାଜଧାନୀରେ ଥିବା ବିଜେବି କଲେଜରେ ଜଣେ ସ୍ଥାୟୀ ଅଧ୍ୟକ୍ଷାଙ୍କୁ ବସାଇବା ପାଇଁ ମତ ପ୍ରକାଶ ପାଇଛି।

### ଶିଳ୍ପନଗରୀ...

ବିଧାୟକ ଶ୍ରୀ ତ୍ରିପାଠୀ ଆଶା ପ୍ରକାଶ କରିଛନ୍ତି। ସେହିପରି ଭିଏସଏସ ବିମାନ ବନ୍ଦରର ନିର୍ଦ୍ଦେଶକ ସନ୍ଦୀପ ତିଓ୍ୱାରୀ କହିଛନ୍ତି ଯେ ଆଜି ଝାରସୁଗୁଡ଼ା ବିମାନବନ୍ଦରରେ ନୂଆ ବିମାନ ଚଳାଚଳର ଶୁଭାରମ୍ଭ ହୋଇଛି। ଇଣ୍ଡିଗୋର ଏହି ବିମାନ ମୁମ୍ବାଇ ସେକ୍ଟରର ବିମାନ ହୋଇଥିବା ବେଳେ ଏହା ସପ୍ତାହର ୭ ଦିନ ଯାକ ଚଳାଚଳ କରିବ। ଏଥିରେ ସର୍ବାଧିକ ୨୩୨ ଜଣ ଯାତ୍ରୀ ଯାତ୍ରା କରିପାରିବେ ବୋଲି ଶ୍ରୀ ତିଓ୍ୱାରୀ କହିଛନ୍ତି।

### ଭାଙ୍ଗୁଛି ...

ତାଲିକାରେ ଏଭଳି କିଛି ଅଫିସର ରହିଛନ୍ତି, ଯେଉଁମାନେ ୪/୫ ତଳେ ବଦଳି ହୋଇଆସିଥିଲେ। ଏହି ତାଲିକାରେ ସବୁଠାରୁ ଆଗରେ ରହିଛନ୍ତି କଟକ ଓ ଭୁବନେଶ୍ୱରର ଡିସିପି। ଏମାନେ ଗତବର୍ଷ ସେପ୍ଟେମ୍ବରରେ ବଦଳି ହୋଇ ନୂଆ ଦାୟିତ୍ୱ ସମ୍ଭାଳିଥିଲେ। ଏମାନଙ୍କ ସହିତ ଆଇଜି ଅପରେସନ ଜୟନାରାୟଣ ପଙ୍କଜ ୫ ମାସ ତଳେ ଦାୟିତ୍ୱ ନେଇଥିବାବେଳେ ସରକାର ତାଙ୍କୁ ବଦଳି କରି ଗୁଇନ୍ଦା ବିଭାଗକୁ ପଠାଇଛନ୍ତି। ସେହିଭଳି ନିକଟରେ ଓଡ଼ିଶା ଫେରି ଡିଆଇଜି ଅପରେସନ ଦାୟିତ୍ୱ ନେଇଥିବା ଅଖିଳେଶ୍ୱର ସିଂହଙ୍କୁ ସରକାର ଦକ୍ଷିଣ-ପଶ୍ଚିମ ରେଞ୍ଜ୍ ଡିଆଇଜି ଭାବେ ବଦଳି କରିଛନ୍ତି। ଅବସର ନେବାକୁ ତିନି ମାସ ବାକି ଥିବା ଏସଏମ ନରଓ୍ୱଣେଙ୍କ ସରକାର ପୁଣିଥରେ ବଦଳି କରିଛନ୍ତି।

ଆଇପିଏସ୍ ଅଧିକାରୀମାନଙ୍କ ବଦଳି ପାଇଁ ପୁଲିସ୍ ମହାନିର୍ଦ୍ଦେଶକ ଓ ଗୃହ ସଚିବଙ୍କୁ ନେଇ ବୋର୍ଡଟିଏ ରହିଛି। ଏହି ବୋର୍ଡ ବଦଳି ନିଷ୍ପତ୍ତି ଗ୍ରହଣ କରିବା ସହ ସରକାରଙ୍କୁ ସୁପାରିଶ୍ କରିଥାଏ। ହେଲେ କିଛି ଅଧିକାରୀଙ୍କୁ ବାରମ୍ବାର ବଦଳି ପାଇଁ ବୋର୍ଡ କିଭଳି ସୁପାରିସ୍ କରୁଛି, ତାହା ଅନେକ ପୁଲିସ୍ ଅଧିକାରୀଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏହାଦ୍ୱାରା କିଛି ପୁଲିସ୍ ଅଧିକାରୀଙ୍କ ମନୋବଳ ହ୍ରାସ ପାଉଥିବାବେଳେ ଆଉ କିଛି ପୁଲିସ୍ ଅଧିକାରୀଙ୍କ ଦେହରେ ଅପାରଗତାର ଛାପ ବି ଲାଗିଯାଉଛି। ଏହା ରାଜ୍ୟ ପୁଲିସ୍ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ପୁଲିସ୍ ମହଲରେ ଆଲୋଚନା ଜୋର୍ ଧରିଛି।

### ଗ୍ୟାଙ୍ଗ୍‌ଷ୍ଟର୍‌ଙ୍କ...

କଥା ହେଉଛି ଯେ ଜବରଦଖଲ ହୋଇଥିବା ଜମି ଓ ଏହା ଉପରେ ନିର୍ମାଣ ହୋଇଥିବା ଘରର ଦୂରତା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର କେଇ ଶହ ମିଟର। ଜବରଦଖଲ ଜମିରେ ଜିମ୍ ନିର୍ମାଣ ହୋଇ ସେଠାରେ ବାହୁବଳୀ ପ୍ରତିଯୋଗିତା ଚାଲିଥିବା ବେଳେ ପ୍ରଶାସନ କିଭଳି ଦେଖିପାରୁନାହିଁ, ତାହା ବଡ଼ ପ୍ରଶ୍ନବାଚୀ ହୋଇଛି।

ଏ ସଂକ୍ରାନ୍ତରେ ମୁହଁ ଖୋଲୁଥିବା ବସ୍ତିବାସିନ୍ଦାଙ୍କ ଉପରେ ଗ୍ୟାଙ୍ଗଷ୍ଟରର ଭାଇ ଓ ସହଯୋଗୀମାନେ ଅକଥନୀୟ ନିର୍ଯାତନା କରୁଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

ଏପରିକି ମୁହଁ ଖୋଲୁଥିବା ବ୍ୟକ୍ତିଙ୍କୁ ସରକାରୀ ଅଧିକାରୀମାନେ ଚୁପ୍ ରହିବାକୁ ଧମକ ଦେଉଛନ୍ତି। ଜିଲ୍ଲା ପ୍ରଶାସନ ଉପରୁ ଆସ୍ଥା ହରାଇ ସ୍ଥାନୀୟ ଲୋକେ ଏବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିବା ସହିତ ତୁରନ୍ତ ସରକାରୀ ଜମିକୁ ଜବରଦଖଲମୁକ୍ତ ପାଇଁ ଏଠାରେ ବୁଲଡୋଜର୍ ଚଳାଇବାକୁ ଦାବି କରିଛନ୍ତି।

ଅଭିଯୋଗପତ୍ରର ଏକ କିତା ନକଲ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ତହସିଲଦାରଙ୍କୁ ପଠାଇଥିବା ଦର୍ଶାଯାଇଛି।

ବର୍ତ୍ତମାନ ରାଜ୍ୟର ବିଜେପି ସରକାର ଏହା ଉପରେ କିପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ତାହାକୁ ଅଭିଯୋଗକାରୀମାନେ ଚାତକ ଭଳି ଚାହିଁ ରହିଛନ୍ତି।

## ଲାଗୁ ହେବ 'କଳିକା' ପଲିସି

## କର୍ମଜୀବୀ ମହିଳାଙ୍କ ଶିଶୁକୁ ସମ୍ଭାଳିବ କ୍ରେଚ୍

**ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ):** କର୍ମଜୀବୀ ମହିଳାମାନେ ସେମାନଙ୍କ ପେସାଦାର ଜୀବନରେ ନିଜ ପିଲାଙ୍କ ରକ୍ଷଣାବେକ୍ଷଣ ନେଇ ସମସ୍ୟାର ସମ୍ମୁଖୀନ ହୋଇଆସୁଥିବା ବେଳେ ସେମାନଙ୍କ ଏହି ଚିନ୍ତା ଦୂର ହେବ। ବିଶେଷକରି ସେମାନେ କାମକୁ ଗଲେ ସେମାନଙ୍କ ପିଲାର ଯତ୍ନ କିଏ ନେବ, ସେନେଇ ମହିଳାମାନେ ଚିନ୍ତିତ ରହିଥାନ୍ତି। କିନ୍ତୁ ଏହି ସମସ୍ୟା ଦୂର କରିବା ସକାଶେ ରାଜ୍ୟ ସରକାର ପ୍ରଥମ ଥର ଶିଶୁ ଯତ୍ନ କେନ୍ଦ୍ର ବା କ୍ରେଚ୍ କାର୍ଯ୍ୟକାରୀ କରିବେ। ଏଥିସକାଶେ ଲାଗୁ ହେବ 'କଳିକା' ପଲିସି। ଏହାର ଡ୍ରାଫ୍ଟିଂ ସରିଥିବା ବେଳେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏନେଇ ଜନସାଧାରଣଙ୍କ ମତ ଲୋଡ଼ାଯାଇଛି। ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ କ୍ରେଚ୍ ଏହି ପଲିସି ଆଧାରରେ ପରିଚାଳିତ ହେବେ।

କର୍ମଜୀବୀ ମହିଳାଙ୍କୁ ସହଯୋଗ କରିବା, ଶିଶୁ ସୁରକ୍ଷା ଏବଂ ବିକାଶକୁ ସୁନିଶ୍ଚିତ କରିବା, ଅର୍ଥନୀତିରେ ମହିଳାଙ୍କ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ଓ ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷାକୁ ସହଜ କରିବା ଏହି ନୀତିର ମୂଳ ଉଦ୍ଦେଶ୍ୟ। ଏହାଦ୍ୱାରା ପରିଚାଳିତ କ୍ରେଚ୍‌ଗୁଡ଼ିକରେ ୬ ମାସରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ଲାଳନପାଳନ ବ୍ୟବସ୍ଥା ଉପଲବ୍ଧ ହେବ। ଏଠାରେ ଶିଶୁମାନଙ୍କ ବାଲ୍ୟ ବିକାଶ, ଖାଦ୍ୟ, ଅଭିବୃଦ୍ଧି ମନିଟରିଂ, ନିଦ୍ରା ଓ ବିଶ୍ରାମ, ସ୍ୱାସ୍ଥ୍ୟ ଏବଂ ସ୍ୱତନ୍ତ୍ର ଯତ୍ନ ପ୍ରଦାନ କରାଯିବ। କର୍ମଜୀବୀ ତଥା ଏକାକୀ ମା' ଓ ଅଭିଭାବକମାନେ ଏଠାରେ ନିଜର ଶିଶୁଙ୍କୁ ଚିନ୍ତାମୁକ୍ତ ହୋଇ ଛାଡ଼ିପାରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଲୋକସେବା ଭବନ ପରିସରରେ ଏକ କ୍ରେଚ୍ ସେବା ଆରମ୍ଭ ହୋଇଥିଲା।

## ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧।୩ (ସଂଚାର ବ୍ୟୁରୋ):** ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ । ତାଙ୍କ ଗସ୍ତ ସମୟରେ ସର୍କିଟ ହାଉସରେ ଦଳୀୟ କର୍ମୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିବାବେଳେ ଲୋକଙ୍କ ଅଭିଯୋଗ ଗ୍ରହଣ କରିଛନ୍ତି । ପରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ବିଭାଗୀୟ ସମୀକ୍ଷା କରିଛନ୍ତି । ରାଜସ୍ୱ ବିଭାଗର କାର୍ଯ୍ୟକାରିତା ଓ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ କହିଥିଲେ ।
ସାଧାରଣ ଲୋକ କିଭଳି ହଇରାଣ ହରକତ ନ ହେବେ ସେ ନେଇ ଅଧିକାରୀମାନେ ଦୃଷ୍ଟି ଦେବା ସହ ଅଭିଯୋଗକୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ଅଧିକାରୀ କିମ୍ବା କର୍ମଚାରୀ ଲୋକଙ୍କୁ ହଇରାଣ କରୁଛନ୍ତି ତା'ହେଲେ ତାଙ୍କ ବିରୋଧରେ ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି । ବିଶେଷ କରି ହାଇଟେକ୍ ସର୍ଭେର ସ୍ଥିତି ବିଷୟରେ ଆଲୋଚନା କରିଛନ୍ତି ଏବଂ ଶିକ୍ଷାନୁଷ୍ଠାନ ସବୁକୁ ସରକାରୀ ଜମି ଯୋଗାଇ ଦିଆଯିବାକୁ ଗୁରୁତର ସହ ନେବାକୁ ଅଧିକାରୀମାନଙ୍କୁ କହିଛନ୍ତି ।
ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଦୁଇ ମାସ ସମୟ ଦେଇଥିବାବେଳେ ଦୁଇ ମାସ ପରେ ପୁଣି ସମୀକ୍ଷା କରିବାକୁ ଆସିବି ବୋଲି କହିଛନ୍ତି । ଏହି ସମୀକ୍ଷା ବୈଠକରେ ବଲାଙ୍ଗିର ଲୋକସଭା ସାଂସଦ, ବୀରମହାରାଜପୁର ବିଧାୟକ ପ୍ରମୁଖଙ୍କ ସହ ରାଜସ୍ୱ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ ।

# କିଟ୍‌ରେ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ପାଳିତ

● କିସ୍‌କୁ ଟେଲିସ୍କୋପ୍ ଦାନ କଲେ ଜ୍ୟୋତିର୍ବିଜ୍ଞାନୀ ଡ. ଅଶ୍ୱିନ ଶେଖର

**ଭୁବନେଶ୍ୱର, ୧।୩ (ସଂଚାର ବ୍ୟୁରୋ) :** କିଟ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ରାଷ୍ଟ୍ରୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନରଓ୍ୱେର ପୂର୍ବତନ ମନ୍ତ୍ରୀ ତଥା କୁଟନୀତିଜ୍ଞ ଏରିକ୍ ସୋଲେମ୍ ଓ ଖ୍ୟାତି ସମ୍ପନ୍ନ ଜ୍ୟୋତିର୍ବିଜ୍ଞାନୀ ଡ. ଅଶ୍ୱିନ ଶେଖର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସୋଲେମ୍ ତାଙ୍କ ଅଭିଭାଷଣରେ କିଟ୍ ଓ କିସ୍ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ । କିଟ୍ ଓ କିସ୍ ଭଳି ଅନୁଷ୍ଠାନ ସାମାଜିକ ପରିବର୍ତ୍ତନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ଯେତେବଡ଼ ଉଚ୍ଚ ସ୍ଥାନରେ ପହଞ୍ଚିଲେବି ସବୁବେଳେ ନମ୍ର ହେବାକୁ ଚେଷ୍ଟା କର । ଗ୍ରାମୀଣ ଓ ଜନଜାତି ସମ୍ପ୍ରଦାୟଙ୍କ ସଶକ୍ତିକରଣରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ପ୍ରଶଂସା କରି ଡ. ଶେଖର କହିଲେ, ଶ୍ରୀ ସାମନ୍ତଙ୍କ ଏହି ପ୍ରୟାସ ଅତି ଉଚ୍ଚରେ ରହିଛି ।

ଏହି ଅବସରରେ ସେ କିସ୍‌କୁ ଏକ ଟେଲିସ୍କୋପ ଦାନ କରି କହିଲେ, ଆଜି ଭଳି ଦିନରେ ଏହି ଟେଲିସ୍କୋପ୍ ପାଇବା ପାଇଁ କିସ୍ ହେଉଛି ଯୋଗ୍ୟତମ ଅନୁଷ୍ଠାନ । କିଟ୍




ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଭାରତର ବୈଜ୍ଞାନିକ ପ୍ରଗତିର ସମୃଦ୍ଧ ଇତିହାସ ଉପରେ ଆଲୋକପାତ କରିଥିଲେ । ବିଜ୍ଞାନକୁ ଛାତ୍ରଛାତ୍ରୀଙ୍କ ପାଇଁ ଆକର୍ଷଣୀୟ ଏବଂ ଉପଭୋଗ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ଦେଶୀ ମାଛ ଚାହିଦା ପୂରଣ ହେଉନି, ଆନ୍ଧ୍ର ଭରସା

**ଭିତ୍ତିଭୂମି ଅଛି, ପ୍ରୋତ୍ସାହନ ନାହିଁ**

**ଲୁଣି ମାଛଠାରୁ ଲୋକେ ଅଧିକ ଭରସା କରୁଛନ୍ତି ମଧୁର ଜଳ ମାଛ ଉପରେ**

**କାକଟପୁର/ଅସ୍ତରଙ୍ଗ, ୧।୩ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗରେ ମଧୁର ମାଛ ଚାହିଦା ବଢ଼ି ଚାଲିଥିବା ବେଳେ ଏହାର ଚାହିଦା ମେଣ୍ଟାଇବାକୁ ଏ ଯାଏଁ ସରକାରୀ ସ୍ତରରେ ସେଭଳି ଉଦ୍ୟମ କରାଯାଇନାହିଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପଖଣ୍ଡ ଗ୍ରାମାଞ୍ଚଳରେ ଏବେ ବି ଲୋକମାନେ ଆନ୍ଧ୍ରମାଛ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ଦେଶରେ ମାଛର ଚାହିଦା ପୂରଣ ପାଇଁ ମାଛଚାଷକୁ କୃଷି ମାନ୍ୟତା ମିଳିଥିଲେ ମଧ୍ୟ ପ୍ରୋତ୍ସାହନ ଅଭାବରୁ ଭିତ୍ତିଭୂମି ଥାଇ ମଧ୍ୟ ମାଛ ଚାଷ ବଢ଼ି ପାରୁନି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟରେ ଥିବା ସାମୁଦ୍ରିକ ବେଳାଭୂମି ଥିବା ଯୋଗୁଁ ସି -ଫୁଡ ବା ସମୁଦ୍ର ମାଛ ଏଠାରୁ



ପର୍ଯ୍ୟାପ୍ତ ପରିମାଣ ଧରାହେଉଛି। ସମୁଦ୍ର ମାଛ ସହ ଆନ୍ଧ୍ରରୁ ଆସୁଥିବା ମାଛ ବ୍ୟବସାୟୀ କିଣି ଗ୍ରାହକଙ୍କୁ ଗାଁ ପୋଖରୀର ମଧୁର ଜଳ ମାଛ ଦର୍ଶାଇ ଚଢ଼ାଦରରେ ବିକୁଥିବା ଏବେ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ପୁରୀ ଜିଲ୍ଲାରେ ବାର୍ଷିକ ୧ଲକ୍ଷ ମେଟ୍ରିକ ଟନ ମାଛ ଆବଶ୍ୟକତା ଥିବା ବେଳେ ଏହାର ମାତ୍ର ଏକ ତୃତୀୟାଂଶ ମଧୁର ଦେଶୀ ମାଛ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଛକ ବଜାରରେ ଉପଲବ୍ଧ ହେଉଛି। ନିଅଣ୍ଟ ଭରଣା ପାଇଁ ଆନ୍ଧ୍ର ଭରସା। ଫଳରେ ଅଧିକାଂଶ ସମୟରେ ଆନ୍ଧ୍ର ପ୍ରଦେଶର ବରଫ ଦିଆ ମାଛକୁ ଫ୍ରେସ ମାଛ କହି ଲୋକଙ୍କୁ ଲୁଟୁଛନ୍ତି ବେପାରୀ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଂଚାୟତରେ ତାଳଦା ଅଞ୍ଚଳରେ ମଧୁର ମାଛ ଚାଷ କରି ଜୀବିକା ଉପାର୍ଜନ ପାଇଁ ସୋସାଇଟି ମାଧ୍ୟମରେ ମାଛଚାଷକୁ ପ୍ରୋତ୍ସାହନ ଦିଆଯାଉଛି। ବଡ଼ ଯାଆଁଳ ବା ସମ୍ବଧୀୟ ଜ୍ଞାନ ଅର୍ଜନ ନିମନ୍ତେ ଭ୍ରମଣ ଶିକ୍ଷା ନାଁରେ ଅନେକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଅସ୍ତରଙ୍ଗ ଅଞ୍ଚଳରେ ମାଛ ଚାହିଦା ପୂରଣ ପାଇଁ ବିଭାଗ ସେଭଳି ସକ୍ଷମ ହେଉନାହିଁ। ପ୍ରତିବର୍ଷ ଅନେକ ପୋଖରୀ ଖୋଳା ଯାଉଥିଲେ ମଧ୍ୟ ସେଗୁଡ଼ିକର ମାଲିକାନା ସଠିକ ରହୁନଥିବାରୁ ମାଛ ଚାଷୀ ବ୍ୟାଙ୍କ ଋଣ ପାଇବାରେ ଅସୁବିଧା ହେଉଛି। ତେଣୁ ମାଛ ଚାଷ ପ୍ରତି ଆଗ୍ରହୀ ଯୁବକ ମାନଙ୍କୁ ଟ୍ରେନିଂ ଦିଆଯାଇ ପାରିଲେ ଅନେକାଂଶରେ ମାଛଚାଷ ବୃଦ୍ଧି ପାଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି।

# ବାଲିପାରିରୁ ଗଞ୍ଜେଇ ଜବତ, ଦୁଇ ମହିଳା ଗିରଫ

**କୁଜଙ୍ଗ, ୧।୩ (ସଂଚାର ବ୍ୟୁରୋ) :** ଆଜି ପୂର୍ବାହ୍ନ ସମୟରେ ପାରାଦ୍ୱୀପ ଅବକାରୀ ବିଭାଗ ପକ୍ଷରୁ କୁଜଙ୍ଗ ଥାନା ଅନ୍ତର୍ଗତ ବାଲିପାରି ଗାଁ ରେ ଅଚାନକ ଚଢ଼ାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏହି କାରବାରରେ ଲିପ୍ତ ଥିବା ଦୁଇ ଜଣ ମହିଳା ବ୍ୟବସାୟୀଙ୍କୁ ଅବକାରୀ ବିଭାଗ ପୋଲିସ ଉଠାଇ ନେଇଛି । ଉଭୟ ବ୍ୟବସାୟୀଙ୍କ ଠାରୁ ୬ କିଲୋ ୬ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଉଭୟ ଗଞ୍ଜେଇ ବ୍ୟବସାୟୀ ହେଲେ ବାଲିପାରି ଗାଁର ସଞ୍ଜୟ ମହାପାତ୍ରଙ୍କ ପତ୍ନୀ ଲିଲି ମହାପାତ୍ର ଓ ଅଜୟ ମହାପାତ୍ରଙ୍କ ପତ୍ନୀ ଚନ୍ଦ୍ରମା ମହାପାତ୍ର। ଏମାନେ ଦୀର୍ଘ ବର୍ଷ ଧରି ଏହି ନିଶା ବ୍ୟବସାୟ କରନ୍ତି ବୋଲି ଅବକାରୀ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆଜି ଉଭୟ ମହିଳା ଗଞ୍ଜେଇ ବେପାରୀଙ୍କୁ କୁଜଙ୍ଗ କୋର୍ଟ ଚାଲାଣ କରାଯିବ ବୋଲି ଇନ୍ସପେକ୍ଟର ପ୍ରଶାନ୍ତ ମହାନ୍ତିଙ୍କ ଠାରୁ ସୂଚନା ମିଳିଛି।

ସୂଚନା ମୁତାବକ, କୁଜଙ୍ଗ ଥାନା ଅନ୍ତର୍ଗତ ପାଟପୁର ପଞ୍ଚାୟତ ବାଲିପାରି ଗାଁରେ ଦୀର୍ଘ ବର୍ଷ ଧରି ନିଶା ବ୍ୟବସାୟ ହୋଇ ଆସୁଥିଲା। ଏନେଇ ସ୍ଥାନୀୟ ଲୋକମାନେ ପ୍ରଶାସନକୁ ଅନେକ ବାର୍ ଅଭିଯୋଗ ଉଠାଇଥିଲେ ବି କୌଣସି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆ ଯାଉନଥିଲା। ଫଳରେ ନିଶା ବ୍ୟବସାୟୀ ଲଗାମ ଛଡ଼ା ହୋଇ ନିଜର କାୟା ବିସ୍ତାର କରିଚାଲିଥିଲା। ତେବେ ଆଜି ପାରାଦ୍ୱୀପ ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଉଭୟ ନିଶା ବ୍ୟବସାୟୀଙ୍କ ଘରେ ଚଢ଼ାଉ କରାଯାଇଥିଲା । ଏହି ସମୟରେ ଚତୁରତାର ସହ ପୁରୁଷ ନିଶା ବ୍ୟବସାୟୀ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଉଭୟ ନିଶା ବ୍ୟବସାୟୀଙ୍କ ଘରର ବିଭିନ୍ନ ସ୍ଥାନରେ ତନଖି ପରେ ୬ କିଲୋ ୬ ଗ୍ରାମ ଗଞ୍ଜେଇ ବାହାରିଥିଲା। ସଞ୍ଜୟ ମହାପାତ୍ରଙ୍କ ପତ୍ନୀ ଲିଲିଙ୍କ ଠାରୁ ଘରୁ ୩ କିଲୋ ୪ ଶହ ଗ୍ରାମ ବାହାରିଥିବା ବେଳେ ଅଜୟ ମହାପାତ୍ରଙ୍କ ପତ୍ନୀଙ୍କ ଠାରୁ ୩ କିଲୋ ୨ ଗ୍ରାମ ଗଞ୍ଜେଇ ବାହାରିଥିଲା। ଘଟଣା ସ୍ଥଳରୁ ଅବକାରୀ ବିଭାଗ ପୋଲିସ ଉଭୟ ମହିଳା ଗଞ୍ଜେଇ ବ୍ୟବସାୟୀଙ୍କୁ ଉଠାଇ ନେଇ ଥିବା ଜଣାପଡିଛି।

**ମନ୍ଦିର ଉପରେ ଲୁଟେରାଙ୍କ ନଜର**

## ଗୋପୀନାଥ ମନ୍ଦିରରୁ ଲୁଟିନେଲେ ସୁନା ଅଳଙ୍କାର



**ନୟାଗଡ଼, ୧।୩ (ସଂଚାର ବ୍ୟୁରୋ) :** ନୟାଗଡ଼ ଜଗନ୍ନାଥ ମନ୍ଦିରରୁ ଲୁଟ ପରେ ପୁରୁଣା ସହର ଗୋପୀନାଥ ମନ୍ଦିରରୁ ଗତକାଲି ରାତିରେ ଚୋରି ହୋଇଛି। ଜଣେ ଦୁର୍ବୃତ୍ତ ମୁଖା ପିନ୍ଧି ରାତି ୨ ଟା ସମୟରେ ମନ୍ଦିରରେ ପଶିଥିଲା। ହାତରେ ଲୁହା ରଡ ଧରିଥିଲା। ସିସିଟିଭି ଫୁଟେଜରୁ ଦୁର୍ବୃତ୍ତ ମନ୍ଦିରରେ ପଶିବା ଦେଖା ଯାଇଛି। ମନ୍ଦିର ତାଲା ଭାଙ୍ଗି ଦୁର୍ବୃତ୍ତ ଭିତରେ ପଶି ଠାକୁରଙ୍କ ସିଂହାସନ ଉପରେ ଚଢ଼ି ଗୋପୀନାଥ ଜୀଉଙ୍କ ନାକ ବସଣି, ଚିତା ଏବଂ ପୂଜକଙ୍କ ବାକ୍ସରୁ କିଛି ଟଙ୍କା ମଧ୍ୟ ଚୋରୀ ହୋଇଛି। ଠାକୁର ପିନ୍ଧିଥିବା ସୁନା ଅଳଙ୍କାର ଲୁଟ ହୋଇଛି। ଆଜି ସକାଳୁ ମନ୍ଦିର ପୂଜକ ପରମାନନ୍ଦ ଦାଶ ନୀତି କରିବାକୁ ଆସିବା ପରେ ଘଟଣା ସାମ୍ନାକୁ ଆସିଥିଲା। ଖବରପାଇ ଏସଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଟାଉନଥାନା ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ର ସଦଳବଳେ ମନ୍ଦିରରେ ପହଞ୍ଚି ଛାନଭିନ କରିଛନ୍ତି। ଦୁର୍ବୃତ୍ତ ପ୍ରଥମେ ଦକ୍ଷିଣକାଳି ମନ୍ଦିରରେ ପଶିବାକୁ ଚେଷ୍ଟା କରିଛି। ବିଫଳ ହେବା ପରେ ଗୋପୀନାଥ ମନ୍ଦିରରୁ ଲୁଟ କରିଛି। ନୟାଗଡ଼ ଜିଲ୍ଲାରେ ବାରମ୍ବାର ମନ୍ଦିରରୁ ଚୋରୀ ହୋଇଛି। ବଡ଼ପଣ୍ଡୁସର ଉଗ୍ରେଶ୍ୱର ମନ୍ଦିର, ଓଡ଼ଗାଁ ଦୂତିକେଶ୍ୱର ମନ୍ଦିର, ନୟାଗଡ଼ ଜଗନ୍ନାଥ ମନ୍ଦିର ପରେ ଆଜି ଚତୁର୍ଥ ପର୍ଯ୍ୟାୟରେ ଗୋପୀନାଥ ମନ୍ଦିରରୁ ଲୁଟ ହୋଇଛି। ଏନେଇ ସ୍ଥାନୀୟ ଜନସାଧାରଣ ନୟାଗଡ଼ ପୁଲିସ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ।

## ବିପୁଳ ପରିମାଣର ଗଞ୍ଜେଇ ଜବତ

**କନ୍ଧମାଳ, ୧।୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରଙ୍ଗିଆ ବ୍ଲକ ଗୋଛାପଡା ପୁଲିସ ଲଗାତାର ଭାବରେ ବିଭିନ୍ନ ଜାଗାରେ ଚଢ଼ାଉ କରି ଟନଟନ ଗଞ୍ଜେଇ ଜବତ କରିବାରେ ସଫଳ ହେଉଥିବାବେଳେ ଗୋଛାପଡା ପୁଲିସ ପୁଣି ଥରେ ଥାନା ଅନ୍ତର୍ଗତ ବାଲନ୍ଦାପଡା ପଞ୍ଚାୟତ ଅଧୀନରେ ଥିବା କେନ୍ଦୁଗୁଡା ଗାଁ ନିକଟରେ ଥିବା ଜଙ୍ଗଲରେ ଚାଲାଣ ପାଇଁ ପ୍ରସ୍ତୁତି ଚଲାଇଥିବା ବେଳେ ଅତର୍କିତ ଚଢ଼ାଉ କରି ଗଛିତ ଥିବା ଏକ ଟନ ଆଠ କିଲୋ ଗଞ୍ଜେଇକୁ ଜବତ କରିବାରେ ସଫଳ ହୋଇଛି। ପୁଲିସ ଆସିବାର ଆଗୁଆ ସୂଚନା ପାଇ ମାଫିଆମାନେ ଫେରାର ହୋଇଯାଇଥିବା ପୁଲିସ ତରଫରୁ ସୂଚନା ମିଳିଛି । ତେବେ ପୁଲିସର ସୂଚନା ଅନୁସାରେ ଏହି କେନ୍ଦୁଗୁଡା ଜଙ୍ଗଲରେ କିଛି ଗଞ୍ଜେଇ ମାଫିଆ ଏକ ଝାଟିମାଟି କୁଡିଆ କରି ଚାଲାଣ ପାଇଁ ବିପୁଳ ପରିମାଣରେ ଗଞ୍ଜେଇ ଗଛିତ ରଖିଥିବା ଏକ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଖବର ପାଇବା ମାତ୍ରେ ଗୋଛାପଡା ଥାନା ଅଧିକାରୀ ଚିରଞ୍ଜୀବ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଉକ୍ତ ଜଙ୍ଗଲରେ ଚଢ଼ାଉ କରିଥିଲେ । ତେବେ ପୁଲିସ ଆସିବା ଖବର ବିଷୟରେ ଆଗୁଆ ସୂଚନା ପାଇଁ ଘଟଣା ସ୍ଥଳରୁ ମାଫିଆ ମାନେ ଫେରର ହୋଇଯାଇଥିବା ବେଳେ ପୋଲିସ ଜଙ୍ଗଲରୁ ଏକ ଟନ ଆଠ କିଲୋ ଗଞ୍ଜେଇ କୁ ଜବତ କରିବାରେ ସଫଳ ହୋଇଥିଲା । ତେବେ ଜବତ ଗଞ୍ଜେଇକୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଫୋରିଙ୍ଗିଆର ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା । ପରେ ଏହି ଘଟଣାରେ ୬୩/୨୦୨୫ ରେ ଏକ ମାମଲା ରଜୁକରି ଜବତ ଗଞ୍ଜେଇକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଚିରଞ୍ଜୀବ ବେହେରା ସୂଚନା ଦେଇଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତି ଥିବା ଗଞ୍ଜେଇ ମାଫିଆ ଏମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ଗୋଛାପଡା ଥାନା ଅଧିକାରୀ ।



**ପ୍ରତିଭା ଓ ପରମ୍ପରା ପ୍ରଦର୍ଶନର ଅନନ୍ୟ ନିଦର୍ଶନ**

## ଟେକଫୋରିଆ ୨୦୨୫



**ଖୋର୍ଦ୍ଧା, ୧।୩ (ସଂଚାର ବ୍ୟୁରୋ) :** ଟିଆଇଟିଇର ବାର୍ଷିକ ଉତ୍ସବ ଟେକଫୋରିଆ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିସୁଟ୍‌ର ପ୍ରାକ୍ତନ କୂଳପତି ବସନ୍ତ କୁମାର ନନ୍ଦ କହିଥିଲେ ଯେ ପ୍ରତି ବୈଷୟିକ ଶିକ୍ଷାର୍ଥୀ ସମାଜର ବୃହତ୍ତର ଉନ୍ନତି ଦିଗରେ ନିଜ ମେଧା ଓ କୌଶଳକୁ ଉପଯୋଗ କରିବା ଆବଶ୍ୟକ। ମୁଖ୍ୟ ବକ୍ତା ଭାବେ ଟିସିଏସ୍‌ର ମାନବ ସମ୍ବଳ ମୁଖ୍ୟ ଅବିନାଶ ସାମଲ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶ ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି ମତ ରଖିବା ସହ ଶିକ୍ଷାର୍ଥୀମାନଙ୍କୁ ସିଲାବସ ଓ ବାହାର ଦୁନିଆ ଭିତରେ ସମନ୍ୱୟ ରଖିବାକୁ ପରାମର୍ଶ ଦେଇଥିଲେ। ସମାବର୍ତ୍ତୀତ ହୋଇଥିବା ଶିକ୍ଷାର୍ଥୀଙ୍କୁ ଡିଗ୍ରୀ ପ୍ରଦାନ ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ଯାଇଥିଲା। ରାଜ୍ୟର ଅନ୍ୟତମ ଅଗ୍ରଣୀ ବୈଷୟିକ ଶିକ୍ଷା ଅନୁଷ୍ଠାନ ଟିଆଇଟିଇର ଏହି ବାର୍ଷିକ ଉତ୍ସବରେ ଛାତ୍ର ଛାତ୍ରୀମାନେ କଳାନୈପୁଣ୍ୟ ପ୍ରଦର୍ଶନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ଚିତାକର୍ଷକ ହୋଇଥିଲା।

**ଆନ୍ତଃରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପିତ**

# ଯୁବ ବର୍ଗ ହେବେ ବିକଶିତ ଭାରତର ବାର୍ତ୍ତାବହ

**କୋଣାର୍କ, ୧।୩ (ସଂଚାର ବ୍ୟୁରୋ) :** ଭାରତ ସରକାରଙ୍କ କ୍ରୀଡା ଏବଂ ଯୁବ ବ୍ୟାପାର ମନ୍ତ୍ରାଳୟ ଅନ୍ତର୍ଗତ ନେହେରୁ ଯୁବ କେନ୍ଦ୍ର ପୁରୀ ତରଫରୁ ଗତ ୨୨ ଫେବୃଆରୀ ଠାରୁ ୨୬ଫେବୃଆରୀ ପର୍ଯ୍ୟନ୍ତ ଏକ ପାଞ୍ଚ ଦିନିଆ ଆନ୍ତ ରାଜ୍ୟ ଯୁବ ବିନିମୟ ଶିବିର କୋଣାର୍କ ସ୍ଥିତ ଯାତ୍ରୀ ନିବାସ ଠାରେ ଆୟୋଜିତ ହୋଇ ଯାଇଛି।

ଏହି ଶିବିରରେ କର୍ଣ୍ଣାଟକ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୫ରୁ ୨୯ବର୍ଷ ବୟସ ମଧ୍ୟରେ ୨୭ଜଣ ଯୁବ ପ୍ରତିଭାଗୀ ନାନାଦି କାର୍ଯ୍ୟକ୍ରମ ଯଥା - ଓଡିଶାର ଗୌରବମୟ ଇତିହାସ, କଳା ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟ ଏବଂ ଓଡ଼ିଆ ପରମ୍ପରା ସମ୍ବନ୍ଧରେ ଅଭିଜ୍ଞ ବକ୍ତାମାନଙ୍କ ଠାରୁ ଜ୍ଞାନ ଅର୍ଜନ କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ, କୋଣାର୍କ ମନ୍ଦିର, ପରିଦର୍ଶନ, ଚନ୍ଦ୍ର ଭାଗାରେ ସୂର୍ଯ୍ୟୋଦ୍ୟୟ ଦେଖିବା ସହିତ ସେଠାରେ ସମୁଦ୍ର କୂଳ ସଫେଇ ଅଭିଯାନ ଅଂଶ ଗ୍ରହଣ କରିବା ସହ ଗୋପ ବ୍ଲକ ଶିରିପୁର ସ୍ଥିତ ରାଜ୍ୟ




ସ୍ତରୀୟ ପୁରସ୍କାର ପ୍ରାପ୍ତ ଅନୁଷ୍ଠାନ ଫ୍ରେଣ୍ଡସ କ୍ଲବ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରତିଭାଗୀମାନେ ଚନ୍ଦ୍ରଭାଗା ନିକଟସ୍ଥ ତେଲୁଗୁ ବସ୍ତିର ଏକ ସାମାଜିକ ସର୍ଭେରେ ଭାଗ ନେଇ ସେଠାକାର ମତ୍ସଜୀବୀ ପରିବାର ମାନଙ୍କର ସାମାଜିକ ଏବଂ ଅର୍ଥ ନୈତିକ ସ୍ଥିତିକୁ ଅନୁଧ୍ୟାନ କରିଥିଲେ ।

ଏହି ଯୁବ ବିନିମୟ କାର୍ଯ୍ୟକ୍ରମର ଯୁବ ପ୍ରତିଭାଗୀମାନଙ୍କୁ ଓଡିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରତିଭା ପରିଡ଼ା ଶୁଭେଚ୍ଛା ଏବଂ ଆର୍ଶୀବାଦ ଦେଇଥିଲେ। ଉଦଘାଟନୀ ଉତ୍ସବରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, କୋଣାର୍କ ବିଜ୍ଞପରିଷଦ ଅଧକ୍ଷା ଶ୍ରୁଶ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

ପ୍ରଶିକ୍ଷକ ହିସାବରେ ରେଡ଼ିଓ ନମସ୍କାରର ଅଧକ୍ଷ ଏ ନ. ଏ. ସାହା ଆନସାରୀ, କୋଣାର୍କ ସାହିତ୍ୟ ସାଂସଦ ର ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତି, ବିଶିଷ୍ଟ ଗବେଷକ ଏବଂ ଲେଖକ ସୁବାସ ଚନ୍ଦ୍ର ବରାଳ, ସୋଲାର ଅନୁଷ୍ଠାନ ର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ ଆଦି ପ୍ରତିଭାଗୀ ମାନଂକୁ ରାଷ୍ଟ୍ର ଗଠନ ଏବଂ ୨୦୪୭ମସିହା ସୁଦ୍ଧା ବିକଶିତ ଭାରତ ର ଲକ୍ଷ ହାସଲ ନିମନ୍ତେ ଭୂମିକା ସମ୍ବନ୍ଧରେ ଅବଗତ କରାଇ ଥିଲେ।

## ଖସିଲା କଂକ୍ରିଟ୍ ଖଣ୍ଡ, ଅଳ୍ପକେ ବର୍ତ୍ତିଲେ ଛାତ୍ରୀ

**ବ୍ରହ୍ମପୁର, ୧।୩ (ସଂଚାର ବ୍ୟୁରୋ) :** ବିଦ୍ୟାଳୟ ଛାତରୁ କଂକ୍ରିଟ୍ ଖଣ୍ଡ ଖସିବା ଫଳରେ ଜଣେ ଛାତ୍ରୀ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ବ୍ରହ୍ମପୁରସ୍ଥିତ ପୁରୁଣା ବ୍ରହ୍ମପୁର ଛକରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଘଟଣା ଘଟିଛି। ଶନିବାର ଛାତ୍ରୀ ଜଣକ ବିଦ୍ୟାଳୟ ବାହାର ପଟରେ ଥିବା ସମୟରେ ଏକ ବଡ କଂକ୍ରିଟ୍ ଖଣ୍ଡ ଖସି ତଳେ ପଡିବା ସହ ଏକ ଛୋଟିଆ ଖଣ୍ଡଟି ଜଣେ ଛାତ୍ରୀଙ୍କ ଗଡରେ ବାଜିଥିଲା। ଯାହା ଫଳରେ ଛାତ୍ରୀ ଜଣଙ୍କ ଗୋଡରେ ସାମାନ୍ୟ ଆଘାତ ଲାଗିଥିବା ସୂଚନା ମିଳିଛି। ଏନେଇ ପରିବାର ଲୋକେ ମଧ୍ୟ ସ୍କୁଲ ପରିସରରେ ପାଟିତୁଣ୍ଡ କରୁଥିବାର ଭିଡିଓ ଭାଇରଲ ହୋଇଛି। ଉକ୍ତ ବିଦ୍ୟାଳୟଟି ବହୁ ପୁରାତନ ହୋଇଥିବାରୁ କୋଠାଟି ମଧ୍ୟ ବିପଦ ସଂକୁଳ ଅବସ୍ଥାରେ ରହିଛି। ଅନେକ ବାର୍ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶିକ୍ଷା ବିଭାଗକୁ କୋଠାର ମରାମତି ସଂକ୍ରାନ୍ତରେ ବିଦ୍ୟାଳୟ କର୍ତ୍ତୃପକ୍ଷ କୁଆଡେ ଅବଗତ କରିବା ପରେ ବି କେହି କର୍ଣ୍ଣପାତ କରିନଥିବା ଜଣାପଡିଛି।



## ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତିରେ ରକ୍ତଦାନ ଶିବିର, ୪୦ ୟୁନିଟ ରକ୍ତ ସଂଗୃହିତ



**କୋଣାର୍କ, ୧।୩ (ସଂଚାର ବ୍ୟୁରୋ) :** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କୋଣାର୍କ ସେବା ସଂଗଠନ ପକ୍ଷରୁ କୋଣାର୍କସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଯୁବ ସମାଜସେବୀ କୁନାଲ ପାତ୍ରଙ୍କ ଜନ୍ମ ଦିବସ ଓ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ସ୍ମୃତିରେ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର ଯୁବକ, ଯୁବତୀ ଓ ଛାତ୍ରଛାତ୍ରୀ ସାମିଲ ହେବା ସହିତ ୪୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଡାକ୍ତର ଦୀପକ ସାହୁ, ମନୋରଞ୍ଜନ ଭୋଇ, ସତିକାନ୍ତ ମହାପାତ୍ର ଓ ଅମିତ ପାଢ଼ୀ ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ସୂଚାରୁରୂପେ ନିର୍ବାହ କରିଥିଲେ। ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବରେ କାଉନସିଲର ସମୟ ରଞ୍ଜନ ସାହୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗଠନର ସମ୍ପାଦକ କୁନାଲ ପାତ୍ର, ମିଲନ ଆନନ୍ଦ ମହାପାତ୍ର, ପ୍ରଦୀପ୍ତ କୁମାର ପ୍ରଧାନ, ପ୍ରିୟ ରଞ୍ଜନ ରଥ, ଶୁଭମ ବିଶ୍ୱାଳ, ନିରଞ୍ଜନ ପରିଡା, ଦେବାଶିଷ ସାହୁ ପରିଚାଳନା କରିଥିବା ବେଳେ ସଭାପତି ରଂଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥଲେ ।

## ବିରଳ ପ୍ରଜାତିର ସାପ 'ଗ୍ରିନ୍ କିଲ୍ ବ୍ୟାକ୍' ଉଦ୍ଧାର



**ନୀଳଗିରି, ୧।୩ (ସଂଚାର ବ୍ୟୁରୋ) :** ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଧୀନ ୮ ନମ୍ବର ୱାର୍ଡ ସାନଅତା ଗ୍ରାମରୁ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ହରେକୃଷ୍ଣ ରାଉତ ଶନିବାର ଏକ ବିରଳ ପ୍ରଜାତିର "ଗ୍ରିନ୍ କିଲ୍ ବ୍ୟାକ୍" ସାପ ଉଦ୍ଧାର ସାପ ଉଦ୍ଧାର କରିଛନ୍ତି। ସାପଟି ଉକ୍ତ ଗ୍ରାମର ମହେନ୍ଦ୍ର ଜେନାଙ୍କ ଠାକୁର ଘର ଭିତରେ ଥିବାର ଶ୍ରୀ ଜେନା ଦେଖିଥିଲେ ଏବଂ ତୁରନ୍ତ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ହରେକୃଷ୍ଣ ରାଉତଙ୍କୁ ଖବର ଦେଇଥିଲେ। ଶ୍ରୀ ରାଉତ ଖବର ପାଇ ସେଠାରେ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଦେଇଛନ୍ତି। ଏହି ସାପଟିର ଲମ୍ବ ୨ ଫୁଟ୍ ରହିଥିବା ଜଣାଯାଇଛି। ବିଗତ ଦିନମାନଙ୍କରେ ଏମିତି ଅନେକ ବିରଳ ପ୍ରଜାତିର ସାପ ନୀଳଗିରିରୁ ଉଦ୍ଧାର ହୋଇଥିବା ବେଳେ ନୀଳଗିରି ବନବିଭାଗ ନିକଟରେ ସାପ ଧରିବା ପାଇଁ ସରକାରୀ କର୍ମଚାରୀ ନାହାନ୍ତି ଯାହାକି ଲୋକମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ଆଗାମୀ ଦିନରେ ପ୍ରଶାସନ ଏ ଦିଗରେ ଧ୍ୟାନ ଦେଲେ ବହୁତ ଲୋକ ଉପକୃତ ହୁଅନ୍ତେ ବୋଲି ଜନସାଧାରଣ ଦାବି କରିଛନ୍ତି।

# ସ୍ଥାୟୀ ନିର୍ବାହୀ ଅଧିକାରୀ ନଥିବାରୁ ବିକାଶ କାର୍ଯ୍ୟ ଠପ୍

**ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କଲେ ଅଧ୍ୟକ୍ଷା ଓ କାଉନସିଲର**

**ନୟାଗଡ଼, ୧।୩ (ସଂଚାର ବ୍ୟୁରୋ):** ନୟାଗଡ଼ ପୌର ପରିଷଦରେ ଗତ କିଛି ମାସ ହେଲା ବିକାଶମୂଳକ କାର୍ଯ୍ୟ ଠପ ହେବାରେ ଲାଗିଛି । ଏ ସମ୍ବନ୍ଧରେ ଆଜି ପୌର ପରିଷଦ ପକ୍ଷରୁ ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନାଙ୍କ ନେତୃତ୍ୱରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲଙ୍କୁ ଭେଟି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ।

ନୟାଗଡ଼ ପୌର ପରିଷଦର କାର୍ଯ୍ୟ ଏକ ପ୍ରକାର ବନ୍ଦ ହେବାକୁ ବସିଲାଣି । ଆସିଥିବା ଅନୁଦାନ ଖର୍ଚ୍ଚ ହୋଇ ପାରୁନାହିଁ କିମ୍ବା ଶେଷ ହୋଇଥିବା କାର୍ଯ୍ୟର ବିଲ ହୋଇ ପାରୁନି। ନୟାଗଡ଼ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସଙ୍ଗେ ସଙ୍ଗେ ଆଲୋକିକରଣ ବ୍ୟବସ୍ଥା ବନ୍ଦ ହେବାକୁ ବସିଲାଣି। ଜନସାଧାରଣଙ୍କ ସମସ୍ୟା ବୁଝିବା ପାଇଁ ପ୍ରଶାସନିକ ସ୍ତରରେ କୌଣସି କାର୍ଯ୍ୟ ହୋଇ ପାରୁନାହିଁ। ନିର୍ବାହୀ ଅଧିକାରିଣୀ ଅଫିସରେ ରହୁ ନାହାନ୍ତି । ଉନ୍ନତିମୂଳକ କାର୍ଯ୍ୟ ପାଇଁ ସରକାର ଦେଇଥିବା କୋଟି କୋଟି ଅନୁଦାନ ଖର୍ଚ୍ଚ ହୋଇ ନପାରିବାରୁ ଜନ ଅସନ୍ତୋଷ ଦେଖା ଦେଇଛି । ପାରିଷଦ ସଭାରେ ପାରିଷଦ ବୃନ୍ଦ ବିଭିନ୍ନ କାର୍ଯ୍ୟର ବିଭିନ୍ନ ସମସ୍ୟା ଉପସ୍ଥାପନା କରିବା



ସତ୍ତ୍ୱେ ମଧ୍ୟ କାର୍ଯ୍ୟକାରି ହୋଇପାରୁ ନାହିଁ। ଯାହା ଫଳରେ ଆଜି ପାରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଭେଟି ନୂତନ ନିର୍ବାହୀ ଅଧିକାରୀ ନିଯୁକ୍ତି ନିମନ୍ତେ ଦାବି ରଖିଛନ୍ତି। ଏହାର ସୁବିଚାର ନକଲେ ଗଣତାନ୍ତ୍ରୀକ ପଦ୍ଧତିରେ ଧାରଣାରେ ବସିବୁ ବୋଲି ପୌର ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଦୀନବନ୍ଧୁ ମହାପାତ୍ର, ଜାନକୀ ବଲ୍ଲଭ ଜେନା, ଅକ୍ଷୟ ବିଶ୍ୱାଳ, ଅଳକା ନାୟକ, ଗୀତାଞ୍ଜଳି ସ୍ୱାଇଁ, ଉର୍ମିଳା ଜେନା, ମଞ୍ଜୁଲତା ଗୁମାନସିଂ ଓ କାଉନସିଲର ସ୍ୱୟଂପ୍ରଭା ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

## ନୟାଗଡ଼ ଜିଲ୍ଲାର ବିଭିନ୍ନ ମନ୍ଦିରରୁ ଚୋରି

● ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଆଇନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଆଇନଜୀବୀ

**ନୟାଗଡ଼, ୧।୩ (ସଂଚାର ବ୍ୟୁରୋ):** ନୟାଗଡ ଜିଲ୍ଲାରେ ଦେବୋତ୍ତର ପରିଚାଳନାଧିନ ପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିର, ଗୋପୀନାଥ ମନ୍ଦିର, ଦୁତିକେଶ୍ୱର ମନ୍ଦିରରେ କ୍ରମାଗତ ଭାବେ ଚୋରି ହୋଇଥିବା ଠାକୁରଙ୍କ ମୂର୍ତ୍ତି ଓ ସୁନାରୁପା ଅଳଙ୍କାର ଉଦ୍ଧାର ପାଇଁ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ପ୍ରଦାନ କରିବାକୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଚିଠି ଲେଖିଲେ ନୟାଗଡ଼ ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ରଣଜିତ ଦାଶ ।

ନୟାଗଡ ଜିଲ୍ଲାର ଢିଲା ପ୍ରଶାସନିକ ବ୍ୟବସ୍ଥା ପାଇଁ ବିଭିନ୍ନ ମଠ ମନ୍ଦିର ସମ୍ପତି ସୁରକ୍ଷିତ ନାହିଁ। କ୍ରମାଗତ ଭାବେ ମନ୍ଦିରମାନଙ୍କରେ ସମାନ ପ୍ରକ୍ରିୟାରେ ଠାକୁରଙ୍କ ବହୁପୁରାତନ ମୂଲ୍ୟବାନ ମୂର୍ତ୍ତି, ସୁନାରୂପା ଅଳଙ୍କାର ଏବଂ ଦାନ ହୁଣ୍ଡୀ ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହୋଇଯିବା ପରେ ମଧ୍ୟ ଚୋରଙ୍କୁ ଧରିବା ଏବଂ ଚୋରି ଯାଇଥିବା ଠାକୁରଙ୍କ ସମ୍ପତ୍ତି ଉଦ୍ଧାର ହୋଇପାରୁ ନାହିଁ। ନୟାଗଡ ଜଗନ୍ନାଥ ମନ୍ଦିରରେ ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ଆଜି ଯାଏଁ ସିସିଟିଭି କ୍ୟାମେରା ସଂଯୋଗ ହୋଇପାରି ନାହିଁ, ସେଥିପାଇଁ ଜଗନ୍ନାଥ ମନ୍ଦିରରୁ ଠାକୁରଙ୍କ ପ୍ରାୟ ୧୩୦୦ ଗ୍ରାମ ଅଳଙ୍କାର ସମେତ ହୁଣ୍ଡୀ ଭାଙ୍ଗି ଲକ୍ଷାଧିକ ଟଙ୍କା ନେଇଯିବା ପରେ ମଧ୍ୟ ପୋଲିସ ଚୋରି ସମ୍ପର୍କରେ ସୁରାକ ପାଇପାରୁନି । ଏହି ଢିଲା ବ୍ୟବସ୍ଥା ପାଇଁ ସ୍ଥାନୀୟ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ନିଶ୍ଚିତ ପକ୍ଷେ ଉତ୍ତରଦାୟୀ। ଚୋରଙ୍କୁ ଠାବ କରିବା ସହିତ ଠାକୁରଙ୍କ ମୂଲ୍ୟବାନ ଅଳଙ୍କାର ଗୁଡିକୁ ଉଦ୍ଧାର କରିବା ପାଇଁ କ୍ରାଇମବ୍ରାଞ୍ଚ ପୁଲିସ ଟାସ୍କଫୋର୍ସ ଗଠନ କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ପ୍ରଦାନ କରନ୍ତୁ ବୋଲି ଆଇନଜୀବୀ ରଣଜିତ ଦାଶ ଚିଠି ମାଧ୍ୟମରେ ଦାବି କରିଛନ୍ତି ।

# ଛତ୍ରପୁରରେ ହେବ ମେଗା କର୍ମ ନିଯୁକ୍ତି ମେଳା

**ବ୍ରହ୍ମପୁର, ୧।୩ (ସଂଚାର ବ୍ୟୁରୋ) :** ଚଳିତ ମାସ ମାର୍ଚ୍ଚ ୨୧ ତାରିଖରେ ଛତ୍ରପୁର ସ୍ଥିତ ଖେଳ ପଡିଆ ଠାରେ ଅନୁଷ୍ଠିତ ହେବାକୁ ଯାଉଛି ବୃହତ୍ କର୍ମ ନିଯୁକ୍ତି ମେଳା। ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତଥା ଜିଲ୍ଲା ପ୍ରଶାସନ ଗଞ୍ଜାମଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ମେଗା କର୍ମ ନିଯୁକ୍ତି ମେଳାରେ କିଭଳି ଜିଲ୍ଲାର କୋଣ ଅନୁକୋଣର ଶିକ୍ଷିତ ଯୁବକ ବହୁ ସଂଖ୍ୟାରେ ଯୋଗଦାନ କରି କର୍ମ ନିଯୁକ୍ତି ପାଇବେ ସେଥି ସକାଶେ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଶୁକ୍ରବାର ଦିନ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ପରିଡା ପ୍ରତି ବ୍ଲକ୍‌ରୁ ଯେଉଁଭଳି ଯୁବକ ଗଣ ଅଂଶ ଗ୍ରହଣ କରିବେ ସେଥି ନିମନ୍ତେ ବୈଷୟିକ ଶିକ୍ଷାନୁଷ୍ଠାନ ଆଇ.ଟି.ଆଇ, ପଲିଟେକନିକ୍, ଜିଲ୍ଲା ଶିଳ୍ପ କର୍ପୋରେସନ୍ ତଥା ପ୍ରଶିକ୍ଷଣ ପରାମର୍ଶ ବିଭାଗର ଅଧ୍ୟକ୍ଷ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସଂପୃକ୍ତ ଅଧିକାରୀ ମାନଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଗଞ୍ଜାମ ଜିଲ୍ଲା ଦକ୍ଷତା ବିକାଶ ତଥା କର୍ମ ନିଯୁକ୍ତି ସଂସ୍ଥାର ଉପ ନିର୍ଦ୍ଦେଶକ ଫାଲଗୁନୀ ସହାୟ ନାୟକ ଆୟୋଜନ ହେବାକୁ ଥିବା ଏହି ମେଗା ନିଯୁକ୍ତି ମେଳାର ସମସ୍ତ ପ୍ରସ୍ତୁତି ବିଷୟ ନେଇ ଆଲୋଚନା କରି ଜିଲ୍ଲାର ଅଧିକ ଯୁବକ ଯୁବତୀ ଯେଭଳି କର୍ମ ନିଯୁକ୍ତି ପାଇବେ ସେଥି ସକାଶେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଆଭାସୀ ମାଧ୍ୟମରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଜଣା ପଡିଛି ଯେ ୬୦ରୁ ଉର୍ଦ୍ଧ୍ୱ କର୍ମ ସଂସ୍ଥାନ ଯୋଗଦେଇ କର୍ମ ନିଯୁକ୍ତି ପ୍ରଦାନ କରିବେ। ଜିଲ୍ଲାର ଆଇ.ଟି.ଆଇ, ପଲିଟେକନିକ୍, ଜିଲ୍ଲା ଶିଳ୍ପ କର୍ପୋରେସନ୍ ତଥା ପ୍ରଶିକ୍ଷଣ ପରାମର୍ଶ ବିଭାଗରେ ଶିକ୍ଷାଦାନ କରିଥିବା ଏବଂ ଶିକ୍ଷା ଶେଷ କରୁଥିବା ଛାତ୍ରଛାତ୍ରୀଗଣ ନିଜ ନିଜର ଆବଶ୍ୟକୀୟ ପ୍ରମାଣ ପତ୍ର ସହ ଉକ୍ତ କର୍ମ ନିଯୁକ୍ତି ମେଳାରେ ଯେଭଳି ନିଶ୍ଚିତ ଅଂଶ ଗ୍ରହଣ କରିବେ ସେଥି ନିମନ୍ତେ ସମସ୍ତ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ କୁହାଯାଇଛି । ଜିଲ୍ଲାର ତିନି ହଜାର ପ୍ରାର୍ଥୀ ଅଂଶ ଗ୍ରହଣ କରିବା ଲକ୍ଷ୍ୟ ରଖାଯାଇଛି । ପ୍ରଚାର ପ୍ରସାର କରିବା ସକାଶେ ଯଥେଷ୍ଟ ସଂଖ୍ୟକ ପ୍ରଚାର ପତ୍ର, ପ୍ଲାକସ୍, ପୋଷ୍ଟର ମାଧ୍ୟମରେ ଯଥେଷ୍ଟ ଦିନ ପୂର୍ବରୁ କରିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ରହ୍ମପୁର ମହାନଗର ନିଗମକୁ କୁହାଯାଇଛି।

ପ୍ରଧାନମନ୍ତ୍ରୀ ଇଣ୍ଟରସିପ୍ ପୋର୍ଟାଲ ପୁଣିଥରେ ଖୋଲା ଯାଇଥିବା ସୂଚନା ଦିଆଯାଇଛି । ଏହା ଦ୍ୱାରା ଭାରତର ଟପ୍ କମ୍ପାନୀ ଗୁଡିକ ସହିତ ଜଡିତ ହୋଇ ଶିକ୍ଷା ଗ୍ରହଣ କରିପାରିବେ । ୧୨ ମାସର ଇଣ୍ଟରସିପ୍ ଯେଉଁଥିରେ ଯୁବବର୍ଗ ଅଟୋମୋଟିଭ୍, ଏନର୍ଜି, ମାନ୍ୟୁଫାକଚରିଂ ପରି ୨୫ଟି କ୍ଷେତ୍ରରେ ପ୍ରଶିକ୍ଷଣ ନେଇ ପାରିବେ ଏବଂ ନିଜର ପ୍ରକୃତ ବିଶ୍ୱ ସ୍ତରୀୟ ଅଭିଜ୍ଞତାକୁ ମଜବୁତ୍ କରି ୫୦୦୦ଟଙ୍କାର ମାସିକ ଇଣ୍ଟରସିପ୍ ରାଶି/୬୦୦୦ଟଙ୍କାର ଏକ କାଳୀନ ଗ୍ରାଣ୍ଟ ମଧ୍ୟ ପାଇ ପାରିବେ ବୋଲି ସୂଚନା ମିଳିଛି ।

## ସମନ୍ୱିତ ପର୍ଯ୍ୟଟନ ବିକାଶକୁ ରାଜ୍ୟ ସରକାରଙ୍କ ଗୁରୁତ୍ୱ

# ମୟୂରଭଞ୍ଜରେ ୫ ବର୍ଷରେ ଖର୍ଚ୍ଚ ହେବ ୩୫୫ କୋଟି

- କିଚକେଶ୍ୱରୀ ମନ୍ଦିରର ବିକାଶ ପାଇଁ ଆଉ ୫୦ କୋଟି ଘୋଷଣା
- ୧୦ଜିଲ୍ଲାରେ ତିଆରି ହେବ ଐତିହ୍ୟ ଓ ପର୍ଯ୍ୟଟନ କମ୍ପ୍ଲେକ୍ସ

ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ): ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଖିଚିଂ ପ୍ରସିଦ୍ଧ କିଚକେଶ୍ୱରୀ ମନ୍ଦିରର ବିକାଶ ଏବଂ ଉନ୍ନତିକରଣ ପାଇଁ ସମସ୍ତ ବ୍ୟବସ୍ଥା କରାଯିବା ସହିତ ଏଥି ନିମନ୍ତେ ଆନୁସଙ୍ଗିକ ୫୦ କୋଟି ଟଙ୍କା ମଂଜୁର କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଖିଚିଂ ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଘୋଷଣା କରିବା ସହିତ ପାଞ୍ଚପୀଢ଼ ଉପଖଣ୍ଡ ପାଇଁ ପ୍ରାୟ ୬୫ କୋଟି ଟଙ୍କାର ୫୩ଟି ପ୍ରକଳ୍ପର ଉଦଘାଟନ କରିଛନ୍ତି। ଏହି ସାଂସ୍କୃତିକ ମହୋତ୍ସବରେ ନିଜ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତିଯେ ଏହି ପ୍ରକଳ୍ପ ମଧ୍ୟରେ ମହିଳା ସଶକ୍ତିକରଣ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଓ ସଂସ୍କୃତି କ୍ଷେତ୍ର ଇତ୍ୟାଦି ରହିଛି। ଆଗାମୀ ଦିନରେ ଏହି ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ ହେଲେ ସମଗ୍ର ପାଞ୍ଚପିଢ଼ ଅଞ୍ଚଳର ବିକାଶ ଘଟିବ । ୧୨ ବର୍ଷରେ ପଦାର୍ପଣ କରିଥିବା ଏହି ସାଂସ୍କୃତିକ ମହୋତ୍ସବ ଆଜି କେବଳ ଖିଚିଙ୍ଗ ନୁହେଁ, ମୟୂରଭଞ୍ଜ ଏବଂ ସାରା ରାଜ୍ୟର ମନ ମୋହିଛି ବୋଲି ସେ କହିଥିଲେ । ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଖିଚିଂରେ କଳା, ସଂସ୍କୃତି ଓ ପରମ୍ପରା ବହନ କରୁଥିବା ଶିଳ୍ପୀଙ୍କ କଳା ମୁଗୁନି ପଥର କାରୁକାର୍ଯ୍ୟ ଅତ୍ୟନ୍ତ ମନୋରମ । ଆମ ସରକାର, ତୀର୍ଥଯାତ୍ରୀ ଓ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ଏବଂ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ସର୍ବଦା ଚେଷ୍ଟିତ । କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନାରେ ଆମ ଖିଚିଂ ମନ୍ଦିର ମଧ୍ୟ ସ୍ଥାନିତ ହୋଇଛି। ଯେଉଁଥିରେ ବିଶେଷ ସୁବିଧା ମାନଙ୍କ ମଧ୍ୟରେ ପାର୍କିଂ, ରାସ୍ତା, ଶୌଚାଳୟ, ଆଲୋକୀକରଣ, ପର୍ଯ୍ୟଟନ ସୂଚନା କେନ୍ଦ୍ର ଅନ୍ତର୍ଭୁକ୍ତ ହେବ । ଏହା ମଧ୍ୟ ଆତିଥ୍ୟ, ଟୁର୍ ଗାଇଡ୍ ଏବଂ ପରିବହନ ପରି କ୍ଷେତ୍ରଗୁଡ଼ିକରେ ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ଯୋଗାଇବ। ମମହାମହିମ ରାଷ୍ଟ୍ରପତି ପୂର୍ବରୁ ମାଆ କିଚକେଶ୍ୱରୀ ମନ୍ଦିରର ଉନ୍ନତିକରଣ ପାଇଁ ୫୨ କୋଟି ମଂଜୁର କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଆହୁରି ୫୦ କୋଟି ଟଙ୍କା ମିଶାଇ ସମୁଦାୟ ୧୦୨ କୋଟି ଟଙ୍କା ମଂଜୁର ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ପର୍ଯ୍ୟଟନ, ଓଡ଼ିଶାର ଅର୍ଥନୈତିକ ବିକାଶ ଓ ନିଯୁକ୍ତି ସୃଷ୍ଟିର ଏକ



ପ୍ରମୁଖ ଚାଳକ। ଏଣୁ ଏକ ସନ୍ତୁଳିତ ଏବଂ ସମାବେଶୀ ଦୃଷ୍ଟିଭଙ୍ଗୀରେ ପର୍ଯ୍ୟଟନ ଭିତ୍ତିଭୂମିର ସମନ୍ୱୟ ବିକାଶ ଓ ପରିଚାଳନା ପାଇଁ ୩୫୫ କୋଟି ଟଙ୍କା ବ୍ୟୟ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏଥିରେ ଆମ ଖିଚିଂ ମନ୍ଦିର ଏବଂ ଏହି ଅଂଚଳର ବିକାଶ ସମେତ ଶିମିଳିପାଳର ସମନ୍ୱିତ ବିକାଶ ପାଇଁ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମରେ କାର୍ଯ୍ୟକାରୀ କରାଯିବ। ଓଡ଼ିଶାର ଐତିହ୍ୟକୁ ପାଳନ କରିବା ଏବଂ ନିବେଶ ସୁଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ୧୦ଟି ଜିଲ୍ଲାରେ ଜିଲ୍ଲା ଐତିହ୍ୟ ଓ ପର୍ଯ୍ୟଟନ କମ୍ପ୍ଲେକ୍ସ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ମାଟ୍ରିକ ବିଜ୍ଞାନ ପ୍ରଶ୍ନପତ୍ରରେ ତ୍ରୁଟି, ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ

- ମୂଲ୍ୟାୟନ ସମୟରେ ଦୃଷ୍ଟି ଦିଆଯିବ: ବୋର୍ଡ ସଭାପତି
- କପି କରି ଧରାପଡ଼ିଛନ୍ତି ୧୧ ପରୀକ୍ଷାର୍ଥୀ

**କଟକ,୧।୩(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟର ବିଭିନ୍ନ ସ୍ଥାନରେ ମାଟ୍ରିକ ପରୀକ୍ଷା ଚାଲିଥିବା ବେଳେ ଆଜି ଚତୁର୍ଥ ଦିନରେ ପରୀକ୍ଷାର୍ଥୀମାନେ ବିଜ୍ଞାନ ବିଷୟରେ ପରୀକ୍ଷା ଦେଇଛନ୍ତି। ତେବେ ଗତ ୩ଟି ବିଷୟରେ କୌଣସି ତ୍ରୁଟି ପରିଲକ୍ଷିତ ହୋଇନଥିଲେ ହେଁ ଆଜି ବିଜ୍ଞାନ ପ୍ରଶ୍ନପତ୍ରରେ ଭୁଲ୍ ପରିଲକ୍ଷିତ ହୋଇଛି। ବିଜ୍ଞାନ ପରୀକ୍ଷାରେ ପ୍ରଶ୍ନପତ୍ରରେ ୪ ମାର୍କର ପ୍ରଶ୍ନ ନଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ମୂଲ୍ୟାୟନ ସମୟରେ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ପରିଚାଳନା ଦାୟିତ୍ୱରେ ଥିବା ମାଧ୍ୟମିକ ଶିକ୍ଷା ବୋର୍ଡ (ବିଏସ୍‌ଇ) ପକ୍ଷରୁ କୁହାଯାଇଛି।

ବିଜ୍ଞାନ ବିଷୟରେ ସବଜେକ୍ଟିଭ ପ୍ରଶ୍ନପତ୍ର ୫୦ ମାର୍କ ବିଶିଷ୍ଟ ହୋଇଥିବା ବେଳେ ଏଥିରେ ୪୬ ମାର୍କର ପ୍ରଶ୍ନ ରହିଥଲେ। ଆଉ ୪ ମାର୍କର ପ୍ରଶ୍ନ ନଥିବା ପରୀକ୍ଷାର୍ଥୀମାନେ ଜାଣିବାକୁ ପାଇବା ପରେ ଏନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ପରୀକ୍ଷାର୍ଥୀମାନଙ୍କୁ ୪ଟି ସେଟ୍‌ର ପୃଥକ୍ ପ୍ରଶ୍ନପତ୍ର ଯୋଗାଇ ଦିଆଯାଉଥିବା ବେଳେ କେବଳ 'ସି' ସେଟ୍ ପ୍ରଶ୍ନପତ୍ରରେ ଏଭଳି ତ୍ରୁଟି ରହିଥିଲା। ତୁରନ୍ତ ପରୀକ୍ଷାର୍ଥୀମାନେ ଏନେଇ ସମ୍ପୃକ୍ତ କେନ୍ଦ୍ରର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ତେବେ ନିରୀକ୍ଷକ ଦାୟିତ୍ୱରେ ଥିବା ଅଧିକାରୀ ଏହି ପ୍ରସଙ୍ଗରେ ପିଲାଙ୍କୁ ବୁଝାସୁଝା କରି ପରୀକ୍ଷାରେ ଉତ୍ତର ଲେଖିବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏଥିସହ ସମ୍ପୃକ୍ତ କେନ୍ଦ୍ର ପକ୍ଷରୁ ବୋର୍ଡ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବା ପରେ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପାଇଥିବା ଜଣାପଡ଼ିଛି। ପ୍ରଶ୍ନପତ୍ର ତ୍ରୁଟି ନେଇ ବିଏସ୍‌ଇ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି ଯେ ରାଜ୍ୟର କେତେକ ପରୀକ୍ଷା କେନ୍ଦ୍ରକୁ ଯାଇଥିବା ସବଜେକ୍ଟିଭ 'ସି' ସେଟ୍ ପ୍ରଶ୍ନପତ୍ରରେ ଗୋଟିଏ ପ୍ରଶ୍ନରେ ୪ ମାର୍କ ମିସପ୍ରିଣ୍ଟ ରହିଛି। ଏହା ଏକ ମୁଦ୍ରଣଜନିତ ତ୍ରୁଟି। ଏହା ବୋର୍ଡ ନଜରକୁ ଆସିଛି। ଏହି ଘଟଣା ପରୀକ୍ଷା କମିଟିକୁ ରେଫର ହୋଇସାରିଛି। ମୂଲ୍ୟାୟନ ବେଳେ ଏଥିପ୍ରତି ବୋର୍ଡ କମିଟି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବ। ଏହି ତ୍ରୁଟି ଦ୍ୱାରା ସମ୍ପୃକ୍ତ ସେଣ୍ଟର କୌଣସି ବିଦ୍ୟାର୍ଥୀଙ୍କ ଫଳ ପାଇବାରେ ସମସ୍ୟା ଭୋଗିବ ନାହିଁ। ତେଣୁ ପରୀକ୍ଷାର୍ଥୀମାନେ ନିଶ୍ଚିତ ରହି ପରବର୍ତ୍ତୀ ବିଷୟରେ ପରୀକ୍ଷା ଦେବା ସକାଶେ ନିଜକୁ ପ୍ରସ୍ତୁତି କରିବେ ସକାଶେ ଶ୍ରୀ ତରାଇ ପରାମର୍ଶ ଦେଇଛନ୍ତି। ସେହିପରି କପି ପ୍ରସଙ୍ଗରେ ଶ୍ରୀ ତରାଇ କହିଛନ୍ତି ଯେ ଆଜି ପରୀକ୍ଷାରେ କପି କରି ୧୧ ଜଣ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। କିନ୍ତୁ ସେମାନଙ୍କ ବିରୋଧରେ ତ୍ୱରିତ ଆକ୍ସନ ନିଆଯିବନାହିଁ। ଏମପି କମିଟିରେ ଏହା ଉପରେ ଆଲୋଚନା ହେବ। ପରେ ଉକ୍ତ ପରୀକ୍ଷାର୍ଥୀମାନଙ୍କୁ ସେମାନଙ୍କ ପକ୍ଷ ରଖିବା ପାଇଁ ସୁଯୋଗ ଦିଆଯିବ। ଯଦି ଭେରିଫିକେସନରେ କୌଣସି ପ୍ରକାର ତ୍ରୁଟି ଉପଲବ୍ଧ ହୁଏ, ତା'ହେଲେ ଆକ୍ସନ ନିଆଯିବ। ଏହାଛଡ଼ା ଆଜି ଯେଉଁ ପ୍ରଶ୍ନ ପତ୍ର ଭାଇରାଲ କଥା ସାମ୍ନାକୁ ଆସୁଛି, ତା'ର କୌଣସି ଅଭିଯୋଗ ବୋର୍ଡ ପାଖରେ ନାହିଁ ବୋଲି ସେ କହିଛନ୍ତି।

● ପୂର୍ବ ଶତ୍ରୁତାର ଉଗ୍ରରୂପ

## ଏସିଡ୍ ମାଡ଼ରେ ଯୁବକ ଗୁରୁତର



**ଭଦ୍ରକ,୧।୩(ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତା ଉଗ୍ର ରୂପ ନେଇଛି। ଜଣେ ଟେଣ୍ଟ ହାଉସ୍ ମାଲିକଙ୍କୁ ଏସିଡ୍ ମାଡ଼ କରି ଅଭିଯୁକ୍ତ ଚମ୍ପଟ୍ ମାରିଛି। ଏପରି ଏକ ଅଘଟଣ ଭଦ୍ରକ ଜିଲ୍ଲା ନାୟକାଣୀଡିହି ଥାନା ଅନ୍ତର୍ଗତ ରାମନ୍ଦ୍ରପୁର ଗାଁରେ ଘଟିଛି। ଏସିଡ୍ ମାଡ଼ରେ ଉକ୍ତ ଟେଣ୍ଟ ମାଲିକଙ୍କ ମୁହଁ ଓ ଶରୀର ଜଳିଯାଇଥିବା ବେଳେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗୁରୁତର ଭାବେ ଆହତ ହୋଇଥିବା ଟେଣ୍ଟ୍ ମାଲିକ ଜଣକ ହେଲେ ଯୁବକ ହେଲେ ଜଗବନ୍ଧୁ ପଲେଇ। ମିଳିଥିବା ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ନିଜ କାମ ସାରି ଘରକୁ ଫେରିଥିଲେ ଜଗବନ୍ଧୁ। ତେବେ ସେ ତାଙ୍କ ଘରେ ଶୋଇଥିବା ସମୟରେ ରାତି ପ୍ରାୟ ୩ଟା ସମୟରେ କେତେକ ଦୁର୍ବୃତ୍ତ ଆସି ଝରକା ବାଟେ ଜଗବନ୍ଧୁଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲେ। ପରେ ସେମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏସିଡ୍ ପଡ଼ିବାରୁ ଯନ୍ତ୍ରଣାରେ ଜଗବନ୍ଧୁ ଖୁବ୍ ଜୋରରେ ଚିତ୍କାର କରିଥିଲେ। ପାଟି ଶୁଣି ପରିବାର ଲୋକେ ସେଠାରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ତେବେ କିଏ ଓ କାହିଁକି ଏଭଳି କାଣ୍ଡ ଘଟାଇଛି, ସେନେଇ ପୁଲିସ୍ ଖୋଳତାଡ଼ କରୁଛି। ପ୍ରାଥମିକ ଅନୁସନ୍ଧାନରୁ ଏହା ପୂର୍ବ ଶତ୍ରୁତାଜନିତ ବୋଲି ପୁଲିସ୍ ଆକଳନ କରିଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ମଧ୍ୟ କେତେକ ଦୁର୍ବୃତ୍ତ ଗୋପବନ୍ଧୁଙ୍କ ଟେଣ୍ଟକୁ ପୋଡ଼ି ଦେବା ସକାଶେ ଉଦ୍ୟମ କରିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ କରୁଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କାହାରିକୁ ବି ଚିହ୍ନଟ କରିପାରି ନଥିବା ଜଣାପଡ଼ିଛି।

## ଟ୍ରେନରେ ଜଳିଗଲେ ନାବାଳକ



**ପାରଦୀପ,୧।୩(ସଂଚାର ବ୍ୟୁରୋ):** ବିଦ୍ୟୁତ ତାର ସଂସ୍ପର୍ଶରେ ଆସି କୋଇଲା ବୋଝେଇ ଟ୍ରେନରେ ଜଳିଗଲେ ନାବାଳକ। ପାରାଦୀପ ଅଠରବାଙ୍କି ରେଲୱେ ଓଭରବ୍ରିଜ ନିକଟରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତ ନାବାଳକଙ୍କର ପରିଚୟ ମିଳି ନାହିଁ। ଗୁରୁତର ନାବାଳକ ପାରାଦୀପ ସବଷ୍ଟେସନ ବସ୍ତିର ବୋଲି ଜଣାପଡ଼ିଛି। ଅଠରବାଙ୍କି ରେଲୱେ ଓଭରବ୍ରିଜ ନିକଟରେ କୋଇଲା ବୋଝେଇ ଟ୍ରେନଟି ଠିଆ ହୋଇଥିଲା। ଏହି ସମୟରେ ସମ୍ପୃକ୍ତ ନାବାଳକ ଜଣଙ୍କ କୋଇଲା ବୋଝେଇ ଟ୍ରେନ ଉପରେ ଚଢ଼ି ଡେଙ୍ଗାରେ ଖେଞ୍ଚି କୋଇଲା କାଢ଼ିଥିଲେ। ତେବେ ସେ ହଠାତ୍ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଟ୍ରେନ ଉପରେ ହିଁ ଜଳିବାକୁ ଲାଗିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ଅଠରବାଙ୍କି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ ନାବାଳକଙ୍କ ଶରୀରର ୮୦ ପ୍ରତିଶତ ଭାଗ ପୋଡ଼ିଯାଇଛି। ତେବେ ଉକ୍ତ ନାବାଳକଙ୍କୁ କିଏ କହିଥିଲା ଟ୍ରେନ ଉପରେ ଚଢ଼ି କାଢ଼ିବା ପାଇଁ, ପୁଲିସ ତାର ତଦନ୍ତ କରୁଛି। ଅନ୍ୟ ପକ୍ଷରେ ନାବାଳକଙ୍କ ଅବସ୍ଥା ଗୁରୁତର ରହିଛି।

## ଏଟିଏମ ଲୁଟ୍ ଘଟଣାରେ ୬ ଗିରଫ

● ଏବେ ବି ଫେରାର୍ ଅଛନ୍ତି ପଶ୍ଚିମବଙ୍ଗର ଦୁଇ ଅଭିଯୁକ୍ତ

● ୧.୭୦ ଲକ୍ଷ ଟଙ୍କା ଜବତ



**ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ):** ସ୍ଥାନୀୟ ଓଲଡ ଟାଉନ ଲିଙ୍ଗରାଜ ଅଞ୍ଚଳର ଶ୍ରୀରାମନଗରରେ ଗତ ଜାନୁଆରୀ ୨୪ ତାରିଖରେ ଘଟିଥିବା ଏସବିଆଇ ଏଟିଏମ୍ ଲୁଟ ଘଟଣାରେ ଆଜି କମିଶନରେଟ ପୁଲିସକୁ ବଡ଼ ସଫଳତା ମିଳିଛି। ଏହି ଘଟଣା ସହ ଜଡ଼ିତ ୬ ଜଣଙ୍କୁ ପୁଲିସ୍ ଗିରଫ କରିବା ସହ ଏହି ଲୁଟ୍ ଘଟଣାର ପର୍ଦ୍ଦାଫାସ୍ କରିଛି। ଏଥିସହ ଉକ୍ତ ଲୁଟେରାମାନଙ୍କ ନିକଟରୁ ପୁଲିସ୍ ଏକ ଲକ୍ଷ ୭୦ ହଜାର ଟଙ୍କା ଜବତ କରିଛି। ଏହି ଘଟଣାରେ ଜଡ଼ିତ ଅନ୍ୟ ୨ ଜଣ ପଶ୍ଚିମବଙ୍ଗ ଲୁଟେରା ଏବେ ବି ଫେରାର ରହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବିକି ଓରଫ ଦେବୀ ପ୍ରସାଦ ମଲିଆ, କାହ୍ନା ଓରଫ ରମାକାନ୍ତ ସାହୁ, ସାଗର ସାମଲ, ବରୁ ଓରଫ ବୀରେନ ରାଉତ, ଆକାଶ ମହାପାତ୍ର ଓ ଆକାଶ ମୁଖାର୍ଜୀ। ଗତ ୨୦୨୨ରେ ଧଉଳି ଅଞ୍ଚଳର ଏକ ଏଟିଏମ୍ ଲୁଟ ମାମଲାରେ ପଶ୍ଚିମବଙ୍ଗର ବିଜୁ ଓରଫ ଏସକେ ମିରଜୁମାନ ରେହମାନ ଓ ରୁସ୍ତମ୍‌ଙ୍କର ସମ୍ପୃକ୍ତି ରହିଥିଲା। ସେମାନେ ଗତବର୍ଷ ଡିସେମ୍ବର ୨୫ ତାରିଖରେ ଜେଲରୁ ବାହାରିଥିଲେ। ଜେଲରେ ଥିବା ସମୟରେ ସେମାନେ ସ୍ଥାନୀୟ ଲୁଟେରାଙ୍କ ସହ ମିଶି ଏଟିଏମ ଲୁଟ ପାଇଁ ଯୋଜନା କରିଥିଲେ। ଏହି ଯୋଜନା ମୁତାବକ ସେମାନେ ଗତ ଜାନୁଆରୀ ୨୪ ତାରିଖରେ ଶ୍ରୀରାମନଗର ଏଟିଏମ ଲୁଟ୍ କରିଥିଲେ। ଏଟିଏମ୍ ମେସିନରୁ ସମୁଦାୟ ୨୧ ଲକ୍ଷ ୭୭ ହଜାର ଟଙ୍କା ବାହାରିଥିବା ବେଳେ ଏହାକୁ ସେମାନେ ନିଜ ନିଜ ଭିତରେ ବାଣ୍ଟ କରିନେଇଥିଲେ। ଅଭିଯୁକ୍ତ ବିକି ଓରଫ ଲୁଟ ଟଙ୍କାରେ ଘର ଡିଜାଇନ୍ ସହ ସୁନା ଚେନ କିଣିଥିଲା। ସେହିପରି ଆକାଶ ୩ ଲକ୍ଷ ଓ ଏହି ମାମଲାର ଦୁଇ ଫେରାର୍ ଆସାମୀ ୧୦ ଲକ୍ଷ ନେଇଥିଲେ। ବିକି ଏକ ହତ୍ୟା ମାମଲାରେ ଝାରପଡ଼ା ଜେଲରେ ଥିବା ସମୟରେ ପଶ୍ଚିମବଙ୍ଗର ଦୁଇ ଲୁଟେରାଙ୍କ ସହ ପିରଚିତ ହୋଇଥିଲା ବୋଲି ପୁଲିସ୍ ସୂଚନା ଦେଇଛି।

## କୋଅପରେଟିଭ ସୋସାଇଟି ସମ୍ପାଦକ ଗିରଫ

**ବାଙ୍କୀ,୧।୩(ସଂଚାର ବ୍ୟୁରୋ):** ବାଙ୍କୀ ଓସ୍ତିଆ କୋଅପରେଟିଭ ସୋସାଇଟି ସମ୍ପାଦକଙ୍କୁ ଆଜି ଗିରଫ କରାଯାଇଛି। ବ୍ୟାଙ୍କ ଋଣ ଟଙ୍କା ଆଦାୟ କରିଥିଲେ ହେଁ ତାହାକୁ ବ୍ୟାଙ୍କ୍‌ରେ ଜମା ନ କରି ହଡ଼ପ କରିନେଇଥିବା ଅଭିଯୋଗ ଆଧାରରେ ସମ୍ପାଦକ ଶ୍ରୀନିବାସ ମନ୍ତ୍ରୀ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି। ସେ ୫୯ ଜଣ ଚାଷୀଙ୍କଠାରୁ ସେମାନଙ୍କ ଋଣ କିସ୍ତି ବାବଦରେ ୧୧ ଲକ୍ଷ ୮୩ ହଜାର ୭୧୮ ଟଙ୍କା ଆଦାୟ କରି ହଡ଼ପ କରିନେଇଛନ୍ତି। ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ପକ୍ଷରୁ ଉପରୋକ୍ତ ସଂଖ୍ୟକ ଚାଷୀଙ୍କୁ



ଋଣ ଦିଆଯାଇଥିଲା। ସମ୍ପାଦକ ଭାବେ ଶ୍ରୀ ମନ୍ତ୍ରୀଙ୍କୁ ସେମାନଙ୍କଠାରୁ କିସ୍ତି ଆଦାୟ ସକାଶେ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଋଣ ଆଦାୟ କରିଥିଲେ ମଧ୍ୟ ସେନେଇ ଶ୍ରୀ ମନ୍ତ୍ରୀ ଦୈନିକ ରେଜିଷ୍ଟ୍ରରରେ ଉଲ୍ଲେଖ କରିନଥିଲେ। ଏନେଇ ଜାଣିବା ପରେ ଚାଷୀମାନେ ଭିଜିଲାନ୍ସକୁ ଜଣାଇଥିଲେ। ଉକ୍ତ ୫୯ ଜଣ ଚାଷୀ ସେମାନଙ୍କ ଋଣ ବାବଦ ଅର୍ଥ ପାଖାପାଖି ୨ ବର୍ଷ ତଳୁ ପଇଠ କରିସାରିଥିଲେ ମଧ୍ୟ ଏହା ବ୍ୟାଙ୍କ୍‌ରେ ଜମା ହୋଇ ନଥିବା ଜାଣିବା ପରେ ସେମାନେ ଶ୍ରୀ ମନ୍ତ୍ରୀଙ୍କ କାର୍‌ନାମା ସମ୍ପର୍କରେ ଅବଗତ ହୋଇଥିଲେ। ଠକେଇର ଶିକାର ହୋଇଥିବା ଚାଷୀଙ୍କ ସଂଖ୍ୟା ବଢ଼ିପାରେ ବାଲି ଆକଳନ କରାଯାଉଛି। ଏନେଇ ଗତକାଲି ଭିଜିଲାନ୍ସ ପକ୍ଷରୁ ଶ୍ରୀ ମନ୍ତ୍ରୀଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା।

# ନାଁ ନନେଇ ଧୋଇଦେଲେ ଉପମୁଖ୍ୟମନ୍ତ୍ରୀ

- ପାଣ୍ଡିଆନ୍‌ଙ୍କ ପ୍ରଚାର ପ୍ରସାର ପାଇଁ ଖର୍ଚ୍ଚ ହେଉଥିଲା ଅର୍ଥ
- ଶାଗମାଛ ଦରରେ ପର୍ଯ୍ୟଟନ ସ୍ଥଳୀ ହାତେଇଥିଲେ ବିଜେଡି କର୍ମୀ



**ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ):** ବିଜେଡି ସରକାର ଅଢ଼େଇ ଦଶନ୍ଧି ଧରି ରାଜ୍ୟରେ କ୍ଷମତାସୀନ ଥିବା ସମୟରେ ଅନେକ ଦୁର୍ନୀତି କରିଥିବା ବେଳେ ଏବେ ତା' ଉପରୁ ଗୋଟିଏ ପରେ ଗୋଟିଏ ଗୁମର ଖୋଲୁଛି। ପର୍ଯ୍ୟଟନରେ କିପରି ଖର୍ଚ୍ଚ ହେଉଥିଲା ସରକାରୀ ଅର୍ଥ ସେ ସମ୍ପର୍କରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। କୌଣସି ବ୍ୟକ୍ତିବିଶେଷଙ୍କ ନାଁ ନ ନେଇ ସେ ଗତ ନିର୍ବାଚନରେ ବିଜେଡି ପ୍ରଚାରର ମଙ୍ଗ ଧରିଥିବା ଭିକେ ପାଣ୍ଡିଆନ୍‌ଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଗତ ସରକାରରେ ପର୍ଯ୍ୟଟନ ବିଭାଗ ଅର୍ଥକୁ ବିଜେଡି ସରକାର ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପ୍ରଚାର ପ୍ରସାରରେ ଖର୍ଚ୍ଚ କରୁଥିଲା। ସେହିପରି ପର୍ଯ୍ୟଟକଙ୍କ ସକାଶେ ଉଦ୍ଦିଷ୍ଟ କେତେକ ପର୍ଯ୍ୟଟନସ୍ଥଳୀକୁ ମଧ୍ୟ ଦଳୀୟ କର୍ମୀଙ୍କୁ ପୂର୍ବତନ ସରକାର ଶାଗମାଛ ଦରରେ ଦେଇଦେଇଥିବା ମଧ୍ୟ ଉପମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି।

ପର୍ଯ୍ୟଟନ ବିକାଶକୁ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ବଡ଼ ବୟାନ ଦେଇଛନ୍ତି। ଶ୍ରୀ ପାଣ୍ଡିଆନଙ୍କ ନାଁ ନନେଇ ପୂର୍ବ ବିଜେଡି ସରକାରକୁ ସେ ଟାର୍ଗେଟ୍ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ପୂର୍ବରୁ ବ୍ୟକ୍ତିକୈନ୍ଦ୍ରିକ ଭାବେ ଖର୍ଚ୍ଚ ହେଉଥିଲା ପର୍ଯ୍ୟଟନ ଟଙ୍କା। ଜଣେ ବ୍ୟକ୍ତିର ପ୍ରଚାର ପ୍ରସାର ପାଇଁ ପର୍ଯ୍ୟଟନର ସମସ୍ତ ଟଙ୍କା ବଣ୍ଟାଯାଉଥିଲା। କିନ୍ତୁ ଆମ ସରକାରରେ ନିର୍ଦ୍ଦିଷ୍ଟ ବ୍ୟକ୍ତିର ପ୍ରଚାର ପ୍ରସାର ହେବାର ନାହିଁ। ପୂର୍ବ ସରକାରରେ ଦଳୀୟ କର୍ମୀଙ୍କ ମଧ୍ୟରୁ କାହାକୁ ୪୦ ବର୍ଷ ତ ଆଉ କାହାକୁ ୯୦ ବର୍ଷ ପାଇଁ ଦିଆଯାଇଛି। ସେମାନେ ଚୁକ୍ତିନାମା କରିଛନ୍ତି, କିନ୍ତୁ କାମ କରୁନାହାନ୍ତି। ଏସବୁ ମାମଲାରେ ଏବେ ଆଇନଗତ ସମସ୍ୟା ଉପନୀତ ହୋଇଛି। ତେଣୁ ଏବେ ପ୍ରମୁଖ ସ୍ଥାନରେ ଥିବା ପର୍ଯ୍ୟଟନ ସ୍ଥଳୀକୁ ନିବେଶକମାନଙ୍କୁ ଦିଆଯିବ। ରାଜ୍ୟ ସରକାର ନିବେଶକମାନଙ୍କୁ ପ୍ରାଥମିକତା ଦେଉଛନ୍ତି। ପର୍ଯ୍ୟଟନ ପାଇଁ ୮ ହଜାର ୧୫୩ କୋଟି ଟଙ୍କାର ନିବେଶ ଫାଇଲ କ୍ଲିୟରାନ୍ସ ଦ୍ରୁତଗତିରେ ହେଉଛି। ଏଥିସକାଶେ ୩ ଜଣ ଅଧିକାରୀ ନିଯୁକ୍ତି ଦିଆଯାଇଛି, ସେମାନେ ଜମି ଯୋଗାଇଦେବେ। ଆର୍ଥିକ ସମସ୍ୟା ଥିଲେ ଆର୍ଥିକ ସଂସ୍ଥା ସହ ଲିଙ୍କ୍ କରାଯାଉଛି। ଓଡ଼ିଶାର ଲୋକେ ନିବେଶ ଚାହୁଁଛନ୍ତି। ସେମାନଙ୍କୁ କେମିତି ନିରାପଦ ସ୍ଥାନ ଦିଆଯିବ, ସେଥିପ୍ରତି ବିଭାଗ ଗୁରୁତ୍ୱ ଦେଉଛି। ଭିତ୍ତିଭୂମି ବିକାଶ ପାଇଁ ୩ ଶହ କୋଟି ଟଙ୍କା ଦିଆଯାଇଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

## ଆଜି ରାଜସ୍ଥାନରେ ମାହାଙ୍ଗା ବିଧାୟକଙ୍କ ବିବାହୋତ୍ସବ

**ମାହାଙ୍ଗା,୧।୩(ସଂଚାର ବ୍ୟୁରୋ):** ବିବାହ ବନ୍ଧନରେ ବାନ୍ଧି ହେବେ ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରସାଦ ପ୍ରଧାନ। ଆଜି ସେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଥିବା ବେଳେ ତାଙ୍କ ଜୀବନସାଥୀ ହେବେ ସିପ୍ରା ପ୍ରିୟଦର୍ଶିନୀ ବଳ। ଏହାକୁ ନେଇ ଏବେ ସମଗ୍ର ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଉତ୍କଣ୍ଠା ପ୍ରକାଶ ପାଇଛି। ସିପ୍ରାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଜଅଁରା ବାରିମୂଳ ଗ୍ରାମରେ ହୋଇଥିବା ବେଳେ ସେ ରମେଶ ଚନ୍ଦ୍ର ବଳଙ୍କ ବଡ଼ ଝିଅ। ସିପ୍ରା କଟକ ଜଗତପୁରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ କାର୍ଯ୍ୟରତ ଅଛନ୍ତି। ପୂର୍ବରୁ ସେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ ସାମାଜିକ ସମ୍ପ୍ରସାରଣ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ବିବାହ ଉତ୍ସବ ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ସ୍ଥାନୀୟ ନିଗମାନନ୍ଦ ଆଶ୍ରମରେ ପୂଜାର୍ଚ୍ଚନା କରି ବିଧାୟକ ଇତିମଧ୍ୟରେ ବିବାହ ପାଇଁ ରାଜସ୍ଥାନ ଯାଇସାରିଛନ୍ତି।



● ଜନଔଷଧୀ ଦିବସରେ ଜନଚେତନା ପଦଯାତ୍ରା

# ଅଧିକ ଷ୍ଟୋର୍ ଖୋଲିବା ଦିଗରେ ପଦକ୍ଷେପ ନେବି: ଅପରାଜିତା

**ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ):** ସମ୍ପ୍ରତି ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ ତରଫରୁ ସପ୍ତାହ ବ୍ୟାପୀ ସପ୍ତମ ଜନଔଷଧୀ ଦିବସ ପାଳନ କରାଯାଉଛି। ଏହି ଅବସରରେ ଆଜି ସ୍ଥାନୀୟ ଶୈଳଶ୍ରୀ ବିହାର ଜଗନ୍ନାଥ ମନ୍ଦିରଠାରେ ଏକ ଜନଚେତନା ପଦଯାତ୍ରା ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର (ଉତ୍ତର)ର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ କର୍ପୋରେଟର ଯଶୋଧାରା ପ୍ରଧାନ ଯୋଗ ଦେଇଥିଲେ। ଏହି ପଦଯାତ୍ରାରେ ପ୍ରାୟ ୩୦୦ ଲୋକ ଅଂଶଗ୍ରହଣ କରି ଜନଔଷଧୀରେ ମିଳୁଥିବା ଔଷଧର ଗୁଣବତ୍ତା ଓ ଉଚିତ୍ ଦାମ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି ଯେ ଅପେକ୍ଷାକୃତ




କମ୍ ଦାମ୍ ଏପରିକି ୫୦ରୁ ୯୦ ପ୍ରତିଶତ ପର୍ଯ୍ୟନ୍ତ କମ୍ ଦାମ୍‌ରେ ଉତ୍ତମ ଗୁଣବତ୍ତାଯୁକ୍ତ ଔଷଧ ଉପଲବ୍ଧ ହେଉଛି। ଏହାଛଡ଼ା ଅନେକଙ୍କୁ ନିଯୁକ୍ତି ସୁଯୋଗ ବି ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦଙ୍କ ଶାସନ କାଳରେ ସାରା ରାଜ୍ୟରେ ଖାସ୍ କରି ଭୁବନେଶ୍ୱରରେ ଜନଔଷଧୀ କେନ୍ଦ୍ର ଖୋଲାଯାଇଛି। ଏଥିପାଇଁ ଆମେ ସମସ୍ତେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ଉଚିତ। ଆଗାମୀ ଦିନରେ ରାଜ୍ୟରେ କିପରି ଅଧିକ ସଂଖ୍ୟକ ଜନଔଷଧୀ ଷ୍ଟୋର୍ ଖୋଲିବ, ସେ ଦିଗରେ ପଦକ୍ଷେପ ନେବେ ବୋଲି ମଧ୍ୟ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଏ କ୍ଷେତ୍ରରେ ଶ୍ରୀମତୀ ଷଡ଼ଙ୍ଗୀଙ୍କର ଅନେକ ଅବଦାନ ରହିଛି। ଗତ ୨୦୨୧ ଜୁଲାଇ ୧୯ରୁ ୨୦୨୩ ଡିସେମ୍ବର ୩୦ ତାରିଖ ମଧ୍ୟରେ ବନ୍ଦ୍ ଥିବା ଜନଔଷଧୀ ଷ୍ଟୋର୍‌ଗୁଡ଼ିକୁ ତାଙ୍କ ଉଦ୍ୟମରେ ଖୋଲାଯାଇପାରିଛି। ଏ ସମ୍ପର୍କରେ ସେ ତତ୍କାଳୀନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଭ୍ ମାଣ୍ଡଭିୟଙ୍କୁ ସାକ୍ଷାତ କରି ୧୫ଟି ଜିଲ୍ଲାରେ ବନ୍ଦ ଥିବା ଜନଔଷଧୀ ଷ୍ଟୋର ପୁନଃ କାର୍ଯ୍ୟକ୍ଷମ କରିବା ସକାଶେ ପ୍ରସ୍ତାବ ଦେଇଥିଲେ। ଅଦ୍ୟାବଧି ରାଜ୍ୟରେ ୭୩୪ଟି ଜନଔଷଧୀ ଷ୍ଟୋର କାର୍ଯ୍ୟ କରୁଛି। ଏଠାରୁ ଗରିବ ଓ ଅନ୍ୟାନ୍ୟ କୌଣସି ବି ଶ୍ରେଣୀର ଲୋକେ ସୁଲଭ ଦରରେ ଔଷଧ ପାଇପାରୁଛନ୍ତି। ଆଗାମୀ ଦିନରେ ଅଧିକ ସଂଖ୍ୟକ ଷ୍ଟୋର୍ ଖୋଲାଯିବା ନେଇ ସେ ଓଡ଼ିଶା ମୁଖ୍ୟ ଦେବେନ୍ଦ୍ର ନାଥଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

## ବ୍ୟାଙ୍କ୍ କାଉଣ୍ଟର୍‌ରୁ ଲୁଟ୍ ବେଳେ ମାଡ଼ିବସିଲେ ଲୋକେ

**ବରଗଡ଼,୧।୩(ସଂଚାର ବ୍ୟୁରୋ):** ବରଗଡ଼ ସହରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ) ମୁଖ୍ୟ ଶାଖା କାଉଣ୍ଟରରୁ ଆଜି ମଧ୍ୟାହ୍ନରେ ଲକ୍ଷାଧିକ ଟଙ୍କା ଲୁଟ୍ କରି ଚମ୍ପଟ୍ ମାରୁଥିବା ସମୟରେ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ ଗୋଡ଼ାଇ ଗୋଡ଼ାଇ ଧରିବାରେ ସକ୍ଷମ ହୋଇଛନ୍ତି। ତେବେ ଉକ୍ତ ଅଭିଯୁକ୍ତେ ପରିଚୟ ମିଳିପାରିନାହିଁ। ସ୍ଥାନୀୟ ଟାଉନ ଥାନା ପୁଲିସ ତାକୁ ଥାନାକୁ ନେଇ ପଚରାଉଚରା କରୁଛି। ତେବେ ଏଥିରେ ଆଉ କେହି ସମ୍ପୃକ୍ତ ଥିବା ଆଶଙ୍କା କରି ପୁଲିସ ଅଧିକ ଖୋଳତାଡ଼ କରୁଛି। ଗିରଫ ଅଭିଯୁକ୍ତ ରାଜ୍ୟ ବାହାରର ଓ ସେ ସ୍ଥାନୀୟ ଅଞ୍ଚଳରେ ସକ୍ରିୟ ଥିବା ଲୁଟେରା ଗ୍ୟାଙ୍ଗର ଜଣେ ସଦସ୍ୟ ବୋଲି ଅନୁମାନ କରାଯାଉଛି।

# ଗ୍ରୀଷ୍ମ ପ୍ରବାହ ଆରମ୍ଭ, ଗୁରୁତର ରକ୍ତ ସଙ୍କଟ

**ଭୁବନେଶ୍ୱର,୧।୩:** ତାପମାତ୍ରା ବୃଦ୍ଧି ସହ ସ୍ୱେଚ୍ଛାକୃତ ରକ୍ତଦାନ କମୁଥିବାରୁ ଏବେ ରାଜଧାନୀ ସମେତ ରାଜ୍ୟର ପ୍ରାୟ ସବୁ ଡାକ୍ତରଖାନାଗୁଡ଼ିକରେ ରୋଗୀଙ୍କ ପାଇଁ ରକ୍ତ ସମସ୍ୟା ଗୁରୁତର ହେବାରେ ଲାଗିଛି। ଓଡିଶା ପାଇଁ ବାର୍ଷିକ ୫ ଲକ୍ଷ ୟୁନିଟ୍‌ରୁ ଅଧିକ ରକ୍ତ ଆବଶ୍ୟକ ପଡୁଥିବା ବେଳେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ୩ ଲକ୍ଷ ୟୁନିଟ୍‌ରୁ ଅଧିକ ରକ୍ତ ସଂଗୃହୀତ ହୋଇଥାଏ। ଅବଶିଷ୍ଟ ରକ୍ତ ସମ୍ପର୍କୀୟ ଓ ଅନ୍ୟମାନଙ୍କଠାରୁ ସଂଗ୍ରହ କରାଯାଇଥାଏ। ତେବେ ଖରାଦିନେ ଜଳକଷ୍ଟ ଭଳି ରକ୍ତଭଣ୍ଡାରଗୁଡ଼ିକରେ ରକ୍ତ ଅଭାବଜନିତ ପରିସ୍ଥିତି ଦେଖାଦେଇଥାଏ। ଏବେ ବର୍ଷକୁ ବର୍ଷ ରାଜ୍ୟରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାଛଡା ରକ୍ତହୀନତା ଓ ପୁଷ୍ଟିହୀନତା ମଧ୍ୟ ରାଜ୍ୟବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରମୁଖ ଆହ୍ୱାନ ହୋଇଛି । ବିଭିନ୍ନ ମଣିଷ କୃତ, ପରିବେଶଗତ ଓ ଅନ୍ୟାନ୍ୟ କାରଣରୁ କର୍କଟ, ଯକୃତ, ବୃକକ୍, ହୃତ୍‌ପିଣ୍ଡ, ସ୍ନାୟବିକ ଆଦି ରୋଗ ବଢ଼ିବାରେ ଲାଗିଛି । ମଶା କାମୁଡ଼ା ଯୋଗୁଁ ବି ଡେଙ୍ଗୁ ଓ ଅନ୍ୟାନ୍ୟ ରୋଗ ହେଉଛି । ଏ ପରିପ୍ରେକ୍ଷୀରେ ରକ୍ତହୀନତା ଓ ପୁଷ୍ଟିହୀନତାରେ ପୀଡ଼ିତ ରୋଗୀଙ୍କ ସମେତ ଏଭଳି ଗୁରୁତର ରୋଗୀମାନଙ୍କ ଚିକିତ୍ସା ଏବଂ ବିଭିନ୍ନ ଧରଣର ଅସ୍ତ୍ରୋପଚାର ଓ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଉପଚାର ପାଇଁ ପ୍ରଚୁର ପରିମାଣର ରକ୍ତ, ପ୍ଲାଜମା ଓ ପ୍ଲାଟଲେଟ୍ ଆଦି ଆବଶ୍ୟକ ପଡୁଛି । ପୂର୍ବ ସରକାର ସମୟରେ ବିଜେଡି ପକ୍ଷରୁ ରାଜ୍ୟବ୍ୟାପି ଜୀବନବିନ୍ଦୁ କାର୍ଯ୍ୟକ୍ରମ ଦଳୀୟ ଭିତ୍ତିରେ ଚାଲୁଥିଲା । ଜୀବନବିନ୍ଦୁ ମାଧ୍ୟମରେ ପ୍ରଚୁର ପରିମାଣର ରକ୍ତ ସଂଗ୍ରହ କରାଯାଉଥିଲା ଏବଂ ଏଥିଯୋଗୁଁ ରକ୍ତଭଣ୍ଡାରଗୁଡ଼ିକ ଉପରେ ଚାପ କମ୍ ରହୁଥିଲା । ନିର୍ବାଚନ ବିପର୍ଯ୍ୟୟ ପରେ ବିଜେଡିର ମୋ ପରିବାର, ଜୀବନବିନ୍ଦୁ ଆଦି କାର୍ଯ୍ୟକ୍ରମ ଆଉ ଦେଖିବାକୁ ମିଳୁନାହିଁ । ଫଳରେ ରକ୍ତ ସଂଗ୍ରହ ଆଶାତୀତ ଭାବେ ହ୍ରାସ ପାଇଛି । ମିଶନ ରକ୍ତଦାନ, ରୋଟାରୀ, ଲାୟନ୍ସ ଭଳି ବିଭିନ୍ନ ସଂସ୍ଥା ବର୍ଷ ତମାମ ରକ୍ତଦାନ ଶିବିର ଆୟୋଜନ କରିଥାନ୍ତି। ଏମିତିକି ଏହି ସଂଗଠନଗୁଡ଼ିକ ଡାକ୍ତରଖାନାରେ ରୋଗୀଙ୍କ ଉପଚାର ପାଇଁ ରକ୍ତଦାତା ସଂଗ୍ରହ କରି ତ୍ୱରିତ ସମସ୍ୟାର ସମାଧାନ କରିଥାନ୍ତି । ଏଥିଯୋଗୁଁ ଥାଲାସେମିଆ ଭଳି ରୋଗୀମାନେ ବିଶେଷ ଉପକୃତ ହୋଇଥାନ୍ତି । ରକ୍ତଦାନ ଶିବିରରେ ଯୁବ ଓ ଛାତ୍ରଗୋଷ୍ଠି ଅଧିକ ସଂଖ୍ୟାରେ ରକ୍ତଦାନ କରିଥାନ୍ତି । ସେଥିଲାଗି କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରେ ରକ୍ତସଂଗ୍ରହକାରୀ ସଂସ୍ଥାମାନେ ବିଶେଷ ଗୁରୁତ୍ୱଆରୋପ କରିଥାନ୍ତି । ଏବେ ମାର୍ଚ୍ଚ ଆରମ୍ଭ ହେବା ବେଳକୁ ଖୋଦ ରାଜଧାନୀର ସରକାରୀ ଡାକ୍ତରଖାନାଗୁଡ଼ିକରେ ଥିବା ରକ୍ତଭଣ୍ଡାରଗୁଡ଼ିକ ଅଧିକାଂଶ ସମୟରେ ଶୁଷ୍କ ଅବସ୍ଥାରେ ରହୁଛନ୍ତି। ଫଳରେ ଯେଉଁ ରୋଗୀମାନେ ରକ୍ତଦାତା ଯୋଗାଡ କରିପାରୁ ନାହାନ୍ତି ସେମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଆଗକୁ ଶିକ୍ଷାନୁଷ୍ଠାନଗୁଡ଼ିକର ଗ୍ରୀଷ୍ମାବକାଶ ହେବାକୁ ଥିବା ବେଳେ ପରୀକ୍ଷା ପାଖେଇ ଆସୁଥିବା ଦୃଷ୍ଟିରୁ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରୁ ରକ୍ତ ସଂଗ୍ରହ ହ୍ରାସ ପାଉଛି। ରକ୍ତଭଣ୍ଡାରର ପୁରୁଖା କର୍ମଚାରୀମାନେ କହୁଛନ୍ତି ଯେ ବର୍ଷାଦିନ ପର୍ଯ୍ୟନ୍ତ ଏହି ସମସ୍ୟା ଲାଗି ରହିବ। ଏବେ ରାଜଧାନୀର ତାପାମାତ୍ରା ୩୪ ଡିଗ୍ରୀରେ ପହଞ୍ଚି ଥିବାବେଳେ ଆଗକୁ ଉତ୍ତାପ ଢେର ବଢ଼ିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଚେତାବାନୀ ଦେଉଛନ୍ତି । ଅଂଶୁଘାତ ସମସ୍ୟା ଉପୁଜିବା ପୂର୍ବରୁ ରକ୍ତ ସଂଗ୍ରହ ହ୍ରାସ ପାଉଛି । ଏ ପରିପ୍ରେକ୍ଷୀରେ ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ, ରାଜନୈତିକଦଳ ଓ ଧାର୍ମିକ ସଂଗଠନମାନେ ରକ୍ତଦାନ ଅଭିଯାନକୁ ବ୍ୟାପକ କଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ । (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ବଢ଼ିଲା ସୁନା ଦର

ଦିନକୁ ଦିନ ନୂଆ ରେକର୍ଡ ଛୁଇଁ ଚାଲିଛି ସୁନା ଦର। କିନ୍ତୁ ଆଜି ସୁନା ମୂଲ୍ୟରେ କିଛି ପରିବର୍ତ୍ତନ ଆସିଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୬ ହଜାର ୬୨୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯, ୪୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୭୯ ହଜାର ୪୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୬ ହଜାର ୬୨୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୪୦୦ ଟଙ୍କା ଓ ୮୬,୬୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୫୫୦ ଟଙ୍କା ଓ ୮୬, ୭୭୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୪୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬, ୬୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୪୦୯ ଓ ୮୬,୬୨୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୭,୦୦୦ ଟଙ୍କା ହୋଇଛି।

## ଆରବିଆଇର ବଡ଼ ସୂଚନା

# ୯୮.୧୮% ବ୍ୟାଙ୍କକୁ ଫେରିଲା ୨ହଜାର ଟଙ୍କିଆ ନୋଟ୍

ନୂଆଦିଲ୍ଲୀ,୧।୩: ଦୁଇ ହଜାର ଟଙ୍କିଆ ନୋଟକୁ ନେଇ ଆସିଛି ବଡ଼ ଖବର। ନୋଟ୍ ନିଷିଦ୍ଧ ହେବାର ପ୍ରାୟ ଦୁଇ ବର୍ଷ ବିତିଗଲାଣି। ଏହା ପରେ ମଧ, ସମସ୍ତ ନୋଟ ଆରବିଆଇ କିମ୍ବା ସରକାରଙ୍କ ପାଖରେ ପହଞ୍ଚି ନାହିଁ। ବଜାରରେ ଏବେ ବି ୨,୦୦୦ ଟଙ୍କିଆ ନୋଟର ୨% ରୁ କମ ନୋଟ ଅଛି। ଆଶ୍ଚର୍ଯ୍ୟର କଥା ହେଉଛି ଏହି ଦୁଇ ହଜାର ଟଙ୍କାର ନୋଟର କୌଣସି ମୂଲ୍ୟ ନାହିଁ। ମେ ୨୦୨୩ରେ ସରକାର ସିଷ୍ଟମରୁ ଏହି ନୋଟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ହଟାଇ ଦେଇଥିଲେ। ନିକଟରେ ଏହାକୁ ନେଇ ଆରବିଆଇ ଏମିତି ରିପୋର୍ଟ ଦେଇଛି ଯାହା ଆପଣଙ୍କୁ ତାଜୁବ କରିଦେବ।

### ୨ ହଜାର ଟଙ୍କିଆ ନୋଟ ଉପରେ ଅପଡେଟ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଶନିବାର କହିଛି ଯେ ୨୦୦୦ ଟଙ୍କାର ୯୮.୧୮% ନୋଟ ବ୍ୟାଙ୍କିଂ ସିଷ୍ଟମକୁ ଫେରି ଆସିଛି। ଏବେ କେବଳ ୬,୪୭୧ କୋଟି ଟଙ୍କାର ଏପରି ନୋଟ ଜନସାଧାରଣଙ୍କ ପାଖରେ ଅଛି। ରିଜର୍ଭ ବ୍ୟାଙ୍କ ୧୯ ମଇ, ୨୦୨୩ ରେ ୨୦୦୦ ଟଙ୍କା ମୂଲ୍ୟର ବ୍ୟାଙ୍କ ନୋଟ ପ୍ରଚଳନରୁ ପ୍ରତ୍ୟାହାର ଘୋଷଣା କରିଥିଲା। ଆରବିଆଇ କହିଛି ଯେ ୧୯ ମଇ, ୨୦୨୩ ରେ ବ୍ୟବସାୟ ସମାପ୍ତ ହେବା ସମୟରେ ପ୍ରଚଳନରେ ଥିବା ୨୦୦୦ ଟଙ୍କାର ବ୍ୟାଙ୍କ ନୋଟର ମୋଟ ମୂଲ୍ୟ ୩.୫୬ ଲକ୍ଷ କୋଟି ଟଙ୍କା ଥିଲା, ଯାହା ୨୮ ଫେବୃଆରୀ, ୨୦୨୫ ରେ ବ୍ୟବସାୟ ସମାପ୍ତ ହେବା ସମୟରେ ୬,୪୭୧ କୋଟି ଟଙ୍କାକୁ ହ୍ରାସ ପାଇଛି। କେନ୍ଦ୍ରୀୟ ବ୍ୟାଙ୍କ ବିବୃତ୍ତିରେ କହିଛି ଯେ, ୧୯ ମଇ, ୨୦୨୩ ସୁଦ୍ଧା, ପ୍ରଚଳନରେ ଥିବା ୨୦୦୦ ଟଙ୍କାର ୯୮.୧୮ ପ୍ରତିଶତ ବ୍ୟାଙ୍କ ନୋଟ ଫେରି ଆସିଛି।



### ଆପଣ ଏଠାରେ ନୋଟ ଜମା କରିପାରିବେ

୭ ଅକ୍ଟୋବର ୨୦୨୩ ପର୍ଯ୍ୟନ୍ତ ସମସ୍ତ ବ୍ୟାଙ୍କ ଶାଖାରେ ଦୁଇ ହଜାର ଟଙ୍କାର ନୋଟ ଜମା କରିବା ଏବଂ/ଅଥବା ବଦଳାଇବାର ସୁବିଧା ଉପଲବ୍ଧ ଥିଲା। ତଥାପି, ଏହି ସୁବିଧା ଏବେ ବି ରିଜର୍ଭ ବ୍ୟାଙ୍କର ୧୯ଟି ଇସ୍ୟୁ କାର୍ଯ୍ୟାଳୟରେ ଉପଲବ୍ଧ। ଆରବିଆଇର ଜାରି କାର୍ଯ୍ୟାଳୟଗୁଡ଼ିକ ୯ ଅକ୍ଟୋବର, ୨୦୨୩ଠାରୁ ବ୍ୟକ୍ତି ଏବଂ ସଂସ୍ଥାଗୁଡ଼ିକଙ୍କଠାରୁ ୨୦୦୦ ଟଙ୍କାର ନୋଟ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବା ପାଇଁ ଗ୍ରହଣ କରୁଛନ୍ତି। ଏହା ବ୍ୟତୀତ, ସାଧାରଣ ଲୋକମାନେ ଦେଶର ଯେକୌଣସି ପୋଷ୍ଟ ଅଫିସରୁ ଭାରତୀୟ ପୋଷ୍ଟ ମାଧ୍ୟମରେ ଯେକୌଣସି ଆରବିଆଇ କାର୍ଯ୍ୟାଳୟକୁ ୨୦୦୦ ଟଙ୍କାର ନୋଟ ପଠାଇ ନିଜ ବ୍ୟାଙ୍କ ଆକାଉଣ୍ଟରେ ଜମା କରିପାରିବେ। ଦୁଇ ହଜାର ଟଙ୍କାର ନୋଟ ବୈଧ ଭାବରେ ପ୍ରଚଳିତ ରହିବ।



# ଆଜିର ପେଟ୍ରୋଲ, ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

# କେତେ ସମୟ କାମ କଲି ସେଥିପ୍ରତି ଧ୍ୟାନ ଦେଇ ନଥାଏ: ଆକାଶ ଅମ୍ବାନୀ



**ମୁମ୍ବାଇ, ୧।୩:** ସପ୍ତାହରେ ୭୦ ରୁ ୯୦ ଘଣ୍ଟା କାମ କରିବା ନେଇ ବିତର୍କ ମଧ୍ୟରେ ରିଲାଏନ୍ସ ଜିଓ ଇନଫୋକମର ଅଧ୍ୟକ୍ଷ ଆକାଶ ଅମ୍ବାନୀ ପ୍ରତିକ୍ରିୟା ଦେଇଛନ୍ତି। ଆକାଶ ଅମ୍ବାନୀ ପ୍ରତିକ୍ରିୟା ଦେଇ କହିଛନ୍ତି, 'ମୋ ପାଇଁ ଅଫିସରେ ବିତାଇଥିବା କାର୍ଯ୍ୟ ସମୟ ଅପେକ୍ଷା କାମର ଗୁଣବତ୍ତା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଜୀବନରେ କାମ ଏବଂ ପରିବାର ଉଭୟ ସବୁଠାରୁ ବଡ଼ ପ୍ରାଥମିକତା । ଜଣେ ବ୍ୟକ୍ତି ପାଇଁ ଜୀବନରେ ତାଙ୍କର ପ୍ରାଥମିକତା କ'ଣ ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ।

ସପ୍ତାହରେ କର୍ମକ୍ଷେତ୍ରରେ କେତେ ଘଣ୍ଟା ବିତାଇବା କଥା ସେ ବିଷୟରେ ଚାଲିଥିବା ବିତର୍କ ମଧ୍ୟରେ ଆକାଶ ଅମ୍ବାନୀଙ୍କ ଏହି ବୟାନ ସାମ୍ନାକୁ ଆସିଛି। ଭାରତୀୟ କର୍ପୋରେଟ୍ ଅଧିକାରୀମାନେ କାର୍ଯ୍ୟ ସମୟ ଉପରେ ଭିନ୍ନ ଭିନ୍ନ ମତ ପ୍ରକାଶ କରିଛନ୍ତି। କେତେକ ସପ୍ତାହରେ ୯୦ ଘଣ୍ଟା ପର୍ଯ୍ୟନ୍ତ କାମ କରିବା ଏବଂ ପରିବାର ଅପେକ୍ଷା କାମକୁ ପ୍ରାଥମିକତା ଦେବା ପାଇଁ ସମର୍ଥନ କରିଛନ୍ତି। ସେହିପରି କିଛି ଲୋକ ସପ୍ତାହରେ ୫୦ ଘଣ୍ଟାରୁ କମ୍ କାମ କରିବା ସପକ୍ଷରେ ଅଛି। ପ୍ରକୃତରେ ଏହି ବିବାଦ ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ଇନଫୋସିସ୍ ମୁଖ୍ୟ ନାରାୟଣ ମୂର୍ତ୍ତି କହିଥିଲେ ଯେ ,'ଭାରତୀୟମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡିବ। ଏହିପରି ଭାବରେ ଦେଶକୁ ଆଗକୁ ନେବା ପାଇଁ ଆମକୁ ସପ୍ତାହରେ ୭୦ଘଣ୍ଟା କାମ କରିବାକୁ ପଡିବ।'

# ୟୁପିଆଇ ମାଧ୍ୟମରେ ଦେଇପାରିବେ ସ୍ୱାସ୍ଥ୍ୟ ବୀମା

## ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ଦର ୬ ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ,୧।୩: ନୂଆ ମାସ ଆରମ୍ଭ ହେବା ସହିତ, ଦେଶରେ କିଛି ନିୟମରେ ପରିବର୍ତ୍ତନ ଘୋଷଣା କରାଯାଏ। ଏଥିରେ ଗ୍ୟାସ ସିଲିଣ୍ଡରର ଦର ଏବଂ କାରବାର ସହିତ ଜଡିତ ନିୟମ ଅନ୍ତର୍ଭୁକ୍ତ। ମାର୍ଚ୍ଚ ମାସରେ, ଅନଲାଇନ ପେମେଣ୍ଟ କରୁଥିବା ଏବଂ ଗ୍ୟାସ ସିଲିଣ୍ଡର ବ୍ୟବହାର କରୁଥିବା ଲୋକଙ୍କ ପାଇଁ ଏକ ବଡ଼ ପରିବର୍ତ୍ତନ ଆସିଛି।

୧ ମାର୍ଚ୍ଚ, ୨୦୨୫ ଠାରୁ, ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ) ରେ କାରବାର ସହିତ ଜଡିତ ଏକ ପରିବର୍ତ୍ତନ ଆସିଛି। ପ୍ରକୃତରେ, ଏହି ପରିବର୍ତ୍ତନ ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣର ନୂଆ ନିୟମ ସହିତ ଜଡିତ। ବୀମା ପ୍ରିମିୟମ ପେମେଣ୍ଟ ସିଷ୍ଟମ ସହିତ ଜଡିତ ପରିବର୍ତ୍ତନ ଅନୁଯାୟୀ, ବୀମା ପ୍ରିମିୟମ ଦେବା ସହଜ ହୋଇଯାଇଛି। ୟୁପିଆଇ ସିଷ୍ଟମ ମାଧ୍ୟମରେ ବୀମା ଦେୟ କରାଯାଇପାରିବ। ଉପଭୋକ୍ତାମାନଙ୍କ ପାଇଁ ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଦେବା ସହଜ ହେବ ଏବଂ ସେମାନେ ପୂର୍ବରୁ ଟଙ୍କାକୁ ବ୍ଲକ କରିପାରିବେ ଯାହାଦ୍ୱାରା ପଲିସିଧାରୀଙ୍କ ଅନୁମୋଦନ ପରେ ପ୍ରିମିୟମ ସମୟ ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟରୁ କଟାଯାଇପାରିବ। ତୈଳ କମ୍ପାନୀଗୁଡ଼ିକ ଦ୍ୱାରା ୧୯ କିଲୋଗ୍ରାମ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରାଯାଇଛି। ଏହାର ଦର ୬ ଟଙ୍କା ବୃଦ୍ଧି କରାଯାଇଛି। ଯେତେବେଳେ, ଫେବୃଆରୀରେ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୭ ଟଙ୍କା ହ୍ରାସ ପାଇଥିଲା। ବିମାନ ଇନ୍ଧନ ଅର୍ଥାତ ଏୟାର ଟର୍ବାଇନ ଫୁଏଲ (ଏଟିଏଫ) ର ମୂଲ୍ୟ ମଧ ସଂଶୋଧନ କରାଯାଇଛି। ଏହା ପରେ, ୧ ମାର୍ଚ୍ଚରେ, ଏଟିଏଫ ମୂଲ୍ୟରେ ୦.୨୩ ପ୍ରତିଶତ ପରିବର୍ତ୍ତନ କରାଯାଇଛି। ଏପରି ପରିସ୍ଥିତିରେ, ଜାତୀୟ ରାଜଧାନୀରେ ଏଟିଏଫର ମୂଲ୍ୟ ପ୍ରତି କିଲୋଲିଟର ୯୫,୩୧୧.୭୨ ଟଙ୍କା ହୋଇଛି। ପୂର୍ବରୁ ଏହି ଦର ୯୫,୫୩୩.୭୨ ଟଙ୍କା ଥିଲା।




ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମସ୍ତ ଆକାଉଣ୍ଟଧାରୀଙ୍କ ପାଇଁ ସେମାନଙ୍କର କେୱାଇସି ଅପଡେଟ କରିବା ବାଧ୍ୟତାମୂଳକ କରିଛି। ଯେଉଁ ଗ୍ରାହକମାନେ ଏପର୍ଯ୍ୟନ୍ତ ଡକ୍ୟୁମେଣ୍ଟ ଦାଖଲ କରିନାହାଁନ୍ତି ଏବଂ ସେମାନଙ୍କର କେୱାଇସି ପ୍ରକ୍ରିୟା ସମାପ୍ତ କରିନାହାଁନ୍ତି, ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହୋଇପାରେ। ଯଦି ଏହା ଆକ୍ଟିଭ ନାହିଁ ତେବେ ଗ୍ରାହକ ଆକାଉଣ୍ଟରୁ ଟଙ୍କା ଉଠାଇ ପାରିବେ ନାହିଁ।

# ସୁନା ଦର ଖସୁଛି



**ନୂଆଦିଲ୍ଲୀ, ୧।୩:** ଅନେକ ଦିନ ଧରି ଉପରମୁହାଁ ରହିଥିବା ସୁନା ଦରଗତ ତିନି ଦିନ ଧରି ଖସୁଛି। ପ୍ରତ୍ୟେକ ଦିନକୁ ୪୦୦-୫୦୦ ଟଙ୍କାର ହ୍ରାସ ହେଉଛି। ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାର ୧୦ ଗ୍ରାମ ପିଛା ଦାମ୍ ଶୁକ୍ରବାର ୫୦୦ ଟଙ୍କା ହ୍ରାସ ପାଇ ୭୯,୬୦୦ ଟଙ୍କାକୁ ଖସିଆସିଛି। ସେହିପରି, ୨୪ କ୍ୟାରେଟ୍ ସୁନା ଦାମ୍ ୫୪୦ ଟଙ୍କା ହ୍ରାସ ପାଇ ୮୬,୮୪୦ ଟଙ୍କା ହୋଇଛି। ଭୁବନେଶ୍ୱରରେ ଗତ ୧୦ ଦିନରୁ ଅଧିକ ସମୟ ଧରି ୨୨ କ୍ୟାରେଟ୍ ସୁନା ଦାମ୍ ୮୦ହଜାର ଟଙ୍କାରୁ ଅଧିକ ଥିଲା। ଫେବ୍ରୁଆରି ୧ ତାରିଖରେ ୨୨ କ୍ୟାରେଟ୍ ସୁନା ଦାମ୍ ଥିଲା ୭୭,୪୫୦ ଟଙ୍କା। ୨୮ ଦିନ ଭିତରେ ସେଥିରେ ୨୧୫୦ ଟଙ୍କା ବୃଦ୍ଧି ଘଟିଛି। ଫେବ୍ରୁଆରି ୨୫ରେ ଏହାର ଦାମ୍ ସର୍ବୋଚ୍ଚ ୮୦,୭୫୦ ଟଙ୍କା ଥିଲା। ସେହିପରି, ମାସ ଆରମ୍ଭରେ ୨୪ କ୍ୟାରେଟ୍ ସୁନା ଦାମ୍ ୮୪,୪୯୦ ଟଙ୍କା ଥିଲା। ମାସକ ଭିତରେ ସେଥିରେ ୨୩୫୦ ଟଙ୍କାର ବୃଦ୍ଧି ଘଟିଛି। ଫେବ୍ରୁଆରି ୨୫ରେ ଏହାର ଦାମ୍ ସର୍ବାଧିକ ୮୮,୦୯୦ ଟଙ୍କା ଥିଲା। ଭୁବନେଶ୍ୱରରେ ରୁପା କେଜି ମଧ ୧,୦୫,୦୦୦ ଟଙ୍କାକୁ ହ୍ରାସ ପାଇଛି ଯାହା କିଛି ଦିନ ପୂର୍ବେ ୧,୦୮,୦୦୦ ଟଙ୍କାକୁ ବୃଦ୍ଧି ପାଇଥିଲା। ଦର ହ୍ରାସ ସମ୍ପର୍କରେ ଲାଲ୍‌ଚାନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି ଯେ ଯେଉଁମାନେ ଗହଣା କିଣିବାକୁ ଚାହୁଁଛନ୍ତି, ସେମାନେ ଅଳ୍ପ ଅଳ୍ପ ସୁନା କିଣିନେବା ବୁଦ୍ଧିମାନର କାର୍ଯ୍ୟ ହେବ। ସେ କହିଲେ, ମୁଁ ପୂର୍ବରୁ ଆକଳନ କରିଥିଲି ଫେବ୍ରୁଆରି ଶେଷ ଆଡ଼କୁ କିମ୍ବା ମାର୍ଚ୍ଚ ପ୍ରଥମାର୍ଧରେ ସୁନା ମୂଲ୍ୟରେ ୩୦୦୦-୪୦୦୦ ଟଙ୍କା ଭଳି ହ୍ରାସ ହେବ। ଏବେ ଯେଉଁ ହ୍ରାସ ହେଉଛି, ତାହା ଅଳ୍ପ ପରିମାଣର। ଆଗକୁ ଆହୁରି ଦର କମିବା ସମ୍ଭାବନା ରହିଛି। କାରଣ ଅକ୍ଷୟ ତୃତୀୟା ଆସିଗଲେ, ସୁନା ଦାମ୍ ପୁଣି ବଢ଼ିବ। ତେଣୁ ଯେଉଁମାନେ ୧୦ ଗ୍ରାମ ସୁନା କିଣିବାକୁ ଚାହୁଁଛନ୍ତି, ସେମାନେ ଏବେ ତିନି ଗ୍ରାମର କିଣିନିଅନ୍ତୁ। ଆଉ ଟିକେ ଦାମ୍ କମିଲେ, ଆଉ କିଛି ସୁନା କିଣିନେବେ। ସେହି ରଣନୀତି ରଖି କିଣାକିଣି କଲେ ଦରବୃଦ୍ଧି ବାଧିବ ନାହିଁ ବୋଲି ସେ କହିଛନ୍ତି।

# ଦିଲ୍ଲୀରେ ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ିକୁ ପେଟ୍ରୋଲ୍ ମିଳିବନି

**ନୂଆଦିଲ୍ଲୀ, ୧।୩:** ଦିଲ୍ଲୀରେ ୧୫ ବର୍ଷ ପୁରୁଣା ଗାଡ଼ିକୁ ନେଇ ଦିଲ୍ଲୀ ସରକାର ବଡ଼ ଘୋଷଣା କରିଛନ୍ତି। ପେଟ୍ରୋଲ ପମ୍ପରେ ଆଉ ଏଭଳି ଗାଡିକୁ ଇନ୍ଧନ ଯୋଗାଇ ଦିଆଯିବ ନାହିଁ ବୋଲି ସରକାର କହିଛନ୍ତି। ଦିଲ୍ଲୀର ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂ ସିରସା କହିଛନ୍ତି ଯେ ମାର୍ଚ୍ଚ ୩୧ ପରେ ଦିଲ୍ଲୀର ପେଟ୍ରୋଲ ପମ୍ପ ୧୫ ବର୍ଷରୁ ଅଧିକ ପୁରୁଣା ଗାଡିକୁ ଇନ୍ଧନ ଯୋଗାଇଦେବ ନାହିଁ। ଦିଲ୍ଲୀରେ ପ୍ରଦୂଷଣ ରୋକିବା ପାଇଁ ୧୦ ବର୍ଷ ପୁରୁଣା ଡିଜେଲ ଓ ୧୫ ବର୍ଷ ପୁରୁଣା ପେଟ୍ରୋଲ ଯାନ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଆଣ୍ଟି ସ୍ମୋଗ୍ ଗନ୍ ଏବଂ କ୍ଲାଉଡ୍ ସିଡିଂ ଲଗାଇବା ନେଇ ମଧ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

ପରିବେଶ ମନ୍ତ୍ରୀ ସିରସା କହିଛନ୍ତି ଯେ ଦିଲ୍ଲୀରେ କିଛି ବଡ଼ ହୋଟେଲ, କିଛି ବଡ ଅଫିସ କମ୍ପ୍ଲେକ୍ସ, ଦିଲ୍ଲୀ ଏୟାରପୋର୍ଟ ଏବଂ ବଡ ନିର୍ମାଣ ସ୍ଥଳ ରହିଛି। ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଆମେ ତୁରନ୍ତ ଏସବୁ ପାଇଁ ଆଣ୍ଟି ସ୍ମୋଗ୍ ଗନ୍ ଲଗାଇବା ବାଧ୍ୟତାମୂଳକ କରିବାକୁ ଯାଉଛୁ। ଆମେ ଦିଲ୍ଲୀର ସମସ୍ତ ଉଚ୍ଚ କୋଠା ପାଇଁ ସ୍ମଗ୍ ଗନ୍ ଲଗାଇବା ବାଧ୍ୟତାମୂଳକ କରିବାକୁ ଯାଉଛୁ। ଆମେ ଦିଲ୍ଲୀର ସମସ୍ତ ହୋଟେଲରେ ସ୍ମଗ୍ ଗନ୍ ଲଗାଇବା ବାଧ୍ୟତାମୂଳକ କରିବାକୁ ଯାଉଛୁ।

# ଜିଡିପି ଅଭିବୃଦ୍ଧି ୬.୨%, ଅର୍ଥନୀତିକୁ ମହାକୁମ୍ଭ ବୁଷ୍ଟର୍ ଡୋଜ୍

**ନୂଆଦିଲ୍ଲୀ, ୧।୩:** ୨୦୨୪-୨୫ ଆର୍ଥିକବର୍ଷର ତୃତୀୟ ତିନିମାସ (ଅକ୍ଟୋବରରୁ ଡିସେମ୍ବର) ରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୨ ପ୍ରତିଶତ ରହିଛି। ଖଣି, ବିନିର୍ମାଣ ଏବଂ ଅନ୍ୟାନ୍ୟ କ୍ଷେତ୍ରର ଖରାପ ପ୍ରଦର୍ଶନ ସତ୍ତ୍ୱେ କୃଷି କ୍ଷେତ୍ର ଭାରତୀୟ ଅର୍ଥନୀତିର ଜିଡିପିକୁ ଏକ ସମ୍ମାନଜନକ ସ୍ତରରେ ରଖିବାରେ ସଫଳ ହୋଇଛି। ଦ୍ୱିତୀୟ ତ୍ରୟମାସର ଜିଡିପି ଅଭିବୃଦ୍ଧି ୫.୬ ପ୍ରତିଶତ ରହିଥିବା ସମୟରେ ତୃତୀୟ ତ୍ରୟମାସର ଜିଡିପି ଅଭିବୃଦ୍ଧି ୬.୨ ପ୍ରତିଶତରେ ପହଞ୍ଚିଛି। କିନ୍ତୁ ୨୦୨୩-୨୪ ଆର୍ଥିକବର୍ଷର ତୃତୀୟ ତ୍ରୟମାସରେ ଭାରତ ହାସଲ କରିଥିବା ୯.୫ ପ୍ରତିଶତ ଜିଡିପି ଅଭିବୃଦ୍ଧି ତୁଳନାରେ ଏହା କମ୍ ରହିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଆଜି ପ୍ରକାଶିତ ତଥ୍ୟରୁ ଏହା ଜଣାଯାଇଛି।

ଏଥିସହିତ ଚଳିତ ଆର୍ଥିକବର୍ଷ ପାଇଁ ଆଜି ପ୍ରକାଶ ପାଇଥିବା ଦ୍ୱିତୀୟ ଅଗ୍ରିମ ଆକଳନରେ ଜିଡିପି ଅଭିବୃଦ୍ଧି ୬.୫ ପ୍ରତିଶତ ରହିବା ନେଇ ଦର୍ଶାଯାଇଛି। ଜାନୁଆରିରେ ହୋଇଥିବା ପ୍ରଥମ ଅଗ୍ରିମ ଆକଳନରେ ଜିଡିପି ଅଭିବୃଦ୍ଧି ୬.୪ ପ୍ରତିଶତ ରହିବା ନେଇ ପୂର୍ବାନୁମାନ କରାଯାଇଥିଲା। ମୋଟ ମୂଲ୍ୟ ଯୋଗ (ଜିଭିଏ) ଅନୁସାରେ ବିନିର୍ମାଣ (ମାନୁଫାକ୍‌ଚରିଂ) କ୍ଷେତ୍ରର ଅଭିବୃଦ୍ଧି ତୃତୀୟ ତ୍ରୟମାସରେ ନୈରାଶ୍ୟଜନକ ଭାବେ ୩.୫ ପ୍ରତିଶତ ରହିଛି। ପୂର୍ବ ଆର୍ଥିକବର୍ଷର ତୃତୀୟ ତ୍ରୟମାସରେ ଏହା ୧୪ ପ୍ରତିଶତ ରହିଥିଲା। ସେହିଭଳି ୨୦୨୩-୨୪ର ଅକ୍ଟୋବର-ଡିସେମ୍ବରରେ ଖଣି କ୍ଷେତ୍ରର ଅଭିବୃଦ୍ଧି ୪.୭ ପ୍ରତିଶତ ଥିବାବେଳେ ୨୦୨୪-୨୫ର ସମାନ ସମୟରେ ତାହା ୧.୪ ପ୍ରତିଶତକୁ ଖସିଛି। ସେହିଭଳି ନିର୍ମାଣ କ୍ଷେତ୍ରର ଅଭିବୃଦ୍ଧି ୧୦ ପ୍ରତିଶତ ପରିବର୍ତ୍ତେ ୭ ପ୍ରତିଶତ ରହିଛି। କିନ୍ତୁ କୃଷି କ୍ଷେତ୍ରର ଅଭିବୃଦ୍ଧି ଉଲ୍ଲେଖନୀୟଭାବେ ୫.୬ ପ୍ରତିଶତ ରହିଛି, ଯାହାକି ପୂର୍ବ ଆର୍ଥିକବର୍ଷର ସମାନ ସମୟରେ ୧.୫ ପ୍ରତିଶତ ରହିଥିଲା। ତୃତୀୟ ତ୍ରୟମାସରେ ଗ୍ରାମୀଣ ଚାହିଦାରେ ବୃଦ୍ଧି ସହିତ ଅନୁକୂଳ ମୌସୁମୀ ବର୍ଷା ଏବଂ ସରକାରୀ ଖର୍ଚ୍ଚ ବୃଦ୍ଧି କାରଣରୁ ଜିଡିପି ଅଭିବୃଦ୍ଧି ଦ୍ୱିତୀୟ ତ୍ରୟମାସ ତୁଳନାରେ ଅଧିକ ରହିଛି। ତେବେ ଚଳିତ ଆର୍ଥିକ ବର୍ଷର ଶେଷ ତିନିମାସର ପ୍ରଦର୍ଶନ ବେଶ୍ ଚମତ୍କାର ରହିବ ବୋଲି ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି ଅନନ୍ତ ନାଗେଶ୍ୱରନ କହିଛନ୍ତି। ଭାରତ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିର ମାନ୍ୟତା ବଜାୟ ରଖିଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ମହାକୁମ୍ଭ ଦେଶରେ ଖର୍ଚ୍ଚ ବଢ଼ାଇଛି। ତାହା ଅର୍ଥନୀତିକୁ ଆବଶ୍ୟକ ବଳ ପ୍ରଦାନ କରିବ। ମହାକୁମ୍ଭ ପ୍ରଭାବରେ ଆର୍ଥିକ ବର୍ଷ ଲାଗି ଧାର୍ଯ୍ୟ କରାଯାଇଥିବା ୬.୫ ପ୍ରତିଶତ ଅଭିବୃଦ୍ଧି ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।




ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସରେ ନିର୍ମାଣ କ୍ଷେତ୍ରରେ ୮.୬ ପ୍ରତିଶତ ବୃଦ୍ଧି ଘଟିଥିବାବେଳେ ଆର୍ଥିକ, ରିଅଲ ଇଷ୍ଟେଟ୍ ଏବଂ ବୃତ୍ତିଗତ ସେବା କ୍ଷେତ୍ରର ଅଭିବୃଦ୍ଧି ୭.୨ ପ୍ରତିଶତ ଏବଂ ବାଣିଜ୍ୟ, ହୋଟେଲ, ପରିବହନ, ଯୋଗାଯୋଗ ଏବଂ ପ୍ରସାରଣ ସଂକ୍ରାନ୍ତ ସେବା କ୍ଷେତ୍ରର ଅଭିବୃଦ୍ଧି ୬.୪ ପ୍ରତିଶତ ରହିଛି। ତୃତୀୟ ତ୍ରୟମାସ ଜିଡିପିରେ ଆସିଥିବା ସୁଧାର କାରଣରୁ ଦ୍ୱିତୀୟ ଅଗ୍ରିମ ଆକଳନରେ ଚଳିତ ଆର୍ଥିକବର୍ଷର ନମିନାଲ୍ ଜିଡିପି ବା ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧି ୯.୯ ପ୍ରତିଶତ ରହିବ ବୋଲି ଦର୍ଶାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷର ୯.୨ ପ୍ରତିଶତର ବାସ୍ତବ ଜିଡିପି ଅଭିବୃଦ୍ଧି ୧୨ ବର୍ଷରେ ସର୍ବାଧିକ। ତେବେ ଏଥିପାଇଁ କରୋନା ମହାମାରୀର ପରବର୍ତ୍ତୀ ବର୍ଷ ୨୦୨୧-୨୨ର ତଥ୍ୟକୁ ବିଚାରକୁ ନିଆଯାଇନାହିଁ। ବାର୍ଷିକ ଆକଳନ ଅନୁସାରେ ୨୦୨୪-୨୫ରେ ବାସ୍ତବ ଜିଡିପି ୧୮୭.୯୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ବର୍ତ୍ତମାନ ମୂଲ୍ୟରେ ତାହା ୩୩୧.୦୩ ଲକ୍ଷ କୋଟି ଟଙ୍କା ହେବ। ମୁଣ୍ଡପିଛା ଆୟ ୨୦୨୩-୨୪ରେ ୧,୮୮,୮୯୨ ଟଙ୍କା ଆକଳନ କରାଯାଇଛି। ୨୦୨୨-୨୩ରେ ତାହା ୧,୬୯,୧୪୫ ଟଙ୍କା ଥିଲା।

# ଦେଶରେ ଉତ୍କଟ ନିଯୁକ୍ତି ସଂକଟ

## ମାତ୍ର ୪୨% ଗ୍ରାଜୁଏଟ ନିଯୁକ୍ତି ଯୋଗ୍ୟ

**ନୂଆଦିଲ୍ଲୀ,୧।୩:** ଏବେ ଦେଶର ନିଯୁକ୍ତି ବଜାର ସଙ୍କଟ ସ୍ଥିତି ଦେଇ ଗତି କରୁଛି। ଶିଳ୍ପ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଅଟୋମେଶନର ବ୍ୟବହାର ଦ୍ରୁତ ଭାବେ ବଢ଼ୁଛି। ଅନ୍ୟପଟେ ନୂଆ ଗ୍ରାଜୁଏଟ୍‌ମାନେ ନିଯୁକ୍ତି ପାଇବାରେ ବଡ଼ ସମସ୍ୟା ଉପୁଜୁଛି। ମର୍ସର ଆଣ୍ଡ୍ ମେଟଲ ପକ୍ଷରୁ ପ୍ରକାଶିତ ଇଣ୍ଡିଆ ସ୍କିଲ୍ ଇଣ୍ଡେକ୍ସ ୨୦୨୫ ମୁତାବକ, ଦେଶର ମାତ୍ର ୪୨.୬% ଗ୍ରାଜୁଏଟ ନିଯୁକ୍ତି ଲାଗି ଯୋଗ୍ୟତା ହାସଲ କରିଛନ୍ତି। ଏହା ୨୦୨୩ରେ ୪୪.୩% ରହିଥିବା ବେଳେ ଏଥିରେ ହ୍ରାସ ଚିନ୍ତା ବଢ଼ାଇଛି। ଏବେ ଶିଳ୍ପସଂସ୍ଥାଗୁଡ଼ିକ ଯେଉଁ ଭଳି ସ୍କିଲ ଆବଶ୍ୟକ କରୁଛନ୍ତି ନୂଆ ଗ୍ରାଜୁଏଟଙ୍କ ନିକଟରେ ତା'ର ଅଭାବ ରହୁଛି। ଏବେ ଏଆଇ, ଡାଟା ଆନାଲିଟିକ୍ସ ଭଳି କ୍ଷେତ୍ରରେ ନିଯୁକ୍ତି ଚାହିଦା ରହିଛି। ମାତ୍ର ଯୁବବର୍ଗଙ୍କ ମଧ୍ୟରେ ଏହି ଦକ୍ଷତା ଅଭାବ ରହୁଛି। ଅନ୍ୟପଟେ ଯୋଗାଯୋଗ, ପ୍ରୋବ୍ଲେମ୍ ସଲ୍‌ଭିଂ ଏବଂ ସୃଜନଶୀଳତା ଭଳି ଅଣଯାନ୍ତ୍ରିକ କୌଶଳ ମଧ କମ୍ ରହୁଛି। ଫଳରେ ଚାକିରି ପାଇବାରେ ନୂଆ ଗ୍ରାଜୁଏଟ୍‌ଙ୍କୁ ବଡ଼ ସମସ୍ୟା ଉପୁଜୁଛି। ଦେଶର ବିଭିନ୍ନ ବର୍ଗର ସହରଗୁଡ଼ିକୁ ଦେଖିଲେ ଟିୟର-୧ ସହରର ଗ୍ରାଜୁଏଟଙ୍କ କ୍ଷେତ୍ରରେ ନିଯୁକ୍ତି ହାର ୪୮.୪% ରହିଛି। ଯାହା ଟିୟର-୨ ସହରରେ ୪୬.୧ ଏବଂ ଟିୟର-୩ ସହରରେ ୪୩.୪%। ରାଜ୍ୟଗୁଡ଼ିକ ମଧ୍ୟରେ ନୂଆଦିଲ୍ଲୀରେ ଏହି ହାର ୫୩.୪% ଥିବା ବେଳେ ହିମାଚଳ ପ୍ରଦେଶ ଏବଂ ପଞ୍ଜାବରେ ଏହା ୫୧.୧% ଲେଖାଏଁ ରହିଛି। ଏହି ରାଜ୍ୟଗୁଡ଼ିକରେ ମାନଯୁକ୍ତ ଶିକ୍ଷା, ଶିଳ୍ପ ସହଭାଗିତା ଏବଂ ଉନ୍ନତ ଆର୍ଠିଥକ ସ୍ଥିତି ଯୋଗୁ ଯୁବବର୍ଗ ନିଯୁକ୍ତି ପାଇବାରେ ସହାୟକ ହେଉଛି।

ରିପୋର୍ଟ ମୁତାବକ, ଏଆଇ ଏବଂ ମେସିନ୍ ଲର୍ଣ୍ଣିଂ ଭଳି କ୍ଷେତ୍ରଗୁଡ଼ିକରେ ୨୦୨୩ ତୁଳନାରେ ନିଯୁକ୍ତି ପାଉଥିବା ଗ୍ରାଜୁଏଟଙ୍କ ନିଯୁକ୍ତି ଆଖିଦୃଶିଆ ବଢ଼ିଛି। ଏସବୁ କ୍ଷେତ୍ରରେ ୪୬% ଗ୍ରାଜୁଏଟଙ୍କ ନିଯୁକ୍ତି ହେଉଛି। ଡିଜିଟାଲ କ୍ଷେତ୍ରରେ ନିଯୁକ୍ତି ଚାହିଦା ବଢ଼ିଥିବା ବେଳେ ଲିଙ୍ଗଗତ ବୈଷମ୍ୟତା କମାଇଛି।

# ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



**ସୁବର୍ଣ୍ଣପୁର,୧।୩(ସଂଚାର ବ୍ୟୁରୋ):** ଶନିବାର ଦିନ ପୂର୍ବାହ୍ନରେ ସୁବର୍ଣ୍ଣପୁର ଜିଲ୍ଲାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମାନ୍ୟବର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଜିଲ୍ଲାର ରାଜସ୍ୱ କାର୍ଯ୍ୟନ୍ୱୟନର ସ୍ଥିତି ଓ ଅଗ୍ରଗତିର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମାନ୍ୟବର ମନ୍ତ୍ରୀ ସମୀକ୍ଷା ବୈଠକରେ ଜିଲ୍ଲାର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ଗୁଡିକ ନାମରେ ଜମି ପଟ୍ଟା କରାଇବା ଉପରେ ତହସିଲଦାରଙ୍କୁ ପଚାରି ବୁଝିଥିଲେ ଏବଂ ଆବଶ୍ୟକ ପଟ୍ଟା ପ୍ରଦାନ କରିବାକୁ ପଦକ୍ଷେପ ନେବା ସହିତ ଆସନ୍ତା ଦୁଇ ମାସ ମଧ୍ୟରେ ସମସ୍ତ ତହସିଲଦାର ଶତ ପ୍ରତିଶତ ପଟ୍ଟା ପ୍ରଦାନକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୁନଶ୍ଚ କୌଣସି ସ୍କୁଲ କିମ୍ବା କଲେଜ ପାଖରେ ସରକାରୀ ଜମି ରହିଥିଲେ ସେହି ଜମିକୁ ସ୍କୁଲ ନିମନ୍ତେ ଖେଳପଡିଆ କିମ୍ବା ଅନ୍ୟାନ୍ୟ ବ୍ୟବହାର ପାଇଁ ପ୍ରଦାନ କରିବାକୁ ତହସିଲଦାର ପ୍ରମୁଖ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। ଜନସାଧାରଣଙ୍କୁ ଧାର୍ଯ୍ୟ ସୀମା ମଧ୍ୟରେ ରାଜସ୍ୱ ସଂକ୍ରାନ୍ତୀୟ କାର୍ଯ୍ୟର ସେବା ଯୋଗାଇବାକୁ ନିର୍ଦ୍ଦେଶ ଦେଇ ତହସିଲ ଅଫିସରେ ଯେପରି କୌଣସି ଲୋକ ହଇରାଣ ହରକତ ନହୁଅନ୍ତି ସେଥି ନିମନ୍ତେ ସମସ୍ତ ରାଜସ୍ୱ ଅଧିକାରୀ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ତହସିଲଦାର ଓ ଅନ୍ୟାନ୍ୟ ରାଜସ୍ୱ କର୍ମଚାରୀ ସ୍ୱତଃ ନିଜ ପକ୍ଷରୁ ବିଭିନ୍ନ ଗ୍ରାମ ଗସ୍ତ ପୂର୍ବକ ଜନସାଧାରଣଙ୍କ ରାଜସ୍ୱ ସମସ୍ୟାର ସମାଧାନ ସହିତ ଭୂମିହୀନ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ବସୁନ୍ଧରା ଯୋଜନା ପାଇଁ ଜମି ଯୋଗାଇବା ନିମନ୍ତେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ରାଜସ୍ୱ ଯୋଜନା ତଥା ରାଜସ୍ୱ କାର୍ଯ୍ୟର ସଫଳତାକୁ ନିଶ୍ଚିତ ଓ ବ୍ୟବସ୍ଥିତ କରିବା ନିମନ୍ତେ ସମସ୍ତ ତହସିଲଦାର ନିଜ ନିଜ ତହସିଲ ଏରିଆରେ ରହିଥିବା ବିଭିନ୍ନ କିସମର ଜମି, ବିଭିନ୍ନ ଯୋଜନା ନିମନ୍ତେ ହିତାଧିକାରୀ ପ୍ରଭୃତିର ଆବଶ୍ୟକ ପୂର୍ଣ୍ଣାଙ୍ଗ ଡାଟା ବେସ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୁନଶ୍ଚ ଯେଉଁ ଲାଭାର୍ଥୀ ସରକାରୀ ଜମିରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କରି ରହୁଛନ୍ତି ସେମାନଙ୍କ ଜମି ପଟ୍ଟାକୁ ନିଶ୍ଚିତ କରିବାକୁ ମାନ୍ୟବର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭାଗକୁ ଲୋକାଭିମୁଖୀ କରିବାକୁ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅଧିକାରୀ ଯତ୍ନବାନ ହୋଇ ସାଧାରଣ ଲୋକଙ୍କୁ ଗୁରୁତ୍ୱ ଦେବା ସହ ଲୋକାଭିମୁଖୀ ଯୋଜନା ଗୁଡିକ ପ୍ରଣୟନ ନିମନ୍ତେ ଦାୟିତ୍ୱବାନ ହେବାକୁ କହିଥିଲେ। ଜିଲ୍ଲାର ଅଧିକ ରାଜସ୍ୱ ଗ୍ରାମ ହେଲେ ସାଧାରଣ ଲୋକ ଗରିବୀ କଲ୍ୟାଣ ଯୋଜନାର ଅଧିକ ମାତ୍ରାରେ ଲାଭ ପାଇପାରିବେ ଏଣୁ ଓ୍ୱିଧି ମୁତାବକ ମାର୍ଚ୍ଚ ୩୧ ସୁଦ୍ଧା ଜିଲ୍ଲାରେ ନୂତନ ରାଜସ୍ୱ ଗ୍ରାମ ଗଠନ ପ୍ରସ୍ତାବ ସରକାରଙ୍କ ସମ୍ପୃକ୍ତ ବିଭାଗକୁ ପଠାଇବାକୁ ପରାମର୍ଶ ପ୍ରଦାନ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ଶିଳ୍ପ ବିହୀନଜିଲ୍ଲା ହୋଇଥିବା ବେଳେ ଜିଲ୍ଲାର ବିକାଶ ତଥା ସ୍ୱରୋଜଗାର ବୃଦ୍ଧି ନିମନ୍ତେ ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ,। ଜିଲ୍ଲାର ଯୁବକ ଯୁବତୀଙ୍କୁ ରୋଜଗାରକ୍ଷମ କରିବାକୁ ଆବଶ୍ୟକ ଏମଏସଏମଇ ତାଲିମ ପ୍ରଦାନ ଉପରେ ମଧ୍ୟ ସେ କହିଥିଲେ।ମ୍ୟୁଟେସନ କେସ ଗୁଡିକ ଯଥାଶୀଘ୍ର ସହମତି ଭିତ୍ତିରେ ସମାଧାନ କରିବାକୁ କହିବା ସହ ସରକାରୀ ଜମି ଜବରଦଖଲ ହଟାଇବା ସହିତ ତାର ସୁରକ୍ଷା ପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜାତି ପ୍ରମାଣପତ୍ର ତଥା ଅନ୍ୟାନ୍ୟ ପ୍ରମାଣପତ୍ର କୁ ସମୟ ଅବଧିରେ ପ୍ରଦାନ କରିବା ବିଷୟରେ ଆଲୋଚନା ହୋଇଥିଲା। ଅସାଧୁ ଉପାୟରେ ଆଦିବାସୀ ଜମି ହଡପ କରୁଥିବା ଲୋକଙ୍କ ପ୍ରତି ବିଶେଷ ସତର୍କ ରହିବାକୁ ରାଜସ୍ୱ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ପୁନଶ୍ଚ ସରକାରୀ କାର୍ଯ୍ୟ ନିମନ୍ତେ ଆବଶ୍ୟକ ଜମି, ମଣ୍ଡି ସ୍ଥାପନ ପାଇଁ ଆବଶ୍ୟକ ଜମି, ଜଳସେଚନ ନିମନ୍ତେ ଆବଶ୍ୟକ ଜମି ପ୍ରଭୃତି ନିମନ୍ତେ ରହିଥିବା ସମସ୍ୟା ର ସମାଧାନ ପାଇଁ ପଦକ୍ଷେପ ସହ ପଟ୍ଟା ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଉଲ୍ଲେଖ କରିଥିଲେ।

## ନାରାୟଣପୁରକୁ ବ୍ଲକ ମାନ୍ୟତା ଲାଗି ରାଜସ୍ୱ ମନ୍ତ୍ରୀ ଓ ସାଂସଦଙ୍କୁ ଦାବିପତ୍ର

**ସୋନପୁର,୧।୩(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଅନ୍ତର୍ଗତ ସର୍ବବୃହତ୍ ନାରାୟଣପୁର ଗ୍ରାମ ତଥା ଏହାର ଆଖପାଖ ପଞ୍ଚାୟତଗୁଡିକୁ ନେଇ ନାରାୟଣପୁର ବ୍ଲକ ଘୋଷଣା କରିବାକୁ ଦାବି ହେଉଛି। ଏନେଇ ଅଞ୍ଚଳବାସୀଙ୍କ ଏକ ପ୍ରତନିଧି ଦଳ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବଲାଙ୍ଗୀର ସାଂସଦ ସଂଗୀତ ସିଂହଦେଓ ଉଭୟ ସୋନପୁର ଗସ୍ତରେ ଥିବା ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟରେ ଭେଟି ଏକ ଦାବି ପତ୍ର ଦେଇଛନ୍ତି। ଅଞ୍ଚଳବାସୀଙ୍କ ଦାବି ଯେ, ନାରାୟଣପୁର କୁ ଏକ ବ୍ଲକ ଘୋଷଣା କଲେ ଆଖପାଖ ଅଞ୍ଚଳର ବହୁ ପଞ୍ଚାୟତ ଯଥା ନାରାୟଣପୁର,ବଲାଡି,ପାଇକଓ୍ୱାହାଲ,ଖାରୀ,ପୁଆ,ଜରାଜାରିଙ୍ଗ, ରାଣୀସର୍ଡା,ମେଣ୍ଡା,ଦଉଳପଦର, ରେଙ୍ଗାଲି,ଲିଛିପୁର,ଛକୋରମାଲ, ଖିରଜୁରା, ମଲ୍ଲିକମୁଣ୍ଡା ପଞ୍ଚାୟତର ଜନସାଧାରଣ ଉପକୃତ ହୋଇପାରିବେ।ତା' ସହ ନାରାୟଣପୁରରେ ସ୍କୁଲ, କଲେଜ ହସ୍ପିଟାଲ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ରହିଛି। ଏଠାରେ ବ୍ଲକ ସ୍ଥାପନ ହେଲେ ଅଞ୍ଚଳର ସାମଗ୍ରିକ ବିକାଶ ହୋଇପାରିବ। ବହୁ ଦିନରୁ ଏହି ଦାବି ହୋଇ ଆସୁଥିଲେ ହେଁ ସରକାରଙ୍କ ପକ୍ଷରୁ ବ୍ଲକ ଘୋଷଣା ହୋଇ ନାହିଁ। ତେଣୁ ନାରାୟଣପୁର ଠାରେ ବ୍ଲକ ସ୍ଥାପନ କରାଯିବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ରାମେଶ୍ୱର ପଧାନ, ସୌମିତ୍ରୀ କର୍ମ, ପ୍ରେମାନନ୍ଦ ମିଶ୍ର, ସନ୍ତୋଷ କୁମାର ପଧାନ, ରାମକୃଷ୍ଣ ବଡିଆ,ଲବ ଓ୍ୱାଗ, ଘନଶ୍ୟାମ ଚାଉଳିଆ, ଜିତେନ୍ଦ୍ର ତ୍ରିପାଠୀ, ଅଭିରାମ ଘିବେଲା, ରାଜକୁମାର କର୍ମୀ ପ୍ରମୁଖ ସାମିଲ ହୋଇଥିଲେ।

## ସ୍ୱର୍ଣ୍ଣଚୂଡ଼ ମହୋତ୍ସବର ପ୍ରସ୍ତୁତି ବୈଠକ



**ନୀଳଗିରି,୧।୩(ସଂଚାର ବ୍ୟୁରୋ):** ନୀଳଗିରି ତଥା ବାଲେଶ୍ୱର ଜିଲ୍ଲାର ସର୍ବ ବୃହତ ମହୋତ୍ସବ ସ୍ୱର୍ଣ୍ଣଚୁଡ଼ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଗତ ୨୮ ରିଖ ସୁକ୍ରବାର ସନ୍ଧାରେ ନୀଳଗିରି ପୋଷ୍ଟ ଅଫିସ ପଛପାଖରେ ମହୋତ୍ସବ କାର୍ଯ୍ୟାଳୟ ପରିସରରେ ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୋତ୍ସବ କେମିତି ସୁଚାରୁ ରୂପେ ସଂପାଦନ ହୋଇପାରିବ ସେ ଦିଗରେ ବିସ୍ତୃତ ଆଲୋଚନା ସହ ମହିଳା ମାନଙ୍କ ଦ୍ୱାରା ଝୁଟି ପ୍ରତିଯୋଗିତା, ଅନ୍ୟାନ୍ୟ ବହୁବିଧ କାର୍ଯ୍ୟକ୍ରମ ହେବା ନେଇ ଦିନ ନିର୍ଧାରଣ ହୋଇଥଲା ଏବଂ ବିଭିନ୍ନ ଦାୟିତ୍ୱ ବଣ୍ଟନ ହୋଇଥିଲା। ମାର୍ଚ ତା ୧୨, ୧୩, ୧୪, ୧୫ ଏବଂ ୧୬ରିଖ ରେ ପାଳନ କରାଯିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ସନ୍ଧ୍ୟା ମାନଙ୍କରେ ବିଭିନ୍ନ ବଲିଉଡ ଏବଂ ଓଲିଉଡ ନାମୀଦାମୀ କଳାକାରଙ୍କ ନୃତ୍ୟ, ସଙ୍ଗୀତ ହାସ୍ୟ ଅଭିନେତା ଏବଂ ସିନେଜଗତର ଅଭିନେତା ଅଭିନେତ୍ରୀ ମାନଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରିବାର ନିଷ୍ପତି ନିଆଯାଇଛି। ତୃତୀୟ ବର୍ଷ ସ୍ୱର୍ଣ୍ଣଚୁଡ଼ ଯୁବ ମହୋତ୍ସବ ହଜାରେରୁ ଅଧିକ ସଦସ୍ୟ/ସଦସ୍ୟାଙ୍କୁ ନେଇ କାର୍ଯ୍ୟକ୍ରମ କରିବ ବୋଲି ଶ୍ରୀ ମହାପାତ୍ର ଉଲ୍ଲେଖ କରିଛନ୍ତି। ଏହି ବୈଠକରେ ଅନୁଷ୍ଠାନ ର ସଦସ୍ୟ ବିଦ୍ୟାଧର ଖଟୁଆ, ରାମଚନ୍ଦ୍ର ଦାସ , ସତ୍ୟନାରାୟଣ ମହାପାତ୍ର, ପ୍ରତାପ ସେଠୀ, ରମେଶ ପାତ୍ର, ଭାସ୍କର ବିଶ୍ୱାଳ, ମାନସ ମହାପାତ୍ର , ସନ୍ତୋଷ ସମୁଦ୍ର, ରାଜେନ୍ଦ୍ର ପାତ୍ର, ଦେବାଶିଷ ଦାସ, ଜଗନ୍ ରାଉତ, ଦେବାଶିଷ ଜେନା, ଦୟାନିଧି ପ୍ରଧାନ, ତୁଷାର ଦାସ, ନିଗମ ରାଉତ, ଚିନ୍ମୟ ଶରଣ ରାଉତ ଏବଂ ସମସ୍ତ ସଦସ୍ୟମାନଙ୍କ ଉପସ୍ଥିତି ରେ କିଭଳି ଭାବେ ମହୋତ୍ସବକୁ ସୁନ୍ଦର ଏବଂ ସୁଚାରୁ ରୂପେ ପାଳନ କରାଯିବ ସେବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା ।

## ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗରେ ବୃତ୍ତିଗତ କର୍ମଶାଳା




**ଖଲ୍ଲିକୋଟ,୧।୩(ସଂଚାର ବ୍ୟୁରୋ):** ଏକକ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ବୃତ୍ତିଗତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନସେଲ ଜିନୋମସ ଲିମିଟେଡ଼ର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଡବ୍ଲୁ. ଭି. ଜି. ପ୍ରସାଦ ଛାତ୍ରଛାତ୍ରୀ ମାନଙ୍କ ବୃତ୍ତିଗତ ସମ୍ଭାବନା ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଭାବରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗର ଉପନିର୍ଦ୍ଦେଶକ ଶ୍ରୀ ଭି. ଭି. ରାମାରାଓ, ବ୍ରହ୍ମପୁର ଆଇଜର ର ପ୍ରଫେସର ଜୋଜ ସେବାଷ୍ଟିଆନ, ଜିଲ୍ଲା ଶିଳ୍ପ କେନ୍ଦ୍ରର ଶ୍ରୀ ପ୍ରିୟାଂଶୁ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉଦ୍ଭିଦ ବିଜ୍ଞାନ ପାଠ୍ୟକ୍ରମ ସମାପ୍ତି ପରେ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ବିବିଧ ସୁଯୋଗ ରହିଥିବା ସମ୍ପର୍କରେ କହିଥିଲେ । ବିଭାଗ ମୁଖ୍ୟ ଡ. ଗୌତମ ସାବତ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ଡ. ସସ୍ମିତା କୁମାରୀ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଡ.ରଶ୍ମିତା ପାଢ଼ୀ, ଡ. ମିତ୍ରବିନ୍ଦା ପଣ୍ଡା, ଡ. ସସ୍ମିତା ପାଣିଗ୍ରାହୀ, ଡ. ପ୍ରମୋଦ କୁମାର ତ୍ରିପାଠୀ, ସୁଶ୍ରୀ ଅର୍ଚ୍ଚନା ପାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ବିଶ୍ୱବିଦ୍ୟାଳୟର ସାଂସ୍କୃତିକ ଦଳର ୟୁପି ଗସ୍ତ



**ବ୍ରହ୍ମପୁର,୧।୩(ସଂଚାର ବ୍ୟୁରୋ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏକ ୧୮ ଜଣିଆ ସାଂସ୍କୃତିକ ଦଳ ୟୁପି ଗସ୍ତ କରିଛନ୍ତି। ନୋଇଡା ଠାରେ ଥିବା ଆମିଟି ବିଶ୍ୱବିଦ୍ୟାଳୟରେ ଆସନ୍ତା ୩ ଠାରୁ ୭ ମାର୍ଚ୍ଚରେ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ ଜାତୀୟ ଯୁବ ମହୋତ୍ସବରେ ଯୋଗ ଦେବେ । ପ୍ରକାଶ ଥାଉ କି, ଗତ ଜାନୁୟାରୀ ମାସରେ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହୋତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦଳଗତ ଆଦିବାସୀ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ମହୋତ୍ସବକୁ ଚୟନ ହୋଇଥିଲେ । ବାଲିଗୁଡାର ଆଦିବାସୀ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ତରଫରୁ ଦଳଗତ ନୃତ୍ୟରେ ଥିବାବେଳେ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅନିଶା ଦେବୀ ମେହେନ୍ଦିରେ ପ୍ରତିଦ୍ୱନ୍ଦୀ ଭାବେ ଯୋଗ ଦେଉଛନ୍ତି। ଏଥିରେ ଟିମ ମେନେଜର ଭାବେ ଡ ମିହିର କୁମାର ତ୍ରିପାଠୀ ଏବଂ ଶୁଭସ୍ମିତା ସାହୁ ଯୋଗ ଦେଉଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ଯୁଗ୍ମ କୁଳସଚିବ ଡ ବାବୁଜି ସାମଲ, ଛାତ୍ର ସହ କୁଳସଚିବ ଡ ସରୋଜ କୁମାର ଦାଶ ଏବଂ ସାଂସ୍କୃତିକ ସଂଯୋଜିକା ଡ ସରିତା ଦାଶ ପ୍ରମୁଖ ସମସ୍ତ ଛାତ୍ର ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଭିନ୍ନକ୍ଷମ ନାବାଳିକାଙ୍କୁ ଅପହରଣ ଉଦ୍ୟମ ବିଫଳ, କାବୁକରି ପୁଲିସ ଜିମାଦେଲେ ଗ୍ରାମବାସୀ



**ଫିରିଙ୍ଗିଆ,୧।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଞ୍ଚଳରେ ଦିନକୁଦିନ ବିଭିନ୍ନ ପ୍ରକାର ଅପରାଧ ବଢ଼ିବାରେ ଲାଗିଥିବା ବେଳେ ଜଣେ ଦଶ ବର୍ଷର ମାନସିକ ଭିନ୍ନକ୍ଷମ ନାବାଳିକା କୁ ଅପହରଣ କରି ନେଉଥିବା ବେଳେ ଗ୍ରାମବାସୀ ଙ୍କ ହାତରେ ଅପହରଣ କାରି ଧରାପଡିବା ପରେ ଅଭିଯୁକ୍ତ କୁ ଗ୍ରାମବାସୀ ପୋଲିସ ର ଜିମା ଦେଇଛନ୍ତି । ଏହି ଘଟଣା ଏବେ ସାରା ଗୋଛାପଡା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ଏଭଳି ଅଭାବନୀୟ ଘଟଣା ଘଟିଛି ଗୋଛାପଡା ଥାନା ଅଧୀନରେ ଥିବା ପକାରୀ ଗାଁ ରେ । ସୂଚନା ଅନୁସାରେ ଏହି ପକାରୀ ଗାଁ ରେ ଜାଗର ଯାତ୍ରା ଚାଲିଥିବା ବେଳେ ନାବାଳିକା ଜଣକ ଯାତ୍ରା ଦେଖିବା ପାଇଁ ଆସିଥିଲେ । ଏହି ସମୟରେ ଦୁଇଜଣ ଯୁବକ ଏକ ପଲସର ବାଇକ ରେ ଆସି ସମ୍ପୃକ୍ତ ନାବାଳିକା ଙ୍କୁ ବାଇକ ରେ ବସାଇ ଫେରର ହୋଇଯାଇଥିଲେ । ନାବାଳିକା ଜଣକ ମଧ୍ୟ ଜଣେ ମାନସିକ ଭିନ୍ନକ୍ଷମ ହୋଇଥିବାରୁ କୌଣସି ପ୍ରତିବାଦ ନକରି ଅପହରଣ କାରି ମାନଙ୍କ ସହ ଚାଲିଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କଲାପରେ ମଧ୍ୟ ନାବାଳିକାର କୌଣସି ପତ୍ତା ପାଇନଥିଲେ। ପରେ ଶୁକ୍ରବାର ନାବାଳିକା ଜଣକ ଏହି ଗୋଛାପଡା ଥାନା ଅଧୀନରେ ଥିବା ପଳାବୃଡି ଅଞ୍ଚଳରେ ଥିବା ପରିବାର ଲୋକଙ୍କୁ ସୂଚନାମିଳିଥିଲା। ସୂଚନା ପାଇବା ପରେ ପକାରୀ ଅଂଚଳର ଜଣାଶୁଣା ସମାଜସେବୀ ବାବୁଲା କହଁର ଙ୍କ ସହ ପରିବାର ଲୋକେ ଓ ଅନ୍ୟକିଛି ଗ୍ରାମବାସୀ ପଳାବୃଡି କୁ ନାବାଳିକା ଙ୍କୁ ଖୋଜିବାକୁ ଯାଇଥିଲେ ।

## ଧଉଁରାଅଢ଼ା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ସମାରୋହ

**ସୁନ୍ଦରଗଡ,୧।୩(ସଂଚାର ବ୍ୟୁରୋ):** ଆଜି ଶନିବାର ଦିନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଧଉଁରାଅଢ଼ା ରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ବର୍ତ୍ତନକେଲା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପଟେଲ, ଶିକ୍ଷାବିତ ଅଶୋକ କୁମାର ମାଝୀ, ଅଶୋକ କୁମାର ପଟେଲ, ତରଣିସେନ ପଟେଲ, ଓ୍ୱାର୍ଡ ମେମ୍ବର ଆନନ୍ଦ କିଶାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆରତୀ ବାଗ, ମଙ୍ଗସପୁର ପ୍ରଧାନ ଶିକ୍ଷକ ଡିଲେଶ୍ୱର ଗର୍ଡିଆ, ଦଳଦଳି ପ୍ରଧାନ ଶିକ୍ଷକ ସୁଜିତ କୁମାର ପଟେଲ,ମଙ୍ଗସପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଡିଲେଶ୍ୱର ଜୟପୁରିଆ, ରାଜନ କୁମାର ପଟେଲ ଉପସ୍ଥିତ ଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ଶିକ୍ଷୟିତ୍ରୀ ଡଲି ନାଏକ ବିଦ୍ୟାଳୟ ବିବରଣୀ ପଠନ କରିଥିଲେ । ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ଜଳନ କରିବା ପରେ ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଭାପତି ବିଦ୍ୟାଳୟର ବିଭିନ୍ନ ଅସୁବିଧା ଗୁଡ଼ିକର ସହଯୋଗ କରିବା ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀ ସିଂ ଙ୍କ ବକ୍ତବ୍ୟରେ ଶିକ୍ଷା ଏକ ଦିବ୍ୟ ଆଲୋକ ଯାହାକି, ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ମଣିଷକୁ ଜ୍ଞାନର ଆଲୋକରେ ଆଲୋକିତ କରି ଏକ ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଦାନ କରେ । ମୂଳଦୁଆ ଟାଣ ନ ଥିଲେ କୋଠା ଘର ଭୁଷୁଡି ପଡିବା ପରି ପ୍ରାଥମିକ ଶିକ୍ଷା ଦୃଢ଼ ନ ହେଲେ ମଣିଷର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱର ପରିପ୍ରକାଶ ସମ୍ଭବ ନୁହେଁ । ତେଣୁ ଶିଶୁଟିର ସମ୍ପୂର୍ଣ ପରିପ୍ରକାଶ ନିମନ୍ତେ ମା ବାପାଙ୍କ ସହିତ ସମସ୍ତଙ୍କ ଦାୟିତ୍ୱ ଓ ଭାଗିଦାରୀ ରହିଛି ବୋଲି କହିଥିଲେ । ବିଦ୍ୟାଳୟରେ ଥିବା ଅସୁବିଧା ଗୁଡ଼ିକ ସହଯୋଗ କରିବା ପାଇଁ ପ୍ରତିଶୃତି ଦେଇଥିଲେ ।

## ବାଇକ୍ ଦୁର୍ଘଟଣାରେ, ଦୁଇ ଯୁବକ ଗୁରୁତର



**ଦାରିଙ୍ଗବାଡ଼ି,୧।୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଦେଇ ଯାଇଥିବା ସିମନବାଡ଼ିର ୫୯ନଂ ଜାତୀୟ ରାଜପଥର ବୁଲାଣିରେ ଏକ ବିରାଟକାୟ ଗଛକୁ ବାଇକ୍ ଧକ୍କା ଦେଇ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ହେଲେ କିରିକୁଟି ପଞ୍ଚାୟତ ଆଦିବାସୀ ଗ୍ରାମର ଟାଏସନ ପ୍ରଧାନ (୨୭) ଓ ତଜରବାଡ଼ି ଗ୍ରାମର କିଲିଆନ ପ୍ରଧାନ (୧୯)। ସେମାନଙ୍କୁ ସ୍ଥାନୀୟ ଲୋକ ଓ ପୋଲିସ ସହାୟତରେ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ୍ନ ଥିବାରୁ ଦୁହିଁଙ୍କୁ ଅନ୍ୟତ୍ର ଚିକିତ୍ସା ପାଇଁ ଯିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ପ୍ରକାଶ ଯେ, ଦୁହେଁ ମିଶି ଏକ ବାଇକ୍ ଯୋଗେ ଦାରିଙ୍ଗବାଡ଼ିରୁ ନିଜ ଗାଁକୁ ଯିବା ବେଳେ ସିମନବାଡି ଛକ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ଗଛ ସହ ଧକ୍କା ହୋଇଥିଲା।

## ଦ୍ୱିତୀୟ ମା' ଭୁବାସିନୀ ମହୋତ୍ସବ ଉଦଘାଟିତ

**ବାଲିପାଟଣା,୧।୩(ସଂଚାର ବ୍ୟୁରୋ):** କୁଳନ୍ତିରା ଗ୍ରାମବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗ ଓ ମା' ଭୁବାସିନୀ ଚାରିଟେବୁଲ୍ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ସହାୟତାରେ ଆଜି ୨ୟ ମା' ଭୁବାସୀନି ମହୋତ୍ସବ-୨୦୨୫ ଉଦଘାଟିତ ହୋଇଯାଇଛି। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଭୁବାସିନୀ ଙ୍କ ଅପାର ମହିମା, କିମ୍ବଦନ୍ତୀକୁ ଉଜ୍ଜୀବିତ କରି ରଖିବା ସହ ମା' ଙ୍କ ପୀଠର ପ୍ରଚାର ପ୍ରସାର ନିମନ୍ତେ ୨ଦିନ ଧରି ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଟ୍ରଷ୍ଟ ର ଅଧକ୍ଷ ପ୍ରିୟଞ୍ଜନ ଭୋଳ ଅଭିଭାଷଣରେ କହିଛନ୍ତି। ଏହି କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସିଦ୍ଧି ବିନାୟକ ଚାରିଟେବୁଲ୍ ଟ୍ରଷ୍ଟ ର ଅଧକ୍ଷ ସତ୍ୟପ୍ରିୟ ବେହେରା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରୀତିପ୍ରତିଭା ଭୋଳ, ସମ୍ମାନିତ ଅତିଥି ଭାବେ ବିଦୁସ୍ମିତା ମନ୍ତ୍ରୀ,ପ୍ରତିଭା ପଣ୍ଡା, ନୃପତି ତ୍ରିପାଠୀ, ସାରଦା ପ୍ରସନ୍ନ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।ଉଦ୍ଘାଟନୀ ସନ୍ଧ୍ୟାରେ ଗ୍ରାମର କୁନି କୁନି ନୃତ୍ୟଶିଳ୍ପୀ ଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯିବା ସହ ମେଲୋଡି କାର୍ଯ୍ୟକ୍ରମ କରାଯାଇଥିଲା।




## ସ୍କୁଲରେ ଅଚାନକ ପହଞ୍ଚିଲେ ବ୍ଲକ ଶିକ୍ଷାଧିକାରୀ, ତ୍ୱରିତ କାର୍ଯ୍ୟାନୁଷ୍ଠାନରେ ଶିକ୍ଷକଙ୍କ ଦରମା ବନ୍ଦ



**ଚଣ୍ଡିଖୋଲ,୧।୩(ସଂଚାର ବ୍ୟୁରୋ):** ବିଦ୍ୟାଳୟ ରେ ଅଚାନକ ପହଞ୍ଚିଲେ ବ୍ଲକ ଶିକ୍ଷାଧିକାରୀ ଶିକ୍ଷକଙ୍କ ଦରମା ବନ୍ଦ କଲେ ବ୍ଲକ ଶିକ୍ଷାଧିକାରୀ। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକରେ ଥିବା କେଶର ପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଖଟୁଆପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ବଡ଼ଚଣା ବ୍ଲକ ଶିକ୍ଷାଧିକାରୀ ଅଚାନକ ପରିଦର୍ଶନ କରିଥିଲେ। ସ୍କୁଲରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ପାଇଥିଲେ, ବିଦ୍ୟାଳୟରେ ଶିକ୍ଷକ ନଥିବା ବେଳେ ଛାତ୍ର ଛାତ୍ରୀ ମାନେ ଅନୁପସ୍ଥିତ ରହିଥିଲେ। ମଧ୍ୟାହ୍ନ ଭୋଜନ ହେଉ ନଥିବା ବେଳେ ଶିକ୍ଷାର ମାନ ହ୍ରାସ ପାଇଛି। ଯେଉଥିପାଇଁ ବ୍ଲକ ଶିକ୍ଷାଧିକାରୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବ୍ଲକ ଶିକ୍ଷାଧିକାରୀ। ଦୁଇ ବିଦ୍ୟାଳୟର ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ କହିଛନ୍ତି। ଅନ୍ୟ ଏକ ବିଦ୍ୟାଳୟକୁ ପରିଦର୍ଶନ କରି ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ବ୍ଲକ ଶିକ୍ଷାଧିକାରୀ।

## ୬୦ ଗୃହରକ୍ଷୀ ପଦ ପାଇଁ ୩ ହଜାର ଆବେଦନ

**କଳାହାଣ୍ଡି,୧।୩(ସଂଚାର ବ୍ୟୁରୋ):** ସଂପ୍ରତି କଳାହାଣ୍ଡି ଜିଲାରେ ୬୦ଟି ଗୃହରକ୍ଷୀ ପଦରେ ନିଯୁକ୍ତି ପାଇଁ ଆବେଦନ ପ୍ରକ୍ରିୟା ଚାଲିଛି। ଗତ ୧୫ ତାରିଖ ରୁ ଆରମ୍ଭ ହେଇଥିବା ଏହି ଆବେଦନ ପ୍ରକ୍ରିୟା ମାର୍ଚ୍ଚ ୧ ତାରିଖ ଯାଏଁ ଚାଲିବ। ସର୍ବନିମ୍ନ ପଞ୍ଚମ ପାସ କରିଥିବା ଏବଂ ଓଡ଼ିଆ ଲେଖି ପାରୁଥିବା ଯୁବକ ଏଥିପାଇଁ ଆବେଦନ କରିପାରିବେ। ବିଶେଷକରି କମ୍ପ୍ୟୁଟର, ଗାଡ଼ି ଚାଳକ, ବିଦ୍ୟୁତ ମିସ୍ତ୍ରୀ, ପାଇପ୍ ମିସ୍ତ୍ରୀ, ରୋଷେୟା, ବଢେଇ, ରାଜମିସ୍ତ୍ରୀ ଇତ୍ୟାଦି ଧନ୍ଦାମୂଳକ ଶିକ୍ଷାର ଉପଯୁକ୍ତ ପ୍ରମାଣପତ୍ର ସହିତ ଏ ସମସ୍ତ କାର୍ଯ୍ୟରେ ଜ୍ଞାନ, ଦକ୍ଷତା ଏବଂ ବ୍ୟବହାରିକ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ଚୟନ ପ୍ରକ୍ରିୟାରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, କଳାହାଣ୍ଡି ଜିଲାରେ ୨୦୧୮-୧୯ରେ ଶେଷଥର ପାଇଁ ଗୃହରକ୍ଷୀ ନିଯୁକ୍ତି ଦିଆଯାଇଥିଲା। ଭବାନୀପାଟଣା ଟାଉନ୍ ଥାନାରେ ୮ଟି, ସଦର ଥାନାରେ ୬, କେସିଙ୍ଗା ଥାନାରେ ୯, ନର୍ଲା ଥାନାରେ ୭.ଲାଞ୍ଜିଗଡ଼ ଥାନା ରେ ୩. ଜୁନାଗଡ଼ ଥାନା ରେ ୯, ଧର୍ମଗଡ଼ ଥାନାରେ ୮, ଗୋଲାମୁଣ୍ଡା ଥାନାରେ ୨, କେଗାଁ ଥାନାରେ ୯, କୋକସରା ଥାନାରେ ୧. ଜୟପାଟଣା ଥାନାରେ ୫ ଟି ଖାଲିଥିବା ପଦକୁ ମିଶାଇ ଜିଲାରେ ପ୍ରାୟ ୬୦ ଟି ଗୃହରକ୍ଷୀ ପଦ ଖାଲିଥିବା ଜଣାପଡ଼ିଛି।ନିଯୁକ୍ତି ପରେ ସେମାନଙ୍କୁ ସେବା ପ୍ରଦାନ କରିବା ଦିନ ଡ୍ୟୁଟି କଲ୍ ଭତ୍ତା ବା ଡିସିଏ ଭାବରେ ଦୈନିକ ୬୧୨ଟଙ୍କା ଦିଆଯିବ ବୋଲି ଏସ୍ପି ଅଭିଳାଶ ଜୀ ବିଭିନ୍ନ ଗଣ ମାଧ୍ୟମ କୁ ସୂଚନା ଦେଇଛନ୍ତି।

## ଖରା ଆରମ୍ଭରୁ ମାଲକାନଗିରିରେ ଜଳକଷ୍ଟ



**କୋରୁକୋଣ୍ଡା,୧।୩(ଶିବଦତ୍ତ ସାହୁ):** ଖରା ଆରମ୍ଭରୁ ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଇଛି ଜଳ ସଙ୍କଟ। ଦୀର୍ଘବର୍ଷ ହେଲା ବିଭିନ୍ନ ସ୍ଥାନରେ ଅଚଳ ହୋଇପଡିଛି ସୌର ପ୍ରକଳ୍ପ। ଗାଁରେ ଥିବା ୪ ନଳକୂପ ମଧ୍ୟରୁ ୨ ଅଚଳ ହୋଇପଡିଛି। ଅନ୍ୟ ଦୁଇଟି ନଳକୂପର ଉପରେ ଗ୍ରାମବାସୀ ନିର୍ଭରକରି ଚଳୁଛନ୍ତି। ହେଲେ ନଳକୂପରୁ ଆବଶ୍ୟକ ପାଣି ବାହାରୁ ନ ଥିବାରୁ ଗ୍ରାମବାସୀ ବହୁ ବସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ କନିଙ୍ଗୀ ଗ୍ରାମରେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ପ୍ରାୟ ୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଗାଁରେ ଅଚଳ ହୋଇ ପଡିଛି ସୌରାଚାଳିତ ଜଳ ପ୍ରକଳ୍ପ। ଗାଁ ଆଖ ପାଖରେ ପୋଖରୀ, ନଦୀ କିମ୍ବା ନାଳ ନାହିଁ। ଫଳରେ ଗାଁରେ ବାସ କରୁଥିବା ୬୦ରୁ ଉର୍ଦ୍ଧ୍ୱ ପରିବାର ଏବଂ ଗୋରୁ ଓ ଗୃହ ପାଳିତ ପ୍ରାଣୀ ପାଣି ମୁନ୍ଦାଏ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କ ନିକଟରେ ବହୁବାର ଅଭିଯୋଗ କରିଥିଲେ ବି କେହି ଶୁଣୁ ନ ଥିବା ଗ୍ରାମ ସଭାପତି ରତନ ଗୁଡିଆ, ମେମ୍ବର ବିନ ଗୁଡିଆ, ସୁବାସ ଖରା, ସମରା ଗୁଡିଆ, ରବି ଗଡିଆ, କିଶୋର ଗୁଡିଆ, ସୁରେଶ ଖରା, ଧନ ଗୁଡିଆ ସୁରେନ୍ଦ୍ର ଗୁଡିଆ ଓ ଭୀମ ଗୁଡିଆଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମ୍ପର୍କରେ ନାକାମାମୁଡି ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଗୁରୁଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପଟିକୁ ପୂର୍ବରୁ ଥରେ ସଜଡା ଯାଇଥିଲା। ବର୍ତ୍ତମାନ ଉକ୍ତ ପ୍ରକଳ୍ପଟିକୁ ମରାମତି କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ କହିବି ବୋଲି କହିଥିଲେ। ଏନେଇ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ବିଶ୍ୱାଳଙ୍କ ମୋବାଇଲ ନମ୍ବର-୭୯୭୮୦୨୬୪୦୨ରେ ଯୋଗାଯୋଗ କରାଯାଇଥିଲା। ସେ ନ ଉଠାଇବାରୁ ତାଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। ଏହି ସମ୍ପର୍କରେ କୋରୁକୋଣ୍ଡା ବିଡିଓ ଅମୂଲ୍ୟ ସାହୁଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପଟିକୁ ତୁରନ୍ତ ମରାମତି କରିବାକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ କହିଥିବା କହିଛନ୍ତି।

# କୃଷି କ୍ଷେତ୍ରକୁ ବିଷମୁକ୍ତ କରିବାକୁ ଆହ୍ୱାନ



**ରାୟଗଡ,୧।୩ (ସଂଚାର ବ୍ୟୁରୋ):** ରାୟଗଡ଼ ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ କ୍ଲଷ୍ଟର କମିନିଟି ହାଲଠାରେ, ଆଜି କୃଷି ବିଭାଗ ତରଫରୁ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ଅନେକ ଯୋଜନା ଚାଷୀ ଭାଇଙ୍କର ଉନ୍ନତି ନିମନ୍ତେ କାର୍ଯ୍ୟକାରୀ ହେଉଅଛି। ଏହି ଅବସରରେ ସିମଫେଡ଼ ରାୟଗଡ଼ଙ୍କ ଆନୁକୂଲ୍ୟରେ ଓ ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା ରାୟଗଡ଼ ଙ୍କ ସୌଜନ୍ୟରେ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି ଯୋଜନାରେ ଏକ ଦିବସୀୟ କର୍ମଶାଳା ମୁନିଗୁଡା ଗୋଷ୍ଠୀ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇ ଯାଇଅଛି। ବିଶେଷ ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ କରଙ୍କ ସଭାପତିତ୍ୱରେ ଓ ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସ ଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ବିଷମକଟକ ନିର୍ବାଚନ ମଣ୍ଡଳୀ ଶ୍ରୀଯୁକ୍ତ ନୀଳମାଧବ ହିକକା, ସମ୍ମାନିତ ଅତିଥି ଭାବେ ତହସିଲଦାର ମୁନିଗୁଡା ଶ୍ରୀମତୀ ଏମ୍ ଅନୁରାଧା, ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ସାହୁ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ତଥା ଆଇନଜିବୀ ବିଷମ କଟକ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ପଟ୍ଟନାୟକ ,କୃଷି ଜିଲ୍ଲା ଅଧିକାରୀ ମୁନିଗୁଡା ଶ୍ରୀଯୁକ୍ତ ଚିତ୍ତ ରଂଜନ ଶତପଥି, ବରିଷ୍ଠ ବୈଜ୍ଞାନିକ ତଥା କୃଷି ବିଜ୍ଞାନ କେନ୍ଦ୍ର ରାୟଗଡ଼ ମୁଖ୍ୟ ଡ. ସୁସ୍ମିତା ମହାନ୍ତି , ଗୋଷ୍ଠୀ କୃଷି ଅଧିକାରୀ ବିଷମ କଟକ ଓ ମୁନିଗୁଡା ଶ୍ରୀଯୁକ୍ତ ରାହୁଲ କୁମାର ନାୟକ ଓ ଶ୍ରୀଯୁକ୍ତ କାଳନ୍ଦୀ ପରିଡ଼ା,ସହକାରୀ ଉଦ୍ୟାନ ଅଧିକାରୀ ଶ୍ରୀମତୀ ପ୍ରଜ୍ଞା ପରିମିତା ବିଶ୍ୱାଳ,ପ୍ରାକ୍ତନ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ମଲ୍ଲିକ,ସମାଜସେବୀ ତଥା ଜୈବିକ କୃଷିବିତ୍ ଡ. ଗୌରାଙ୍ଗ ଚରଣ ରାଉତ, ଏ .ଜି .ଏମ୍ ସିମଫେଡ଼ ଦିଲ୍ଲୀ ସୁନିତ୍ ତୋମାର୍ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରଥମେ ଉଦ୍ଘାଟକ ତଥା ମୁଖ୍ୟ ଅତିଥି ପ୍ରଭୁ ଜଗନ୍ନାଥଙ୍କ ପଦାର ବିନ୍ଦରେ ପ୍ରଦୀପ ପ୍ରଜ୍ୱଳନ,ପୁଷ୍ପ ମାଲ୍ୟ ଅର୍ପଣ,ଧୂପ ପ୍ରଜ୍ୱଳନ ଓ ଶୁଭ ନାରିକେଳ ଭାଙ୍ଗି ସଭା ଉଦ୍‌ଘାଟନ କରିଥିଲେ। ଏହାପରେ ସଭାପତି ତଥା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟକ୍ରମର ରୂପରେଖ ବିଶେଶ ଭାବରେ ଏହି ଯୋଜନାରେ ଆମ ଜିଲ୍ଲା ରେ ହେଉଥିବା ବିଭିନ୍ନ ଜୈବିକ ଚାଷ,ଏହାର ଉପକାରିତା ଓ ଚାଷୀ ମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ଏହାପରେ ବଶିଷ୍ଠ ବୈଜ୍ଞାନିକ ହାଣ୍ଡିଖିତ, ପଞ୍ଚଗବ୍ୟ,ଗୋବର ଓ ଗୋମୂତ୍ର ପରିଚାଳନା ମାଧ୍ୟମରେ ମାଟିର ସୁରକ୍ଷା, ପରିବେଶ ସୁରକ୍ଷା ସହ ନିରୋଗ ରହିବା ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।ପରେ ପରେ ଗୋଷ୍ଠୀ କୃଷି ଅଧିକାରୀ ମୁନିଗୁଡା ଓ ବିଷମ କଟକ, ପ୍ରାକ୍ତନ ଜିଲ୍ଲା ମଙ୍ଗଳ ଅଧିକାରୀ, ସାଂସଦ ପ୍ରତିନିଧି ଓ ସମାଜ ସେବୀ ଜୈବିକ କୃଷି ମାଧ୍ୟମରେ ଏକ ସୁସ୍ଥ ନିରୋଗ ଓ ସବୁଜମୟ ପୃଥିବୀ ସୃଷ୍ଟି କରିବା ପାଇଁ ସଂକଳ୍ପ ବଦ୍ଧ ହେବା ସହ ବୃକ୍ଷ ରୋପଣ,ଜଙ୍ଗଲକୁ ନିଆଁ କବଳରୁ ରକ୍ଷା ଓ ଯିବେ ଦୟା ପ୍ରମୁଖ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ପରିଶେଷରେ ମୁଖ୍ୟ ଅତିଥି ମାଣ୍ଡିଆ ଚାଷ, ପାରମ୍ପରିକ କୃଷି ଓ ଜୈବିକ ସନ୍ତୁଳନ ରକ୍ଷା କରିବା ସହ ସରକାରଙ୍କର ବିଭିନ୍ନ ଯୋଜନା ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଉପସ୍ଥିତ ସାମ୍ବାଦିକଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଏହାସହ ବିଷମ କଟକ ଓ ମୁନିଗୁଡା ବ୍ଲକର ସାତଟି ପଞ୍ଚାୟତର ଚଉଦ ଜଣ ସି.ଆର. ପି ଓ ଏଲ୍. ଆର୍. ପି ଙ୍କୁ ଅତିଥିଙ୍କ ଦ୍ୱାରା ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପ୍ରମାଣ ପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନୀତ କରାଯାଇଥିଲା। ମୁଖ୍ୟ ଭାବେ ଆର୍. ସି.ଡ଼ି. ସି ଶ୍ରୀ ଅନ୍ନ ଅଭିଯାନ ମିଲେଟ୍ ମିଶନ ର ବ୍ଲକ୍ ସଂଯୋଜକ ଚୈତନ୍ୟ ପ୍ରଧାନଙ୍କ ଦ୍ୱାରା ମାଣ୍ଡିଆର ପ୍ରସ୍ତୁତ ଖାଦ୍ୟ ମେଳା ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।



# ଲେଖିକା, ପ୍ରଯୋଜିକା ରଚା !



କିଛି ବର୍ଷ ମଧ୍ୟରେ ଅଭିନେତ୍ରୀ ରଚା ଚଢ଼ାଙ୍କ ବ୍ୟକ୍ତିଗତ ଜୀବନରେ ଅନେକ ସୁଖଦ ଘଟଣା ଘଟିଯାଇଛି। ୨୦୨୨ ମସିହା ଶେଷ ଆଡ଼କୁ ଅଭିନେତା ତଥା ପ୍ରେମିକ ଅଲୀ ଫଜଲଙ୍କୁ ବିବାହ କରିବା ପରେ ଗତ ବର୍ଷ ଜୁଲାଇରେ ସେ ଏକ କନ୍ୟା ସନ୍ତାନର ମାଆ ହୋଇଛନ୍ତି। ମାଆ ହେବା ପରେ ତାଙ୍କ ଅଭିନୀତ କୌଣସି ଚଳଚ୍ଚିତ୍ର ମୁକ୍ତିଲାଭ କରିନଥିଲେ ହେଁ ସେ ସିନେମା ପ୍ରଯୋଜନା କ୍ଷେତ୍ରକୁ ପ୍ରବେଶ କରିଛନ୍ତି। ତାଙ୍କର ପ୍ରଥମ ପ୍ରଯୋଜିତ ସିନେମା 'ଗାର୍ଲସ ୱିଲ୍ ବି ଗାର୍ଲସ୍' ଗତ ବର୍ଷ ଶେଷରେ ଓଟିଟି ମଞ୍ଚରେ ମୁକ୍ତିଲାଭ କରିବା ପରେ ଚର୍ଚ୍ଚାରେ ରହିଛି। ଏହି ସଫଳତା ପରେ ସେ ଭାଲେଣ୍ଟାଇନ୍ସ ଡେ' ଅବସରରେ ଆଉ ଏକ ନୂଆ ପ୍ରକଳ୍ପ ସମ୍ପର୍କରେ ଘୋଷଣା କରିଛନ୍ତି। ତାହା ହେଉଛି 'ଆଖ୍‌ରି ସୋମବାର' ଶୀର୍ଷକ ହାସ୍ୟସରାତ୍ମକ ସିନେମା। ରଚା ଏହି ସିନେମାର ପ୍ରଯୋଜନା ଦାୟିତ୍ୱ ନେବା ସଙ୍ଗେ ସଙ୍ଗେ ଏଥିରେ ଅଭିନୟ କରିବେ ବୋଲି ଘୋଷଣା କରିଛନ୍ତି। କେବଳ ସେତିକି ନୁହେଁ, ସେ ଏହାର କାହାଣୀ ମଧ୍ୟ ରଚନା କରିଛନ୍ତି।

କୋଭିଡ୍ ମହାମାରୀ ସମୟରେ ରଚା ଏହି ଚଳଚ୍ଚିତ୍ରର କାହାଣୀ ଲେଖିଥିଲେ। ଏ କାହାଣୀର ମୁଖ୍ୟ ଚରିତ୍ର ଜଣେ ସଫଳ ରିଆଲିଟି ଟିଭି ପ୍ରଯୋଜିକା, ଯିଏ ସାମାଜିକ ଚାପରେ ପଡ଼ି ବିବାହ କରିବାକୁ ପାତ୍ର ଖୋଜୁଛନ୍ତି। ଏକ ମଧ୍ୟବିତ୍ତ ପଞ୍ଜାବୀ ପରିବାରରେ ବଡ଼ ହେବା ସମୟର ବ୍ୟକ୍ତିଗତ ଅଭିଜ୍ଞତାକୁ ଭିତ୍ତି କରି ସେ ଏହି କାହାଣୀ ଲେଖିଥିବାରୁ ଅନେକ ପରିବାର ଏହା ସହିତ ସାମଞ୍ଜସ୍ୟ ଥିବାର ଅନୁଭବ କରିବେ ବୋଲି ରଚା ଆଶା ରଖିଛନ୍ତି। ବଲିଉଡ୍‌ରେ ପାରିବାରିକ ସିନେମାର ଅଭାବକୁ ପୂରଣ କରି ଏଥିରୁ ବ୍ୟାବସାୟିକ ଲାଭ ଉଠାଇବା ଲାଗି ପ୍ରଯୋଜିକା ରଚା ଲକ୍ଷ୍ୟ ରଖିଥିବାବେଳେ ଏହା ଜରିଆରେ ନିଜର ହାସ୍ୟରସ ଦକ୍ଷତାକୁ ପୂର୍ଣ୍ଣ ରୂପେ ପ୍ରଦର୍ଶନ କରିବେ ବୋଲି ଅଭିନେତ୍ରୀ ରଚା ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ତେବେ ଏହି ସିନେମାର ନିର୍ଦ୍ଦେଶନା କିଏ ଦେବେ ରଚା ତାହା ପ୍ରକାଶ କରିନାହାନ୍ତି। ●

# ନାରୀବାଦର ପ୍ରତୀକ ପଦ୍ମ

ପଦ୍ମଫୁଲ ସୌନ୍ଦର୍ଯ୍ୟ, ପବିତ୍ରତା ତଥା କମନୀୟତାର ମୂଲ୍ୟବୋଧକୁ ନାରୀର ରୂପଲାବଣ୍ୟର ପ୍ରତୀକ ଭାବରେ ଗ୍ରହଣ କରାଯାଏ। ଏହି ପୁଷ୍ପ କୋମଳ ସୌନ୍ଦର୍ଯ୍ୟ 'ମଧୁର ବାସ୍ନା' ଭିତରେ ଏକ ବିରଳ ଐଶ୍ୱରିକ ଅଭିବ୍ୟକ୍ତି ଥାଏ। ୧୯୫୦ ମସିହା ଜାନୁଆରି ୨୬ ତାରିଖରେ ଭାରତୀୟ ସମ୍ବିଧାନ ସଭାରେ ପଦ୍ମକୁ ଜାତୀୟ ଫୁଲ ଭାବେ ସ୍ୱୀକୃତି ଦିଆଯାଇଛି।

ଦେବୀ ଦୁର୍ଗାଙ୍କୁ ରାମଚନ୍ଦ୍ର ଲକ୍ଷାଧିକ ପଦ୍ମ ଫୁଲରେ ପୂଜା କରି ଯୁଦ୍ଧ ଅଭିଯାନ ଆରମ୍ଭ କରିଥିଲେ। ମହାଲକ୍ଷ୍ମୀଙ୍କୁ 'କମଳିନୀ' ବୋଲି କୁହାଯାଏ ସେ ପଦ୍ମ ଉପରେ ବିରାଜମାନ କରନ୍ତି। ମାଣବସା ଗୁରୁବାରରେ ଉତ୍କଳୀୟ ନାରୀମାନେ ପଦ୍ମଫୁଲରେ ମହାଲକ୍ଷ୍ମୀଙ୍କର ପୂଜା କରିବା ସହିତ ଅମାର, ଅଗଣା ଓ ପୂଜାଘରେ ଲକ୍ଷ୍ମୀପାଦ ସହ ପଦ୍ମର ଚିତା ପକେଇଥାନ୍ତି ଏବଂ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ହାତରେ ପଦ୍ମଫୁଲ ଶୋଭା ପାଉଥାଏ। ମାଆ ଦୁର୍ଗାଙ୍କ ବେକରେ ମଧ୍ୟ ପଦ୍ମଫୁଲର ମାଳା ଶୋଭାପାଏ। ନାରୀ ଜୀବନରେ ପବିତ୍ରତାର ପରିପୂରକ ତଥା ସମର୍ପିତ ସ୍ୱରୂପ ଭାବେ ପଦ୍ମ ଉଭା ହୋଇଥାଏ। ନାରୀ ତନୁର ପ୍ରତୀକାତ୍ମକ ପ୍ରତୀକ ଭାବେ ମଧ୍ୟ ପଦ୍ମ ପ୍ରତିଫଳିତ ହୋଇଥାଏ। କେତେକ ଶାସ୍ତ୍ରାନୁସାରେ, ସ୍ୱଭାବ ଅନୁସାରେ ନାରୀଙ୍କୁ ଚାରିଟି ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି। ପଦ୍ମିନୀ, ଶଙ୍ଖିନୀ, ହଂସିନୀ ଓ ଚିତ୍ରିଣୀ ନାରୀଙ୍କ ମଧ୍ୟରେ ପଦ୍ମିନୀ ନାରୀମାନେ ସବୁଠୁ ଉତ୍ତମ ନାରୀ ଭାବରେ ଗଣା ହୁଅନ୍ତି। ଉଦ୍ଭିଦବିଜ୍ଞାନୀମାନେ ପଦ୍ମଫୁଲକୁ 'ନେଲୁମ୍ବୋ ନ୍ୟୁସିଫେରା' ନାମରେ ନାମିତ କରିଛନ୍ତି। ପଦ୍ମଫୁଲର ସମୃଦ୍ଧ ଇତିହାସ ଭାରତୀୟ ସଂସ୍କୃତି, ଐତିହ୍ୟ, ପରମ୍ପରା ସମେତ ଗଭୀର ଭାବେ ଜଡ଼ିତ। ଭାରତୀୟ ପୁରାଣ ଓ କିଂବଦନ୍ତିର ପୃଷ୍ଠଭୂମିରେ ମଧ୍ୟ ପଦ୍ମଫୁଲ ହଜାର ହଜାର ବର୍ଷ ଧରି ଆଧ୍ୟାତ୍ମିକ ଅଭିବୃଦ୍ଧି, ସମୃଦ୍ଧି ଓ ସୌନ୍ଦର୍ଯ୍ୟର ପ୍ରତୀକ ହୋଇ ରହିଆସିଛି। ତେବେ ପ୍ରଶ୍ନ ଉଠେ କାହିଁକି ଓ କେଉଁ ବିଶେଷତ୍ୱ ପାଇଁ ପଦ୍ମ ଭାରତର ଜାତୀୟ ଫୁଲ ଭାବରେ ମାନ୍ୟତାପ୍ରାପ୍ତ? ଆସନ୍ତୁ ଜାଣିବା ଏହାର ସମୃଦ୍ଧ ଇତିହାସ ଓ ମହତ୍ତ୍ୱ ବିଷୟରେ...





### ପ୍ରାଚୀନ ତତ୍ତ୍ୱ ଓ ପ୍ରତୀକବାଦ

ହିନ୍ଦୁ ପୁରାଣରେ ପଦ୍ମକୁ ସୃଷ୍ଟି ଓ ବ୍ରହ୍ମାଣ୍ଡର ଉତ୍ପତ୍ତି ସହ ଯୋଡ଼ାଯାଇଛି। କିଂବଦନ୍ତି ଅନୁସାରେ, ଦେବୀ ଲକ୍ଷ୍ମୀ ବିଷ୍ଣୁଙ୍କ ନାଭିରୁ ପଦ୍ମଫୁଲରେ ଉପବେଶନ କରି ବାହାରିଥିଲେ। ଏହା ଲକ୍ଷ୍ମୀଦେବୀଙ୍କ ସୌନ୍ଦର୍ଯ୍ୟ, ପବିତ୍ରତା ଓ ସମୃଦ୍ଧିର ପ୍ରତୀକ ଭାବେ ତାଙ୍କର ଭୂମିକାକୁ ସୂଚାଇଥାଏ। ପଦ୍ମ ମଧ୍ୟ ଜୀବନଯାତ୍ରାର ପ୍ରତିନିଧିତ୍ୱ କରେ। ପଦ୍ମର ଉତ୍ପତ୍ତି ଗଭୀର ପଙ୍କ କାଦୁଅରୁ ହୋଇଥାଏ। କିନ୍ତୁ ପଦ୍ମଫୁଲ ଜଳର ପୃଷ୍ଠ ଉପରେ ଅତି ସୁନ୍ଦର ଓ ସୁବାସିତ ରୂପରେ ପ୍ରସ୍ଫୁଟିତ ହେବା ସହିତ ଏହା ଆଧ୍ୟାତ୍ମିକ ବୃଦ୍ଧି ଓ ଜ୍ଞାନର ମାନ୍ୟତା ପାଇଥାଏ। ନାରୀ ମାତୃତ୍ୱ ମହତ୍ତ୍ୱର ଆଧାର ଭାବେ ପଦ୍ମ ସମସ୍ତଙ୍କ ନିକଟରେ ଉଜ୍ଜୀବିତ ହୁଏ। 'ପଦ୍ମ' ଏହି ଗୂଢ଼ ତତ୍ତ୍ୱକୁ ସମସ୍ତେ ଜାଣିପାରିନ'ଥାନ୍ତି। ପଦ୍ମ ଜୀବଜଗତର ଦାର୍ଶନିକ ଚିନ୍ତା ଚେତନା ତଥା ସୌନ୍ଦର୍ଯ୍ୟର ସମନ୍ୱୟକୁ ଦର୍ଶାଇଥାଏ। ଭାରତୀୟ ସଂସ୍କୃତିରେ ପଦ୍ମ ହେଉଛି ଧାର୍ମିକ ସୀମାକୁ ଅତିକ୍ରମ କରୁଥିବା ଏକ ପବିତ୍ର ପ୍ରତୀକ। ସେଥିପାଇଁ ଏହା ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାରା ଓ ଜୈନ ସ୍ମାରକୀ ଆଦିରେ ଏକମାତ୍ର ଫୁଲ ଭାବେ ପଦ୍ମ-ଅନୁପ୍ରାଣିତ ସ୍ଥାପତ୍ୟ କଳା ଦେଖିବାକୁ ମିଳେ। ଭାରତର ଜାତୀୟ ଚିହ୍ନ ଅଶୋକ ଚକ୍ରରେ ପଦ୍ମର ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ଅନେକେ ହୁଏତ ଜାଣିନାହାନ୍ତି। ନାରୀମାନଙ୍କର ଏକାଧିକ ଶାରୀରିକ ସମସ୍ୟାରେ ପଦ୍ମଫୁଲର ବିଭିନ୍ନ ଅଂଶରୁ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ ହୋଇ ବ୍ୟବହାର କରାଯାଏ। ପଦ୍ମଫୁଲରେ ଅନେକ ଔଷଧୀୟ ଗୁଣ ରହିଥିବାରୁ ଏହାକୁ ପାରମ୍ପରିକ ଭାରତୀୟ ଔଷଧରେ ବ୍ୟବହାର କରାଯାଏ।

# ମହିଳାଙ୍କ ଫ୍ୟାସନ୍‌ରେ ଗିଙ୍ଗ୍‌ହମ୍

ଦିନକୁ ଦିନ ଫ୍ୟାସନ୍ ବଦଳିବାରେ ଲାଗିଛି। କେତେବେଳେ ଜିନ୍ସ ତ କେତେବେଳେ ଆସେସୋରିଜ୍‌କୁ ନେଇ ଷ୍ଟାଇଲ୍‌ରେ ପରିବର୍ତ୍ତନ ଆସୁଛି। ଏବେ ଫ୍ୟାସନ୍‌ପ୍ରେମୀ ଯୁବପିଢ଼ିଙ୍କ ପାଇଁ ଗିଙ୍ଗ୍‌ହମ୍ ଆଉଟ୍‌ଫିଟ୍ ପାଲଟିଛି ଆଖିଦୃଶିଆ ଷ୍ଟାଇଲ୍। ଏହା ସବୁ ସିଜନ୍‌ରେ ପିନ୍ଧିଲେ ଭଲ ଲାଗିବା ସହ କ୍ଲାସି ଲୁକ୍ ମଧ୍ୟ ଦେଇଥାଏ। ତେବେ ଏହାର ବଢୁଥିବା ଡିମାଣ୍ଡକୁ ଆଖି ଆଗରେ ରଖି ବର୍ତ୍ତମାନ ମାର୍କେଟ୍‌ରେ ଗିଙ୍ଗ୍‌ହମ୍ ପ୍ରିଣ୍ଟର ଡ୍ରେସ୍‌ଠାରୁ ଆରମ୍ଭ କରି ଗୋଟେ ସାଇଡିଆ ବ୍ୟାଗ୍ ପର୍ଯ୍ୟନ୍ତ ସବୁର ଭେରାଇଟି ପାଇପାରିବେ। ଯଦି ଆପଣଙ୍କୁ ଚେକ୍ ଷ୍ଟାଇଲ୍‌ର ଡ୍ରେସ୍ ପିନ୍ଧିବାକୁ ବହୁତ ପସନ୍ଦ, ତେବେ ଗିଙ୍ଗ୍‌ହମ୍ ଫ୍ୟାସନ୍ ଟ୍ରାଏ କରନ୍ତୁ। ଏମିତିକି ଆପଣ ଯଦି ଏହାକୁ ଅଫିସ୍ ପାଇଁ ବ୍ୟବହାର କରୁଛନ୍ତି, ଏଥିରେ ଆପଣ କ୍ଲାସି ଲୁକ୍ ପାଇବେ। ନିତିଦିନିଆ ପୋଷାକ କିମ୍ବା ଅଫିସ୍ ପାଇଁ ଯଦି କିଛି ସିମ୍ପଲ୍ ଓ କମ୍ଫର୍ଟ ଲୁକ୍ ଦେଉଥିବା ପ୍ୟାଣ୍ଟ କିମ୍ବା ଲେଗିନ୍ସ ପିନ୍ଧିବାକୁ ଚାହୁଛନ୍ତି, ତେବେ ଗିଙ୍ଗ୍‌ହମ୍ ପ୍ରିଣ୍ଟ୍‌ର ପ୍ୟାଣ୍ଟ ଟ୍ରାଏ କରନ୍ତୁ। କଟନ୍ କିମ୍ବା ଉଲେନ୍ ମ୍ୟାଟେରିଆଲ୍‌ରେ ମଧ୍ୟ ଏହି ପ୍ରିଣ୍ଟ୍ ଉପଲବ୍ଧ। ତେବେ ସ୍ମାର୍ଟ ଦେଖାଯିବା ପାଇଁ ଏଥିରେ ଲଙ୍ଗ୍ ଜ୍ୟାକେଟ୍ କିମ୍ବା ସ୍ରଗ୍ ପିନ୍ଧି ପାରିବେ।

ଶୀତଦିନେ ଜ୍ୟାକେଟ୍ କ୍ୟାରି କରୁଥିଲେ ଥଣ୍ଡାରୁ ଉପଶମ ସହ ଷ୍ଟାଇଲିସ୍ ଲୁକ୍ ପାଇଁ ଗିଙ୍ଗ୍‌ହମ୍ ପ୍ରିଣ୍ଟର ଜ୍ୟାକେଟ୍ ଟ୍ରାଏ କରନ୍ତୁ। ଏହାର ହାଇ ଓ ମିଡିୟମ୍ ନେକ୍ ଜ୍ୟାକେଟ୍‌ଠାରୁ ଆରମ୍ଭ କରି ଲଙ୍ଗ୍ କୋର୍ଟ ମଧ୍ୟ ଉପଲବ୍ଧ। ନିଜ ଆଉଟ୍‌ଫିଟ୍‌ରେ ଗିଙ୍ଗ୍‌ହମ୍ ପ୍ରିଣ୍ଟ୍‌ର ଆସେସୋରିଜ୍ କ୍ୟାରି କରିବାକୁ ଚାହୁଁଥିଲେ ଗିଙ୍ଗ୍‌ହମ୍ ସ୍କାର୍ଫକୁ ପିନ୍ଧି ପାରିବେ। ଟି-ସାର୍ଟଠାରୁ ଆରମ୍ଭ କରି ଜ୍ୟାକେଟ୍ ପର୍ଯ୍ୟନ୍ତ ଏହି ସ୍କାର୍ଫ ଆପଣଙ୍କୁ କ୍ଲାସି ଲୁକ୍ ଦେବ। ଆଉଟିଂ ହେଉ କି ଅଫିସ୍ ଅବା ପାର୍ଟିରେ ୟୁନିକ୍ ଲୁକ୍ ପାଇଁ ଗିଙ୍ଗ୍‌ହମ୍ ପ୍ରିଣ୍ଟ୍‌ର ହ୍ୟାଣ୍ଡ୍ ବ୍ୟାଗ୍ କ୍ୟାରି କରିପାରିବେ। ଏହି ଷ୍ଟାଇଲ୍‌ର ଛୋଟ ହ୍ୟାଣ୍ଡ୍ ବ୍ୟାଗ୍‌ଠାରୁ ଆରମ୍ଭ କରି ଓଭର୍‌ସାଇଜ୍ ବ୍ୟାଗ୍ ଯାଏ ମାର୍କେଟରେ ଉପଲବ୍ଧ। ତେବେ ଧ୍ୟାନ ରଖନ୍ତୁ, ଗିଙ୍ଗ୍‌ହମ୍ ଆସେସୋରିଜ୍ କ୍ୟାରି କରୁଥିଲେ ଏହି ପ୍ରିଣ୍ଟ୍‌ର ଆଉଟ୍‌ଫିଟ୍ ବଦଳରେ ସିଙ୍ଗଲ୍ କଲର୍‌ର ଆଉଟ୍‌ଫିଟ୍ ପିନ୍ଧିଲେ ଅଧିକ ଆଖିଦୃଶିଆ ଲାଗିବ।



# ଇଂଜିନିୟର୍‌ରୁ ଫ୍ୟାସନ୍ ଡିଜାଇନର୍

ନିଶା ହେଉଛି ଫ୍ୟାସନ୍ ଡିଜାଇନିଂ, ହେଲେ ପେସା ହେଉଛି ଇଂଜିନିୟରିଂ। ଏ ଦୁଇଟି ଭିତରେ ସେ କାହାକୁ ବାଛିବେ ଭାବି ଦିନେ ଚିନ୍ତାରେ ଥିଲେ। ଶେଷରେ ନିଜର ଇଚ୍ଛାକୁ ସମ୍ମାନ ଜଣାଇ ଇଂଜିନିୟର୍ ଚାକିରି ଛାଡ଼ି ଫ୍ୟାସନ୍ ଡିଜାଇନିଂ କଲେ ଏବଂ ସଫଳ ହୋଇ 'ଲିଭା' ମିସ୍ ଡିଭା ଫ୍ୟାସନ୍ ଡିଜାଇନର୍ ୨୦୨୪ର ଫାଇନାଲ୍ ରାଉଣ୍ଡକୁ ଉନ୍ନୀତ ହେଲେ। ଏବେ ସେ ଜଣେ ସଫଳ ଫ୍ୟାସନ୍ ଡିଜାଇନର୍ ତଥା ଉଦ୍ୟୋଗୀ। ଏ କାହାଣୀ ହେଉଛି ୩୯ ବର୍ଷୀୟ କମ୍ପ୍ୟୁଟର ସାଇନ୍ସ ଇଂଜିନିୟର୍ ସୁପ୍ରିୟା ସିମ୍ପିଙ୍କର।

ସୁପ୍ରିୟା ପିଲାଟି ଦିନରୁ କଳା, ସଂସ୍କୃତି ଓ ହସ୍ତଶିଳ୍ପ ପ୍ରତି ଆଗ୍ରହୀ ଥିଲେ। କେଉଁ ଲୋକ କେଉଁ ପୋଷାକ କିମ୍ବା କେଉଁ ଗହଣା ପିନ୍ଧିଲେ ଅଧିକ ଆକର୍ଷଣୀୟ ଲାଗିବେ ସେ ନେଇ ତାଙ୍କର ବିଶେଷ ରୁଚି ଥିଲା। କିନ୍ତୁ କ୍ୟାରିୟର୍ ଦିଗରେ ଅଗ୍ରସର ହୋଇ ସେ ଇଂଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇଲେ। ଏହାପରେ ସେ ଏମ୍‌ବିଏ କୋର୍ସ କରି ଏକ କର୍ପୋରେଟ୍ ସେକ୍ଟର୍‌ରେ ପ୍ରଥମେ ମ୍ୟାନେଜ୍‌ମେଣ୍ଟ ଟ୍ରେନି ଏବଂ ପରେ ମ୍ୟାନେଜର୍ ଭାବେ ତିନି ବର୍ଷ ଚାକିରି କଲେ। ଚାକିରି କାଳରେ ତାଙ୍କୁ ଲାଗିଲା, ଯେପରି ଏହି କର୍ପୋରେଟ୍ ଜଗତ ହିଁ ତାଙ୍କ ଶେଷ ଜୀବନ ପର୍ଯ୍ୟନ୍ତ କର୍ମକ୍ଷେତ୍ର ଭାବେ ରହିଯିବ! କିନ୍ତୁ ଏହା ଭିତରୁ ବାହାରି ନିଜ ସ୍ୱପ୍ନ ତଥା ଇଚ୍ଛା ଅନୁସାରେ କିଛି କରିବାକୁ ଚାହୁଁଥିଲେ। ହେଲେ ଇଂଜିନିୟରିଂ ବୃତ୍ତିରୁ ଫ୍ୟାସନ୍ ଜଗତକୁ ଆସିବା ଏତେଟା ସହଜ ନୁହେଁ। ଖାସ୍ କରି ଏହି ପରିବର୍ତ୍ତନକୁ ପରିବାର ଲୋକ ଗ୍ରହଣ ନକରିବା ସବୁଠୁ ବେଶୀ କଷ୍ଟକର ବୋଲି କହନ୍ତି ସୁପ୍ରିୟା। "ମୋର ଅବଶିଷ୍ଟ ଜୀବନରେ ମୁଁ ମୋ ମନପସନ୍ଦର କାମ କରିବାକୁ ଚାହୁଁଥିଲି। ହେଲେ ମୋର ମାଆ ମୋ ନିଷ୍ପତ୍ତିକୁ ଘୋର ବିରୋଧ କରୁଥିଲେ। କାରଣ ଆମର ଏତେ ସ୍ୱଚ୍ଛଳ ପରିବାର ନଥିଲା। ମାଆ ଭାବୁଥିଲେ ଏହା ବହୁତ କଠିନ ପଥ। ଚାକିରି ଛାଡ଼ି ଏ କାମକୁ ଆପଣାଇଲେ ଆମ ଆର୍ଥିକ ଅବସ୍ଥା ସେତିକି ସ୍ୱଚ୍ଛଳ ରହିବ ନାହିଁ। କିନ୍ତୁ ମୁଁ ବି ଜାଣିଥିଲି ମୁଁ ଯେଉଁଠି ଅଛି ସେଠି ମଧ୍ୟ ମୋତେ ଆତ୍ମସନ୍ତୋଷ ମିଳିବ ନାହିଁ।" ଏଣୁ ଏ ଦିଗରେ ତାଙ୍କ ସ୍ୱାମୀ ତାଙ୍କୁ ସଂପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରଥମ ଦିନରୁ ହିଁ ସେ ତାଙ୍କ ପାଖେ ପାଖେ ରହି ତାଙ୍କ ପ୍ରତିଟି କାମରେ ସାଥ୍ ଦେଇ ତାଙ୍କୁ ସଫଳ କରିଥିଲେ ବୋଲି କହନ୍ତି ସୁପ୍ରିୟା। ବର୍ତ୍ତମାନ ସୁପ୍ରିୟା ସଫଳତାର ସହିତ ନିଜ ଫ୍ୟାସନ୍ ବ୍ରାଣ୍ଡ 'ଅରୁଲ'ର ପ୍ରତିଷ୍ଠାତା ହୋଇପାରିଛନ୍ତି। ସେ ତାଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବା ସହିତ ନିଶାକୁ ପେସାରେ ବଦଳାଇବାରେ ସକ୍ଷମ ହୋଇପାରିଛନ୍ତି। ଲିଭା ମିସ୍ ଡିଭା ଫ୍ୟାସନ୍ ଡିଜାଇନର୍ ୨୦୨୪ ପ୍ରତିଯୋଗିତାରେ ଶୀର୍ଷ ୨୦ଜଣଙ୍କ ଭିତରେ ସ୍ଥାନ ପାଇବା ନିହାତି ତାଙ୍କ ପାଇଁ ସଫଳତାର ଏକ ମାଇଲ୍‌ଖୁଣ୍ଟ ବୋଲି କହନ୍ତି ସୁପ୍ରିୟା। ଏହି ସଫଳତା ମାଧ୍ୟମରେ ସେ ଏକ ବଡ଼ ପ୍ଲାଟ୍‌ଫର୍ମ ପାଇଛନ୍ତି। ଲୋକଙ୍କ ପାଖରେ ନିଜର ଦକ୍ଷତା ଦେଖାଇବାର ସୁଯୋଗ ପାଇବା ସହିତ ଫ୍ୟାସନ୍ ଶିଳ୍ପରେ ନିଜ ବ୍ରାଣ୍ଡ୍‌ର ପରିଚିତି ସୃଷ୍ଟି କରିବା ଏବଂ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିବାର ଆଶା ରଖିଛନ୍ତି ସେ। ସୁପ୍ରିୟାଙ୍କ ଏହି ଯାତ୍ରା ଅନ୍ୟମାନଙ୍କ ସ୍ୱପ୍ନକୁ ଡେଣା ଦେବାପାଇଁ ଏକ ପ୍ରକୃଷ୍ଟ ଉଦାହରଣ କହିଲେ କିଛି ଭୁଲ୍ ହେବନାହିଁ। କାରଣ କମ୍ପ୍ୟୁଟର୍‌ର ଆକ୍ଷରିକ କୋଡିଂ ଭାଷାକୁ ଛାଡ଼ି ଡିଜାଇନ୍ ତଥା ଫ୍ୟାସନ୍‌ମନସ୍କ ହେବା ଏତେ ସହଜ କଥା ନୁହେଁ।



SANCHAR ସଂଚାର

### କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଦହିବରା ଆଳୁଦମ ଦିବସ ପାଳିତ

# ବ୍ୟାପକ ହେବ ଦହିବରା ଆଳୁଦମକୁ ଜିଆଇ ଟ୍ୟାଗ ଦାବି



**କଟକ,୧।୩(ସଂଚାର ବ୍ୟୁରୋ):** ଆଳୁଦମ ଦହିବରା କେବଳ ଖାଦ୍ୟ ନୁହେଁ, ଏହା ଏକ ଆବେଗ । କଟକର ସ୍ଥାନୀୟ ଖାଦ୍ୟ ଭାବେ ଆରମ୍ଭ ହୋଇଥିବା ନିଆରା ଦହିବରା ଆଳୁଦମ ସମୟକ୍ରମେ କଟକର ସାଂସ୍କୃତିକ ପରିଚୟ ପାଲଟିଯିବା ସହ ଖାଦ୍ୟପ୍ରେମୀମାନଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି । ଏହାର ପ୍ରସ୍ତୁତି ଶୈଳୀରେ ରହିଛି ଓଡ଼ିଆ ପରମ୍ପରା ଓ ସ୍ୱାଦର ସ୍ୱର୍ଗୀୟ ଅନୁଭବ ଯାହା ଖାଦ୍ୟପ୍ରେମୀଙ୍କୁ କରେ ମନ୍ତ୍ରମୁଗ୍ଧ । କଟକ ସବୁ ପିଢୀର ଲୋକଙ୍କୁ ପସନ୍ଦ ଆସୁଥିବା ଏହି ଖାଦ୍ୟ ଏକ ନିତିଦିନିଆ ଆରାମଦାୟକ ଖାଦ୍ୟରେ ପରିଣତ ହୋଇଛି। ଏହି ପରମ୍ପରାକୁ ସମ୍ମାନ ଜଣାଇ ମାର୍ଚ୍ଚ ୧ ତାରିଖରେ ଆରମ୍ଭ କରାଯାଇଛି ଦହିବରା ଆଳୁଦମ୍ ଦିବସ । ପ୍ରତିବର୍ଷ ମାର୍ଚ୍ଚ ୧ ତାରିଖକୁ ଦହିବରା ଦିବସ ଭାବେ ପାଳନ କରାଯିବାକୁ ସ୍ଥିର କରାଯାଇଛି। କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସିଲଭର ସିଟି ବୋଟ କ୍ଲବଠାରେ ଆୟୋଜିତ ଦହିବରା ଉତ୍ସବରେ କଟକ ମହାନଗର ନିଗମ ମେୟର ଶ୍ରୀ ସୁବାସ ଚନ୍ଦ୍ର ସିଂହ ଯୋଗ ଦେଇ ଦହିବରା ଆଳୁଦମ ପ୍ରତ୍ୟେକ କଟକିଆଙ୍କ ପ୍ରିୟ ଖାଦ୍ୟ ବୋଲି କହିଥିଲେ । ଯିଏ ଯେଉଁଠି ଥାଉ ନା କାହିଁକି କଟକକୁ ଆସିଲେ ପ୍ରଥମେ ଦହିବରା ଆଳୁଦମ ହିଁ ଖୋଜିଥାଏ । ଦହିବରା ଏବେ କେବଳ କଟକରେ ସିମୀତ ହୋଇ ରହିନାହିଁ ଏହା ଦେଶ ବିଦେଶରେ ମଧ୍ୟ ନାଁ କରିସାରିଲାଣି । ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋସ ଦହିବରାକୁ କଟକର ଅନ୍ୟତମ ପରିଚୟ ବୋଲି ଅଭିହିତ କରି ଏହି ଖାଦ୍ୟକୁ ଲୋକପ୍ରିୟ କରାଇବାରେ ହଦିବରା ବ୍ୟବସାୟୀମାନଙ୍କର ଭୂମିକାକୁ ପ୍ରଶଂସା କରିଥିଲେ । ଦହିବରା ଆଳୁଦମକୁ ଜିଆଇ ଟ୍ୟାଗ ମିଳିବା ନିମନ୍ତେ ଉଦ୍ୟମ ଜାରି ରହିବ ବୋଲି ସେ କହିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି, ଅନନ୍ୟ ଦହିବରା ଆଳୁଦମକୁ ବିଶ୍ୱସ୍ତରୀୟ ମାନ୍ୟତା ଲକ୍ଷ୍ୟ ନେଇ ଜି ଆଇ ଟ୍ୟାଗ ମିଳିବା ନିମନ୍ତେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି । ଏହି ଖାଦ୍ୟକୁ ଆହୁରି ଜନାଦୃତ କରିବା ଲକ୍ଷ୍ୟ ନେଇ କଟକ ଦହିବରା ଆଳୁଦମ ଦିବସ ପାଳନ କରାଯାଉଥିବା ଶ୍ରୀ ଶିନ୍ଦେ ସ୍ୱାଗତ ଅଭିଭାଷଣରେ କହିଛନ୍ତି । କଟକ ମହାନଗର ନିଗମ କମିଶନର ଶ୍ରୀ ଅନାମ ଚରଣ ପାତ୍ର କଟକିଆଙ୍କ ପ୍ରାଣରେ ଦହିବରା ଆଳୁଦମର ବାସ୍ନା ଭରି ରହିଛି ବୋଲି କହିଛନ୍ତି । ଆଜି ଅନୁଷ୍ଠିତ ହହିବରା ଉତ୍ସବରେ କଟର ବିଭିନ୍ନ ଦହିବରା ବ୍ୟବସାୟୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇ ଷ୍ଟଲମାନ ଖୋଲିଥିଲେ । ଦହିବରା ଉତ୍ସବ ଅବସରରେ ସିଲଭର ସିଟି ବୋଟ କ୍ଲବଠାରେ କଟକର ବିଭିନ୍ନ ସ୍ଥାନରେ ମିଳୁଥିବା ପ୍ରସିଦ୍ଧ ଦହିବରା ବ୍ୟବସାୟୀମାନଙ୍କର ତାଲିକା, ସେଲଫି ଜୋନ୍, ଦହିବରାର ଖାଦ୍ୟ ଗୁଣବତା ଆଦି ପ୍ରଦର୍ଶିତ ହୋଇଥିଲା । ଦହିବରା ଦିବସ ଅବସରରେ ଆଳୁଦମଦହିବରା ଡଟ କମ୍ ନାମକ ଏକ ୱେବ ପେଜ୍ ମଧ୍ୟ ଉଦଘାଟିତ ହୋଇଯାଇଛି । ଏହି ୱେବ ପେଜରେ ଦହିବରା ଆଳୁଦମର ଇତିହାସ, ବିଭିନ୍ନ ସ୍ଥାନରେ ମିଳୁଥିବା ପ୍ରସିଦ୍ଧ ଦହିବରା ଆଳୁଦମ, ଦହିବରା ଆଳୁଦମର ସ୍ୱାସ୍ଥ୍ୟଗତ ଉପାଦେୟତା ଆଦି ସ୍ଥାନ ପାଇଛି। କାର୍ଯ୍ୟକ୍ରମ ଅବସରରେ ପ୍ରସିଦ୍ଧ ଦହିବରା ବ୍ୟବସାୟୀ ତ୍ରିନାଥ ଓ ବାବୁଲା, ଫୁଡ ବ୍ଲଗର ରୋହିତ ଶ୍ରୀବାସ୍ତବ ଏବଂ ଅଂଶଗ୍ରହଣ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋ ଧନ୍ୟବାଦ ଅର୍ପଣ କରିଥିଲେ । ଦହିବରା ଦିବସର ନୋଡାଲ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଡଃ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ କାର୍ଯ୍ୟ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ମୟୁରଭଞ୍ଜର ଯୋଗ୍ୟ ସନ୍ତାନ ଏବେ ଏୟାରଫୋର୍ସ ରାଜ୍ୟ ସଂଘ ସମ୍ପାଦକ



**ବୈଶିଙ୍ଗା,୧।୩(ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ତଥା ବୈଶିଙ୍ଗାର ଯୋଗ୍ୟ ସନ୍ତାନ ଅବସରପ୍ରାପ୍ତ ସ୍କ୍ୱାଡ୍ରନ ଲିଡର ଅତନୁ କୁମାର ପଣ୍ଡା ୧୩ ଫେବୃଆରୀ ୨୦୨୫ ରେ ଏୟାରଫୋର୍ସ ଏସୋସିଏସନ ଓଡ଼ିଶା ଶାଖାର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।ସେ ବୈଶିଙ୍ଗା ଗ୍ରାମର ୰ସୃଷ୍ଟିଧର ପଣ୍ଡା ଏବଂ ମାତା ଦିପ୍ତିମୟୀ ପଣ୍ଡା ଙ୍କର କନିଷ୍ଠ ପୁତ୍ର ଭାବେ ପରିଚିତ। ଏୟାର ଫୋର୍ସରେ ସେବା କରିବା ପରେ ସେ ଜୁନ୍ ୨୦୨୩ ରେ ସେ ସେବା ମୁକ୍ତ ହୋଇଥିଲେ। ତା'ପରେ, ସେ ଭୁବନେଶ୍ୱରରେ ବ୍ୟବସାୟ ପ୍ରଚାଳନ କରୁଛନ୍ତି, ଯେଉଁଠି ବ୍ୟବସାୟ ସହ ଏକ ସମାଜସେବା ସଂଗଠନ ମଧ୍ୟ ଚଲାଇ ଅନ୍ୟମାନଙ୍କୁ ରୋଜଗାର ସୃଷ୍ଟି କରାଇ ପାରିଛନ୍ତି। ଏୟାର ଫୋର୍ସରୁ ଅବସର ନେବା ପରେ, ସେ ଏକ ଲେଖକ ଭାବେ ମଧ୍ୟ ନିଜ ପରିଚୟ ସ୍ଥାପନ କରିଛନ୍ତି। ସ୍କ୍ୱାଡ୍ରନ ଲିଡର ଅତନୁ ପଣ୍ଡା ତାଙ୍କର ପ୍ରାଥମିକ ଶିକ୍ଷା ପରେ ତାଙ୍କ ଶିକ୍ଷା ଜୀବନ ଆରମ୍ଭ କରିଥିଲେ ବାଲେଶ୍ୱର ଟାଉନ୍ ହାଇ ସ୍କୁଲରେ। ଏହାପରେ ସେ ଏମପିସି ଓ ଏଫଏମ କଲେଜ୍ ରେ ଅଧ୍ୟୟନ କରିଥିଲେ। ତାଙ୍କ ଲକ୍ଷ୍ୟ ଓଡ଼ିଶାର ଅବସରପ୍ରାପ୍ତ ଏୟାର ଫୋର୍ସ ଯୋଦ୍ଧାମାନଙ୍କ ପାଇଁ ଏବଂ ଅବହେଳିତ ଯୁବବର୍ଗମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିବା। ତାଙ୍କ ଏହି ଦୃଢ଼ ସଂକଳ୍ପ ଏବଂ ପ୍ରୟାସ ଅନ୍ୟମାନଙ୍କ ପାଇଁ ପ୍ରେରଣାସ୍ୱରୂପ ପାଲଟିଛି। ମୟୁରଭଞ୍ଜର ଏହି ଯୋଗ୍ୟ ସନ୍ତାନ ଆଜି ରାଜ୍ୟର ଗୌରବ ତଥା ଅବଞ୍ଚିତ ଯୁବମାନଙ୍କ ପାଇଁ ଏକ ଅନୁପ୍ରେରଣା ପାଲଟିଛନ୍ତି। ଏହି ଉଦ୍ୟମରେ ଉତ୍ତରୋତ୍ତର ସଫଳତା ଲାଭ କରିବା ପାଇଁ ବୈଶିଙ୍ଗା ବାସୀ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ସେବଶ୍ରମରେ ଅନୁଷ୍ଠିତ ହେଲା ବିଦ୍ୟାଳୟର ବାର୍ଷିକ ଉତ୍ସବ।



**ଫିରିଙ୍ଗିଆ,୧।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଙ୍ଗାପଡା ଠାରେ ଥିବା ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଶେବାଶ୍ରମ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପ୍ରଧାନ ଙ୍କ ଅଧକ୍ଷୟତାରେ ଅନୁଷ୍ଠିତ ଏହି ଉତ୍ସବ ରେ ଫିରିଙ୍ଗିଆ ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟ ର ଅଧକ୍ଷ କୈଳାଶ ଚନ୍ଦ୍ର ସିଂ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅନୁଷ୍ଠାନିକ ଭାବରେ ଉତ୍ସବ କୁ ଉଦଘାଟନ କରିବା ସହ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଶୃଙ୍କଳା ଓ ସମୟାନୁ ବର୍ତ୍ତିତା ରହିଲେ ଛାତ୍ରଛାତ୍ରୀ ମାନେ ସମାଜର ମୁଖ୍ୟ ସ୍ରୋତରେ ପ୍ରତିଷ୍ଠିତ ହୋଇପାରିବେ ବୋଲି ଉଦବୋଧନ ଦେଇଥିଲେ । ସେପଟେ କାର୍ଯ୍ୟକ୍ରମ ରେ ଗୋଛାପଡା ଉଚ୍ଚବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିବା ବେଳେ କ୍ରାଣ୍ଡିବାଲି ସରପଞ୍ଚ ଲକ୍ଷ୍ମୀ କହଁର, କ୍ରାଣ୍ଡିବାଲି ପଞ୍ଚାୟତ ର ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ମଳିକ,ନାଏବ ସରପଞ୍ଚ ଦାମୋଦର କହଁର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାଗର ରଣା,ତଳପଡା ସେବଶ୍ରମ ର ପ୍ରଧାନ ଶେବକ ପ୍ରଭାକର ପ୍ରଧାନ,ଦରିସୁଗା ଶେବାଶ୍ରମ ର ପ୍ରଧାନ ଶେବକ ଗଞ୍ଜା କହଁର,ମୁସେଲିପାଙ୍ଗା ସେବାଶ୍ରମ ର ପ୍ରଧାନ ଶେବକ ଯତୀନ୍ଦ୍ର ପ୍ରସାଦ ରାଉତ,ସେସ୍କାଯୋଡି ସେବାଶ୍ରମ ର ପ୍ରଧାନ ଶେବକ ରମେଶ୍ୱର କହଁର,କମ୍ବାପଡା ସେବାଶ୍ରମ ର ପ୍ରଧାନ ଶେବକ ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ତେବେ କାର୍ଯ୍ୟକ୍ରମ ରେ ରାଇଗୁଡା ପ୍ରାଥମିକ ବିଦ୍ୟାଳୟ ର ସହକାରୀ ଶିକ୍ଷକ କୁଶ ନାଏକ ପରିଚାଳନା କରିଥିବା ବେଳେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ର ଉଦଯାପନୀ ଉତ୍ସବରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ତେଣେ କାର୍ଯ୍ୟକ୍ରମ କୁ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ସରୋଜିନୀ ନାଏକ,ସୁଚିତ୍ରା ମହାରଣା,ଶ୍ରଦ୍ଧାଞ୍ଜଳି ମହାରଣା ଓ ଶିକ୍ଷକ ଗୌତମ କହଁର ଙ୍କ ସହ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂଆଁ ମେଗା ଲିଫ୍ଟ ପଏଣ୍ଟ ସ୍ଥାପନ: ଜିଲ୍ଲାପାଳଙ୍କୁ ଚାଷୀଙ୍କ ଦାବୀ ପତ୍ର ପ୍ରଦାନ



**ସୁବର୍ଣ୍ଣପୁର,୧।୩(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ର ୩ ଗୋଟି ପଞ୍ଚାୟତ ର ୨୨ ଟି ଗ୍ରାମ କୁ ତେଲ ନଦୀ ରେ ମେଗା ଲିଫ୍ଟ ପଏଣ୍ଟ ମାଧ୍ୟମରେ ଋତୁ କାଳୀନ ଏକକ ଚାଷ ସୁନିଶ୍ଚିତ କରିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲାପାଳ ଙ୍କ ଠାରେ ଦାବୀ ପତ୍ର ପ୍ରଦାନ୍ କରଯାଇଛି । ମିଳିଥିବା ସୂଚନା ଅନୁସାରେ ତରଭା ବ୍ଲକ ର ୩ ଗୋଟି ସରଗଜ, ଦୁବୁଲା, ତୁଲୁଣ୍ଡା ପଞ୍ଚାୟତ ର ୨୨ ଖଣ୍ଡ ଗ୍ରାମ ହଜାର ରୁ ଉର୍ଦ୍ଧ୍ୱ ଚାଷୀ ଜଳ ସୋଚନ ର ସୁବିଧାରୁ ବଞ୍ଚିତ ରହିଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି । ତିନି ପଞ୍ଚାୟତ ଚାଷୀ ମାନଙ୍କ ସୁବିଧା ନେଇ ଦୀର୍ଘ କୋଡିଏ ଦିନ ଧରି ଚାଷୀ ନେତା ମିତ୍ର ବ୍ରତ ମିଶ୍ର, ସନ୍ତୋଷ ପଟ୍ଟନାୟକ ଓ ଅନ୍ୟ ଚାଷୀ ମାନେ ପଞ୍ଚାୟତ ର ପ୍ରତ୍ୟେକ ଗ୍ରାମ କୁ ଯାଇ ଦସ୍ତଖତ ସଂଗ୍ରହ ସହ ଚାଷ ସମ୍ପର୍କିତ ସମସ୍ୟା ଉପରେ ଆଲୋଚନା କରିଥିଲେ । ସମସ୍ତ ଗ୍ରାମ ର ଚାଷୀ ମାନଙ୍କର ଏକ ମାତ୍ର ସମସ୍ୟା ସମାଧାନ ନେଇ ଋତୁ କାଳୀନ ଚାଷ କାର୍ଯ୍ୟପାଇଁ ତେଲ ନଦୀ ରେ ଏକ ମେଗା ଲିଫ୍ଟ ପଏଣ୍ଟ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏକ ମାସ ତଳେ ଏ ଅଞ୍ଚଳର ଚାଷୀ ମାନେ ଜିଲ୍ଲାପାଳ ଙ୍କ ଠାରେ ଏକ ଦାବୀ ପତ୍ର ପ୍ରଦାନ କରି ଥିଲେ। ଏହି ଦାବୀ ପତ୍ର ପ୍ରଦାନ ପରେ ଜିଲ୍ଲା ପାଳ ଶ୍ରୀମତୀ ଦାସ ଙ୍କ ନିର୍ଦ୍ଦେଶ କ୍ରମେ ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ସମ୍ପୃକ୍ତ ଅଞ୍ଚଳ ର ରାଜସ୍ୱ ନୀରିକ୍ଷକ ଜଳ ସେଚନ ର ସମସ୍ୟା ନେଇ ରିପୋର୍ଟ ପାଇଁ ନିର୍ଦ୍ଦେଶ ଦେଇ ଥିଲେ । ଜିଲ୍ଲାପାଳ ତାଙ୍କ ପ୍ରତିଶୃତି ରକ୍ଷା କରିଥିବାରୁ ଗତ ଅଭିଯୋଗ ଶୁଣାଣି ଶିବିର ରେ ଚାଷୀ ନେତା ଶ୍ରୀ ମିଶ୍ର ଓ ସମ୍ପୃକ୍ତ ଅଞ୍ଚଳ ର ଶତାଧିକ ଚାଷୀ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଙ୍କୁ ସାଧୁ ବାଦ ଓ କୃତଜ୍ଞତା ଜଣାଇଥିଲେ । ଋତୁ କାଳୀନ ଚାଷ ପାଇଁ ତେଲ ନଦୀ ରେ ଶୀଘ୍ର ନୂତନ ଏକ ମେଗା ଲିଫ୍ଟ ପଏଣ୍ଟ ସ୍ଥାପନ କରିବା ନେଇ ସରଗଜ, ଦୁବୁଲା, ତୁଲୁଣ୍ଡା ଗ୍ରାମପଞ୍ଚାୟତ ର ସରଗଜ, ଚନ୍ଦନ ପାଲି, ବଘିଆ ମୁଣ୍ଡା, ତେନ୍ତୁଳୀଖୁଣ୍ଟି, ନକଟିକନା, ତେନ୍ତୁଳିଆ ମୁଣ୍ଡା ସମେତ ଅନେକ ଗ୍ରାମ ର ଚାଷୀ ମାନେପୁଣି ଥରେ ଜିଲ୍ଲାପାଳ ଙ୍କ ଠାରେ ଦାବୀ କରିଥିଲେ । ଚାଷୀ ନେତା ମିତ୍ରବ୍ରତ ମିଶ୍ର, ସନ୍ତୋଷ ପଟ୍ଟନାୟକ, ପବିତ୍ର ମିଶ୍ର,ତପନ ମିଶ୍ର, କୈଳାସ ମିଶ୍ର, ଚିନ୍ତାମଣି ମିଶ୍ର, ଉପିନ ନାଏକ, ବୀରେନ୍ଦ୍ର ରଣା, ରାଜେନ୍ଦ୍ର ରଣା,ବିଶେଶ୍ୱରସାହୁ ମନୋହର ମିଶ୍ର, ପରମେ ମିଶ୍ର, ଅଶୋକ ମିଶ୍ର, ଭକ୍ତ ମହଲା ,ଶୁଭ୍ର ମିଶ୍ର, ସୁଶୀଳ ମଲ୍ଲିକ, ସୁକାନ୍ତ ମିଶ୍ର, ଗଣେଶ ମିଶ୍ର, ଦୟାନିଧି ମିଶ୍ର ଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ । ଦାବୀ ପତ୍ର ପ୍ରଦାନ ସମୟରେ ତରଭା ବିଡ଼ିଓ ଗଙ୍ଗାରାମ ବୁଡ଼େକ ଙ୍କ ସହ ଅନ୍ୟ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## କ୍ଲଷ୍ଟରସ୍ତରୀୟ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା



**ଫିରିଙ୍ଗିଆ,୧।୩(ସଂଚାର ବ୍ୟୁରୋ):** କନ୍ଧମାଳ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ତଳଦଣ୍ଡିକିଆ ଗ୍ରାମ ପଂଚାୟତ ଅନ୍ତର୍ଗତ ପାଦେରୀପଡା କ୍ଲଷ୍ଟର ଅଧୀନରେ ଥିବା ସାରୁମାହା ପ୍ରାଥମିକ ବିଦ୍ୟାଳୟ ର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କାର୍ତ୍ତିକ ପ୍ରଧାନ ଙ୍କ ବିଦାୟ ସମ୍ବର୍ଦ୍ଧନା ସଭା ଦୟାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ସହଯୋଗରେ ଏହି ସଭାର ଆୟୋଜନ କରାଯାଇଥିବା ବେଳେ ସ୍ଥାନୀୟ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ନାରାୟଣ ପ୍ରଧାନ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଶିବାଜୀ କହଁର ଏବଂ ପାଦେରୀପଡା କ୍ଲଷ୍ଟର ର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ଦିଗାଲ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ । ବିଦାୟୀ ଶିକ୍ଷକ ଶ୍ରୀ ପ୍ରଧାନ ୨୦୦୨ ମସିହା ଠାରୁ ୨୦୨୫ ପର୍ଯ୍ୟନ୍ତ ଗଣଶିକ୍ଷକ ରୂପେ ବିଭିନ୍ନ ବିଦ୍ୟାଳୟ ରେ କାର୍ଯ୍ୟରତ ଥିଲେ । ସେ ଜଣେ ଶାନ୍ତ, ସରଳ, ନିଷ୍କପଟ ତଥା ଛାତ୍ର ବତ୍ସଳ ଶିକ୍ଷକ ଥିଲେ । କ୍ଲଷ୍ଟର ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ଦ୍ୱାରା ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ପାଦେରୀପଡା ବିଦ୍ୟାଳୟ ର ପ୍ରଧନ ଶିକ୍ଷକ ଶ୍ରୀ ସୁନୀଲ କୁମାର ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୋକାନ ଘରେ ପଶିଗଲା ଗହମ ବୋଝେଇ ଟ୍ରକ



**ନୟାଗଡ଼,୧।୩ (ସଂଚାର ବ୍ୟୁରୋ):** ଶନିବାର ମଧ୍ୟାହ୍ନ ସମୟରେ ନୟାଗଡ଼ ଟ୍ରାଫିକ ଛକଠାରେ ବଡ଼ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଏକ ଦୋକାନ ଘର ଭାଙ୍ଗିବା ସହିତ ଅନେକ ଲୋକ ବର୍ତି ଯାଇଛନ୍ତି। ସୁଚନାନୁସାରେ, ଶନିବାର ମଧ୍ୟାହ୍ନ ସମୟରେ ଏକ ଗହମ ବୋଝେଇ ଟ୍ରକ କଳାହାଣ୍ଡି କେସିଙ୍ଗାରୁ କଟକ ଅଭିମୁଖେ ଯାଉଥିଲା । ନୟାଗଡ଼ ଟ୍ରାଫିକ ଛକ ନିକଟରେ ଗାଡିର ଷ୍ଟେରିଂ କଟି ଯାଇଥିବାରୁ ଡ୍ରାଇଭର ଭାରସାମ୍ୟ ହରାଇ ବସିଥିଲେ। ଟ୍ରକଟି ଯାଇ ଏକ ଦୋକାନ ଘରେ ପଶି ଯାଇଥିଲା । ଏହି ସ୍ଥାନରେ କୌଣସି ଯାତ୍ରୀ କିମ୍ବା ସାଧାରଣ ଜନତା ଉପସ୍ଥିତ ନଥିଲେ । ଘଟଣା ସ୍ଥଳରେ ନୟାଗଡ଼ ଟାଉନ ଥାନା ପୋଲିସ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି । ଟାଉନ ଥାନା ପକ୍ଷରୁ ଡ୍ରାଇଭରକୁ ଅଟକ ରଖାଯାଇଛି ।

## ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ପଞ୍ଚକୁଣ୍ଡୀୟ ମହାଯଜ୍ଞ କାର୍ଯ୍ୟକ୍ରମ

**ଯାଜପୁର ରୋଡ଼, ୧।୩(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଅର୍ନ୍ତଗତ ଜାତୀୟ ରାଜପଥ ଏନଏଚ-୨୦ କଡ଼ରେ ଅବସ୍ଥିତ ଆଲିଆ ଗ୍ରାମ ଠାରେ ଓଁ ଶ୍ରୀ ଶ୍ରୀ ଆଲୋକେଶ୍ୱର ମହାଦେବ ଠାକୁରଙ୍କ ମନ୍ଦିରର ପ୍ରାଙ୍ଗଣରେ ଜାଗର ଠାରୁ ତିନିଦିନ ଧରି ବିଶ୍‌ବଶାନ୍ତି ୫କୁଣ୍ଡିୟ ମହାଯଜ୍ଞ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଅଛି । ବୁଧବାର ଅଙ୍କୁରା ଅର୍ପଣ, ଘଟ ସ୍ଥାପନ, କଳସ ଯାତ୍ରା ଅନୁଷ୍ଠିତ ହେବା ସହ ଗୁରୁବାର ଦିନ ସୂର୍ଯ୍ୟପୂଜା, ଗୋ ପୂଜା,ଗୁରୁପୂଜା,ଅଗ୍ନିସଂସ୍ଥାନ ଓ ଯଜ୍ଞାରମ୍ଭ କାର୍ଯ୍ୟକ୍ରମ ହେବା ସଂଗେ ସଂଗେ ଶୁକ୍ରବାର ଦିନ ପୂର୍ଣ୍ଣାହୁତି ପ୍ରଦାନ କାର୍ଯ୍ୟକ୍ରମ ହୋଇଥିଲା । ଉକ୍ତ ଆଧାତ୍ମିକ କାର୍ଯ୍ୟରେ କର୍ତା ଭାବେ ଶ୍ରୀ ଅଜୟ ବୋଇତେଇ ଓ ତାଙ୍କ ଧର୍ମପତ୍ନୀ ଚଞ୍ଚଳି ବୋଇତେଇ ଯୋଗ ଦେଇ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଆଲିଆ ଗ୍ରାମର ମଙ୍ଗଳ , ଗ୍ରାମର ସର୍ବାଙ୍ଗୀନ ଉନ୍ନତି ଓ ସମସ୍ତ ଗ୍ରାମବାସୀଙ୍କ ମନସ୍କାମନା ପୁର୍ଣ୍ଣ କରିବା ପାଇଁ ଦୀର୍ଘ ତିନିବର୍ଷ ଧରି ଏହି ମହାଯଜ୍ଞ କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା କଥା ସଭାପତି ଶ୍ରୀବୋଇତେଇ କହିଛନ୍ତି।ଉକ୍ତ କାର୍ଯ୍ୟକ୍ରମରେ ଅଜୟ ବୋଇତେଇ, ଅର୍ଜୁନ ସାହୁ ଚନ୍ଦ୍ରମଣୀ ବେହେରା, ଦୀପକ ସାହୁ, ଅରୁଣ ସାହୁ, ସଞ୍ଜୟ ବୋଇତେଇ, ଚୈତନ୍ୟ ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀମାନେ ସହଯୋଗ କରି ଥିଲେ ।

## ପଞ୍ଚସଖା ପୀଠ ପରିକ୍ରମା

**ବାଲିପାଟଣା,୧।୩(ସଂଚାର ବ୍ୟୁରୋ)** ପ୍ରଜ୍ଞାନ ମିଶନ ତରଫରୁ ଗତ ବର୍ଷରୁ ଆରମ୍ଭ ହୋଇଥିବା ପଞ୍ଚସଖା ପୀଠ ପରିକ୍ରମା କାର୍ଯ୍ୟକ୍ରମ,ଚଳିତ ବର୍ଷ ମଧ୍ୟ ଯଥାରୀତି ଆୟୋଜିତ ହୋଇଛି।ପ୍ରାତଃ ରୁ ନେମାଳ ସ୍ଥିତ ଅଚ୍ୟୁତାନନ୍ଦ ଙ୍କ ପୀଠରୁ ଏହି ଯାତ୍ରା ଆରମ୍ଭ ହୋଇ ଜଗତସିଂହପୁର ଜିଲ୍ଲାର ଅଡଙ୍ଗ ସ୍ଥିତ ଯଶୋବନ୍ତ ଙ୍କ ପୀଠ ଠାରେ ପହଞ୍ଚି ଥିଲା।ସେଠାରୁ ବାଲିପାଟଣା ଶିଶୁମଠ ଅଭିମୁଖେ ଯାଇ ଶିଶୁ ଅନନ୍ତ ଙ୍କ ପୀଠରେ ପରମହଂସ ପ୍ରଜ୍ଞାନାନନ୍ଦ୍ ଜୀ ମହାରାଜ ପହଞ୍ଚି ସମାଧି ପୀଠ ଓ ରାଧାକୃଷ୍ଣ ଙ୍କ ମନ୍ଦିରରେ ଆରତୀ କରିବା ସହିତ ଭକ୍ତ ମାନଙ୍କୁ ଦିବ୍ୟ ବାଣୀ ପ୍ରଦାନ କରିଥିଲେ। ମଠ ପରିସରରେ ଭକ୍ତ ମାନକ ତରଫରୁ ମଧ୍ୟାହ୍ନ ଭୋଜନ ର ଆୟୋଜନ ରେ ବିନୋଦ ସାହୁ ଓ ଦିଲ୍ଲୀପ କୁମାର ଓଝା ସହଯୋଗ କରିଥିଲେ।ଏଠାରେ ବହୁ ସାଧୁ ସନ୍ଥଙ୍କ ସହିତ ଶହ ଶହ ସଂଖ୍ୟାରେ ଅନୁଗାମୀ ଯୋଗ ଦେଇ ଯାତ୍ରା କାର୍ଯ୍ୟକୁ ସଫଳ କରିଥିଲେ। ଏଠାରୁ ଏହିଯାତ୍ରା ଗୋପ ବେଗୁନିଆ ନିକଟ ଏରବଙ୍ଗ ଠାରେ ବଳରାମ ଙ୍କ ପୀଠ ଦେଇ ପୁରୀ ସ୍ଥିତ ଜଗନ୍ନାଥ ଙ୍କ ପୀଠ ସାତଲହଡ଼ି ମଠ ଠାରେ ଉଦଯାପିତ ହୋଇଛି।



## ତେଜିଲା ସାମ୍ବାଦିକଙ୍କ ଆନ୍ଦୋଳନ

**ବାଲିଅନ୍ତା,୧।୩ (ସଂଚାର ବ୍ୟୁରୋ):** ବାଲିଅନ୍ତା ପଞ୍ଚାୟତ ସମିତି ବୈଠକରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ ଗଣମାଧ୍ୟମ ପ୍ରତିନିଧିଙ୍କୁ କରିଥିବା ଦୁର୍ବ୍ୟବହାର ପ୍ରତିବାଦରେ ବ୍ଲକ ସମ୍ମୁଖରେ ଧାରଣା ଷଷ୍ଠ ଦିନରେ ପହଞ୍ଚିଛି। ହେଲେ ଘଟଣାର କୌଣସି ସମାଧାନ ନହୋଇପାଇବା ନିହାତି ନିନ୍ଦନୀୟ ବୋଲି ଜନ ସାଧାରଣରେ ଆଲୋଚନା ହେଉଛି । ବାଲିଅନ୍ତାରେ ଗଣମାଧ୍ୟମ କର୍ତ୍ତବ୍ୟ ଏବଂ ଦାୟିତ୍ୱବୋଧ ଉପରେ ଯେଉଁଭଳି କୁଠାରଘାତ କରାଯାଉଛି ତାହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ଆଲୋଚନା ହେଉଛି। ଜିଲ୍ଲା ପ୍ରଶାସନ ମଧ୍ୟ ଚୁପ ବସିଛି। ଆସନ୍ତା ସୋମବାର ଦିନ ସାମ୍ବାଦିକମାନେ ଆମରଣ ଅନଶନରେ ବସିବେ ବୋଲି ସ୍ଥିର ହୋଇଛି। ତେଣୁ ଅଧ୍ୟକ୍ଷା ଧାରଣାସ୍ଥଳରେ ପହଞ୍ଚି ଯଦି କ୍ଷମା ପ୍ରାର୍ଥନା ନକରନ୍ତି ତା' ହେଲେ ଅନଶନ ଜାରି ରହିବ ବୋଲି ଆଲୋଚନା ହୋଇଛି। ଏହି ଅବସରରେ ଆଜି ବାଲିପାଟଣା ପ୍ରେସକ୍ଲବର ସଂପାଦକ ତଥା ସମ୍ବାଦର କ୍ରୀଡ଼ା ସାମ୍ବାଦିକ ସୁରେଶ ଚନ୍ଦ୍ର ସ୍ୱାଇଁ ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ବେହେରା, ଅନୁପମ ଭାରତ ସହ ବାର୍ତ୍ତା ସଂପାଦକ ସନ୍ତୋଷ ସେନାପତି, ବରିଷ୍ଠ ବିଜେପି ନେତା ମାଗୁଣି ସେଠି ପ୍ରମୁଖ ପହଞ୍ଚି ଅଧ୍ୟକ୍ଷାଙ୍କ ଦୁର୍ବ୍ୟବହାର ବିରୋଧରେ ସ୍ୱର ଉଠାଇଥିଲେ।

## ଏଟିଏମ୍‌ରେ ନାହିଁ ଟଙ୍କା, ଗ୍ରାହକ ହନ୍ତସନ୍ତ

**ଥୁଆମୂଳ ରାମପୁର,୧।୩(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଦୁର୍ଗମ ଥୁଆମୂଳ ରାମପୁର ବ୍ଲକରେ ଥିବା ଗୋଟିଏ ମାତ୍ର ସାହା ଭରସା ସାଜିଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ୍‌ର ଏଟିଏମ୍ ଗତ ୨ମାସ ରୁ ଉର୍ଦ୍ଧ୍ୱ ହେଲା ଅଚଳ ହୋଇପଡ଼ିଛି। ଏମିତି କି ମାସ ମାସ ଧରି ଏଟିଏମ୍‌କାଉଣ୍ଟରରେ ଶଟର୍ ପଡିଛି। ସରକାର ଭାରତରେ କ୍ୟାଶଲେସ୍ କାରବାରକୁ ପ୍ରୋତ୍ସାହନ ଦେଉଥିବା ବେଳେ ଲୋକେ ଆଉ ଆଗଭଳି ପକେଟରେ ଅଧିକ ଟଙ୍କା ରଖୁନାହାନ୍ତି। ଆବଶ୍ୟକ ଅନୁସାରେ ଏଟିଏମ ଉପରେ ନିର୍ଭରଶୀଳ ହେଉଛନ୍ତି। ହେଲେ ଏହି ଅଞ୍ଚଳରେ ଥିବା ଏଟିଏମ ଗତ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ଅଚଳ ରହିବା ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଗ୍ରାହକ ଅନେକ ଅସୁବିଧା ଭୋଗୁଛନ୍ତି । ଏନେଇ ଅନେକ ସାମାଜିକ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାର ପରେ ମଧ୍ୟ ବିଭାଗୀୟ ଅଧିକାରୀ ସମସ୍ୟାର ସମାଧାନ କରୁନାହାନ୍ତି ବୋଲି ଲୋକଙ୍କ ମନରେ ଏକ ପ୍ରକାର କ୍ଷୋଭ ଦେଖାଦେଇଛି । ଅଧିକାଂଶ ସମୟରେ ଅନ୍ୟ ଅଞ୍ଚଳଗୁଡ଼ିକର ଦୋକାନ ବଜାରରେ ଅନ୍‌ଲାଇନ୍ କାରବାର ହେଉଛି ଏହା ସତ। ହେଲେ ଏହି ଦୁର୍ଗମ ଅଞ୍ଚଳରେ ଏହା ସମ୍ଭବ ନୁହେଁ । ଏମିତି କି ଲୋକେ ସକାଳୁ ପରିବା ପାଇଁ ବଜାରକୁ ଗଲେ ଗାଁରୁ ଆସି ପସରା ବସାଉଥିବା ଛୋଟ ବ୍ୟବସାୟୀଙ୍କ ପାଖରେ ସେ ବ୍ୟବସ୍ଥା ନାହିଁ। ତେଣୁ ଗ୍ରାହକ ପନିପରିବା କିଣିବା ପରେ ପାଖରେ ନଗଦ ଟଙ୍କା ନ ଥିବାରୁ କିଣିଥିବା ସାମଗ୍ରୀ ଫେରାଇବା ଭଳି ସ୍ଥିତି ଉପୁଜୁଛି। ଯେଉଁ ଦୋକାନରେ ଅନଲାଇନ ଲେଣ ଦେଣ ପାଇଁ ସୁବିଧା ଅଛି ତୋ ଲୋକେ ସାମଗ୍ରୀ କିଣୁଛନ୍ତି ନହେଲେ ନାହିଁ । ଏହି ପରିସ୍ଥିତିରେ ଏସ୍ବିଆଇ ଗ୍ରାହକ ବାଧ୍ୟ ହୋଇ କେଉଁ ଗ୍ରାହକ ସେବା କେନ୍ଦ୍ରରେ ଯାଇ ଧାଡ଼ି ବାନ୍ଧିଛନ୍ତି ତ ଅନ୍ୟ ଆଖପାଖ ବ୍ଲକ ତଥା ସହରରେ ଥିବା ଏଟିଏମକୁ ଯାଇ ଟଙ୍କା ଉଠାଣ କରୁଛନ୍ତି।

## ଡବଲ୍ ଇଞ୍ଜିନ ସରକାରର ଫାଇଦା ପାଇବେ ଲୋକେ




**ଖୋର୍ଦ୍ଧା,୧।୩ (ସଂଚାର ବ୍ୟୁରୋ):** ବିକଶିତ ଭାରତ ଓ ବିକଶିତ ଓଡିଶା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଜେଟରେ ଗୁରୁତ୍ୱ ଦିଆଯାଇଛି ବୋଲି ଜୟୀ ରାଜଗୁରୁ ଭବନ, ଖୋର୍ଦ୍ଧା ଠାରେ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ରାଜ୍ୟ ସମବାୟ, ଖଦି, ହସ୍ତତନ୍ତ୍ର ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମତବ୍ୟକ୍ତ କରିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଜେଟ ଦିଗକୁ ନେଇ ଆମେ ଲୋକଙ୍କ ପାଖକୁ ଯିବା। କେନ୍ଦ୍ର ମାର୍ଗଦର୍ଶିକା ଅନୁଯାଇ ରାଜ୍ୟ ବ୍ୟବସ୍ଥା ପରିଚାଳନା ନହେଲେ ସାଧାରଣ ଲୋକ ଉପକୃତ ହୁଅନ୍ତିନି। ଏବେ ଡବଲ ଇଞ୍ଜିନ ସରକାରରେ ଜନସାଧାରଣ ନିଶ୍ଚିତ ସୁଫଳ ପାଇବେ। ଖୋର୍ଦ୍ଧା ଜିଲ୍ଲାରେ ଶିଳ୍ପ,ପର୍ଯ୍ୟଟନ, କୃଷି ପାଇଁ ପର୍ଯ୍ୟନ୍ତ ଭିତ୍ତିଭୂମି ରହିଛି। ୨୦୩୬ ସୁଦ୍ଧା ବିକଶିତ ଓଡିଶା ନର୍ମାଣ ପାଇଁ ରାଜ୍ୟ ବଜେଟରେ ଗୁରୁତ୍ୱ ଦିଆଯାଇଛି। ବିକଶିତ ଖୋର୍ଦ୍ଧା ତିଆରି କରିବା ଆମ ସମସ୍ତଙ୍କ ପାଇଁ ଆହ୍ୱାନ ହେଉ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଭୁବନେଶ୍ୱର ଲୋକସଭା ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ କହିଲେ ମୋଦୀ ସରକାର ପ୍ରଥମ ଥର କ୍ଷମତାକୁ ଆସିବା ବେଳେ ଆର୍ଥିନୀତିରେ ଭାରତ ବିଶ୍ୱରେ ୧୧ ତମ ସ୍ଥାନରେ ଥିବାବେଳେ ଏବେ ୫ମ ସ୍ଥାନ ରେ ପହଞ୍ଚିଛି। ଆମ ଅର୍ଥ ବ୍ୟବସ୍ଥା ଦ୍ରୁତଗତିରେ ବିକାଶ କରୁଛି। ତୃତୀୟ ଥର ମୋଦୀ ସରକାରଙ୍କ ଏହା ପ୍ରଥମ ବଜେଟ। ୫୦ ଲକ୍ଷ ୬୫ ହଜାର ୩୪୫ କୋଟି ଟଙ୍କାର ବିରାଟ ବଜେଟ। ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ହେବ। ଏଥିପାଇଁ ଯେଉଁ ସବୁ କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦିଆଯିବା କଥା ଦିଆଯାଇଛି। ଗ୍ରାମାଞ୍ଚଳ ବିକାଶ, ସହର ବିକାଶ, ନିବେଶ, ଭିତିଭୂମି ବିକାଶ,ଆର୍ଟିଫିସିଆଲ ଇଣ୍ଟେଲିଜେଣ୍ଟସି ଆଦି କ୍ଷେତ୍ରକୁ ପ୍ରାଧ୍ୟାନ ଦିଆଯାଇଛି। ଗରିବ କଲ୍ୟାଣ ଓ ମଧ୍ୟବିତ୍ତ ପରିବାର ଉନ୍ନତି ପାଇଁ ଚେଷ୍ଟା କରାଯାଇଛି। ପୂର୍ବରୁ ବାର୍ଷିକ ଆୟ ୭ ଲକ୍ଷ ହେଲେ ଆୟକର ଦେବାକୁ ପଡିଥିଲା।

# ଲୋପ ପାଇବାରେ ଲାଗିଛି କଇଥ ଗଛ



**କଳାହାଣ୍ଡି,୧।୩ (ସଂଚାର ବ୍ୟୁରୋ):** ପ୍ରକୃତି ରାଣୀ ଅନେକ ଦୁର୍ଲଭ ଜିନିଷ ମଣିଷ ସମାଜକୁ ଦାନ କରିଛି। କିନ୍ତୁ ମଣିଷ ସମାଜ ଏସବୁ ପ୍ରାକୃତିକ ଜିନିଷର ସୁରକ୍ଷା କରିବା ପରିବର୍ତ୍ତେ ଆଧୁନିକ ସଭ୍ୟତାର ସହ ତାଳ ଦେଇ ସେ ସବୁକୁ ଧ୍ୱଂସ କରି ଦେଉଛି । ଯାହା ଫଳରେ ଅନେକ ମୂଲ୍ୟବାନ ପଦାର୍ଥ ଏବେ ଇତିହାସ ବହିରେ ସ୍ଥାନ ପାଇବାକୁ ବସିଛି । ପ୍ରକୃତିର ସେହି ଦୁର୍ଲଭଜିନିଷ ମଧ୍ୟରେ କଇଥ ବୃକ୍ଷ ଅନ୍ୟତମ । ଏହି ଗଛର ଫଳରେ ଯେତିକି ଔଷଧୀୟ ଗୁଣ ରହିଛି ପରିବେଶ ସୁରକ୍ଷା ଦିଗରେ ସେତିକି ଅବଦାନ ମଧ୍ଯ ରହିଛି । ତଥାପି ଏହି ବୃକ୍ଷ ମଣିଷ ସମାଜ ପାଇଁ ଏବେ ସତେ ଯେମତି ଅଲୋଡା ହୋଇ ପଡ଼ିଛି ।କଇଥ ବୃକ୍ଷର ଫଳକୁ ଇଂରାଜୀରେ 'ଫେରୋନିଆ ଲିମୋନିଆଁ ସିଙ୍ଗିଲ୍ ଏଲିଫେଣ୍ଟମ' ବା 'ଉଡ୍ ଏପଲ୍' କୁହାଯାଏ। ଏହାର ସଂସ୍କୃତ ନାମ କପିଥ୍, ଦଧିଥ୍, କପିପ୍ରୀୟ ଦନ୍ତଶଠ ଓ ଦଫଳ । ସେହିପରି ଏହାକୁ ବଙ୍ଗଳା ଭାଷାରେ କୟେତ ଗାଛ୍, ହିନ୍ଦୀରେ କୈଥ ଓ ତେଲଗୁରେ ବେଲଗଚେଟ୍ଟୁ କହନ୍ତି । ଏହାର ପତ୍ର, ଅଠା, ଫୁଲ ଓ ଫଳ ଔଷଧାର୍ଥରେ ବ୍ୟବହୃତ ହୋଇଥାଏ । ଆୟୁର୍ବେଦିକ ଡାକ୍ତରଙ୍କ କହିବା ଅନୁସାରେ, କଅଁଳ କଇଥ ପତ୍ରର ରସ ସେବନ କଲେ ବାନ୍ତି, ଅଜିର୍ଣ୍ଣ, ପେଟଫୁଲା, ଅମ୍ଳଝାଡା, ହିକ୍କା ଓ ଶର୍କରା ରୋଗ ନଷ୍ଟ ହୋଇଥାଏ । ପାଚିଲା କଇଠ ମଧୁର, ଅମ୍ଳ, କଷାୟ ଶୀତଳ ଓ ଗୁରୁପାକ । ଏହା କଫ, ବାତ, ଶ୍ୱାସ, କାସ, ଅରୁଚି, ତୃଷ୍ଣା, କଣ୍ଠରୋଗ, ବିସର୍ପ, ବ୍ରଣ, କଣ୍ଡୁ, ଶିଶୁରୋଗ ଓ ବିଷରୋଗରେ ଉପକାର କରିଥାଏ । ଏହା ଶ୍ରମ ନାଶ କରେ, ବଳ ଓ ତୃପ୍ତି ଦାନ କରେ । ଏହି ଫଳର ସିରପ୍ ଅଧିକ ଲାଳସ୍ରାବ, ଗଳକ୍ଷତ ଓ ଦନ୍ତବେଷ୍ଟର ଦୃଢ଼ିକରଣ ପାଇଁ ବ୍ୟବହାର କରାଯାଇଥାଏ। କଇଥ ଫଳକୁ ପଥରରେ ଘୋରି ବିଷଧର କୀଟ କାମୁଡ଼ିଥିବା ସ୍ଥାନରେ ଲେପନ କଲେ ବିଷ ନଷ୍ଟ ହୋଇଥାଏ । କଇଥ ମଞ୍ଜି ର ତେଲ ପିତ୍ତ ନାଶ କରେ ଓ ମଳ ରୋଧ କରେ। କଞ୍ଚା କଇଥ ର ରସ ମହୁ ଓ ପିପିଳି ଚୂର୍ଣ୍ଣ ସହ ହିକ୍କା ରୋଗୀକୁ ପାନ କରାଇବା ଉଚିତ। ଏପରିକି କଇଥ ପତ୍ର ଓ ବାଉଁଶ ପତ୍ର ସମାନ ଭାଗରେ ଉତ୍ତମ ରୂପେ ବାଟି ମହୁ ସହିତ ଖାଇଲେ ଉଗ୍ର ପ୍ରଦର ରୋଗ ପ୍ରଶମିତ ହୋଇଥାଏ । ଅନ୍ୟ ପକ୍ଷରେ ଏହି ଫଳ ହାତୀ ଗୋଟା ଖାଇ ଦେବା ପରେ ଫଳର ଭିତର ଅଂଶ ଶୋଷି ହୋଇ ପୁଣି ଗୋଟା କଇଠ ଫମ୍ପା ହୋଇ ପେଟରୁ ବାହାରିଥାଏ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏଭଳି ଔଷଧୀୟ ଗୁଣ ଭର୍ତ୍ତି ହୋଇ ରହିଥିବା ଏହି ଫଳ ଗଛ ପୂର୍ବରୁ ଅନେକ ସ୍ଥାନରେ ଦେଖା ଯାଉଥିଲେ ସୁଦ୍ଧା ବର୍ତ୍ତମାନ ତାହା ପ୍ରକୃତି କୋଳରୁ ଲୁପ୍ତ ଅବସ୍ଥାରେ ରହିଛି। ପରିସ୍ଥିତି ଏପରି ହେଲାଣି ଏଭଳି ହୋଇଛି ଯେ, ଏଭଳି ଏକ ଦୁର୍ଲଭ ବୃକ୍ଷର ଉପଯୁକ୍ତ ସୁରକ୍ଷା କରାନଗଲେ ଆଗାମୀ ଦିନରେ ଏହି ବୃକ୍ଷ ପିଲାଙ୍କ ଇତିହାସ ବହିରେ ସ୍ଥାନ ପାଇବ । ଲୁପ୍ତ ପ୍ରାୟ ଏହି ଦୁର୍ଲଭବୃକ୍ଷର ସୁରକ୍ଷା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଜଙ୍ଗଲ ବିଭାଗ ପକ୍ଷରୁ ନୂତନ ଭାବରେ ରୋପଣ କରାଯାଉଥିବା ରାସ୍ତାକଡ ବନୀକରଣ ଯୋଜନା ଓ ସହ ନୂତନ ଜଙ୍ଗଲ ସୃଷ୍ଟି ଯୋଜନାରେ ଏହି ଦୁର୍ଲଭ ବୃକ୍ଷ ରୋପଣ କରିବା ନିହାତି ଆବଶ୍ୟକ ବୋଲି ପରିବେଶବିତ ମାନେ ମତ ପ୍ରକାଶ କରିଛନ୍ତି ।